ସଂଚାର
THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 34 | ISSUE 61 | ଭାଗ ୩୪ | ସଂଖ୍ୟା ୬୧
Bhubaneswar | Saturday 24 May 2025 | Page 8 Rs. 4.00
● ଭୁବନେଶ୍ୱର ଶନିବାର ୨୪ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା



ଅବସର ନେବେ ଆଞ୍ଜେଲୋ ପୃଷ୍ଠା ୭

# ଖଣି ଚୋରଙ୍କୁ ଧରିବ ଭିଜିଲାନ୍ସ

- ସୁନ୍ଦରଗଡ଼ ପ୍ରସଙ୍ଗରେ ସରକାରଙ୍କ କଡ଼ା ଆଭିମୁଖ୍ୟ
- ଗଠନ ହେଲା ସ୍ପେଶାଲ ଟାସ୍କ ଫୋର୍ସ

ଭୁବନେଶ୍ୱର, ୨୩।୫(ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ଓ କୋଇଡ଼ା ତହସିଲରେ ହୋଇଥିବା ବ୍ୟାପକ ବେଆଇନ୍ ଖଣି ଉତ୍ତୋଳନ ଓ କାରବାରର ତଦନ୍ତ ଭିଜିଲାନ୍ସ ଦ୍ୱାରା କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିନିମନ୍ତେ ଭିଜିଲାନ୍ସ ପକ୍ଷରୁ ଏକ ଏସ୍ଆଇଟି ଗଠନ କରାଯାଇଛି। ପୂର୍ବରୁ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଭାଗୀୟ ଅଧିକାରୀମାନଙ୍କ ସହ ଉକ୍ତ ବେଆଇନ ଖଣି ଉତ୍ତୋଳନ ସ୍ଥାନକୁ ଗସ୍ତ କରି ରିପୋର୍ଟ ସଂଗ୍ରହ କରିବା ସହ ଏଥିନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଦୁର୍ନୀତି ବିରୋଧରେ ବିଶେଷକରି ଖଣି ଦୁର୍ନୀତି ସମ୍ପର୍କରେ ସବୁବେଳେ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଆସିଛନ୍ତି। ଖଣି ଦୁର୍ନୀତିର ମୂଳୋତ୍ପାଟନ କରାଯିବ ବୋଲି ସେ ବାରମ୍ବାର କହିଆସିଛନ୍ତି। ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ର ଏହି ଖଣି ଦୁର୍ନୀତିର ପର୍ଦ୍ଦାଫାସ କରିବା ପାଇଁ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଛନ୍ତି।



ଇସ୍ପାତ ଓ ଖଣି ➪ପୃଷ୍ଠା-୬

# ସରକାରଙ୍କ ଫୋକସ୍‌ରେ ଶ୍ରୀମନ୍ଦିର ଐତିହ୍ୟ

## ଶଙ୍କରାଚାର୍ଯ୍ୟ ଗୋବର୍ଦ୍ଧନ ପୀଠର ହେବ ସର୍ବାଙ୍ଗୀନ ଉନ୍ନତି



- ପାରିପାର୍ଶ୍ୱିକ ବିକାଶ ସଂକ୍ରାନ୍ତ ରିପୋର୍ଟ ପ୍ରସ୍ତୁତି ନିର୍ଦ୍ଦେଶ
- ଶଙ୍କରାଚାର୍ଯ୍ୟଙ୍କ ସୁରକ୍ଷା ସୁଦୃଢ଼ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ): ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପୁରୀ ବାଲିସାହିସ୍ଥିତ ଶଙ୍କରାଚାର୍ଯ୍ୟଙ୍କ ଗୋବର୍ଦ୍ଧନ ପୀଠର ସଂରକ୍ଷଣ ଓ ବିକାଶ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପୁରୀ ଗୋବର୍ଦ୍ଧନ ପୀଠର ସୁରକ୍ଷା ଓ ସଂରକ୍ଷଣ, ସମସ୍ତ ପୂର୍ବାଚାର୍ଯ୍ୟମାନଙ୍କ ସମାଧୀ ସ୍ଥଳର ସୁରକ୍ଷା, ପୂଜ୍ୟ ଜଗଦଗୁରୁଙ୍କ ସୁରକ୍ଷା ବ୍ୟବସ୍ଥା, ମଠ ପରିସରରେ ଥିବା ଗୋବର୍ଦ୍ଧନ ଗୋଶାଳାର ବିକାଶ, ମହୋଦଧି ସନ୍ଧ୍ୟା ଆରତୀ ସ୍ଥଳର ବିକାଶ ସମ୍ପର୍କରେ ଆଲୋଚନା ହୋଇଛି। ସନାତନ ଧର୍ମର ସୁରକ୍ଷା ତଥା ଅଦ୍ୱୈତ ବେଦାନ୍ତର ପ୍ରଚାର ନିମନ୍ତେ କାର୍ଯ୍ୟ କରୁଥିବା ଗୋବର୍ଦ୍ଧନ ପୀଠର ଉନ୍ନତି ପାଇଁ ଶଙ୍କରାଚାର୍ଯ୍ୟ ପୀଠ ଟ୍ରଷ୍ଟ ବୋର୍ଡର ସଦସ୍ୟମାନଙ୍କୁ ଆବଶ୍ୟକ କାର୍ଯ୍ୟ ସମ୍ବନ୍ଧରେ ସରକାରଙ୍କୁ ଜଣାଇବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ପୀଠର ଉନ୍ନତି ପାଇଁ ସବୁ ବିଭାଗ ➪ପୃଷ୍ଠା-୬

## ଟଳିଥିବା ମଠମନ୍ଦିରର ହେବ ପୁନର୍ବାସ

ଭୁବନେଶ୍ୱର: ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ପୁରୀରେ ଭଙ୍ଗା ଯାଇଥିବା ମଠକୁ ମିଳିବ ନୂଆ ପରିଚୟ। ସବୁ ମଠ ମନ୍ଦିରର ପୁନର୍ବାସ କରାଯିବ। ରାଜ୍ୟ ସରକାର ୧୯ଟି ମଠକୁ ପୁନର୍ବାସ ପାଇଁ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ପୁରୀରେ ଏକ ନିର୍ଦ୍ଦିଷ୍ଟ ଜାଗା ଚିହ୍ନଟ କରାଯାଇଛି। ସେହି ସ୍ଥାନରେ ସବୁ ମଠର ବିଜେ ସ୍ଥଳୀକୁ ରଖାଯିବ, ଯାହାଫଳରେ ଭକ୍ତଙ୍କ ଦର୍ଶନ ସୁବିଧା ହେବ । ଆଜି ଏନେଇ ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଇନ ମନ୍ତ୍ରୀ କହିଛନ୍ତି ଯେ, ଗୋଟିଏ ଜାଗାରେ ମଠଗୁଡିକର ବିଜେସ୍ଥଳୀ ରହିଲେ ଭକ୍ତମାନଙ୍କୁ ଦର୍ଶନ ଏବଂ ସେବା ପୂଜା ପାଇଁ ସୁବିଧା ହେବ। ଏନେଇ ଦେବୋତ୍ତର କମିଶନଙ୍କ ସହ ଦୁଇ ଥର ବୈଠକ ହୋଇଛି । ପୁନର୍ବାସ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଭକ୍ତ ଯେପରି ସୁବିଧାରେ ଦର୍ଶନ କରିପାରିବେ ତାହାର ବ୍ୟବସ୍ଥା କରାଯିବ ବୋଲି ଦୋହରାଇଛନ୍ତି ମନ୍ତ୍ରୀ । ପୂର୍ବ ବିଜେଡି ସରକାରରେ ଶହ ଶହ କୋଟି ଟଙ୍କା ବ୍ୟୟରେ ପରିକ୍ରମା ପ୍ରକଳ୍ପ ନିର୍ମାଣ ବେଳେ ପ୍ରାୟ ୨୦ଟି ମଠ ମନ୍ଦିରଗୁଡିକୁ ଧୂଳିସାତ୍ କରିଦିଆଯାଇଥିଲା । ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଉଚ୍ଛେଦ ସହ ବୁଲଡୋଜର ମାଡ଼ରେ ନିଶ୍ଚିହ୍ନ ହୋଇଯାଇଥିଲା ଅନେକ ପୁରାତନ ଐତିହ୍ୟ । ବହୁ ପ୍ରାଚୀନ ମଠ ନିଜ ଅସ୍ତିତ୍ୱ ହରାଇଥିଲା । ସେହି ସମୟରେ ବିଜେପି ଏହାକୁ ନିର୍ବାଚନୀ ମୁଦ୍ଦା କରି ପରିକ୍ରମା ପ୍ରକଳ୍ପରେ କ୍ଷତିଗ୍ରସ୍ତ ମଠମାନଙ୍କର ପୁନରୁଦ୍ଧାର ପାଇଁ ପ୍ରତିଶ୍ରୁତି ଦେଇଥିଲା। ଏବେ ରାଜ୍ୟରେ ନୂଆ ବିଜେପି ସରକାର ଆସିବା ପରେ ସେହି ସବୁ ମଠ ମନ୍ଦିରର ପୁନର୍ବାସ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ୨୦୧୯ରୁ ୨୦୨୨ ଭିତରେ ଅକାଳ ମୃତ୍ୟୁ ଦେଖିଥିଲା ଗୋଟିଏ ପରେ ଗୋଟିଏ ମଠ । ଏମିତିକି ନଅଙ୍କ ଦୁର୍ଭିକ୍ଷରେ ଓଡ଼ିଆଙ୍କ ➪ପୃଷ୍ଠା-୬

### କାମାକ୍ଷାନଗରକୁ କେଭି ସମେତ ୧୩୩ କୋଟିର ପ୍ରକଳ୍ପ ଭେଟି

# ମାତୃଭାଷାରେ ପ୍ରାରମ୍ଭିକ ଶିକ୍ଷା ଜରୁରୀ: ଧର୍ମେନ୍ଦ୍ର



- ୯୩ କୋଟିର ୨୨ ପ୍ରକଳ୍ପ ଲୋକାର୍ପିତ ଓ ଶିଳାନ୍ୟାସ
- ଢେଙ୍କାନାଳ ଏୟାର ଷ୍ଟ୍ରିପରେ ପିଲାଙ୍କୁ ଦିଆଯିବ ପାଇଲଟ୍ ଟ୍ରେନିଂ

କାମାକ୍ଷାନଗର, ୨୩।୫(ସଂଚାର ବ୍ୟୁରୋ): କୌଣସି ଶିଶୁର ପ୍ରାରମ୍ଭିକ ଶିକ୍ଷା ମାତୃଭାଷାରେ ହେଲେ ତା'ର ବିକାଶ ଅବଶ୍ୟମ୍ଭାବୀ। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱର ଅପାର ବିକାଶ ହୋଇପାରିବ ଓ ସେମାନେ ଆଗାମୀ ଦିନରେ ଶହୀଦ ବାଜି ରାଉତ, ସାରଙ୍ଗଧର ଦାସ, ପଠାଣି ସାମନ୍ତ ଓ ଡ. ଏପିଜେ ଅବଦୁଲ କଲାମଙ୍କ ପରି ସର୍ବଜନବିଦିତ ହୋଇପାରିବେ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଆଜି କେନ୍ଦ୍ର ମନ୍ତ୍ରୀ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ କେନ୍ଦ୍ରୀୟ ବିଦ୍ୟାଳୟ ସମେତ ପ୍ରାୟ ୧୩୩ କୋଟି ୬୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଉଦ୍‌ଘାଟିତ ଓ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡ଼ିକ ଢେଙ୍କାନାଳ ଜିଲ୍ଲାକୁ ବିକଶିତ କରିବା ଦିଗରେ ବିଶେଷ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଆଜି କେନ୍ଦ୍ରମନ୍ତ୍ରୀ ପ୍ରଥମେ କାମାକ୍ଷାନଗର ବାଇସିଙ୍ଗାଠାରେ ଜାତୀୟ ରାଜପଥ-୫୩ ନମ୍ବରର କାମାକ୍ଷାନଗର ବାଇପାସରୁ ଡୁବୁରି ସେକ୍ସନର ପ୍ରାୟ ୧୦ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ଓଭରବ୍ରିଜର ଲୋକାର୍ପଣ କରିଥିଲେ। ପରେ କାମାକ୍ଷାନଗର ମହିଳା କଲେଜ କ୍ୟାମ୍ପସରେ କେନ୍ଦ୍ରୀୟ ବିଦ୍ୟାଳୟ, କାମାକ୍ଷାନଗରର ଅସ୍ଥାୟୀ କ୍ୟାମ୍ପସର ଲୋକାର୍ପଣ ସହ ଜନ୍ତାରିବୋଲଠାରେ ୩୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ➪ପୃଷ୍ଠା-୬

## ରଥଯାତ୍ରା ପାଇଁ ମିଳିବ ଆର୍ଥିକ ସହାୟତା

ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ): ରାଜ୍ୟ ସରକାର ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଏହି ଘୋଷଣା ଅନୁସାରେ, ଆଗାମୀ ରଥଯାତ୍ରା ପାଇଁ ରାଜ୍ୟରେ ଥିବା ଜଗନ୍ନାଥ ମନ୍ଦିରଗୁଡିକୁ ସରକାର ଆର୍ଥିକ ସହାୟତା ଯୋଗାଇଦେବେ। ଏହି ସହାୟତା ରଥ ନିର୍ମାଣ ଓ ରଥଯାତ୍ରା ବାବଦରେ ଖର୍ଚ୍ଚ କରାଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଦେବୋତ୍ତର ଆୟୋଗ ଅଧୀନରେ ଥିବା ରାଜ୍ୟର ସମସ୍ତ ଜଗନ୍ନାଥ ମନ୍ଦିରକୁ ଏହି ଆର୍ଥିକ ସହାୟତା ମିଳିବ ବୋଲି ଆଜି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ସହାୟତା ପାଇବା ସକାଶେ ଅନେକ ଆବେଦନ ସରକାରଙ୍କ ହସ୍ତଗତ ହୋଇଛି। ଯେଉଁମାନେ ଅଦ୍ୟାବଧି ଆବେଦନ କରିନାହାନ୍ତି, ସେମାନେ ଏବେ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ୨୦୨୫ ରଥଯାତ୍ରା ପାଇଁ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇସାରିଛି। ଜୁନ୍ ୧୧ ତାରିଖ ମହାପ୍ରଭୁଙ୍କ ଦେବସ୍ନାନ ପାଇଁ ନୀତିନିର୍ଘଣ୍ଟ ଚୂଡ଼ାନ୍ତ ହୋଇଥିବା ବେଳେ ଜୁନ ୨୬ ତାରିଖରେ ମହାବାହୁଙ୍କ ନେତ୍ରୋତ୍ସବ ଏବଂ ନବଯୌବନ ଦର୍ଶନ, ୨୭ରେ ରଥଯାତ୍ରା ଓ ଜୁଲାଇ ୫ ତାରିଖରେ ବାହୁଡ଼ା ଯାତ୍ରା ଏବଂ ୬ରେ ସୁନାବେଶ, ୭ରେ ଅଧରପଣା ଏବଂ ୮ ତାରିଖରେ ନିଳାଦ୍ରି ବିଜେ କାର୍ଯ୍ୟକ୍ରମ ରହିଛି।

### ବାଂଲାଦେଶକୁ ଶାହଙ୍କ ଚେତାବନୀ

# ବିଏସ୍‌ଏଫ୍ ଅବଦାନକୁ ଭୁଲନି



**ପାକିସ୍ତାନର ମୁଖା ଖୋଲିଛି 'ଅପରେସନ ସିନ୍ଦୂର'**

ନୂଆଦିଲ୍ଲୀ, ୨୩।୫: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବାଂଲାଦେଶକୁ କଡ଼ା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ୧୯୭୧ ମୁକ୍ତି ଯୁଦ୍ଧ ସମୟରେ ବାଂଲାଦେଶ ସୃଷ୍ଟିରେ ସୀମା ସୁରକ୍ଷା ବଳ ବିଏସଏଫ ଯେଉଁ ବଡ଼ ଭୂମିକା ଗ୍ରହଣ କରିଥିଲା, ତାହାକୁ ଅଣଦେଖା କରାଯାଇପାରିବ ନାହିଁ। ସେ କହିଛନ୍ତି ଯେ ବିଏସଏଫର ଯାତ୍ରା ଯେତିକି କଷ୍ଟକର, ସେତିକି ରୋମାଞ୍ଚକର। ବିଏସଏଫର ଭାଗ୍ୟରେ ଏପରି ଏକ ସୁଯୋଗ ଆସିଲା ଯେ ଏହାର ଗଠନର ୬ ବର୍ଷ ମଧ୍ୟରେ ଏହାକୁ ସବୁଠାରୁ କଷ୍ଟକର ସୀମାରେ ଯୁଦ୍ଧର ସମ୍ମୁଖୀନ ହେବାକୁ ପଡିଲା। ୧୯୬୫ରେ ଏହାର ପ୍ରତିଷ୍ଠା ପରେ ୧୯୭୧ରେ ଆମ ଉପରେ ଲଦି ଦିଆଯାଇଥିବା ଯୁଦ୍ଧରେ ବିଏସଏଫ ସୈନିକମାନେ ଯେଉଁ ସାହସିକତା ଦେଖାଇଥିଲେ, ସେମାନଙ୍କ ଦ୍ୱାରା ଦିଆଯାଇଥିବା ଅବଦାନକୁ ନା ଭାରତ ଭୁଲିପାରିବ ନା ବାଂଲାଦେଶ। ବାଂଲାଦେଶ ଗଠନରେ ବିଏସଏଫ ବହୁତ ବଡ଼ ଭୂମିକା ଗ୍ରହଣ କରିଥିଲା ଯାହାକୁ ବାଂଲାଦେଶ କେବେ ବି ଭୁଲିଯିବା ଉଚିତ ନୁହେଁ ବୋଲି ବିଏସଏଫର ୨୨ତମ ପ୍ରତିଷ୍ଠା ଉତ୍ସବ ଅବସରରେ ଆୟୋଜିତ ରୁସ୍ତମଜୀ ➪ପୃଷ୍ଠା-୬

### ଏଆଇସିସି ହସ୍ତକ୍ଷେପ ପରେ ତୁଟିଲା କଳି

# ବରିଷ୍ଠ ନେତାଙ୍କ ମାନଭଞ୍ଜନ କଲେ ଭକ୍ତ

ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ): ପିସିସି ଟିମକୁ ନେଇ ଥିବା ଅସନ୍ତୋଷରେ ପ୍ୟାଚ୍ ପକାଇ ନେତାଙ୍କୁ ବୁଝାଇବାରେ ସଫଳ ହୋଇଛନ୍ତି ପିସିସି ମୁଖିଆ। ଭକ୍ତ ଦାସ କହିଛନ୍ତି ଯେ, ସଙ୍ଗଠନକୁ ନେଇ କିଛି ନେତାଙ୍କ ମନଦୁଃଖ ଥାଇପାରେ। ସମସ୍ତଙ୍କୁ ସାଙ୍ଗରେ ନେଇ କଂଗ୍ରେସ ସଂଗଠନ ଆଗକୁ ବଢ଼ିବ। ପରିବାରରେ କିଛି ଅସନ୍ତୋଷ ଥାଇପାରେ। କିନ୍ତୁ ତାହାକୁ ଆଲୋଚନା ମାଧ୍ୟମରେ ସମାଧାନ କରାଯାଉଛି। ଆଜି ପିଏସି ବୈଠକରେ ବରିଷ୍ଠ ନେତାଙ୍କୁ ବୁଝାଇବାରେ ସମକ୍ଷମ ହେବା ପରେ ଦ୍ୱିତୀୟ ଦିନର ଅହୋରାତ୍ର ଧାରଣାରେ ସବୁ ନେତା ଯୋଗଦେଇଛନ୍ତି । ବରିଷ୍ଠ ନେତାମାନେ ଏଆଇସିସି ହସ୍ତକ୍ଷେପ ପରେ ଆହୁତ ପିଏସି ବୈଠକରେ ମନୋମାଳିନ୍ୟ ଦୂର କଲେ ସିନା ପରିଚାଳନାଗତ ତ୍ରୁଟିକୁ ଧରେଇ ଦେଇଛନ୍ତି । ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନିପତିଙ୍କ କହିବା କଥା, ଆନ୍ଦୋଳନକୁ ନେଇ ତାଙ୍କ ପାଖରେ ଖବର ନଥିଲା। ଆନ୍ଦୋଳନରେ ନରହିବା ଭୁଲ ଥିଲା, ଏଥିପାଇଁ ସେ କ୍ଷମା ମାଗିଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା କହିଛନ୍ତି, କଂଗ୍ରେସ ଏକାଠି ଅଛି। ଆଗକୁ ଯାହା ସଂଖ୍ୟା ଯେତେ, ତାହାର ଭାଗ ସେତେ ଲଢେଇକୁ ଜୋରଦାର କରାଯିବ ବୋଲି ସେ କହିଛନ୍ତି। ସେହିପରି ରାହୁଲ ଗାନ୍ଧିଙ୍କ ନିର୍ଦ୍ଦେଶରେ ପଛୁଆ ବର୍ଗଙ୍କ ପାଇଁ ଲଢ଼େଇ ଜାରି ରହିଛି। କିଏ ରହିବ ➪ପୃଷ୍ଠା-୬



## ଚାରିଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

**ବର୍ଷ ପୂର୍ତ୍ତି ଉତ୍ସବ ପାଇଁ ମୋଦିଙ୍କୁ ଦେବେ ନିମନ୍ତ୍ରଣ**

ଭୁବନେଶ୍ୱର, ୨୩।୫(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ଚାରିଦିନିଆ ଗସ୍ତ କରିଛନ୍ତି। ଏହି ଗସ୍ତ ସମୟରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବେ । ସେ ତାଙ୍କ ସରକାରର ପ୍ରଥମ ବର୍ଷର କାର୍ଯ୍ୟଦକ୍ଷତା ରିପୋର୍ଟ ଉପସ୍ଥାପନ କରିବେ ଏବଂ ଭବିଷ୍ୟତ ଯୋଜନା ବିଷୟରେ ଆଲୋଚନା କରିବେ। ଏହି ଗସ୍ତର ମୁଖ୍ୟ ଆକର୍ଷଣ ହେଉଛି ମୁଖ୍ୟମନ୍ତ୍ରୀ ମାଝୀଙ୍କର ପ୍ରଧାନମନ୍ତ୍ରୀଙ୍କ ସହ ଏକାନ୍ତ ବୈଠକ, ଯେଉଁଥିରେ ସେ ଆସନ୍ତା ଜୁନ ୧୨ ତାରିଖରେ ଓଡ଼ିଶା ସରକାରର ପ୍ରଥମ ବାର୍ଷିକୀ ➪ପୃଷ୍ଠା-୬

### ବଦଳିଲେ ସୂଚନା ଲୋକସମ୍ପର୍କ ନିର୍ଦ୍ଦେଶକ

## ଅନୁଜ ଦାସ ପଟ୍ଟନାୟକଙ୍କୁ ନୂଆ ଦାୟିତ୍ୱ




ଭୁବନେଶ୍ୱର, ୨୩।୫ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ବରିଷ୍ଠ ଓଏଏସ୍ ଅଫିସରସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି । ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ଦେବପ୍ରସାଦ ଦାଶଙ୍କୁ ହଟାଇ ବରିଷ୍ଠ ଓଏଏସ୍ ଅନୁଜ କୁମାର ଦାସପଟ୍ଟନାୟକଙ୍କୁ ଅବସ୍ଥାପିତ କରାଯାଇଛି। ଶ୍ରୀ ଦାଶଙ୍କୁ ଗତ ଏପ୍ରିଲ ୨୪ତାରିଖରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନେଇଥିଲେ। ମାତ୍ର ମାସେ ନପୂରୁଣୁ ସରକାର ତାଙ୍କୁ ହଟାଇ ଜଣେ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକଙ୍କୁ ନିଯୁକ୍ତି ଦେଇଛନ୍ତି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ପିଏମ୍ ପୋଷଣ (ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ)ର ରାଜ୍ୟ ନୋଡାଲ ଅଫିସର ଭାବେ କାର୍ଯ୍ୟରତ ଓଏଏସ୍ ଅନୁଜ କୁମାର ଦାସପଟ୍ଟନାୟକଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି । ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ➪ପୃଷ୍ଠା-୬

### ଆଡଭାଇଜରୀ ଜାରିକଲେ ଦିଲ୍ଲୀ ଓ ଆନ୍ଧ୍ର ସରକାର

## ସତର୍କ ରହିବାକୁ ହସ୍ପିଟାଲ୍‌ଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୩।୫ : ଦେଶର ଅନେକ ସ୍ଥାନରେ ପୁଣି ଥରେ କରୋନା କାୟା ବିସ୍ତାର କଲାଣି। ଅନେକ ଲୋକଙ୍କଠାରେ କରୋନା ସଂକ୍ରମଣର ସ୍ପଷ୍ଟ ହୋଇଛି। ଦିଲ୍ଲୀ ନିକଟବର୍ତ୍ତୀ ଏନସିଆରରେ ମଧ କରୋନା ମାମଲା ସାମ୍ନାକୁ ଆସିଛି। ଏ ମଧ୍ୟରେ ଏବେ ଦିଲ୍ଲୀର ରେଖା ଗୁପ୍ତା ସରକାର ଓ ଆନ୍ଧ୍ରପ୍ରଦେଶ ସରକାର ସତର୍କ ହୋଇଛନ୍ତି। କରୋନାର ମାମଲା ବୃଦ୍ଧିକୁ ଦେଖି ଦିଲ୍ଲୀ ସରକାର ଆଡଭାଇଜରୀ ଜାରି କରିଛନ୍ତି, ଯେଉଁଥିରେ ହସ୍ପିଟାଲଗୁଡ଼ିକରେ ବେଡ୍, ଅକ୍ସିଜେନ, ଔଷଧ ଓ ଭାକ୍ସିନର ଉପଲବ୍ଧତା ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଏହାସହ ସବୁ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ଜିନୋମ ସିକ୍ୱେନ୍ସି ପାଇଁ ସବୁ ପଜିଟିଭ୍ କୋଭିଡ-୧୯ ସାମ୍ପଲ ଲୋକ ନାୟକ ହସ୍ପିଟାଲ ପଠାଇବାକୁ କୁହାଯାଇଛି। ଭେଣ୍ଟିଲେଟର, ବାଇ-ବିଏପି, ଅକ୍ସିଜେନ କନ୍‌ସନ୍‌ଟ୍ରେଟର୍ ଓ ପିଏସଏ ଭଳି ଉପକରଣ କାର୍ଯ୍ୟକ୍ଷମ ଅବସ୍ଥାରେ ରହିବା ଆବଶ୍ୟକ। ଏହାବ୍ୟତୀତ ଦିଲ୍ଲୀ ରାଜ୍ୟ ସ୍ୱାସ୍ଥ୍ୟ ଡାଟା ପ୍ରବନ୍ଧନ ପୋର୍ଟଲରେ ସବୁ ମାପଦଣ୍ଡ ଗୁଡ଼ିକୁ ଦୈନିକ ରିପୋର୍ଟିଂ ମଧ କରାଯିବା ଉଚିତ୍।

**ଅକ୍ସିଜେନ, ଔଷଧ ଓ ଟିକା ପ୍ରସ୍ତୁତ ରଖ**
**ଜନଗହଳିକୁ ଯାଅନି, ମାସ୍କ ପିନ୍ଧ**



ସେହିପରି ଆନ୍ଧ୍ରପ୍ରଦେଶ ଜନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କରୋନା ସଂକ୍ରମଣ ବୃଦ୍ଧିକୁ ନେଇ ନୂଆ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିରେ ଜନସାଧାରଣଙ୍କୁ ସରକାରଙ୍କ ନିର୍ଦ୍ଦେଶନାମା ଅନୁପାଳନ କରିବା ସହ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ଲୋକମାନେ ଜନଗହଳି ଯଥା, ପ୍ରାର୍ଥନା ସଭା, ସାମାଜିକ କାର୍ଯ୍ୟକ୍ରମ, କୌଣସି ଉତ୍ସବ ଆୟୋଜନରୁ ଦୂରେଇ ରୁହନ୍ତୁ। ରେଲୱେ ଷ୍ଟେସନ, ବସଷ୍ଟାଣ୍ଡ ଓ ➪ପୃଷ୍ଠା-୬



## କାନ ଡେରିଥା

ସାବିତ୍ରୀ ଆଇଲା ପୂଜା
ମାର୍କେଟରେ
ପ୍ରବଳ ଭିଡ଼ ଯେ ଲାଗିଲା
କାରବାଇଡ ଫଳ କିଣିବା
ପାଇଁକି
ଶହ ଶହ ଟଙ୍କା ଉଡିଲା
ରୋଗ ଘରେ ଘରେ ପଶିଲା...
ସତ୍ୟବାନ ପାଇଁ ବିଷାକ୍ତ ଫଳକୁ
ଫ୍ରେସ ଭାବିକି ଖାଇଲା।

■ ଦେବାଶିଷ

# ଆୟୁଷ୍ମାନ କାର୍ଡ ପ୍ରସ୍ତୁତିରେ ମଜୁରୀ ଉଠୁନି

- କାର୍ଡ ଗୋଟାକେ ମିଳୁଛି ୩ ଟଙ୍କା
- ଦିନକୁ ଶହେ କାର୍ଡ ସୂଚନା ସଂଗ୍ରହ ମୁସ୍କିଲ୍



ଭୁବନେଶ୍ୱର, ୨୩।୫ (ସଂଚାର ବ୍ୟୁରୋ): ରାଜ୍ୟରେ ଏବେ ଚାଲିଛି ଆୟୁଷ୍ମାନ କାର୍ଡ ପ୍ରସ୍ତୁତି କାର୍ଯ୍ୟକ୍ରମ। ଏଥିପାଇଁ ଘରକୁ ଘର ବୁଲି ହିତାଧିକାରୀଙ୍କ ସୂଚନା ସଂଗ୍ରହ ହେଉଛି। ପୂର୍ବରୁ ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ ଗୋଟିଏ ଗୋପବନ୍ଧୁ କାର୍ଡ ଥିବା ବେଳେ ଏବେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗୋଟିଏ ଆୟୁଷ୍ମାନ କାର୍ଡ ମିଳୁଛି। ଏଥିପାଇଁ ଜନସେବା କେନ୍ଦ୍ର ସହ ଅଙ୍ଗନବାଡି କର୍ମୀମାନଙ୍କୁ ନିୟୋଜିତ କରାଯାଇଛି।

ତେବେ କାର୍ଡ ପ୍ରସ୍ତୁତି ପାଇଁ ଆବଶ୍ୟକ ସୂଚନା ସଂଗ୍ରହ ସକାଶେ ଯେଉଁ ଅର୍ଥର ବ୍ୟବସ୍ଥା ହୋଇଛି, ସେଥିରେ ଜଣେ ଲୋକର ଦିନକର ମଜୁରୀ ବି ଉଠୁନାହିଁ। ଫଳରେ କାର୍ଡ ପ୍ରସ୍ତୁତି ଧିମା ଗତିରେ ଚାଲିଥିବା ଦେଖାଯାଉଛି। ଗୋଟିଏ କାର୍ଡ ପ୍ରସ୍ତୁତି ଲାଗି ତଥ୍ୟ ସଂଗ୍ରହକୁ ଅତି କମ୍‌ରେ ୫ ଟଙ୍କା କରିବାକୁ ମତ ପ୍ରକାଶ ପାଉଛି। ଘରକୁ ଘର ବୁଲି ଗୋଟିଏ ଆୟୁଷ୍ମାନ କାର୍ଡ ପାଇଁ ତଥ୍ୟ ସଂଗ୍ରହ ସକାଶେ ରାଜ୍ୟ ସରକାର ୩ ଟଙ୍କା ଧାର୍ଯ୍ୟ କରିଛନ୍ତି। ଏଥିରୁ ଟିକସ ଓ ଅନ୍ୟାନ୍ୟ ବାବଦରେ ଅର୍ଥ କଟିବା ପରେ ପ୍ରତି ବ୍ୟକ୍ତି ପିଛା ସୂଚନା ସଂଗ୍ରହକାରୀଙ୍କୁ ୨ ଟଙ୍କା ୪୦ ପଇସା ମିଳୁଛି। ଯଦି ଜଣେ ବ୍ୟକ୍ତି ମୋଟର ସାଇକେଲ ଧରି ଘରକୁ ଘର ବୁଲି ସୂଚନା ସଂଗ୍ରହ ସହ ତାହାକୁ କମ୍ପ୍ୟୁଟର କିମ୍ବା ମୋବାଇଲ୍‌ରେ ଅପଲୋଡ କରିବ ତେବେ ବି ଦିନକୁ ୧୦୦ଟି କାର୍ଡ ଚୂଡ଼ାନ୍ତ କରିବା କଷ୍ଟକର ହେଉଛି। କାରଣ ସମସ୍ତ ସୂଚନା ଲିପିବଦ୍ଧ ସହ କାର୍ଡଧାରୀଙ୍କର ଫଟୋ ଉଠାଇବା ଓ ଟିପଚିହ୍ନ ଆଦି ମେଳକ କରିବାକୁ ପଡୁଛି।

ଏଥିରେ ନିୟୋଜିତ ଥିବା ବ୍ୟକ୍ତିଙ୍କର କହିବା କଥା ଯେ ସରକାରୀ ନିର୍ଦ୍ଦେଶାନୁଯାୟୀ, ସେମାନେ କାମ କରୁଛନ୍ତି। ହେଲେ ଦିନକୁ ମଜୁରୀ ଉଠିବା ତ ଦୂରର କଥା, ମୋଟର ସାଇକେଲର ପେଟ୍ରୋଲ ଖର୍ଚ୍ଚ ବି ଉଠୁନାହିଁ। ତେବେ ଯେହେତୁ ଅଙ୍ଗନବାଡି କର୍ମୀମାନେ ମାସିକ ପାଉଣା ପାଉଛନ୍ତି ସେମାନେ ଏ ବିଷୟରେ କିଛି ମୁହଁ ଖୋଲୁନାହାନ୍ତି। ଜଣେ ବ୍ୟକ୍ତି ଦିନ ସାରା ବୁଲି ବୁଲି ସୂଚନା ସଂଗ୍ରହ ସହିତ ତାହାକୁ ଅପଲୋଡ୍ କଲେ ଯଦି ସର୍ବନିମ୍ନ ମଜୁରୀ ଯାହାକି ଗାଁ ଗହଳରେ ଏବେ ପ୍ରାୟ ୩୫୦ ଟଙ୍କା ସେତକ ନପାଇଲେ କାହିଁକି କାମ କରିବ ବୋଲି ଅନେକ ପ୍ରଶ୍ନ କରୁଛନ୍ତି। କମ୍ ପାରିଶ୍ରମିକ ସାଙ୍ଗକୁ ଏବେ କାଳବୈଶାଖୀ ବି ଦାଉ ସାଧୁଛି। ଯେଉଁ ଅଞ୍ଚଳରେ ହଠାତ୍ ବର୍ଷା ପବନ ହେଉଛି, ସେଠାରେ ବିଦ୍ୟୁତ୍ ଚାଲିଯିବା ସହ ଇଣ୍ଟରନେଟ୍ ଉଭାନ୍ ହେଉଛି। ନଚେତ୍ ଅତ୍ୟନ୍ତ ଧିମା ହେଉଛି। ଏଥିପାଇଁ ଗତ କିଛିଦିନ ହେଲା ଗାଁଗହଳରେ ଆୟୁଷ୍ମାନ କାର୍ଡ ପ୍ରସ୍ତୁତିରେ ➪ପୃଷ୍ଠା-୬

## ବିନା ଡ଼ାକ୍ତରରେ ଚାଲିଛି

# ଚାନ୍ଦୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

**କେନ୍ଦ୍ରାପଡ଼ା/ଡେରାବିଶ, ୨୩।୫ (ସଂଚାର ବ୍ୟୁରୋ):** ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଚାନ୍ଦୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ବହୁ ବର୍ଷ ଧରି ଡାକ୍ତରଙ୍କ ଅଭାବ ଦେଖାଦେଇଛି। ସ୍ୱାସ୍ଥ୍ୟ କେନ୍ଦ୍ରଟି କଟକ-ଚାନ୍ଦବାଲି ରାଜରାସ୍ତା କଡ଼ରେ ହୋଇଥିବା କାରଣରୁ ଦୁର୍ଘଟଣାଜନିତ ରୋଗୀ ଆଶୁ ଚିକିତ୍ସା ପାଇଁ ଉପରେ ନିର୍ଭର କରୁଥିବାବେଳେ ଅଞ୍ଚଳର ସର୍ବପୁରାତନ ସ୍ୱାସ୍ଥ୍ୟକେନ୍ଦ୍ର ଯୋଗୁଁ ବହୁ ରୋଗୀ ଚିକିତ୍ସା ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ଉନ୍ନତି ସହ ଡାକ୍ତର ନିଯୁକ୍ତ ହେଉନାହାଁନ୍ତି । ଫଳରେ ରୋଗୀ ସେବା ବାଧାପ୍ରାପ୍ତ ହେଉଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ପୂର୍ବରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ୧୦୦ରୁ ଅଧିକ ରୋଗୀ




ଆସୁଥିବା ବେଳେ ଏବେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନ ଥିବାରୁ ରୋଗୀ ହଇରାଣ ହେଉଛନ୍ତି। ତୁରନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ବହୁ ବର୍ଷ ଧରି ଚାନ୍ଦୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏମବିବିଏସ୍ ଡାକ୍ତର ନିଯୁକ୍ତି ପାଇବାର ଦୁଇତିନି ମାସ ପରେ ସ୍ନାତକୋତ୍ତର ଶିକ୍ଷା ପାଇଁ ପୁଣି ଏଠାରୁ ପଳାଇ ଯାଇଥା'ନ୍ତି। ଫଳରେ ଏହି ଡାକ୍ତରଖାନାରେ ବର୍ଷକୁ ମାତ୍ର ଦୁଇତିନି ମାସ ଡାକ୍ତର ରହୁଥିବାବେଳେ ବାକି ଆଠରୁ ଦଶ ମାସ ଡାକ୍ତର ପଦବୀ ଖାଲିପଡ଼ିଥାଏ। ଡାକ୍ତର ନଥିବାରୁ ରୋଗୀମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ନିରାଶରେ ଫେରିଥାନ୍ତି। ଏଭଳି ଅବ୍ୟବସ୍ଥା ଯୋଗୁଁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ ଆସିବା କମିଗଲେଣି। ରୋଗୀ ଆବଶ୍ୟକୀୟ ଚିକିତ୍ସା ପାଇଁ ଅଯଥା ଖର୍ଚ୍ଚାନ୍ତ ହୋଇ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଉଛନ୍ତି। ତୁରନ୍ତ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।




## କପାଳେଶ୍ୱର ପଞ୍ଚାୟତରେ ତ୍ରିରଙ୍ଗା ଶୋଭାଯାତ୍ରା

**କେନ୍ଦ୍ରାପଡ଼ା, ୨୩।୫ (ସଂଚାର ବ୍ୟୁରୋ):** ପହେଲଗାଁଓରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତୀୟ ସେନାଙ୍କ ସଫଳ ମୁକାବିଲା ଓ ଅପରେସନ ସିନ୍ଦୁରର ଅପୂର୍ବ ସଫଳତା ପରେ ଭାରତୀୟ ସେନାଙ୍କୁ ସମ୍ମାନ ପ୍ରଦାନ ଓ ସେନାର ମନୋବଳ ବୃଦ୍ଧି ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ସହର ସଂଲଗ୍ନ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ସ୍ଥାନୀୟ ଦକ୍ଷିଣ କାଳୀ ମନ୍ଦିରଠାରୁ ଏହି ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ବିଭିନ୍ନ ସ୍ଲୋଗାନମାନ ଦେଇ ଗ୍ରାମ ପରିକ୍ରମା କରି ଗରାପୁର ଡାକବଙ୍ଗଳା ଛକରେ ପହଂଚିଥିଲା। ସେଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶକ୍ତିକେନ୍ଦ୍ର ପ୍ରମୁଖ ପୁରୁଷୋତ୍ତମ ଦାଶଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ବିଧାନସଭା ନେତ୍ରୀ ଗୀତାଞ୍ଜଳି ସେଠୀ, ଜିଲ୍ଲା ଉପସଭାପତି ଅଭିମନ୍ୟୁ ଗୋଛାୟତ, ସାଧାରଣ ସମ୍ପାଦକ ଉପିନ କୁମାର ରାଉତ, ମଣ୍ଡଳ ସଭାପତି ବାସୁଦେବ ତ୍ରିପାଠୀଙ୍କ, କେନ୍ଦ୍ରାପଡ଼ା ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ସରପଞ୍ଚଙ୍କ ପ୍ରତିନିଧି ତଥା ଯୁବନେତା ଲୋହିତ କୁମାର ମହାନ୍ତି, ଗୁଲନଗର ପାକ୍ସ ସଭାପତି ବିଷ୍ଣୁ ଚରଣ ମହାପାତ୍ରଙ୍କ ସମେତ ଶତାଧିକ ବୁଦ୍ଧିଜୀବୀ, ଯୁବକ, ମହିଳା ଓ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ।

### ବୃଦ୍ଧଙ୍କ ନିକଟରେ ପହଞ୍ଚିଲେନି ଅଧିକାରୀ

## ରାସ୍ତାରେ ଘୁଷୁରି ଘୁଷୁରି ଭତ୍ତା ଆଣିବାକୁ ଗଲେ



**କେନ୍ଦ୍ରାପଡ଼ା, ୨୩।୫ (ସଂଚାର ବ୍ୟୁରୋ):** ଜଣେ ଅସହାୟ ବୃଦ୍ଧ ଚାଲିବାକୁ ସକ୍ଷମ ନାହାନ୍ତି କି ତାଙ୍କୁ ସାଙ୍ଗରେ ନେବାକୁ କେହି ମଧ୍ୟ ନାହାନ୍ତି କିନ୍ତୁ ନିଜେ ଘୁଷୁରି ଘୁଷୁରି ହୋଇ ରାସ୍ତାରେ ନିଜ ମାସିକ ଭତ୍ତା ଆଣିବାକୁ ଯିବାର ଦୃଶ୍ୟ ସାମ୍ନାକୁ ଆସିଛି। ଏଭଳି ଘଟଣା ଘଟିଛି କେନ୍ଦ୍ରାପଡା ଜିଲ୍ଲା କୋର ପଞ୍ଚାୟତରେ।

କୋର ଗାଁର ବୃଦ୍ଧ ଶ୍ରୀଧର ସାହୁ ଗତକାଲି ମାସିକ ଭତ୍ତା ପାଇଁ ରାସ୍ତାରେ ଘୁସୁରି ଘୁସୁରି ଯାଉଥିବା ଦେଖିବାକୁ ମିଳିଥିଲା । ତେବେ ପୂର୍ବରୁ ଶ୍ରୀଧରଙ୍କ ଝିଅ ତାଙ୍କ ଭତ୍ତା ନେଉଥିବା ବେଳେ ପଞ୍ଚାୟତ ଅଧିକାରୀ ଚଳିତ ମାସରୁ ଝିଅକୁ ଭତ୍ତା ଦେବା ପାଇଁ ମନା କରିଦେଲେ। ଫଳରେ ଚାଲିବାକୁ ଅକ୍ଷମ ବୃଦ୍ଧ ରୋଗାକ୍ରାନ୍ତ ଶ୍ରୀଧର ନିଜ ଭତ୍ତା ନେବା ପାଇଁ ଘୁସୁରି ଘୁସୁରି ପଞ୍ଚାୟତ ଅଫିସ୍ କୁ ଯାଉଥିଲେ । ଖବର ପାଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଧା ବାଟରେ ଶ୍ରୀଧର ଙ୍କୁ ଭତ୍ତା ଦେଇଥିଲେ । କୋର ପଞ୍ଚାୟତରେ ଭତ୍ତା ପ୍ରଦାନ ନେଇ ନାନା ଅନିୟମିତତା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ନଦୀକୁ ଡେଇଁ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ



**ଆଳି, ୨୩।୫ (ସଂଚାର ବ୍ୟୁରୋ):** କଟକ-ଚାନ୍ଦବାଲି ରାସ୍ତାର ଆଳି ବାଳକାଟି ନିକଟରେ ଥିବା ଗଡ଼ଗଡି ସେତୁ ଉପରୁ ଖରସ୍ରୋତା ନଦୀକୁ ଶୁକ୍ରବାର ଦିନ ଜଣେ କଲେଜ ଛାତ୍ରୀ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କୁ ନଦୀରେ ମାଛ ଧରୁଥିବା ଡ଼ଙ୍ଗା ଚାଳକ ମାନେ ଉଦ୍ଧାର କରିଥିଲେ । ପରେ ଛାତ୍ରୀ ଜଣକୁ ଆଳି ମେଡିକାଲ ଅଣା ଯାଇଥିଲା । ଆଳି ମେଡିକାଲରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା । ଯୁବତୀ ଜଣକ ରାଜକନିକା ଥାନା ଅନ୍ତର୍ଗତ ଅଚ୍ୟୁତପୁର ଅଞ୍ଚଳର ବୋଲି ଜଣାପଡିଛି । ଛାତ୍ରୀଜଣଙ୍କ କେଉଁ କାରଣରୁ ନଦୀକୁ ଡେଇଁଥିଲେ ତାହା ଜଣାପଡ଼ିନାହିଁ ।



## ବାରହା ଆକ୍ରମଣରେ ମୃତ ପରିବାରକୁ ଭେଟିଲେ ବିଧାୟକ

**ମହାକାଳପଡ଼ା, ୨୩।୫ (ସଂଚାର ବ୍ୟୁରୋ):** ଗତକାଲି ଜଙ୍ଗଲୀ ବାରହା ଆକ୍ରମଣରେ ମୃତ୍ୟୁ ଘଟିଥିବା ମହାକାଳପଡ଼ା ବ୍ଲକ ଜମ୍ବୁ ଗ୍ରାମର କାର୍ତ୍ତିକ ମିର୍ଦ୍ଧାଙ୍କ ପୁତ୍ର ସିଦ୍ଧାର୍ଥ ମିର୍ଦ୍ଧାଙ୍କ ମୃତ୍ୟୁ ଘଟିଛି। ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ଭାଙ୍ଗି ପଡ଼ିଛନ୍ତି ପରିବାର। ଏହି ଦୁଃଖଦ ସମୟରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ଯଥାଶୀଘ୍ର ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଭବିଷ୍ୟତରେ ଏହି ଭଳି ଘଟଣାର ପୁନରାବୃତ୍ତି ଯେପରି ନହେବ ସେଥିପାଇଁ ଉପସ୍ଥିତ ଜଙ୍ଗଲ ବିଭାଗର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେବା ସହିତ ଜନ ସାଧାରଣ ମାନେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମହାକାଳପଡ଼ା ବନାଞ୍ଚଳ ଅଧିକାରୀ ଶାନ୍ତନୁ କୁମାର ଦଳାଇ, ମହାକାଳପଡ଼ା ତହସିଲଦାର ଶିବ ମଲ୍ଲିକ ଉପସ୍ଥିତ ଥିଲେ।

## ବିଜେପି ଯୁବନେତା ପରେଶ ସାହୁ ଆହତ

**ପଟ୍ଟାମୁଣ୍ଡାଇ, ୨୩।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅନ୍ୟତମ ଘନିଷ୍ଠ ସହଯୋଗୀ ବିଜେପି ଯୁବନେତା ପରେଶ ସାହୁ ନିକଟରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ତାଳଚୁଆ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ବାଇକ ଯୋଗେ ତାଳଚୁଆ ଯାଉଥିବାବେଳେ ବାଟରେ କିଛି ବନ୍ୟଜନ୍ତୁ ଗାଡି ଆଗକୁ ହଠାତ ଚାଲିଆସିବାରୁ ବାଇକଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବାଇକରୁ ପଡି ଯୁବନେତା ପରେଶ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଗୋଡ଼, ଆଣ୍ଠୁ ଓ ବେକରେ ଗୁରୁତର କ୍ଷତ ସୃଷ୍ଟି ହୋଇଛି । ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ସେ ଘରେ ରହି ଚିକିତ୍ସାଧୀନ ଅଛନ୍ତି। କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ବିଜେପି ନେତା ଲଳିତ ବେହେରା ଓ ବିଜେପି ଯୁବନେତା ଆଡ଼ଭୋକେଟ ଭାରତ ଭୂଷଣ ଦାସ (ବାବୁ) ପ୍ରମୁଖ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ଅବରୋଧ ହଟାଇବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର



**ମହାକାଳପଡ଼ା, ୨୩।୫ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅଧୀନ ପାଟଲିପଙ୍କ ପଞ୍ଚାୟତର ପାଟଲିପଙ୍କ ଗ୍ରାମରେ ଜଣେ ବ୍ୟକ୍ତି ଗ୍ରାମରାସ୍ତାକୁ ଅବରୋଧ କରି ରଖିଥିବାରୁ ତାହାକୁ ହଟାଇବା ପାଇଁ ଗ୍ରାମବାସୀମାନେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଗ୍ରାମର ଦକ୍ଷିଣ ପାର୍ଶ୍ୱସ୍ଥ ଜଳସେଚନ ରାସ୍ତା ଠାରୁ ପିଡବ୍ଲୁଡି ରାସ୍ତାକୁ ସଂଯୋଗ କରୁଥିବା ରାସ୍ତା ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାମ୍ନାରେ ରହିଛି। ରାସ୍ତାର ଚଉଡ଼ା ୪୦ ଫୁଟ ରହିଥିବାବେଳେ ଗ୍ରାମବାସୀମାନେ ରାସ୍ତାକୁ ମଡାଇ ବ୍ୟକ୍ତିଗତ କାରବାର କରିବାରୁ ଏହା ଏବେ ୧୦ରୁ ୧୨ ଫୁଟକୁ ଆସିଗଲାଣି। ଯେଉଁଥିପାଇଁ ବିଭିନ୍ନ ସମୟରେ ନିତିଦିନିଆ କାର୍ଯ୍ୟ ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀଙ୍କ ତରଫରୁ ଅମୀନ ଡ଼ାକି ରାସ୍ତା ଚିହ୍ନଟ କରିବା ପରେ ବ୍ୟକ୍ତିଗତ ଅବରୋଧ କରିଥିବା ବ୍ୟକ୍ତିମାନେ ସେମାନଙ୍କ ଅବରୋଧ ହଟାଇ ସାରିଛନ୍ତି। ହେଲେ ସେହି ଗ୍ରାମର ସୁକାନ୍ତ କୁମାର ଦାସ ନାମକ ଜଣେ ବ୍ୟବସାୟୀ ଉକ୍ତ ରାସ୍ତାରେ ଏକ ସ୍ଥାୟୀ ଦୋକାନ ଗୃହ ନିର୍ମାଣ କରିଛନ୍ତି। ଯାହାକୁ ନେଇ ଗ୍ରାମବାସୀ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତତସହିତ ଅଭିଯୋଗର ଏକକକିତା ନକଲ ଆରଡିସି କଟକ, ବିଧାୟକ ମହାକାଳପଡ଼ା ଓ ମହାକାଳପଡ଼ା ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି।

## ବିପୁଳ ପରିମାଣରେ ଚୋରା ମଦ ଜବତ, ୯ କୋର୍ଟ ଚାଲାଣ



**କେନ୍ଦ୍ରାପଡା, ୨୩।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ସଦର, ନିକିରେଇ, ରାଜନଗର, ପଟ୍ଟାମୁଣ୍ଡାଇ ରୁରାଲ ଓ ମହାକାଳପଡ଼ା ଥାନା ଅଧିନିସ୍ତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଛାଞ୍ଚୁଣିଆ ଗ୍ରାମର ଅମର ସେଠିଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ, ହଳଦିଆ ଗ୍ରାମର ଯାକିରି ଖାନଙ୍କ ଠାରୁ ୩୦ ଲିଟର ଦେଶୀ ମଦ, ନହଙ୍ଗା ଗ୍ରାମର ନରେଶ କୁମାର ସାହୁଙ୍କ ଠାରୁ ୨୮ ଲିଟର ବିଦେଶୀ ମଦ, କେରଡାଗଡ଼ ଗ୍ରାମର ପ୍ରଦୀପ କୁମାର ସାହୁଙ୍କ ଠାରୁ ଗୋଟିଏ ମୋଟର ସାଇକଲ ଓ ୩୫ ଲିଟର ବିଦେଶୀ ମଦ, ଦୋଷିଆ ଗ୍ରାମର ଡମ୍ବରୁଧର ଦାସଙ୍କ ଠାରୁ ୧୫ ଲିଟର ବିଦେଶୀ ମଦ, ଗଙ୍ଗାରମପୁର ଗ୍ରାମର ବିଦ୍ୟାଧର ନାୟକଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, ଗୋଗୁଆ ଗ୍ରାମର ଅଲେଖ ପ୍ରଧାନଙ୍କ ଠାରୁ ୪୯ ଲିଟର ବିଦେଶୀ ମଦ, ବାରୁଅ ଗ୍ରାମର ସଞ୍ଜୟ ପରିଡାଙ୍କ ଠାରୁ ୨୬ ଲିଟର ଦେଶୀ ମଦ ଓ ଅଳେଇଲୋ ଗ୍ରାମର ଟୁଟୁଆ ସେଠିଙ୍କ ଠାରୁ ୩୯ ଲିଟର ଦେଶୀ ମଦ ଓ ଗୋଟିଏ ମୋଟର ସାଇକେଲ ଜବତ କରି ଏମାନଙ୍କୁ ଗିରଫ କରାଯାଇଅଛି। ଏମାନଙ୍କ ପାଖରୁ ସମୁଦାୟ ୨୭୯ ଲିଟର ବିଦେଶୀ ଓ ଦେଶୀ ମଦ ଜବତ କରାଯାଇ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକ୍ଷକ, କେନ୍ଦ୍ରାପଡ଼ା କହିଛନ୍ତି ।

## ବ୍ରହ୍ମ ତାଳଧ୍ୱଜ ରଥ ପାଇଁ ଚକ ପୂଜା



**କେନ୍ଦ୍ରାପଡ଼ା, ୨୩।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଆରାଧ୍ୟ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ପାଇଁ ଚକ ପୂଜା ଆରମ୍ଭ ହୋଇଥିବା ଜଣାପଡିଛି । ପରମ୍ପରା ଅନୁଯାଇ ତୁଳସୀ କ୍ଷେତ୍ରରେ ଅକ୍ଷୟ ତୃତୀୟା ତିଥିରେ ରଥ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ କରାଯାଇଥାଏ। ପରବର୍ତ୍ତୀ ଅବସ୍ଥାରେ ଜ୍ୟେଷ୍ଠ ପୂର୍ଣ୍ଣିମା ତିଥିରୁ ରଥଗଢା କାମ ଆରମ୍ଭ କରାଯାଇ ନେତ୍ର ଉତ୍ସବ ପର୍ଯ୍ୟନ୍ତ ଧାରାବାହିକ ଭାବେ ନିର୍ମାଣ କାର୍ଯ୍ୟ ଚାଲିଥାଏ। ତେବେ ଚଳିତ ବର୍ଷ ରଥର ୪ ଚକ ଓ ୩ ଅଖ ନୂଆ ଭାବେ ତିଆରି କରାଯାଇ ଲଗାଯିବା ପାଇଁ ନିଷ୍ପତି ହୋଇଥିବାରୁ ରଥ ଚକ ପୂଜା କାମ ଜ୍ୟେଷ୍ଠ ପୂର୍ଣ୍ଣିମାର ୧୫ ଦିନ ପୂର୍ବରୁ ଆରମ୍ଭ କରାଯାଇଛି। ଆଜିର ଏହି ପୂଜା କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟିର ସଭାପତି ତଥା ଉପ-ଜିଲ୍ଲାପାଳ ଅରୁଣ କୁମାର ନାୟକ, ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ତୃଷ୍ଟି ରଂଜନ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ଚକ ପୂଜା କାମ ସମ୍ପନ୍ନ କରିଥିଲେ।

## ଠିକାଦାରଙ୍କ ମର୍ଜିରେ ଚାଲିଛି ରାସ୍ତା କାମ

### ନିମ୍ନମାନର କାମକୁ ନେଇ ଗ୍ରାମବାସୀଙ୍କ ବିରୋଧ

**ଡେରାବିଶ, ୨୩।୫ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ୧୧ନଂ ଶାଖା କେନାଲର ବାମପଟ ବନ୍ଧରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ଏହି କାମ କରୁଥିବା ଠିକାଦାର ଜଣକ ଉକ୍ତ କେନାଲ ବନ୍ଧର କାର୍ଯ୍ୟ ମନମାନି ଭାବେ କରିବା ସହିତ ମୋରମ ଛିଞ୍ଚି ବିଲ୍ ଉଠାଇ ନେବାକୁ ମସୁଧା କରୁଥିବା ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି ।

ଅଭିଯୋଗରୁ ପ୍ରକାଶ, ଏହି କେନାଲ ବନ୍ଧ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଥିଲା। ତଦନୁଯାୟୀ ପ୍ରଶାସନ ପକ୍ଷରୁ ଏହି ରାସ୍ତା ନିର୍ମାଣ ପାଇଁ ୧୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ମାତ୍ର ଠିକାଦାର ଚୁକ୍ତି ଅନୁସାରେ ଏହି ରାସ୍ତାକାମ ନ କରି ବାଲି ପକାଇ ତା ଉପରେ ମୋରମ ମାଟି ନାମକୁ ମାତ୍ର ପକାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଚାନ୍ଦୋଳ ଜଳ ସମ୍ପଦ



ବିଭାଗ କାର୍ଯ୍ୟାଳୟରୁ ଝାଟିଆ ପୋଲ ପର୍ଯ୍ୟନ୍ତ ନିର୍ମାଣ ଚାଲିଥିବା ଏହି ରାସ୍ତାରେ ଅସରାଏ ବର୍ଷା ହେଲେ ସବୁ ଧୋଇଯିବ ବୋଲି ମଧ୍ୟ ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ଛତା ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ପ୍ରମୋଦ କୁମାର ରାୟଙ୍କୁ ପଚାରିବାରୁ, ସେ ଏ ସମ୍ପର୍କରେ ଅଭିଯୋଗ ପାଇ ସମ୍ପୃକ୍ତ ଠିକାଦାରଙ୍କୁ ଚୁକ୍ତି ଅନୁଯାୟୀ କାମ କରିବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଯଦି ଚୁକ୍ତି ଖିଲାପ କରାଯାଏ ତେବେ ଆଇନ ଅନୁସାରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

## ବଉଳକଣୀ ପଞ୍ଚାୟତରେ ନାହିଁ ପଞ୍ଚାୟତ ସୂଚନା

**● ସୂଚନା ଦେବାକୁ ଅସମର୍ଥ ପିଇଓ ● ଉଦବେଗ ପ୍ରକାଶ କଲେ ସୂଚନା ଅଧିକାର କର୍ମୀ**

**ମହାକାଳପଡ଼ା, ୨୩।୫ (ସଂଚାର ବ୍ୟୁରୋ):** ପଞ୍ଚାୟତ କାର୍ଯ୍ୟାଳୟରେ ଉପଲବ୍ଧ ନାହିଁ ବ୍ୟାଙ୍କ୍ ଖାତା, କେସ୍ ରେକର୍ଡ ଓ ଟଙ୍କା ନେଣଦେଣ ହିସାବ ଖାତା। ଏମିତି ଲିଖିତ ଉତ୍ତର ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଜଣାଇବା ପରେ ଯାହା ଏବେ ସମସ୍ତଙ୍କୁ ଚକିତ କରିଛି। ପଞ୍ଚାୟତ କାର୍ଯ୍ୟାଳୟର କାର୍ଯ୍ୟକୁ ନେଇ ମଧ୍ୟ ସନ୍ଦେହ ବଢ଼ିଛି।

ସୂଚନା ଅନୁଯାୟୀ ମହାକାଳପଡ଼ା ବ୍ଲକ ବଉଳକଣୀ ପଞ୍ଚାୟତର ସୂଚନା ଅଧିକାର କର୍ମୀ ହରେକୃଷ୍ଣ ପାତ୍ର ୨୦୧୭ରୁ ୨୦୨୧ ମଧ୍ୟରେ ପଞ୍ଚାୟତ ଅଧୀନରେ କେଉଁ କେଉଁ ଉନ୍ନତି ମୂଳକ କାର୍ଯ୍ୟ ଅନୁମୋଦିତ ହୋଇଛି ଓ କେଉଁ ବାବଦକୁ କେତେ ଟଙ୍କା ଖର୍ଚ୍ଚ କରାଯାଇଛି ତାହାର ତଥ୍ୟ ସୂଚନା ଅଧିକାର ଆଇନ ଜରିଆରେ ୨୦୨୧ ମସିହାରେ ମହାକାଳପଡ଼ା ବ୍ଲକ୍ କାର୍ଯ୍ୟାଳୟକୁ ମାଗିଥିଲେ। ଯାହାର ତଥ୍ୟ ପ୍ରଦାନ କରିନଥିଲା ବ୍ଲକ୍ କାର୍ଯ୍ୟାଳୟ। ଯାହାକୁ କେନ୍ଦ୍ର କରି ହରେକୃଷ୍ଣ ଓଡ଼ିଶା ସୂଚନା କମିଶନଙ୍କ ନିକଟରେ ଅପିଲ କରିଥିଲେ। ଅପିଲ କରିବାର ଦୀର୍ଘ ୩ ବର୍ଷ ପରେ ସୂଚନା କମିଶନଙ୍କ ତରଫରୁ ଶୁଣାଣୀ ପାଇଁ ମହାକାଳପଡ଼ା ବିଡ଼ିଓ ଓ ହରେକୃଷ୍ଣ ପାତ୍ରଙ୍କୁ ଚିଠି ହୋଇଥିଲା। ୨୩ ଏପ୍ରିଲରେ ସୂଚନା କମିଶନଙ୍କ ନିକଟରେ ହାଜର ହୋଇଥିଲେ ଉଭୟ ପକ୍ଷ।

ଜନସୂଚନା ଅଧିକାରୀ ଭାବରେ ମହାକାଳପଡ଼ା ବିଡ଼ିଓଙ୍କୁ ସମସ୍ତ ତଥ୍ୟ ପ୍ରଦାନ କରିବା ପାଇଁ କମିଶନ ନିର୍ଦ୍ଦେଶ ଦେଇଥିଲେ। ବିଡ଼ିଓଙ୍କ ନିର୍ଦ୍ଦେଶ ପରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ହୃଷିକେଶ ସେଠୀ ମଗାଯାଇଥିବା ସୂଚନାର ତଥ୍ୟ ପଞ୍ଚାୟତ କାର୍ଯ୍ୟାଳୟରେ ଉପଲବ୍ଧ ନଥିବା ସୂଚନା ଦେଇଛନ୍ତି। ପୂର୍ବତନ ପିଇଓ ଗୁରୁପଦ ମଣ୍ଡଳ ୨୦ରୁ ୨୨ ଆର୍ଥିକ ବର୍ଷର ଦସ୍ତାବିଜ ପ୍ରମାଣପତ୍ର ହସ୍ତାନ୍ତର କରି ନାହାଁନ୍ତି। ସେହିପରି ତତ୍କାଳୀନ ପିଇଓ ରମାକାନ୍ତ ଦାସ ଙ୍କ ମୃତ୍ୟୁ ହେବାରୁ କୌଣସି ଦସ୍ତାବିଜ ସେ ପଇଠ କରିନଥିବା ହୃଷୀକେଶ ଉଲ୍ଲେଖ କରିଛନ୍ତି। ଯାହା ଏବେ ସମସ୍ତଙ୍କୁ ଚକିତ କରିଛି।

ଏ ସୂଚନା ପାଇବା ପରେ ହରେକୃଷ୍ଣ ଉଦବେଗ ପ୍ରକାଶ କରିବା ସହିତ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସେ ପଦକ୍ଷେପ ନେବେ ବୋଲି କହିଛନ୍ତି।

### ହାଟସାହି ପଞ୍ଚାୟତ ପ୍ରଶାସନର ଅଜବ ପ୍ରୟାସ

## ସଚଳ ନଳକୂପ ପାଖରେ ଜଳଛତ୍ର



**ରାଜକନିକା, ୨୩।୫ (ସଂଚାର ବ୍ୟୁରୋ):** ନିଛାଟିଆ ସ୍ଥାନ ହେଉ ବି ଜନଗହଳି ଛକ ବଜାର ହେଉ ଅଥବା ପାଣିର ସାଧନ ନ ଥିବା ସ୍ଥାନରେ ଜଳଛତ୍ରର ବ୍ୟବସ୍ଥା ପ୍ରତି ପଞ୍ଚାୟତ ପ୍ରଶାସନ ପକ୍ଷରୁ କରାଯାଇଥାଏ। ଏଥିପାଇଁ ବି ଅର୍ଥର ବ୍ୟବସ୍ଥା ରହିଛି । ହେଲେ ତାଜୁବ କଲା ଭଳି ଚିତ୍ରଟି ହେଉଛି ରାଜକନିକା ବ୍ଲକ ଅନ୍ତର୍ଗତ ହାଟସାହି ପଞ୍ଚାୟତ ଗାଁମୁଣ୍ଡର ଏହି ଜଳଛତ୍ର ଖୋଲାହେବାର ବିଚିତ୍ର ଚିତ୍ର।

ପାଖରେ ରହିଛି ସଚଳ ଏକ ନଳକୂପ। ତାହା ପୁଣି ସେଠାରେ ବସବାସ କରୁଥିବା ଲୋକେ ଏହି ନଳକୂପ ଉପରେ ସମ୍ପୂର୍ଣ୍ଣରୂପେ ନିର୍ଭରଶୀଳ । ପ୍ରଶ୍ନ ହେଉଛି ଏଭଳି ସ୍ଥାନରେ ଜଳଛତ୍ର ଦେବାର ଉଦ୍ଦେଶ୍ୟ କଣ ବୋଲି ସାଧାରଣରେ ଆଲୋଚନା ହେଉଛି। ଅପରପକ୍ଷେ ଏହି ଗାଁର ବୋଦା ମାହାରା ଭଳି ନିଛାଟିଆ ସ୍ଥାନରେ ବହୁ ଚାଷୀ ଚାଷଜମିରୁ ଫେରୁଥିବା ବେଳେ ସେଠାରେ ତୃଷା ନିବାରଣ ପାଇଁ ଜଳଛତ୍ର ବ୍ୟବସ୍ଥାର ଆବଶ୍ୟକତା ରହିଥିବା ସ୍ଥଳେ କିନ୍ତୁ ହେଲା ନାହିଁ । ଯେଉଁଠି ଜଳର ଭରପୁର୍ ସାଧନ ନଳକୂପ ରହିଛି ସେଠାରେ ଇଏ କି ପ୍ରକାର ଜଳଛତ୍ର ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଅବଶ୍ୟ ଏ ସମ୍ପର୍କରେ କୈଣସୀ ପ୍ରତିକ୍ରିୟା ମିଳି ପାରି ନାହିଁ । ତଥାପି ଆବଶ୍ୟକ ଥିବା ସ୍ଥାନରେ ଏକାଧିକ ଜଳଛତ୍ର ଖୋଲା ଯିବାକୁ ବୁଦ୍ଧିଜିବୀ ମହଲରେ ଦାବି ହେଉଛି ।

### 'ଅପରେସନ ସିନ୍ଦୂର'ର ସଫଳତା

## ଚନ୍ଦନନଗରରେ ବିଜେପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା

**ପଟ୍ଟାମୁଣ୍ଡାଇ, ୨୩।୫ (ସଂଚାର ବ୍ୟୁରୋ):** କାଶ୍ମୀର ପହେଲଗାମ ଆକ୍ରମଣର କଡା ଜବାବ ଦେବା ପାଇଁ ଭାରତ ସରକାରଙ୍କ ଅପରେସନ ସିନ୍ଦୁର ଅପୂର୍ବ ସଫଳତା ହାସଲ କରି ପାକିସ୍ତାନ ମାଟିରେ ଆତଙ୍କବାଦ ଉପରେ ଭାରତର ବିଜୟ ହୋଇଛି । ଭାରତବର୍ଷର ଏକତା ଅଖଣ୍ଡତା ସୁଦୃଢ଼ କରିବା ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ଠାରେ ରାଷ୍ଟ୍ରୀ ସୁରକ୍ଷା ନାଗରିକ ସମିତି ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଆୟୋଜନ କରାଯାଇଥିଲା । ଚନ୍ଦନନଗର ହାଇସ୍କୁଲ ଛକ ଠାରୁ ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇ ବିଭିନ୍ନ ସ୍ଥାନ ପରିକ୍ରମା କରିବା ପରେ ଦେଉଳି ଠାରେ ଶେଷ ହୋଇଥିଲା ।

ଏଥିରେ ୧୭ନଂ ଜୋନ କଣ୍ଠାବଣ ମଣ୍ଡଳ ସଭାପତି ସ୍ୱାଗତ ଦାସ, ବିଜେପି ଯୁବନେତା ଆଡ଼ଭୋକେଟ ଭାରତ ଭୂଷଣ ଦାସ, ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ




ସ୍ୱାଇଁ, ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ନେତ୍ରୀ ପ୍ରିୟଙ୍କା ଶତପଥୀ, ଜିଲ୍ଲା ଅନୁସୂଚିତ ଜାତି ସେଲ ସଭାପତି ଅନ୍ତର୍ଯ୍ୟାମୀ ମଲିକ, ନଗର ବିଜେପି ସଭାପତି ଅଶୋକ ସାହୁ, ଚନ୍ଦନ ପାତ୍ର, ବରିଷ୍ଠ ନେତା ଅଶୋକ ମଲିକ, ପ୍ରାକ୍ତନ ସେନା କର୍ମଚାରୀ ପ୍ରଦୀପ ସାହୁ ଓ ହେମନ୍ତ ସାହୁ, ବିପିନ ନାୟକ, ପ୍ରଦୀପ ପ୍ରଧାନ କୃଷ୍ଣ ଚନ୍ଦ୍ର କର, ପ୍ରଦୀପ ପ୍ରଧାନ, ସୁଧାଂଶୁ ରଞ୍ଜନ ମହାପାତ୍ର, ସୃଶାନ୍ତ ଦାସ, ରବି ବିଶ୍ୱାଳ, କାଜଲ ଜେନା, ରାକେଶ ନାୟକ, ସଞ୍ଜୟ ମଲିକ, ସୋମନାଥ ଷଢଙ୍ଗୀ କାଳନ୍ଦୀ ପଲାଇ ପ୍ରମୁଖ ବହୁ ବିଜେପି ନେତା କର୍ମକର୍ତ୍ତା ଓ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇ ବିଭିନ୍ନ ସ୍ଲୋଗାନ ଦେଇ ଚନ୍ଦନ ନଗର ପଂଚାୟତର ବିଭିନ୍ନ ଅଂଚଳ ପରିକ୍ରମା କରିଥିଲେ ।

## ଚୌଦକୁଲାଟ-ଗଗୁଆ ରାସ୍ତାରେ ବ୍ୟବସାୟୀଙ୍କ ଠାରୁ ୭୦ ହଜାର ଲୁଟି ନେଲେ ଦୁର୍ବୃତ୍ତ

**ପଟ୍ଟାମୁଣ୍ଡାଇ, ୨୩।୫ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ପେଣ୍ଠପାଳ ପଂଚାୟତ କୁଳସାହି ଗ୍ରାମର ଯୁବବ୍ୟବସାୟୀ ଚିନ୍ମୟ ବିଶ୍ୱାଳ ଆଜି ଅପରାହ୍ନ ୪ଟା ସମୟରେ ରାସନ ସମାଗ୍ରୀ ଆଣିବା ପାଇଁ ଗଗୁଆ ଯାଉଥିବା ସମୟରେ ଗଗୁଆ-ଚୋଉଦକୁଲାଟ ରାସ୍ତାରେ ଗୋଟେ କାରରେ ବସିଥିବା କିଛି ଲୋକ ରାଜନଗରକୁ ରାସ୍ତା ପଚାରି ବୁଝିଥିଲେ । ଫଳରେ ଚିନ୍ମୟ ମଟର ସାଇକେଲକୁ ଅଟକାଇ ରାଜନଗରକୁ ରାସ୍ତା କହୁଥିବା ସମୟରେ ଉକ୍ତ କାରରୁ ଦୁଇ ଜଣ ବାହାରି ଆସି ତାଙ୍କ ବେକରେ ଛୁରୀ ଲଗାଇ ପକେଟରେ ଥିବା ନଗଦ ୭୦ ହଜାର ଟଙ୍କା ଓ ବାଇକ୍ ଚାବି ଲୁଟି ନେଇଥିଲେ । ପରବର୍ତ୍ତୀ ସମୟରେ ଖବର ପାଇ କୁଳସାହି ଗ୍ରାମର ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଚିନ୍ମୟଙ୍କୁ ଉଦ୍ଧାର କରିବା ସହିତ ଚୌଦକୁଲାଟ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ । ସ୍ଥାନୀୟ ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି ।




# ଷ୍ଟାର୍ଟଅପ୍ ଓଡ଼ିଶା-ଫୋନ୍‌ପେ ବୁଝାମଣା

**ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ):** ସ୍ଥାନୀୟ ଓ-ହବଠାରେ ଷ୍ଟାର୍ଟଅପ୍ ଓଡ଼ିଶା ଏବଂ ଫୋନ୍‌ପେ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସହଜ ବ୍ୟବସାୟ ସୁନିଶ୍ଚିତ କରିବା ସହ ଷ୍ଟାର୍ଟଅପ୍‌ଗୁଡ଼ିକୁ ଡିଜିଟାଲ୍ ଭାବେ ସଶକ୍ତ କରିବା ଲକ୍ଷ୍ୟରେ ଏହା ସ୍ୱାକ୍ଷରିତ ହୋଇଛି। ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ ପ୍ରଶାସନିକ ଅଧିକାରୀ କମଲଜିତ ଦାସ ଓ ଫୋନ୍‌ପେ ଲିମିଟେଡ୍ ମର୍ଚ୍ଚାଣ୍ଟ ବ୍ୟବସାୟର ମୁଖ୍ୟ ବ୍ୟାବସାୟିକ ଅଧିକାରୀ ଯୁବରାଜ ସିଂହ ଶେଖାୱତ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଷ୍ଟାର୍ଟଅପ୍ ପ୍ଲାଟଫର୍ମର ଅନବୋର୍ଡିଂ ନୀତି ଓ ଯାଞ୍ଚ ପ୍ରକ୍ରିୟା ଅନୁଯାୟୀ ଫୋନ୍‌ପେ ଅତ୍ୟାଧୁନିକ ଡିଜିଟାଲ୍ ଭିତ୍ତିଭୂମି, ପେମେଣ୍ଟ ପ୍ରଯୁକ୍ତିବିଦ୍ୟା ସମାଧାନ, ମାର୍କେଟିଂ ଓ ପ୍ରୋତ୍ସାହନମୂଳକ ସହାୟତା ଯୋଗାଇଦେବ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଷ୍ଟାର୍ଟଅପ୍ ଓଡ଼ିଶା ଡିଜିଟାଲ୍ ଅନ୍ତର୍ଭୁକ୍ତିକରଣ, ନବସୃଜନର ପ୍ରୋତ୍ସାହନ, ବିଭିନ୍ନ ଅନୁଷ୍ଠାନ ମଧ୍ୟରେ ସୁସମ୍ପର୍କ ସ୍ଥାପନ, ସମୃଦ୍ଧ ଷ୍ଟାର୍ଟଅପ୍ ଇକୋସିଷ୍ଟମ ନିର୍ମାଣ, ବ୍ୟାପକ ସୁଯୋଗ ସୃଷ୍ଟି ଜରିଆରେ ଭାରତର ଶ୍ରେଷ୍ଠ ଷ୍ଟାର୍ଟଅପ୍ ହବ୍ ମଧ୍ୟରେ ଓଡ଼ିଶାକୁ ସ୍ଥାନିତ କରିବାର ଲକ୍ଷ୍ୟ ରଖିଛି।

### ମେ' ୩୧ରୁ ଜୁନ୍ ୨୬ ବେଆଇନ ମାଦକଦ୍ରବ୍ୟ ସଚେତନତା କାର୍ଯ୍ୟକ୍ରମ

# ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ କରାଯିବ ସଚେତନ

- ବିଦ୍ୟାଳୟରେ ହେବ ପ୍ରବନ୍ଧ ପ୍ରତିଯୋଗିତା
- ଜିଲ୍ଲା, ଉପଖଣ୍ଡ ଓ ବ୍ଲକ୍‌ରେ ବୁଲିବ ରଥ

**ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ):** ରାଜ୍ୟରେ ନୂଆ ସରକାର କ୍ଷମତାକୁ ଆସିବା ପରେ ବେଆଇନ ମାଦକ ଦ୍ରବ୍ୟ କାରବାର ଆନେକାଂଶରେ ହ୍ରାସ ପାଇଛି। ଅବକାରୀ ବିଭାଗ, ପୁଲିସ ପ୍ରଶାସନ ଏବଂ ସ୍ପେସାଲ୍ ସ୍କ୍ୱାଡ୍ ଜରିଆରେ ନିୟମିତ ଚଢ଼ାଉ କରାଯାଇ ଅନେକ ବେଆଇନ ମଦଭାଟିକୁ ବନ୍ଦ କରାଯିବା ସହ ବେପାରୀମାନଙ୍କୁ ଗିରଫ କରାଯାଇଛି। ଏହି ଦିଗରେ ଆହୁରି ଅଧିକ ସଫଳତା ପାଇଁ ଅର୍ଥାତ୍ ରାଜ୍ୟରେ ବେଆଇନ ମାଦକ ଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ସମସ୍ତଙ୍କୁ ଉଦ୍ୟମ କରିବାକୁ ପଡ଼ିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଏଥିସହ ଆସନ୍ତା ମେ' ୩୧ରୁ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ବେଆଇନ ମାଦକ ଦ୍ରବ୍ୟ ସେବନ ଓ କାରବାର ରୋକିବା ଦିଗରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିନେଇ ଆଜି ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ବେଆଇନ ମାଦକ ଦ୍ରବ୍ୟ ସେବନ ଓ କାରବାର ବିରୋଧରେ ସାରା ରାଜ୍ୟରେ ହେବାକୁ ଥିବା କାର୍ଯ୍ୟକ୍ରମରେ ପ୍ରତ୍ୟେକ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ବିଦ୍ୟାଳୟ ସ୍ତରରୁ ଆରମ୍ଭ କରି ପଞ୍ଚାୟତ ପର୍ଯ୍ୟନ୍ତ କୋଣ ଅନୁକୋଣରେ ସଚେତନତା ବାର୍ତ୍ତା ପହଞ୍ଚାଇବାକୁ ପଡ଼ିବ। ପାଲା, ଦାସକାଠିଆ, ଘୋଡ଼ାନାଚ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପଥପ୍ରାନ୍ତ ନାଟକ ଜରିଆରେ ନିଶା ସେବନ କାରବାରର କୁପରିଣାମ ନେଇ ଲୋକଙ୍କୁ ବୁଝାଇବାକୁ ପଡ଼ିବ। ଏଥିସହ ଜିଲ୍ଲା, ଉପଖଣ୍ଡ ଓ ବ୍ଲକ୍ ସ୍ତରରେ ସଚେତନତା



ରଥ ଜରିଆରେ ସବୁବର୍ଗଙ୍କୁ ସଚେତନ କରାଇବା ନେଇ ଉପସ୍ଥିତ ସମସ୍ତ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଛନ୍ତି। ଏଥିସହ ପ୍ରତିଦିନ କ'ଣସବୁ କାର୍ଯ୍ୟକ୍ରମ କରାଯିବ, ସେନେଇ ତାଲିକା ପ୍ରସ୍ତୁତ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗ୍ରାମାଞ୍ଚଳା ଏସ୍‌ଏଚ୍‌ଜିଙ୍କୁ ସାମିଲ କରି ବିଦ୍ୟାଳୟ ସ୍ତରରେ ବେଆଇନ ନିଶା ସେବନ ସମ୍ବନ୍ଧରେ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିସହ ବେଆଇନ ମାଦକ ଦ୍ରବ୍ୟ କାରବାର ଓ ସେବନ ବିରୋଧରେ ନିୟମିତ ସଚେତନତା ପାଇଁ ମଧ୍ୟ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ଅବକାରୀ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଆୟୋଜିତ ହେବାକୁ ଥିବା ଏହି ସଚେତନତା କାର୍ଯ୍ୟକ୍ରମର ଆଭିମୁଖ୍ୟ ସହ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଓ ବିଭିନ୍ନ ବିଭାଗର ସମ୍ପୃକ୍ତି ବିଷୟରେ ବୈଠକରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏଥିସହ ବିଭିନ୍ନ ବିଭାଗ ଜରିଆରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ 'ସେ ୟେସ୍ ଟୁ ଲାଇଫ୍, ନୋ ଟୁ ଡ୍ରଗ୍ସ' ସଂକଳ୍ପ କାର୍ଯ୍ୟକ୍ରମ ଓ ବେଆଇନ ନିଶା କାରବାରକୁ ରୋକିବା ଦିଗରେ ମାନସ ପୋର୍ଟାଲ (ମାନସ ପୋର୍ଟାଲ୍) ଓ ୧୯୩୩ ହେଲ୍ପଲାଇନ୍ ବିଷୟରେ ଲୋକଙ୍କୁ ସଚେତନ କରାଯିବ ବୋଲି ଶାସନ ସଚିବ କହିଛନ୍ତି।

ବୈଠକରେ ଉଚ୍ଚଶିକ୍ଷା ବିଭାଗର ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଆର୍.କେ. ଶର୍ମା, ପୁଲିସ ଡିଆଇଜି (ଏସ୍‌ଟିଏଫ୍) ପିନାକ ମିଶ୍ରଙ୍କ ସମେତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ବାଣିଜ୍ୟ ଓ ପରିବହନ, କ୍ରୀଡ଼ା ଓ ଯୁବସେବା, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ପଞ୍ଚାୟତିରାଜ ଓ ପାନୀୟ ଜଳ, ମିଶନ ଶକ୍ତି, ଓର୍‌ସାକ୍, ଏନ୍‌ସିବି, ଭୁବନେଶ୍ୱର, ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିଃର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅବକାରୀ କମିଶନର ଧର୍ମେନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ୨୭ ପରିବର୍ତ୍ତେ ୨୬ରେ ସାବିତ୍ରୀ ଛୁଟି



**ଭୁବନେଶ୍ୱର, ୨୩।୫ (ସଂଚାର ବ୍ୟୁରୋ) :** ୨୭ ତାରିଖ ପରିବର୍ତ୍ତେ ୨୬ରେ ସାବିତ୍ରୀ ଛୁଟି । ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟିକୁ ମେ ୨୭ ତାରିଖ ପରିବର୍ତ୍ତେ ୨୬ ତାରିଖରେ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଚଳିତ ବର୍ଷ ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟି ମେ ୨୭ ତାରିଖକୁ ସ୍ଥିରୀକୃତ ହୋଇଥିଲା। ତେବେ ପୁରୀ ମୁକ୍ତି ମଣ୍ଡପ ସହିତ ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନ ଓ ପଞ୍ଜିକା ଗଣନାକାରୀ ଅନୁଷ୍ଠାନ ମାନଙ୍କ ସହିତ ଯୋଗାଯୋଗ ପରେ ୨୬ ତାରିଖରେ ସାବିତ୍ରୀ ଅମାବାସ୍ୟା ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ମେ' ୨୭ରେ ଖୋଲା ରହିବ ସମସ୍ତ ସରକାରୀ ଅଫିସ ।

# ସଠିକ୍ ମତଦାନ ପାଇଁ ଭୋଟରଙ୍କୁ ସଶକ୍ତ କରାଯିବ



**ଭୁବନେଶ୍ୱର, ୨୩।୫ (ସଂଚାର ବ୍ୟୁରୋ):** ମତଦାନ ପ୍ରକ୍ରିୟାକୁ ଅଧିକ ସୁଗମ ଓ ସୁବ୍ୟବସ୍ଥିତ କରିବା ପାଇଁ ଭାରତ ନିର୍ବାଚନ ଆୟୋଗ (ଇସିଆଇ) ଗତକାଲି ଘୋଷଣା କରିଛନ୍ତି ଯେ ଗୋଟିଏ ମତଦାନ କେନ୍ଦ୍ରରେ ସର୍ବାଧିକ ଭୋଟରଙ୍କ ସଂଖ୍ୟାକୁ ୧୫୦୦ରୁ ୧୨୦୦କୁ ହ୍ରାସ କରାଯିବ। ଏହି ପଦକ୍ଷେପ ମତଦାନ କେନ୍ଦ୍ରରେ ଭିଡ଼ ଓ ମତଦାନ ପାଇଁ ଅପେକ୍ଷା ସମୟକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବ ବୋଲି ଆଶା କରାଯାଉଛି। ଏହାଛଡ଼ା ସହରାଞ୍ଚଳ ଜନବସତି ବୃଦ୍ଧିକୁ ଚିହ୍ନଟ କରି ବହୁତଳ ବିଶିଷ୍ଟ ଆବାସିକ ସମାଜ ଓ କଲୋନୀରେ ଅତିରିକ୍ତ ମତଦାନ କେନ୍ଦ୍ର ସ୍ଥାପନ ପାଇଁ ଲକ୍ଷ୍ୟ ରହିଛି। ଏହାଦ୍ୱାରା ସହରାଞ୍ଚଳର ସ୍ଥାନୀୟ ଭୋଟରଙ୍କ ପାଇଁ ମତଦାନକୁ ଅଧିକ ସୁବିଧାଜନକ ଓ ସୁଗମ କରାଯାଇପାରିବ। ତା'ଛଡ଼ା ଭୋଟର ସୂଚନା ସ୍ଲିପକୁ ଅଧିକ ବ୍ୟବହାରକାରୀ-ଅନୁକୂଳ କରାଯିବ। ମତଦାନ ବିବରଣୀର ସହଜ ଚିହ୍ନଟ ପାଇଁ କ୍ରମ ଓ ଅଂଶ ଅଙ୍କଗୁଡ଼ିକୁ ଅଧିକ ପ୍ରମୁଖ ଭାବେ ପ୍ରଦର୍ଶିତ କରାଯିବ। ଭୋଟର ତାଲିକାର ସଠିକତା ବୃଦ୍ଧି ପାଇଁ ମଧ୍ୟ ନିର୍ବାଚନ ଆୟୋଗ କେତେକ ପଦକ୍ଷେପ ନେଉଛନ୍ତି। ଏବେ ଆୟୋଗ ସିଧାସଳଖ ଭାରତର ରେଜିଷ୍ଟ୍ରାର ଜେନେରାଲ (ଆର୍‌ଜିଆଇ)ଙ୍କଠାରୁ ମୃତ୍ୟୁ ପଞ୍ଜୀକରଣ ତଥ୍ୟ ପ୍ରାପ୍ତ କରିପାରିବେ ଓ ଯାଞ୍ଚ ପରେ ଏହି ତଥ୍ୟକୁ ବ୍ୟବହାର କରି ମୃତ ବ୍ୟକ୍ତିଙ୍କ ନାମ ତାଲିକାରୁ ହଟାଇପାରିବେ। ଏହାଦ୍ୱାରା ଅଧିକ ଦକ୍ଷତାର ସହ ଭୋଟର ତାଲିକାର ସଠିକତାକୁ ସୁନିଶ୍ଚିତ କରାଯାଇପାରିବ।

# ଶିଶୁ ସୁରକ୍ଷା ଓ ଆଇନଗତ ବ୍ୟବସ୍ଥା ଉପରେ କର୍ମଶାଳା




**ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ):** ପୁଲିସ୍ ସେବା ସଦନ ସମ୍ମିଳନୀ କକ୍ଷରେ ଭୁବନେଶ୍ୱର-କଟକ ପୁଲିସ କମିଶନରେଟ ଏବଂ ଚାଇଲ୍ଡ ଇନ ନିଡ୍ ଇନଷ୍ଟିଚ୍ୟୁଟ୍ (ସିନି)ର ମିଳିତ ସହଯୋଗରେ ଓ ଟେରେଡେସ ହୋମସ ଜର୍ମାନୀଙ୍କ ସହାୟତାରେ ଜି-ସେଫ ପ୍ରକଳ୍ପ ତରଫରୁ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲାର ବିଭିନ୍ନ ପୁଲିସ ଅଧିକାରୀମାନଙ୍କ ପାଇଁ ଶିଶୁ ସୁରକ୍ଷା ଅଧିକାର ଆଇନ, ପୋକ୍ସୋ ଆଇନ, ଜୁଭେନାଇଲ୍ ଜଷ୍ଟିସ ଆଇନ ଏବଂ ନାବାଳକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ପୁଲିସ କମିଶନର ଡ଼. ସୁରେଶ ଦେବଦତ୍ତ ସିଂହ, ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ, ଆଡିସନାଲ୍ ଡିସିପି ଭୁବନେଶ୍ୱର ଅମୃତପାଲ କୌର ଉପସ୍ଥିତ ଥିଲେ।

ଏଥିରେ ପୁଲିସ ବିଭାଗ ତରଫରୁ ଭୁବନେଶ୍ୱର ଅନ୍ତର୍ଗତ ସମସ୍ତ ଥାନାର ଶିଶୁ ଓ ମହିଳା ସୁରକ୍ଷା ଅଧିକାରୀ, ମହିଳା ଥାନା ଆଇଆଇସି, ନନ୍ଦନକାନନ ଥାନା ଆଇଆଇସି, କମିଶନରେଟ ମୁଖ୍ୟାଳୟର ବିଭିନ୍ନ ପୁଲିସ ଅଧିକାରୀମାନେ ଭାଗ ନେଇଥିବା ବେଳେ ଅନ୍ୟ ବିଭାଗରୁ ଭୁବନେଶ୍ୱର ସିଡବ୍ଲୁସି ସଦସ୍ୟ ସୁମିତାରାଣୀ ଘୋଷ, ଅତିରିକ୍ତ କିଶୋର ନ୍ୟାୟ ପରିଷଦ ସଦସ୍ୟ ଜୱାହର ତ୍ରିପାଠୀ, ପିକକରୁ ଅନୁରାଧା ମହାନ୍ତି, ରୁଚିକା ସୋସିଆଲ ସର୍ଭିସେସରୁ ରାଜେନ୍ଦ୍ର ମେହେର ଓ ବେଣୁଧର ସେନାପତି ଭଳି ଏନଜିଓରୁ ପରାମର୍ଶଦାତାମାନେ ଅଂଶଗ୍ରହଣ କରି ଶିଶୁ ସମ୍ବେଦନଶୀଳ ପୀଡ଼ିତ ବ୍ୟବସ୍ଥା, ଲିଙ୍ଗଭିତ୍ତିକ ବ୍ୟବହାର, ଶିଶୁ ସୁରକ୍ଷା ନିମିତ୍ତ ବିଭିନ୍ନ ଆଇନଗତ ଓ ପ୍ରାଶାସନିକ ପଦକ୍ଷେପ, ଶିଶୁ ଶୋଷଣ ଓ ଶିଶୁ ପୋଷଣ ବ୍ୟବସ୍ଥା, ଶାରୀରିକ ଉତ୍ପୀଡ଼ନ, ବାଲ୍ୟ ବିବାହ, ବାଳ ଅପରାଧୀ ନିରାକରଣ ଇତ୍ୟାଦି ଉପରେ ଆଲୋଚନା କରିବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସଚେତନ କରିଥିଲେ। ଏହି ଅବସରରେ ପୁଲିସ କମିଶନର ଡ. ସିଂହ ଏହି କର୍ମଶାଳାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଶିଶୁ ଏବଂ ମହିଳା ସୁରକ୍ଷା ପ୍ରତି ଭୁବନେଶ୍ୱର-କଟକ ପୁଲିସ କମିଶନରେଟର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

# ରକ୍ତଦାନ ଶିବିର; ୪୪୬ ୟୁନିଟ୍ ରକ୍ତ ସଂଗୃହୀତ



**ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ):** ଓଡିଶା ରକ୍ତଦାତା ମହାସଂଘ ପକ୍ଷରୁ ଏକ ବିଶାଳ ରକ୍ତଦାନ ଶିବିର ବିଶ୍ୱ ଦକ୍ଷତା କେନ୍ଦ୍ର ଠାରେ ଆୟୋଜିତ ହୋଇଯାଇଛି। ଉକ୍ତ ଶିବିରରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଛାତ୍ରଛାତ୍ରୀ, କର୍ମଚାରୀମାନେ ରକ୍ତଦାନ କରିଥିଲେ। ସର୍ବମୋଟ ୪୪୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇ ପାରିଛି । ଶିବିରରେ ରାଜେଶ ନାୟକ, ତ୍ରିଲୋଚନ ଦାଶ, ଅକ୍ଷୟ କୁମାର ରାଉତ, ଆର୍ଜୁ ବିବି ଶିବିରକୁ ପରିଚାଳନା କରିଥିଲେ । ଶୈଳେଶ କୁମାର ମିଶ୍ର, ଶୁଭକାନ୍ତ ପ୍ରଧାନ, ନିର୍ଭୟ ମହାନ୍ତି, ଅକ୍ଷୟ କୁମାର ମିଶ୍ର, ବ୍ରହ୍ମାନନ୍ଦ ସାହୁ, ଅନୀଲ କୁମାର ଦାଶ ଓ ବିପ୍ଲବ ରାୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ଏହି ପରିକଳ୍ପନା ପାଇଁ ଅନୁଷ୍ଠାନକୁ ସନ୍ତୋଷ କୁମାର ମହାନ୍ତି ଧନ୍ୟବାଦ ଜଣାଇଥିଲେ।

# ଶ୍ରୀମନ୍ଦିର ସୁରକ୍ଷା ପାଇଁ କାର୍ଯ୍ୟକାରୀ ହେବ ଆଣ୍ଟି-ଡ୍ରୋନ ସିଷ୍ଟମ!

**ପୁରୀ,୨୩।୫ (ସଂଚାର ବ୍ୟୁରୋ) :** ପୁରୀ ଜଗନ୍ନାଥ ମନ୍ଦିରରେ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣର ଆଶଙ୍କାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଏହି ୧୨ଶ ଶତାବ୍ଦୀର ହିନ୍ଦୁ ତୀର୍ଥସ୍ଥଳୀର ସୁରକ୍ଷା ପାଇଁ ଆଣ୍ଟି-ଡ୍ରୋନ ପ୍ରଯୁକ୍ତି ସ୍ଥାପନ ଉପରେ ବିଚାର କରୁଛନ୍ତି। ଏ ସମ୍ପର୍କରେ ଆଇନ ବିଭାଗ ଓଡ଼ିଶା ପୋଲିସ ସହ ଆଲୋଚନା କରି ପୁରୀ ଶ୍ରୀମନ୍ଦିରରେ ଆଣ୍ଟି-ଡ୍ରୋନ ବ୍ୟବସ୍ଥା ସ୍ଥାପନ କରିବାକୁ ଯୋଜନା କରିଛି, ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, "ମନ୍ଦିରରେ ଆଣ୍ଟି-ଡ୍ରୋନ ପ୍ରଯୁକ୍ତି ସ୍ଥାପନ କରାଯାଇପାରେ, ଏହି ବ୍ୟବସ୍ଥା ଅନଧିକୃତ କିମ୍ବା ସମ୍ଭାବ୍ୟ ବିପଜ୍ଜନକ ଡ୍ରୋନଗୁଡ଼ିକୁ ଚିହ୍ନଟ, ଅନୁସରଣ ଏବଂ ନିଷ୍କ୍ରିୟ କରିବ।" ଆବଶ୍ୟକ ହେଲେ ଏହି ପ୍ରଯୁକ୍ତି ସ୍ଥାପନ ପାଇଁ ଆର୍ଥିକ ସହାୟତା ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ (ଏସଜେଟିଏ) ଦ୍ୱାରା ପ୍ରଦାନ କରାଯିବ, ବୋଲି ମନ୍ତ୍ରୀ ଆହୁରି ମଧ କହିଛନ୍ତି। ଜାମ୍ମୁ ଓ କାଶ୍ମୀରର ପେହଲଗାମରେ ୨୨ ଏପ୍ରିଲ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧରେ ବିବାଦ ବୃଦ୍ଧି ପାଇବା ମଧରେ, ଓଡ଼ିଶା ସରକାର ପଡ଼ୋଶୀ ଦେଶରୁ ସମ୍ଭାବ୍ୟ ଆକ୍ରମଣର ଆଶଙ୍କାକୁ ଦୃଷ୍ଟିରେ ରଖି ଜଗନ୍ନାଥ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିଛନ୍ତି।

### ସହଦେବ ନାୟକ ହତ୍ୟା ମାମଲା

# ମାଟିରେ ମିଶିଲା ଅଭିଯୁକ୍ତଙ୍କ ଘର

**ଭୁବନେଶ୍ୱର, ୨୩।୫ (ସଂଚାର ବ୍ୟୁରୋ) :** ରାଜଧାନୀରେ ଅପରାଧୀ ହେବେ ସାବାଡ୍ । ଅପରାଧୀକ ପୃଷ୍ଠଭୂମି ଉପରେ ପଡିବ ପୂର୍ଣ୍ଣଛେଦ। ପୋଲିସ ଇନଫରମର ହତ୍ୟାକାଣ୍ଡ ଘଟଣାରେ କମିଶନରେଟ ପୋଲିସର ବଡ କାର୍ଯାନୁଷ୍ଠାନ। ଫେରାର ହତ୍ୟାକାରୀ ଘରେ ଚଢ଼ିଲା ବୁଲଡୋଜର। ସହଦେବ ନାୟକ ହତ୍ୟାକାଣ୍ଡ ଘଟଣାର ଫେରାର ଆସାମୀ ରାଜା ନାୟକ ଘର ଭାଙ୍ଗିଛି ବିଏମସି। କେଦାରପଲ୍ଲୀ ବସ୍ତିରେ ପହଂଚି ପୋଲିସ ଓ ବିଏମସିର ମିଳିତ ଉଦ୍ୟମରେ ଘରକୁ ମାଟିରେ ମିଶାଇ ଦିଆଯାଇଛି। ଯାହାକୁ ନେଇ ବସ୍ତିରେ ଉତ୍ତେଜନା ଦେଖାଦେଇଛି। ଜୋନାଲ ଏସିପି ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି ''ଏହି ମାମଲାରେ ଜଡିତ ଆଠ ଜଣଙ୍କ ଘର ଉପରେ ନଜର ରହିଥିଲା । ସରକାରୀ ଜାଗାରେ ଜବରଦଖଲ କରି ଦୁଇଟି ଘର ଅପରାଧିକ କାର୍ଯ୍ୟରେ ଲିପ୍ତ ରହୁଥିଲେ । ସେହି ଘର ମଧ୍ୟରୁ ଗୋଟିଏ ରାଜା ନାୟକର ଯେ କି ଏହି ହତ୍ୟାକାଣ୍ଡ ଘଟଣାରେ ଫେରାର ଅଛି ''। ବେଆଇନ ବିଭିନ୍ନ ଅପରାଧିକ କାର୍ଯକଳାପରେ ଲିପ୍ତ ରହୁଥିବା ଅଭିଯୁକ୍ତଙ୍କ ବିରୋଧରେ କମିଶନରେଟ ପୋଲିସ ପକ୍ଷରୁ ଜିରୋ ଟଲେରାନ୍ସ ନୀତି ଗ୍ରହଣ କରାଯାଇଛି। ଏନେଇ ବିଏମସି ସହାୟତାରେ ଜବର ଦଖଲ ଉଚ୍ଛେଦ କରାଯାଇଛି । ତେବେ ସହଦେବ ହତ୍ୟାକାଣ୍ଡ ଘଟଣାରେ ମୋଟ ୯ ଜଣଙ୍କ ନାଁରେ କେସ ହୋଇଛି। ସେମାନଙ୍କ ମଧ୍ୟରୁ ଲକ୍ଷ୍ମୀଧର ନାୟକ, ରକି ନାୟକ ,ଲିପିକା ନାୟକ ,ଲକି ନାୟକ , ରାକେଶ ନାୟକ ଓରଫ ଅଣ୍ଡା , ରମା ନାୟକ ମୋଟ ସାତ ଜଣ ଗିରଫ ହୋଇସାରିଥିବା ବେଳେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ରାଜା ନାୟକ ଏବେବି ଫେରାର ଅଛି ।

# ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହେଲେ ଏକାମ୍ର ବିଧାୟକ



**ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ):** ଏ ଯାତ୍ରା ବୀର ଯବାନଙ୍କ ପାଇଁ, ଏ ଯାତ୍ରା ବାୟୁବୀରଙ୍କ ପାଇଁ,ଏ ଯାତ୍ରା ପ୍ରତି ସୈନିକଙ୍କ ସାହସ ଓ ପରାକ୍ରମ ପାଇଁ, ଆଉ ଏ ଯାତ୍ରା ଅପରେସନ ସିନ୍ଦୂର ପାଇଁ, ହାତରେ ତ୍ରିରଙ୍ଗା ମୁହଁରେ ଭାରତମାତା କୀ ଜୟ ନାରା, କମ୍ପୁଛି ଗଗନ ପବନ, ସବୁଠି ଶୁଭୁଛି ବନ୍ଦେ ମାତରମ, ଭାରତ ମାତା କୀ ଜୟ ଆଉ ଜୟ ଯବାନ, 'ଅପରେସନ ସିନ୍ଦୂର'ର ସଫଳତାକୁ ନେଇ ଆଜି ଏକାମ୍ର ନିର୍ବାଚନମଣ୍ଡଳୀର ବଡ଼ଗଡ଼ ହାଇସ୍କୁଲ ଛକଠାରୁ ଆରମ୍ଭ ହୋଇ ବିଏମସି କଲ୍ୟାଣୀ ମଣ୍ଡପ ପର୍ଯ୍ୟନ୍ତ ଲୋକଙ୍କ ଗହଣରେ ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଥିଲେ ବିଧାୟକ ବାବୁ ସିଂ। ଏହା ମାଧ୍ୟମରେ ପହଲଗାମ ଆକ୍ରମଣର ପ୍ରତିଶୋଧ ଓ 'ଅପରେସନ ସିନ୍ଦୂର' ଜରିଆରେ ଆତଙ୍କୀଙ୍କ ଉପରେ ଭାରତର ବିଜୟ ଓ ତିନି ସେନାର ବୀରତ୍ୱ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା।

ଭାରତ କିପରି ନିଜ ନାଗରିକଙ୍କୁ ସୁରକ୍ଷିତ ରଖିବା ସହ ବିଶ୍ୱରେ ନିଜର ସ୍ୱାଭିମାନକୁ ସୁରକ୍ଷିତ ରଖିପାରିଛି ଏହାକୁ ଉପସ୍ଥାପନା କରାଯାଇଥିଲା। ଏହି ଅବସରରେ ବିଧାୟକ ବାବୁ ସିଂ କହିଛନ୍ତି ଯେ,ସିନ୍ଦୂର ଯାତ୍ରା ମାଧ୍ୟମରେ ଭାରତୀୟ ସେନାର ଶୌର୍ଯ୍ୟ,ସାହସ ଓ ପରାକ୍ରମକୁ ପ୍ରଣାମ। ଆମ ବୀର ସୈନିକଙ୍କ ସମ୍ମାନରେ ଏହା ହେଉଛି ପରାକ୍ରମ ଶୋଭାଯାତ୍ରା। ଆମ ସେନାର ଶୌର୍ଯ୍ୟ ଏବଂ ପରାକ୍ରମ ପାକିସ୍ତାନକୁ ମଥାନତ କରିବାକୁ ବାଧ୍ୟ କରିଛି। ଯେତେବେଳେ ସିନ୍ଦୂର ବାରୁଦରେ ପରିଣତ ହୁଏ, ତା'ର ପରିଣାମ ପୂରା ବିଶ୍ୱ ଦେଖିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱ ବଳରେ ଭାରତର ସାମରିକ ଶକ୍ତି ଆହୁରି ସୁଦୃଢ଼ ହୋଇଛି । ଅପରେସନ ସିନ୍ଦୂର ଜରିଆରେ ଆତଙ୍କବାଦ ବିରୋଧରେ ଭାରତର ଶୂନ୍ୟ ସହନଶୀଳତାର ବାର୍ତ୍ତା ସାରା ବିଶ୍ୱରେ ପହଞ୍ଚିଛି। ମୋଦିଜୀଙ୍କ ଦୃଢ଼ ନେତୃତ୍ୱ କେବଳ ଭାରତୀୟ ସେନାର ମନୋବଳକୁ ବୃଦ୍ଧି କରି ନାହିଁ ବରଂ ବିଶ୍ୱ ସ୍ତରରେ ଭାରତକୁ ଏକ ଶକ୍ତିଶାଳୀ, ଦାୟିତ୍ୱସମ୍ପନ୍ନ, ଆତ୍ମନିର୍ଭରଶୀଳ ରାଷ୍ଟ୍ର ଭାବରେ ପ୍ରତିଷ୍ଠିତ କରିପାରିଛି ବୋଲି ସିଂ କହଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଯୁବ ନେତୃତ୍ୱ ସଂଗ୍ରାମ ମାର୍ଥା, ରାଣା ପ୍ରତାପ ପାତ୍ର, ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷ ନିରୁପମା ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ଓଡ଼ିଶାରେ ନଭିନାଉତ୍ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ

# ମର୍ଯ୍ୟାଦାର ସହ ଜୀବନଯାପନ କରିବେ ଦୃଷ୍ଟିବାଧିତ




**ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଆଜି ପୋଖରୀପୁଟସ୍ଥିତ ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ପ୍ରତିଷ୍ଠାନର ସମ୍ମିଳନୀ କକ୍ଷଠାରେ ଆଲିଆନ୍ ଇନୋଭେସନ୍ ଲିମିଟେଡ୍, ହାଇଦ୍ରାବାଦ ସହଯୋଗରେ ନଭିନାଉତ୍ ବଣ୍ଟନ ଶିବିର ଆୟୋଜିତ ହୋଇଛି। ଏହି ଶିବିରରେ ବିଭାଗର ନିର୍ଦ୍ଦେଶକ ନିୟତି ପଟ୍ଟନାୟକଙ୍କ ଦ୍ୱାରା ୬୦ ଜଣ ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ନଭିନାଉତ୍ ଉପକରଣ ପ୍ରଦାନ କରାଯାଇଛି। ଏହି ଅବସରରେ ଆଲିଆନ୍ ଇନୋଭେସନ୍ ଲିମିଟେଡ୍‌ରର ପ୍ରତିଷ୍ଠାତା ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରବି କିରଣ, ଅତିରିକ୍ତ ଶାସନ ସଚିବ ଭାସ୍କର ରାଇତୁ, ଉପଶାସନ ସଚିବ ସନ୍ନ୍ୟାସୀ କୁମାର ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଖୋର୍ଦ୍ଧା ଦିଲ୍ଲୀପ ହିଆଲଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦୃଷ୍ଟିବାଧିତ ବ୍ୟକ୍ତିମାନଙ୍କୁ ଉପକରଣଟିର ବ୍ୟବହାର ସମ୍ପର୍କରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଛି।

ସୂଚନାଯୋଗ୍ୟ ଯେ ନଭିନାଉତ୍ ଦୃଷ୍ଟିବାଧିତ ବ୍ୟକ୍ତିଙ୍କ ଚଳପ୍ରଚଳ ପାଇଁ ଏକ ସୁବିଧାଜନକ ଗତିଶୀଳତା ଉପକରଣ। ଧଳା ବାଡ଼ି ପରିବର୍ତ୍ତେ ଏହି ଉପକରଣ ବ୍ୟବହାର କରି ଦୃଷ୍ଟିବାଧିତମାନେ କାର୍ଯ୍ୟ କରିବା ସମୟରେ ପ୍ରତିବନ୍ଧକଗୁଡ଼ିକୁ ସହଜରେ ଚିହ୍ନଟ କରିପାରିବେ। ଗତିଶୀଳତା ଉପକରଣଟି ପୁନଃଚାର୍ଜ ହୋଇପାରୁଥିବା ବ୍ୟାଟେରୀଚାଳିତ ଯନ୍ତ୍ର ଓ ଏହା ଗୋଟିଏ ଚାର୍ଜରେ ପ୍ରାୟ ମାସେ ଧରି କାର୍ଯ୍ୟ କରିବ। ଜଭନାଉତ ଉପକରଣରେ ଲେଜର ପରିଚାଳିତ ଆଧୁନିକ ଲିଡାର (ଲିଡାର୍) ବୈଷୟିକ କୌଶଳ ବ୍ୟବହାର କରାଯାଇଛି। ଏହାଦ୍ୱାରା ବ୍ୟବହାରକାରୀ ପ୍ରତିବନ୍ଧକର ଦୂରତା ଓ ଉଚ୍ଚତାକୁ ସହଜରେ ଜାଣିପାରିବେ। ଦୃଷ୍ଟିବାଧିତଙ୍କୁ ସଶକ୍ତ କରିବା ସହ ସେମାନଙ୍କୁ ସ୍ୱାଧୀନ ବିଚରଣର ସୁବିଧା ଦେବା ସକାଶେ ପ୍ରସ୍ତୁତ ଏହି ଉପକରଣଟି ପୂର୍ବରୁ ତୁର୍କୀ, ସାଉଦି ଆରବ ଏବଂ ସାଉଥ୍ ଆଫ୍ରିକା ଭଳି ଦେଶରେ ଆଦୃତି ଲାଭ କରିଛି। ଭାରତରେ ମଧ୍ୟ ପୂର୍ବରୁ ତେଲେଙ୍ଗାନା, ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ଗୁଜରାଟ, ଛତିଶଗଡ଼ ଆଦି ରାଜ୍ୟରେ ଏହି ଉପକରଣ ବ୍ୟବହୃତ ହେଉଥିବା ବେଳେ ଆଜି ଓଡ଼ିଶାରେ ଏହାର ବ୍ୟବହାର ଆରମ୍ଭ ହୋଇଛି। ଅନ୍ୟ ଉପରେ ନିର୍ଭରଶୀଳ ନହୋଇ ଦୃଷ୍ଟିବାଧିତମାନେ ମର୍ଯ୍ୟାଦାର ସହ ଜୀବନଯାପନ କରିବା ଦିଗରେ ଏହି ଉପକରଣଟି ବେଶ ସହାୟକ ହେବ ବୋଲି ବିଭାଗ ପକ୍ଷରୁ ଆଶା ପ୍ରକାଶ ପାଇଛି।

# ନାଲି ବତୀ ଉପରେ ଲାଗିଲା କଟକଣା

**ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ):** ବିଭିନ୍ନ ବିଭାଗକୁ ପରିବହନ ବିଭାଗର କଡ଼ା ଚେତାବନୀ। ଅଧିକାରୀମାନେ ଗାଡ଼ିରେ ମନଇଚ୍ଛା ନାଲି କିମ୍ବା ବିଭିନ୍ନ ରଙ୍ଗର ବତୀ ଲଗାଇ ବୁଲି ପାରିବେନି । ଚିଠି ଲେଖି ବିଭିନ୍ନ ବିଭାଗକୁ ଏଭଳି ସତର୍କ କରାଇଛନ୍ତି ପରିବହନ ସଚିବ। ଚିଠିରେ କୁହାଯାଇଛି ଯେ ନାଲି ଓ ଅମ୍ବର ରଙ୍ଗର ବତୀ ଉପରେ ଲାଗିଛି ସମ୍ପୂର୍ଣ୍ଣ କଟକଣା। ପରିବହନ କମିଶନରଙ୍କ ଅନୁମତି ନେଇ ବିଭିନ୍ନ ଅଧିକାରୀମାନେ କେବଳ ବିଭିନ୍ନ ରଙ୍ଗ ବିଶିଷ୍ଟ ବତୀ ଲଗାଇପାରିବେ । ତେବେ ବର୍ତ୍ତମାନ ସୁଦ୍ଧା ଏଭଳି ବତୀ ଲଗାଇବା ପାଇଁ କେହି ବି ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟର ଅନୁମତି ନେଇ ନାହାନ୍ତି। କିନ୍ତୁ ଗାଡ଼ିରେ ବତୀ ଲଗାଇ ଅଧିକାରୀମାନେ ବୁଲୁଥିବାର ଅନେକ ଖବର ଗଣମାଧ୍ୟମରେ ପ୍ରକାଶ ପାଉଛି। ତେଣୁ ଯେଉଁମାନେ ଗାଡ଼ିରେ ବତି ଲଗାଇବାକୁ ଚାହୁଁଛନ୍ତି ସେମାନେ ଏସ୍‌ଟିଏରେ ଆବେଦନ କରି ଅନୁମତିମୂଳକ ଷ୍ଟିକର ନେବା ଲାଗି ଚିଠିରେ ଉଲ୍ଲେଖ କରିଛନ୍ତି ସଚିବ।

### ଶିଳ୍ପ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

# ପାରାଦୀପ ଓ ଭଦ୍ରକର ଆଇଓସିଏଲର କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ



**ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ):** ଓଡ଼ିଶାରେ ଔଦ୍ୟୋଗିକ ବିକାଶ ଓ ନିବେଶକୁ ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆଜି ସ୍ଥାନୀୟ ଖାରବେଳ ଭବନଠାରେ ଆଇଓସିଏଲ୍‌ର ପାରାଦୀପରେ ଡୁଆଲ୍ ଫିଡ୍ ନାପ୍ଥା କ୍ରାକର୍ ପ୍ଲାଣ୍ଟ ଓ ଭଦ୍ରକରେ ୟାର୍ନ ଉତ୍ପାଦନ ପ୍ରକଳ୍ପର ତ୍ୱରିତ କାର୍ଯ୍ୟାନ୍ୱୟନ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବୋଦୟ ଅର୍ଥାତ ଦେଶର ପୂର୍ବଭାଗରେ ଥିବା ରାଜ୍ୟଗୁଡିକର ପ୍ରଗତି ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଏହି ଦୁଇଟି ପ୍ରକଳ୍ପ ଦେଶ ତଥା ରାଜ୍ୟ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହି ପ୍ରକଳ୍ପଗୁଡିକୁ ନେଇ ରହିଥିବା ଜମି ଅଧିଗ୍ରହଣ ସମସ୍ୟାକୁ ଶୀଘ୍ର ସମାଧାନ କରାଯିବା ଦରକାର, ତା'ସହ ପ୍ରକଳ୍ପଗୁଡିକର ଶୀଘ୍ର କାର୍ଯ୍ୟାନ୍ୱୟନ ନେଇ ସ୍ପଷ୍ଟ ନିଷ୍ପତ୍ତି ନିଆଯିବା ସହ ବିଭିନ୍ନ ଅନୁମତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ଉଚିତ। ପ୍ରକଳ୍ପଗୁଡିକର ଶୀଘ୍ର ଆରମ୍ଭ ଓ ଏହାର ସଫଳତା ନିମନ୍ତେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଥିଲେ।

"ଏହି ଦୁଇ ପ୍ରକଳ୍ପ ଓଡ଼ିଶାର ଅର୍ଥନୀତିକୁ ଏକ ନୂତନ ଗତି ଦେବେ । ଏହି ଦୁଇ ପ୍ରକଳ୍ପ ରାଜ୍ୟ ପାଇଁ ଆଖିଦୃଶିଆ ନିବେଶ ଆଣିବେ, ବ୍ୟବସାୟର ପରିଧି ବଢ଼ାଇବେ ଓ ହଜାର ହଜାର ଯୁବକ-ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିକରିବେ । ଏହାସହ ଓଡ଼ିଶାକୁ ପୂର୍ବ ଭାରତର ଏକ ଅଗ୍ରଣୀ ଶିଳ୍ପ କେନ୍ଦ୍ରରୂପେ ପ୍ରତିଷ୍ଠିତ କରିବାରେ ସହଯୋଗ କରିବେ"ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆଶାବ୍ୟକ୍ତ କରିଛନ୍ତି । ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନଙ୍କ ସହ ସମନ୍ୱୟ ଏବଂ ତ୍ୱରିତ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ପୂର୍ବୋଦୟ ସ୍ୱପ୍ନକୁ ସାକାର କରିବାକୁ ହେଲେ ଆମକୁ ଏହି ଦୁଇଟି ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ପଡିବ। ବିଶେଷକରି, ଭଦ୍ରକର ୟାର୍ନ ଉତ୍ପାଦନ ପ୍ରକଳ୍ପ ରାଜ୍ୟର ବସ୍ତ୍ର ଉଦ୍ୟୋଗକୁ ପ୍ରୋତ୍ସାହିତ କରି ବଡ ପରିମାଣରେ ଅର୍ଥନୈତିକ ଅଭିବୃଦ୍ଧି କରିବାରେ ସହଯୋଗ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଆଇଓସିଏଲ୍, ଇଡ୍‌କୋ, ଇପିକଲ୍, ଓପିଟିସିଏଲ୍, ଟାଟା ପାୱାର୍, ଡ୍ରେଜିଂ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍‌ର ପ୍ରତିନିଧି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଓ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ, ଭଦ୍ରକ ଓ ଜଗତସିଂହପୁରର ଜିଲ୍ଲାପାଳ ଯୋଗଦେଇଥିଲେ।



ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର



# ସଙ୍ଗଠନକୁ ଅଣଦେଖା

ଓଡ଼ିଶା ପିସିସି ସଭାପତି ଭକ୍ତ ଚରଣ ଦାସ ରାଜ୍ୟ କମିଟି ପୁନର୍ଗଠନ କରିବା ପରେ ଏହାକୁ ନେଇ ଦଳରେ ଅସନ୍ତୋଷ ଦାନା ବାନ୍ଧୁଛି। କମିଟିରେ ଦଳର ପୁରୁଖା ନେତାଙ୍କୁ ସାମିଲ କରାଯାଇନାହିଁ। ଅନେକ ଯୁବ ନେତା ଏଥିରେ ସାମିଲ ହୋଇଛନ୍ତି। ଏହା ସ୍ୱାଗତଯୋଗ୍ୟ, ମାତ୍ର ଅଭିଜ୍ଞତାର ବିକଳ୍ପ କିଛି ନାହିଁ। ଦଳକୁ ଆଗକୁ ନେବାରେ ଯୁବ ନେତାଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ସେମାନଙ୍କୁ ମାର୍ଗ ଦର୍ଶନ କରିବ କିଏ? ବରିଷ୍ଠ ଏବଂ ଅଭିଜ୍ଞ ନେତାମାନେ ଏହି ଦାୟିତ୍ୱ ବହନ କରିବା ଉଚିତ। କିନ୍ତୁ ଏହା ସମ୍ଭବ ହେବ ସେତେବେଳେ ଯେତେବେଳେ ବରିଷ୍ଠ ନେତାଙ୍କୁ ଉପଯୁକ୍ତ ସମ୍ମାନ, ସ୍ୱୀକୃତି ଏବଂ ସ୍ଥାନ ମିଳିବ। ଯଦି ବରିଷ୍ଠଙ୍କ ଗୁରୁତ୍ୱ ନାହିଁ ତେବେ ମଲ୍ଲାକାର୍ଜୁନ ଖାର୍ଗେଙ୍କ ଭଳି ଜଣେ ବରିଷ୍ଠ ନେତାଙ୍କୁ କାହିଁକି ଏଆଇସିସି ସଭାପତି କରାଗଲା? ତାଙ୍କ ସ୍ଥାନରେ ସଚିନ ପାଇଲଟଙ୍କୁ ଏଆଇସିସି ସଭାପତି କରାଯାଇପାରିଥାଆନ୍ତା। ଏବେ ଭକ୍ତ କହିଛନ୍ତି ଯେ, ପିସିସିର ଶୀଘ୍ର ସମ୍ପ୍ରସାରଣ କରାଯିବ। ଅର୍ଥାତ କିଛି ବରିଷ୍ଠ ନେତାଙ୍କୁ ରାଜ୍ୟ କଂଗ୍ରେସ କମିଟିରେ ସାମିଲରେ କରାଯାଇପାରେ। ନଚେତ ଦଳର ସଙ୍ଗଠନ ଆଗକୁ ବଢ଼ିପାରିବ ନାହିଁ। କଂଗ୍ରେସ ଏକ ଜାତୀୟ ଦଳ ଏବଂ ଏହାର ରାଷ୍ଟ୍ରୀୟ ନେତା ହେଉଛନ୍ତି ମୁଖିଆ। ଯଦିଓ ଏବେ ମଲ୍ଲିକାର୍ଜୁନ କାର୍ଗେ ଆନୁଷ୍ଠାନିକ ଭାବେ ଦଳର ସଭାପତି ଅଛନ୍ତି, କିନ୍ତୁ ସେ କେବଳ ଜଣେ ଡମି ସଭାପତି। ଏହାକୁ କହନ୍ତି ଧର୍ମକୁ ଆଖିଠାର। ତାଙ୍କୁ ଆସନ ଅଳଙ୍କୃତ କରିବାକୁ କୁହାଯାଇଛି, କିନ୍ତୁ ନିଷ୍ପତ୍ତି ନେବାର କ୍ଷମତା ତାଙ୍କର ନାହିଁ। ଦଳ ସମ୍ପୂର୍ଣ୍ଣ ଭାବେ ଗାନ୍ଧି-ନେହରୁ ପରିବାର ଦ୍ୱାରା ନିୟନ୍ତ୍ରିତ ଏବଂ ଏହି ପରିବାରର ମାଲିକାନାରେ ରହିଛି। ସୋନିଆ, ରାହୁଲ, ପ୍ରିୟଙ୍କା ଏପରିକି ରବର୍ଟ ଭଦ୍ରା ଯାହା ନିଷ୍ପତ୍ତି ନେବେ ତାହା ହିଁ ଚୁଡ଼ାନ୍ତ। ସେମାନଙ୍କ ନିଷ୍ପତ୍ତିକୁ ଅଗ୍ରାହ୍ୟ କରିବାର ସାହସ କାହାର ନାହିଁ। ଯେମିତି ମନମୋହନ ସିଂହଙ୍କୁ ରାହୁଲ ନନସେନ୍ସ କହି ନିଜ ଶକ୍ତି ପ୍ରଦର୍ଶନ କରୁଥିଲେ, ସେମିତି ରାହୁଲଙ୍କ ଇଙ୍ଗିତରେ ଖାର୍ଗେ ପରିଚାଳିତ ହେଉଛନ୍ତି। ତାଙ୍କର ନିଜସ୍ୱ କର୍ତ୍ତୃତ୍ୱ କିଛି ନାହିଁ। କିନ୍ତୁ ନିର୍ବାଚନରେ କଂଗ୍ରେସ ବାରମ୍ବାର ପରାଜିତ ହେଉଥିଲେ ମଧ୍ୟ ଏଥିଲାଗି କଂଗ୍ରେସର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ରାହୁଲ ଗାନ୍ଧି ନିଜକୁ ଉତ୍ତରଦାୟୀ କରୁ ନାହାଁନ୍ତି। ନିର୍ବାଚନ ପରାଜୟ ନିମନ୍ତେ କଂଗ୍ରେସର ରାଜ୍ୟ ଏବଂ ଜିଲ୍ଲା ସଭାପତିମାନଙ୍କୁ ଦାୟୀ କରାଯାଇ ସେମାନଙ୍କୁ ପଦଚ୍ୟୁତ କରାଯାଉଛି। କିନ୍ତୁ ନିର୍ବାଚନୀ ବିଫଳତା ନିମନ୍ତେ କେବଳ ରାହୁଲ ହିଁ ଦାୟୀ। ତାଙ୍କୁ ଭାରତବାସୀ ଦେଶର ପ୍ରଧାନମନ୍ତ୍ରୀ ଭାବେ ଯୋଗ୍ୟ ବିବେଚନା କରୁ ନାହାଁନ୍ତି। ଏହାକୁ କଂଗ୍ରେସ ନେତାମାନେ ନବୁଝି ନିର୍ବାଚନ ବିଫଳତା ନିମନ୍ତେ ତଳିଆ ନେତା ବା ପ୍ରାର୍ଥୀଙ୍କୁ ଦାୟୀ କରୁଛନ୍ତି। ନିକଟରେ ଅହମ୍ମଦାବାଦରେ ଅନୁଷ୍ଠିତ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଦଳର ପୁନର୍ଗଠନ ଏବଂ ଏହାର ପୁନରୁଦ୍ଧାର ନିମନ୍ତେ କିଛି ମହତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁଯାୟୀ ତୃଣମୂଳ ସ୍ତରରୁ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରାଯିବ। ଦଳୀୟ ସଙ୍ଗଠନରେ ଆମୂଳଚୁଳ ପରିବର୍ତ୍ତନ କରାଯିବ। ଜିଲ୍ଲା କଂଗ୍ରେସ କମିଟିକୁ ସଙ୍ଗଠନକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ଡିସିସି ସଭାପତିମାନଙ୍କୁ ଅଧିକ କ୍ଷମତା ଏବଂ ଦାୟିତ୍ୱ ପ୍ରଦାନ କରାଯିବ। ଏହା ସହିତ ସେବାଦଳ ଭଳି ଦଳର ଛାମୁଆ ସଙ୍ଗଠନର ପୁନର୍ଗଠନ କରାଯିବ। ଅଧିକ ସଂଖ୍ୟାରେ ଯୁବକ, ମହିଳା, ଦଳିତ ଏବଂ ପଛୁଆ ବର୍ଗଙ୍କୁ ସଙ୍ଗଠନରେ ଗୁରୁତ୍ୱ ଦିଆଯିବ। ଦଳର ବରିଷ୍ଠ ନେତା ସଞ୍ଜୟ ଝା ବୈଠକରେ ୫ଟି ପ୍ରସ୍ତାବ ରଖିଛନ୍ତି। ପ୍ରସ୍ତାବରେ ସେବା ଦଳକୁ ସୁଦୃଢ଼ କରିବା, ଜିଲ୍ଲା ସ୍ତରରେ ସଙ୍ଗଠନକୁ ସକ୍ରିୟ କରାଇବା, ଦଳର ଏକ ଛାୟା କ୍ୟାବିନେଟ ଗଠନ ଆଦି ରହିଛି। ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କେ ସି ବେଣୁଗୋପାଳ କହିଛନ୍ତି ଯେ, ଆଗକୁ ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହିସବୁ ନିର୍ବାଚନରେ



କଂଗ୍ରେସ କିପରି ସଫଳତା ହାସଲ କରିପାରିବ ସେଥିଲାଗି ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରାଯିବ। ଦଳ ପ୍ରତି ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସ କିପରି ଫେରିବ, ସେଥିଲାଗି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଆରମ୍ଭ କରାଂଯିବ। ବିଭିନ୍ନ ସ୍ତରେ ସାରା ଦେଶରେ କଂଗ୍ରେସ ପକ୍ଷରୁ ପଦଯାତ୍ରା କରାଯାଇ ଜନସମ୍ପର୍କ ରକ୍ଷା କରାଯିବ। ସାମାଜିକ ନ୍ୟାୟ ପ୍ରତିଷ୍ଠା ହେଉଛି କଂଗ୍ରେସର ଚରମ ରାଜନୈତିକ ଲକ୍ଷ୍ୟ। ବିଜେପି ଓ ଆରଏସଏସ ଦେଶକୁ ଧର୍ମ ଭିତ୍ତିରେ ବିଭାଜିତ କରିବାକୁ ଉଦ୍ୟମ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ତେଣୁ ଏହାର ଜବାବ ଦେବାକୁ କଂଗ୍ରେସ ସମାଜର ସବୁ ବର୍ଗକୁ ଏକାଠି କରିବା ନିମନ୍ତେ ଉଦ୍ୟମ କରିବ। ଦେଶରେ ସଂଖ୍ୟାଲଘୁ ବର୍ଗଙ୍କ ଉପରେ ଅତ୍ୟାଚାର ବଢ଼ୁଛି ଏବଂ ସାମ୍ପ୍ରଦାୟିକ ଶକ୍ତି ସକ୍ରିୟ ଅଛନ୍ତି। ଏହାର ମୁକାବିଲା ସହ କଂଗ୍ରେସ ସାମ୍ପ୍ରଦାୟିକ ସଦଭାବ ରକ୍ଷାଲାଗି ଉଦ୍ୟମ କରିବ। ଏହା ସହିତ ବିଜେପିକୁ କ୍ଷମତାଚ୍ୟୁତ କରିବା ନିମନ୍ତେ ସମଭାବାପନ୍ନ ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ଦଳ ସହ କଂଗ୍ରେସ ହାତ ମିଳାଇବ ବୋଲି କହିଛି। ଉଲ୍ଲେଖ ଯୋଗ୍ୟ ଯେ, ଚଳିତ ବର୍ଷ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ କଂଗ୍ରେସ ସହଯୋଗୀ ଆରଜେଡି ଏବଂ ବାମପନ୍ଥୀ ଦଳମାନଙ୍କ ସହ ମେଣ୍ଟ ବା ଆସନ ବୁଝାମଣା କରି ଲଢ଼ିବ। ବିହାର ନିର୍ବାଚନରେ ନୀତିଶ କୁମାରଙ୍କୁ ପରାଜିତ କରିବା ହେଉଛି କଂଗ୍ରେସର ଚରମ ଲକ୍ଷ୍ୟ। ନୀତିଶ ନିର୍ବାଚନରେ ପରାଜିତ ହେଲେ କେନ୍ଦ୍ରରେ ଏନଡିଏ ସରକାର ଦୋହଲିଯିବ। ତେଣୁ କଂଗ୍ରେସ ନିଜ ସୀମିତ ଶକ୍ତିର ଉପଯୋଗ କରି ବିହାରରେ ଇଣ୍ଡିଆ ବ୍ଲକକୁ ପରାଜିତ କରିବା ଲକ୍ଷ୍ୟରେ ରହିଛି। ଲାଲୁଙ୍କ ଆରଜେଡି ବିହାରରେ ମୁଖ୍ୟ ବିରୋଧୀ ଦଳ। କିନ୍ତୁ ଲାଲୁ କଂଗ୍ରେସକୁ ଅଣଦେଖା କରୁଛନ୍ତି। କଂଗ୍ରେସ ସହ ହାତ ମିଳାଇ ଦଳ କ୍ଷତି ସହୁଛି ବୋଲି ଲାଲୁ ଅନେକ ଥର କହିଛନ୍ତି। କିନ୍ତୁ ତେଜସ୍ୱୀ ଯାଦବ କଂଗ୍ରେସ ସହ ବୁଝାମଣା ବଜାୟ ରଖିଛନ୍ତି। ବିହାରରେ କଂଗ୍ରେସ ଏକ ଦୁର୍ବଳ ଶକ୍ତି। ରାଜ୍ୟରେ ନିଜ ସ୍ଥିତି ବଜାୟ ରକପିବାକୁ କଂଗ୍ରେସ ଆରଜେଡିର ହାତ ଛାଡ଼ିବାକୁ ପ୍ରସ୍ତୁତ ନୁହେଁ ଏବଂ ଯେ କୋ÷ଣସି ସର୍ତ୍ତରେ ଏହା କଂଗ୍ରେସ ସହ ମେଣ୍ଟ ବଜାୟ ରଖିବାକୁ ପ୍ରସ୍ତୁତ। ସେହିପରି ଆସନ୍ତା ବର୍ଷ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ପଶ୍ଚିମବଙ୍ଗ ବିଧାନସଭା ପାଇଁ ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ ବିଜେପି, ଟିଏମସି ଏବଂ କଂଗ୍ରେସ-ବାମପନ୍ଥୀ ମେଣ୍ଟ ମଧ୍ୟରେ ତ୍ରିମୁଖୀ ମୁକାବିଲା ହେବ। ଏହି ଦୁଇଟି ବଡ଼ ରାଜ୍ୟରେ କଂଗ୍ରେସର ଶକ୍ତି ନଗଣ୍ୟ। ତେଣୁ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଯାଉଥିବା ବିଧାନସଭା ନିର୍ବାଚନରେ ଦଳର ସଫଳତା ଲାଗି ଯାହା ସବୁ ନିଷ୍ପତ୍ତି ନିଆଯାଇଛି ତାହା ଅର୍ଥହୀନ। ତେବେ କଂଗ୍ରେସକୁ ଆଗାମୀ ୫୦ ବର୍ଷ ପର୍ଯ୍ୟନ୍ତ ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ଆଜି ବିହାର ଓ ପଶ୍ଚିମବଙ୍ଗରେ କଂଗ୍ରେସ ଦୁର୍ବଳ ରହିଛି। କାଲି ସ୍ଥିତିରେ ପରିବର୍ତ୍ତନ ଆସିବ ନାହିଁ ବୋଲି କୁହାଯାଇପାରିବ ନାହିଁ। ଏଥିପାଇଁ କେବଳ ସାଙ୍ଗଠନିକ ସ୍ତରରେ ପରିବର୍ତ୍ତନ ନୁହେଁ, ରାଜ୍ୟ ସ୍ତରରେ ଦୃଢ଼ ନେତୃତ୍ୱର ଆବଶ୍ୟକତା ରହିଛି। ବିହାର ଓ ପଶ୍ଚିମବଙ୍ଗରେ କଂଗ୍ରେସର ଏପରି କେହି ନେତା ନାହାଁନ୍ତି ଯାହା ଉପରେ ଭରସା କରି ଲୋକେ କଂଗ୍ରେସକୁ ଭୋଟ ଦେବେ। ତେଣୁ କଂଗ୍ରେସ ସାଙ୍ଗଠନିକ ପୁନର୍ଗଠନ ସହ ନୂଆ ନେତୃତ୍ୱ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିବା ଉଚିତ। ନଚେତ କେବଳ ସୋନିଆ, ରାହୁଲ ଏବଂ ପ୍ରିୟଙ୍କାଙ୍କ ଉପରେ ଭରସା କରି କଂଗ୍ରେସ ଆଗକୁ ବଢ଼ିପାରିବ ନାହିଁ। ଯଦି କଂଗ୍ରେସକୁ ଆଗକୁ ବଢ଼ିବାର ଅଛି ଏବଂ ଏକ ଦୃଢ଼ ରାଜନୈତିକ ଶକ୍ତି ଭାବେ ନିଜକୁ ପ୍ରମାଣିତ କରିବାର ଅଛି, ତେବେ ଦଳକୁ ଗୋଟିଏ ପରିବାରର ମାଲିକାନାରୁ ବାହାରିବାକୁ ପଡ଼ିବ। ଦଳରେ ଚାଟୁକାରଙ୍କୁ ନଗଣ୍ୟ କରି ପ୍ରକୃତ ଯୋଗ୍ୟ ଏବଂ ନିଷ୍ଠାପର କର୍ମୀଙ୍କୁ ଦାୟିତ୍ୱ ଦେବାକୁ ପଡ଼ିବ। ଦଳ କୌଣସି ବ୍ୟକ୍ତି ଉପରେ ନିର୍ଭରଶୀଳ ନହୋଇ ନୀତି, ଆଦର୍ଶ ଏବଂ କାର୍ଯ୍ୟକ୍ରମ ଉପରେ ଆଧାରିତ ହେବା ଉଚିତ। ସଂରକ୍ଷଣ, ତୁଷ୍ଟିକରଣ ନୀତିକୁ ପରିତ୍ୟାଗ କରି ଆଧୁନିକ ଚିନ୍ତାଧାରାକୁ ଆପଣାଇବାକୁ ପଡ଼ିବ। ଦଳରେ ନୂଆ ନେତା ସୃଷ୍ଟିକରିବାକୁ ପଡିବ। କଂଗ୍ରେସ ଜିତିଲେ କେବଳ ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀ ହେବେ , ଆଉ କେହି ଯୋଗ୍ୟ ବ୍ୟକ୍ତି ନାହାଁନ୍ତି ସେଭଳି ଚିନ୍ତାଧାରାକୁ ବାହାର ନକଲେ କଂଗ୍ରେସ କେବେ ଲୋକସଭାରେ ୧୦୦ରୁ ଅଧିକ ଆସନ ପାଇପାରିବ ନାହିଁ। କଂଗ୍ରେସ ମୌ÷ଳିକ ସମସ୍ୟାକୁ ଦୂର ନକରି ଖାଲି ତଳ ସ୍ତରରେ କର୍ମୀଙ୍କ ମୁଣ୍ଡରେ ସବୁ ଦୋଷ ଲଦିବା ଅନୁଚିତ। ଜିଲ୍ଲା ସ୍ତରରେ ସଙ୍ଗଠନର କୌଣସି ଗୁରୁତ୍ୱ ନାହିଁ। ଏହାକୁ ଯେତେ ମାଜିଲେ ବି ଦିଲ୍ଲୀରେ ବସିଥିବାର ନେତା ଯଦି ପସନ୍ଦ ଯୋଗ୍ୟ ନହେବ ତେବେ ଦଳ ସିଧା ଠିଆ ହୋଇପାରିବ ନାହିଁ।

# କୀର୍ତ୍ତନ କରିବା କାହିଁକି ?



## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଭାରତ ହେଉଛି ଋଷି, ମୁନିଙ୍କ ଦେଶ। ତତପ୍ରଣୀତ ବେଦ, ବେଦାନ୍ତ, ଉପନିଷଦ ଓ ପୁରାଣ ପ୍ରଭୃତି ଶୃଙ୍ଖଳିତ ଜୀବନ ଯାତ୍ରାର ଯଥାର୍ଥ ନିଦର୍ଶନ କହିଲେ - ସତ୍ୟର ଅପଳାପ ହେବ ନାହିଁ। ଯାହାକୁ ବିଶ୍ୱ ସମୁଦାୟ ଅନୁକରଣ ପୂର୍ବକ ଭାରତର ପ୍ରଶଂସାଗାନ କରିବାରେ ଶତମୁଖର ହୋଇଛନ୍ତି। ତେଣୁ ପଦ୍ମ ପୁରାଣରେ କୁହାଯାଇଛି 'ବର୍ଷାଣାଂ ଭାରତ ଶ୍ରେଷ୍ଠଃ, ଦେଶାନା ଉତ୍କଳ ସ୍ମୃତମ୍, ଉତ୍କଳସ୍ୟ ସମାଦେଶଃ, ପୁତ୍ରନାସ୍ତି ମହାତଳେ।" ଭଗବାନଙ୍କ ପାଖରେ ଭକ୍ତି କରିବାର ମାର୍ଗ ହେଉଛି ନଅ ପ୍ରକାର। ଶ୍ରୀମଦ ଭାଗବତରେ ଭଗବାନ ବେଦବ୍ୟାସ ପ୍ରତିପାଦନ କରନ୍ତି - 'ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ' ସ୍ମରଣଂ ପାଦ ସେବନମ୍, ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ ସଖ୍ୟଂ ଆତ୍ମନିବେଦନମ୍। ଉପରୋକ୍ତ ନଅଟି କଥାକୁ କୁହାଯାଏ ନବଧାଭକ୍ତି। ଯଥା ଭଗବାନ୍‌ଙ୍କ ଗୁଣସବୁ ଶ୍ରବଣ କରିବା, ନାମ ସ୍ମରଣ, ପାଦ ସେବନ, ପୂଜନ, ବନ୍ଦନ, ଦାସ୍ୟ, ସଖ୍ୟ ଓ ଆତ୍ମସମର୍ପଣ। ଦ୍ୱିତୀୟ ପର୍ଯ୍ୟାୟ ଭକ୍ତି ହେଲା କୀର୍ତ୍ତନ କରିବା।

ଭଗବାନଙ୍କ ସାନ୍ନିଧ୍ୟ ଲାଭ କରିବା ପାଇଁ ଭଜନ, କୀର୍ତ୍ତନ ଆଦି କରିବାର ବିଧି ପ୍ରଚଳିତ। ଭକ୍ତି ଓ ନିଷ୍ଠାର ସହିତ ଭଗବାନଙ୍କ ନାମ ସଂକୀର୍ତ୍ତନ କଲେ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ମଣିଷ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମରେ ସଂକୀର୍ତ୍ତନ କରାଯିବାର ପରମ୍ପରା ରହିଛି। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସମ୍ପର୍କର ସେତୁ ସୃଷ୍ଟି କରିବାର ମାଧ୍ୟମ ହେଉଛି ସଂକୀର୍ତ୍ତନ। ଏଥିରେ ସ୍ୱର, ତାଳ, ଲୟ ଆଦିକୁ ଗୁରୁତ୍ୱ ଦିଆଯାଇଥାଏ। ସଂକୀର୍ତ୍ତନ ପରିବେଷଣ ସମୟରେ ଗାୟକ, ବାଦକ ଓ ଦର୍ଶକ ସମସ୍ତେ ଭକ୍ତି ଭାବରେ ନିମଜ୍ଜିତ ହୋଇ ଉଠନ୍ତି। ବ୍ୟକ୍ତି, ଗୋଷ୍ଠୀ ଓ ସମାଜ ଉପରେ ଏହାର ଗଭୀର ପ୍ରଭାବ ପଡ଼େ।

ଉତ୍କଳୀୟ ପରମ୍ପରା ଓ ସଂସ୍କୃତିରେ ସଂକୀର୍ତ୍ତନ ବେଶ୍ ମହତ୍ୱପୂର୍ଣ୍ଣ। ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ ପରେ ସାରା ରାଜ୍ୟରେ ସଂକୀର୍ତ୍ତନର ବ୍ୟାପକ ପ୍ରଚାର ପ୍ରସାର ହୋଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ମଧ୍ୟ ସଂକୀର୍ତ୍ତନ ଓତଃପ୍ରୋତ ଭାବେ ଜଡ଼ିତ। ଜନୈକ ଭକ୍ତ କଥା ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ କହିଲେ - ଅନେକ ଲୋକ ଅନ୍ୟ ପାଇଁ କିଛି କରନ୍ତି ନାହିଁ କେବଳ ଖୋଳ - କରତାଳ ନେଇ ହରିନାମ କରି ଘୂରି ବୁଲନ୍ତି। ଏଥିରେ କ'ଣ କୌଣସି କାର୍ଯ୍ୟ ହୁଏ? ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଖୋଳ - କରତାଳ ନେଇ ହରିନାମ କରୁ କରୁ କେତେ ଲୋକ ଗୁରୁନିଷ୍ଠା ଭିତର ଦେଇ ତିଆରି ହୋଇଯାନ୍ତି। କୀର୍ତ୍ତନ କରିବା ମାନେ ଗୀତ ଗାଇବା ଭିତର ଦେଇ ଭଗବାନଙ୍କ ନାମ କରିବା ଏବଂ ତାହା ଲୋକଙ୍କ ମଧ୍ୟରେ ପ୍ରଚାର କରିବା। ମହାପ୍ରଭୁ ଗୌରାଙ୍ଗ ଦେବ ଏହା ବିଶେଷ କରି ପ୍ରଚଳନ କରିଥିଲେ। ଏହା ଭିତର ଦେଇ ଭଲ ମଣିଷ ବାହାରି ପଡ଼ନ୍ତି। ସମସ୍ତେ ଏକ ଭାବ ନେଇ ଚାଲନ୍ତି ନାହିଁ, ସତ୍ ଉଦ୍ଦେଶ୍ୟ ନେଇ, ସତ୍ କୌଣସି କିଛି ଯେଉଁମାନେ କରନ୍ତି, ସେମାନଙ୍କ ସମ୍ବନ୍ଧରେ କୌଣସି ବିରୂପ ସମାଲୋଚନା କରିବା ଠିକ୍ ନୁହେଁ ବରଂ ଉତ୍ସାହ ଦେବାକୁ ହୁଏ।

ଭକ୍ତ ଓ ଭଗବାନଙ୍କ ସମ୍ପର୍କ ଅପୂର୍ବ। ଭଗବାନ ନାମ ଜପରେ ଭକ୍ତ ପାଆନ୍ତି ଅପାର ଆନନ୍ଦ ଓ ଶାନ୍ତି। ଭାରତୀୟ ସଂସ୍କୃତିରେ ନାମ ସଂକୀର୍ତ୍ତନ ପରମ୍ପରା ବହୁ ପ୍ରାଚୀନ। ସଂକୀର୍ତ୍ତନ ହେଉଛି ଏକ ଭକ୍ତିରସାଶ୍ରିତ କଳା। ଓଡ଼ିଶାର ସହର ହେଉ କି ପୁରପଲ୍ଲୀ, ଏବେ ବି ବିଭିନ୍ନ ସମୟରେ ସଂକୀର୍ତ୍ତନରେ ମୁଖରିତ



ହୋଇଉଠେ ପରିବେଶ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଗଭୀର ପ୍ରତ୍ୟୟ ସହିତ କହିଲେ - ସାରାଦିନ କାମ କରିବ, ସନ୍ଧ୍ୟା ହେଲେ ଠାକୁରଙ୍କ ପାଖରେ ଆସି ଜ୍ୱାଳା-ଯନ୍ତ୍ରଣା ସବୁ ଭସାଇ ଦେଇ ନାମ କରିବ, ତୁମ୍ଭେମାନେ ମୁକ୍ତ ଆତ୍ମା। ଦେଖ, ଏହି କୀର୍ତ୍ତନ ମାଧ୍ୟମରେ ତୁମ୍ଭମାନଙ୍କର ସମସ୍ତ ଭଲ ପାଇବ। ବିଶ୍ୱ ଚରାଚର ପରିବ୍ୟାପ୍ତ ହେବ। ସମସ୍ତଙ୍କୁ ଭଲ ପାଇବ। ମୁଁ ସବୁ ନେବି। ତୁମ୍ଭମାନଙ୍କ ଯେତେ ଜ୍ୱାଳା ଯନ୍ତ୍ରଣା ଅଛି, ଯେତେ ପାପ ତାପ ଅଛି, ସବୁ ମୋ ମଥାରେ ଚାପି ଦିଅ, ହସ, ହସ, ନାମ କୀର୍ତ୍ତନରେ, ତୁମ୍ଭମାନଙ୍କର ମୁଁ ଅଛି। ଦେଖ, ସଂସାର କ'ଣ? ସଂସାର କାହାର? ସଂସାର ତୋର। ତୁମେ କିଏ - ସଚ୍ଚିଦାନନ୍ଦ ବ୍ରହ୍ମ ପୁରୁଷ। ତୁମର ପୁଣି ସଂସାର କଣ? ତୁମେ ଯାହା ଇଚ୍ଛା କରିବ ତାହା ହେବ, ତୁମ୍ଭମାନଙ୍କର ଭୟ କିଛି ନାହିଁ, ଏକମାତ୍ର ସହାୟ ସତ୍‌ନାମ। ତୁମ୍ଭମାନଙ୍କ ସମସ୍ତଙ୍କ ଆତ୍ମାରେ ମୁଁ ବିଦ୍ୟମାନ, ମୁଁ ସମସ୍ତଙ୍କ ଆତ୍ମା, ମୁଁ ପରମବ୍ରହ୍ମ। ମୋର ସମସ୍ତ ଇଚ୍ଛା ତୁମ୍ଭମାନଙ୍କ ଭିତରେ ଦେଇ ଦେଇଛି। ବର୍ତ୍ତମାନ ଇଚ୍ଛା ତୁମ୍ଭମାନଙ୍କର। ଟିକିଏ ସ୍ଥାନ ଦିଅ, ମୁଁ ତୁମ୍ଭମାନଙ୍କ ସମସ୍ତ ପାପକୁ ଚୂର୍ଣ୍ଣ କରିଦେବି। ତୁମ୍ଭେମାନେ ସିଂହ ଶିଶୁ, ଗୋଟିଏ ଗୋଟିଏକୁ ଧରି ଚୋବାଇ ଚୋବାଇ ଉଦରସ୍ଥ କରି ସବୁ ପାପ ତାପ ଲୟ କରି ଦେବ। ତୁମ୍ଭମାନଙ୍କର କେହି ପ୍ରତିଦ୍ୱନ୍ଦୀ ନାହିଁ, ତୁମ୍ଭେମାନେ ମହାପୁରୁଷ। ଏହି ଦେଖ, ପୁଣି ସେହି ପ୍ରତିଧ୍ୱନି, ଥରେ ହୋଇଥିଲି, ପୁଣି ଆକାଶ କମ୍ପାଇ, ନଦୀ କମ୍ପାଇ, ସାଗର କମ୍ପାଇ ପ୍ରତିଧ୍ୱନି ହେଉଛି- ଅହଂଃ ତ୍ୱାଂ ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ।

ଏହି ସଚରାଚର ବିଶ୍ୱବ୍ରହ୍ମାଣ୍ଡ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କର ସୃଷ୍ଟି ଅଟେ। ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷ। ସେ ନିଜ ଭିତରେ ଈଶ୍ୱର ଅନୁଭବ କରି ଶେଷରେ ତାଙ୍କ ଭିତରେ ଲୀନ ହୋଇଯିବାର ଇଚ୍ଛା ରଖେ। ଏଥିପାଇଁ ସେ ନାନା ଉପାୟ ଅବଲମ୍ବନ କରେ। ସେଥିମଧ୍ୟରୁ ଭକ୍ତି ମାର୍ଗ ହେଉଛି ଶ୍ରେଷ୍ଠ ମାର୍ଗ। ଶ୍ରୀନାରଦ ଭକ୍ତି ସୂତ୍ର ଅନୁସାରେ ଭଜନ, କୀର୍ତ୍ତନ ମାଧ୍ୟମରେ ହୃଦୟରେ ଭକ୍ତି ଜାଗ୍ରତ ହୁଏ। ନିରନ୍ତର ଭଜନ କଲେ ଚିତ୍ତର ବିଷୟାବେଶ ଓ ବିଷୟସଙ୍ଗ ତ୍ୟାଗ ହୋଇଯାଏ। ଭକ୍ତିର ପ୍ରଭାବ ପ୍ରକଟନ ସମ୍ବନ୍ଧରେ କୌଣସି ବିଧିର ଅପେକ୍ଷା ନାହିଁ। ଭକ୍ତି ସାଧାରଣତଃ ନଅ ପ୍ରକାର। ଯଥା - ଶ୍ରବଣ, କୀର୍ତ୍ତନ, ସ୍ମରଣ, ପଦସେବା, ଅର୍ଚ୍ଚନା, ବନ୍ଦନା, ଦାସ୍ୟଭାବ, ସଖାଭାବ ଓ ଆତ୍ମନିବେଦନ। ବ୍ୟକ୍ତି ବିଶେଷଙ୍କ ଏକ ଦଳ ମିଳିତ ଭାବରେ ଭଗବାନଙ୍କୁ ସ୍ମରଣ, ବନ୍ଦନ, ଆତ୍ମନିବେଦନ କରିବାର ବିଧିକୁ କୀର୍ତ୍ତନ କୁହାଯାଏ। କାୟ-ମନ-ବାକ୍ୟରେ ତାଳି, କୋଳ, କରତାଳ ବଜାଇ ଏକାଠି ବସି ନୃତ୍ୟ କରି ଅଥବା ପଦବ୍ରଜ କରି ଈଶ୍ୱରଙ୍କ ଅହରହ ସ୍ମରଣ ହେଉଛି ସଂକୀର୍ତ୍ତନ। ସମସ୍ତ ଲୋକକଳା ମଧ୍ୟରୁ ନାମ ସଂକୀର୍ତ୍ତନ ହେଉଛି ଶ୍ରେଷ୍ଠ ଲୋକକଳା। କାରଣ ସମସ୍ତ ଲୋକକଳା ମଧ୍ୟରୁ କେବଳ ନାମ ସଂକୀର୍ତ୍ତନ ପୁରାଣରେ ବର୍ଣ୍ଣନା କରାଯାଇଛି। ମହାପୁରୁଷ ଶ୍ରୀଜଗନ୍ନାଥ ଦାସଙ୍କ କୃତ ଶ୍ରୀମଦ ଭାଗବତରେ ସୁନ୍ଦର ନବାକ୍ଷରୀ ଛାନ୍ଦରେ ଲେଖାଅଛି - 'କଳି କଳୁଷ ନିବାରଣ, କେବଳ ନାମ ସଂକୀର୍ତ୍ତନ। କୃଷ୍ଣ ମୂରତି ଭଗବାନ, କେବଳ ନାମ ସଂକୀର୍ତ୍ତନ।' ଯେଉଁଠି ନାମ ହୁଏ ସେହି ସ୍ଥାନରେ ପରମବ୍ରହ୍ମ ନାରାୟଣ ବିରାଜମାନ କରନ୍ତି। ସେ ସ୍ଥାନ ପାଲଟି ଯାଏ ବୈକୁଣ୍ଠପୁର। ନାମ ହିଁ ପରମ ଧର୍ମ, ନାମ ହିଁ ପରମ ତପ। ନାମ ହିଁ ପରମ ବନ୍ଧୁ। ନାମ ଠାରୁ ଶ୍ରେଷ୍ଠ ପଦାର୍ଥ ସଂସାରରେ କିଛି ନାହିଁ। ନାମ ଓ ନାମୀ ଅଭେଦ।
ଭଗବାନ ଶ୍ରୀକୃଷ୍ଣ କହିଲେ -
"ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗୀନାଂ-ହୃଦୟେ ନ ଚଃ
ମଦ୍ ଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦଃ।"

**ସହ-ପ୍ରତିରଦ୍ଧିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ**
**ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋବାଇଲ୍: ୯୪୩୭୦୫୧୯୫୭**

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ



## ପଙ୍କଜ କୁମାର ପାଣିଗ୍ରାହୀ

ଆମ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ନବୀକରଣ କହିଲେ ଅତ୍ୟୁକ୍ତି ହେବନାହିଁ ଯାହା ଏହି କିଛି ମାସ ହେବ କରାଯାଇ ଅଛି। କିଂନ୍ତୁ ସେହି ନୂତନ ଢାଞ୍ଚାର ପ୍ରଭାବ କିଛି ଅଛି ନା ଏହା କେବଳ ଦର୍ଶନୀ, ବୁଝିବା କଷ୍ଟ ହୋଇ ପଡୁଛି ଆମ ପାଖରେ ! କାରଣ ସମଗ୍ର ସାଢେ ଚାରି କୋଟି ରାଜ୍ୟବାସୀ ଦେଖୁଛନ୍ତି, ବୁଝୁଛନ୍ତି ଯେ ପୀଡିତ, ପୀଡ଼ିତାଙ୍କ ସମସ୍ୟା ସମାଧାନ କରୁଛନ୍ତି ଆମ ସ୍ୱଚ୍ଛ ଉଦାରଶୀଳ ମାନ୍ୟବର ମୁଖ୍ୟମନ୍ତ୍ରୀ। ସମସ୍ତେ କିଂନ୍ତୁ ସେଠାକୁ ଯାଇ ଅଭିଯୋଗ କରିବା ସମ୍ଭବ ହେବ ନାହିଁ। ଗୋଟିଏ ଥରରେ ୧୦୦୦ ଲେଖାଏଁ ମୋଟ ହୁଏତ ୨୫୦୦୦୦ ଲୋକଙ୍କ ଗୁହାରି କେବଳ ଶୁଣି ପାରିବେ ମାନ୍ୟବର ମୁଖ୍ୟମନ୍ତ୍ରୀ ଯଦି ଏହା ତାଙ୍କର କାର୍ଯ୍ୟକାଳ ୫ ବର୍ଷ ପର୍ଯ୍ୟନ୍ତ ଚାଲେ। କିଂନ୍ତୁ କାହାର ସମସ୍ୟା ସମାଧାନ ହେଉଛି କି ନାହିଁ ସେସବୁ ଜାଣିବା ସମଗ୍ର ସାଢେ ଚାରି କୋଟି ରାଜ୍ୟବାସୀଙ୍କ ନିକଟରେ ସମ୍ଭବ ହେବନାହିଁ। ତଥାପି ସମସ୍ତେ ବୁଝୁଛନ୍ତି ଯେ ଆମ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣୁଛନ୍ତି ଯାହା ପୂର୍ବ ସରକାରରେ ହେଉନଥିଲା। ଏହି ପ୍ରସଙ୍ଗରେ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଉପରେ ଏକ ବିଶେଷ ଉପସ୍ଥାପନା...

ମହାଶୟ ଆପଣମାନେ ସମସ୍ତଙ୍କୁ ଏଠାରେ କହିବା ଆବଶ୍ୟକ ନୁହେଁ ବରଂ ସମସ୍ତଙ୍କୁ ଗୋଚର ଅଛି ଯେ ଆଜିକୁ ପ୍ରାୟ ଦୁଇ ଦଶନ୍ଧିରୁ ଊର୍ଦ୍ଧ ସମୟ ଧରି ଆମ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସମ୍ପୂର୍ଣ୍ଣ ନିରବ / ସ୍ଥାଣୁ ଅବସ୍ଥାରେ ରହି ଆସୁଥିଲା। ଏହା ସମସ୍ତେ ଜାଣନ୍ତି। ମୁଁ ମଧ ଥରେ ଦୁଇଥର ଯାଇ ଦେଖିଛି ଯେ ମୁଖ୍ୟମନ୍ତ୍ରୀ କ'ଣ, କୌଣସି ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ମଧ ସେଠାରେ ଦେଖିବାକୁ ମିଳୁନଥିଲେ ! କେବଳ କିଛି ସରକାରୀ କର୍ମକର୍ତ୍ତା କାର୍ଯ୍ୟାଳୟଟିକୁ ଚଳଚଂଚଳ କରି ରଖିଥିଲେ ଯେଉଁଠି କୌଣସି କାର୍ଯ୍ୟ କରାଯାଉ ନଥିଲା। ଅତ୍ୟନ୍ତ ଆନନ୍ଦର ବିଷୟ ଯେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମାନ୍ୟବର ମୋହନ ଚରଣ ମଝି ଏହି ବିଷୟକୁ ଅତ୍ୟନ୍ତ ଗମ୍ଭୀର ଭାବେ ନେଇଛନ୍ତି। ଏବଂ ସେ ରାଜ୍ୟର ସେହି ଅଭିଯୋଗ ପ୍ରକୋଷ୍ଠଟିକୁ ସକ୍ରିୟ ଚଳଚଂଚଳ କରି କାର୍ଯ୍ୟ ମଧ କରୁଛନ୍ତି। ଅନେକ ପୀଡିତ, ପୀଡିତା ନିଜ ନିଜ ଅଭିଯୋଗ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଖରେ ଉପସ୍ଥାପନ କରୁଥିବା ମଧ କୌଣସି ଅଲୌକିକ ଭାଷଣ ନୁହେଁ ବରଂ ସମ୍ପୂର୍ଣ୍ଣ ସତ୍ୟ। କିଂନ୍ତୁ ଅଭିଯୋଗକାରୀଙ୍କ ସମସ୍ୟା ସମାଧାନ ହେଉଛି କି ନାହିଁ ତାହା ସମ୍ପୂର୍ଣ୍ଣ ସ୍ତରରେ ସାର୍ବଜନୀନ ହୋଇ ପାରୁନାହିଁ କିମ୍ବା ତାହା ମଧ ସମ୍ପୂର୍ଣ୍ଣ ରୂପେ କରିବା ସମ୍ଭବ ନୁହେଁ। ହେଲେ ଅଭିଯୋଗ ଗୁଡିକ ବାସ୍ତବରେ କେତେଦୂର ସଫଳ କାର୍ଯ୍ୟକାରୀ ହେଉଛି ତାରି ଉପରେ ସମଗ୍ର ରାଜ୍ୟବାସୀ ନଜର ରଖିଥିବା ବେଳେ ମୋର ଏକ ବ୍ୟକ୍ତିଗତ ଅନୁଭୂତିକୁ ପରିବେଷଣ କରି ଆପଣ ମାନଙ୍କ ମତାମତ ଆବଶ୍ୟକ କରୁଛି ଏଠାରେ। ପୂର୍ବରୁ ସମ୍ପୂର୍ଣ୍ଣ ଅଚଳ ରହିଥିବା ସେହି ଅଭିଯୋଗ ପ୍ରକୋଷ୍ଠ ଏବଂ ବର୍ତ୍ତମାନର ଚଳଚଞ୍ଚଳତା ମଧ୍ୟରେ ପ୍ରଭେଦ କ'ଣ ରହିଛି ବିଚାର କରି ଦେଖିବେ ଆପଣ। ମାନ୍ୟବର ମୁଖ୍ୟମନ୍ତ୍ରୀ ମଧ ଏହି ପ୍ରସଙ୍ଗକୁ କେମିତି ଦେଖୁଛନ୍ତି, ଦେଖିବେ ତାହା ଆମେ ଦେଖିବା ବାକି ରହିଛି ଭବିଷ୍ୟତରେ।

ମୋର ଏକ ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗୋଟିଏ ପ୍ରସଙ୍ଗକୁ ନେଇ ଉପସ୍ଥାପନ କରିଥିଲି ଯାହା ସମ୍ପୃକ୍ତ ଅଭିଯୁକ୍ତ ଅଧିକାରୀଙ୍କ ପାଖକୁ ପ୍ରେରଣ କରିଦିଆଗଲା ଏବଂ ସମ୍ପୃକ୍ତ ଅଭିଯୁକ୍ତ ଅଧିକାରୀ ମୋର ଅଜ୍ଞାତରେ / କୌଣସି ତଦନ୍ତ ନକରି ମୋ ବିରୁଦ୍ଧରେ ବ୍ୟାପକ ମିଥ୍ୟା ତଥ୍ୟ ଦେଇ ଆମ ମୁଖ୍ୟମନ୍ତ୍ରିଙ୍କ ମୁହଁକୁ କଳା କରିବାରେ ସକ୍ଷମ ହୋଇପାରିଲେ। ଏବଂ ମୋତେ ଯେତିକି କଷ୍ଟ ଦେଇଥିଲେ ତାଠାରୁ ଯଥେଷ୍ଟ ଅଧିକ କଷ୍ଟ ଦେଇ ମୃତ ସମାନ ସ୍ତରରେ ଆଣି ପହଂଚାଇ ଦେଇପାରିଲେ ବିଭିନ୍ନ ସ୍ତରରେ ମିଥ୍ୟା ତଥ୍ୟ ଦେଇ ! ତା'ପରେ ମୋର ଧର୍ମପତ୍ନୀ ସମ୍ପୃକ୍ତ ବିଭାଗୀୟ ଶାସନ ସଚିବଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିବା ପରେ ମଧ ତାହାର ସ୍ଥିତି କ'ଣ ରହିଛି ଅନ୍ୟୁନ ୪ ମାସ ହେବ ଏପର୍ଯ୍ୟନ୍ତ ତାଙ୍କୁ କିଛି କୁହାଯାଇ ନାହିଁ କିମ୍ବା କୌଣସି ତଦନ୍ତ କରାଯାଇ ନାହିଁ ! କିଂନ୍ତୁ କୌଣସି ସୂତ୍ରରୁ ଖବର ମିଳିଛି ଯେ ତା ଉପରେ ମଧ ସମ୍ପୃକ୍ତ ଅଧିକାରୀ କେବଳ ନିଜ ସ୍ତରରେ ବିଭିନ୍ନ ମିଥ୍ୟା ତଥ୍ୟ ପ୍ରସ୍ତୁତ କରି ଉଚ୍ଚାଧିକାରୀଙ୍କୁ ପ୍ରଦାନ କରିଛନ୍ତି ଯେଉଁଥିରେ ସରକାରୀ କଳ ସନ୍ତୁଷ୍ଟ ! ଅଭିଯୋଗକାରୀ କିଂନ୍ତୁ ଆଶାତୀତ ଯନ୍ତ୍ରଣାଦାୟୀ ଅବସ୍ଥାରେ ରହିଛନ୍ତି ଏପର୍ଯ୍ୟନ୍ତ।

ପୁନର୍ବାର ମୋର ଏକ ପଟ୍ଟା ଜମିକୁ ଚିହ୍ନଟ କରି ଦେବାରେ ବିଫଳ ଛତ୍ରପୁର ତହସିଲଦାରଙ୍କ ନିଷ୍କ୍ରିୟତା ଉପରେ ଅଭିଯୋଗ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁଁ ଉପସ୍ଥିତ ହେଲି ଡ଼ିସେମ୍ବର ୩୦. ୨୦୨୪ରେ। ସେହିଦିନ ସମ୍ପୃକ୍ତ ଅଭିଯୋଗଟି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଉପରେ ଏକ ଅଭିଯୋଗ ପତ୍ର ମଧ ଦାଖଲ କଲି। ଦୁର୍ଭାଗ୍ୟକୁ ମୁଖ୍ୟମନ୍ତ୍ରୀଙ୍କ ସହିତ ସାକ୍ଷାତ କରିବାରୁ ବଂଚିତ ରହି କେହି ଜଣେ ପଦସ୍ଥ ଅଧିକାରୀଙ୍କୁ ଦେଇଥିବା ସେହି ଅଭିଯୋଗ ଉପରେ ସେ ମତ ରଖିଲେ ଯେ ମହାଶୟ ଆପଣ ଯାହା ଚାହୁଁଛନ୍ତି ସେମିତି କେବେ ହେବା ସମ୍ଭବ ନୁହେଁ।

ଜୀବନରେ କେବେହେଲେ କୌଣସି ଅସାମାଜିକ, ଅମାନବୀୟ, ସ୍ୱାର୍ଥବାଦୀ କାର୍ଯ୍ୟ କରିନଥିବା ଜଣେ ମଣିଷ କ'ଣ ଚାହୁଁଛି ଯେ ତାହା ହେବନାହିଁ ମୁଁ ସେଠାରେ ବୁଝି ପାରିନଥିଲି ! କିଂନ୍ତୁ ତାଙ୍କର ସେହି କଥାକୁ ଦୋହରାଇ ଦୁଇ ଦିନ ପରେ ତାର ଉତ୍ତର ପାଇଲି ଯେ ମୁଁ ଯାହା କହୁଥିଲି ଯେ ମୁଖ୍ୟମନ୍ତ୍ରୀ ଅଭିଯୋଗ ଗୁଡିକ ସମ୍ପୃକ୍ତ ଜିଲ୍ଲାପାଳଙ୍କୁ ପଠାଇ ଦେଉଛନ୍ତି ଏବଂ ଜିଲ୍ଲାପାଳ ସମ୍ପୃକ୍ତ ଅଭିଯୁକ୍ତ ଅଧିକାରୀଙ୍କ ପାଖକୁ, ଯଦ୍ୱାରା ସାର୍ଥକ ନ୍ୟାୟ ମିଳିବା ତ ଦୂର ବରଂ ଅଭିଯୋଗକାରୀଙ୍କ ସମସ୍ୟା ଶତଗୁଣିତ ହେଉଛି ସମାଧାନ ହେବା ପରିବର୍ତ୍ତେ। ତେଣୁ ଏହାର ବିକଳ୍ପ ସମ୍ଭବ ନାହିଁ ବୋଲି ସେ ମୋତେ କହିଥିଲେ। ତାହେଲେ ଏହି ଅଭିଯୋଗ ପ୍ରକୋଷ୍ଠର ଅର୍ଥ କ'ଣ ଏପର୍ଯ୍ୟନ୍ତ ମୋତେ ଅବୁଝା ରହିଛି ! ଏହା ମୁଁ କେବଳ ମୋର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କହି ନଥିଲି ବରଂ ଗଣତାନ୍ତ୍ରିକ ସମାଜର ସମସ୍ତ ସଚେତନ ନାଗରିକଙ୍କ ସ୍ୱାର୍ଥ ଉଦ୍ଦେଶ୍ୟରେ କହିଥିଲି ଯାହା ଅସମ୍ଭବ ବୋଲି ମୋତେ ଉତ୍ତର ମିଳିଲା।

ମୋର ଏହି ପ୍ରସଙ୍ଗର ଜ୍ୱଳନ୍ତ ଉଦାହରଣ ତଥା ଅଦ୍ୟାବଧି ସମସ୍ୟାର ସମାଧାନ ନହୋଇ ବରଂ ସମସ୍ୟା ଗୁଣାତ୍ମକ ହୋଇଥିବା ସତ୍ୟ ଘଟଣାକୁ ଦେଖି ବିଚାର କରିବା ଯେ ପୂର୍ବରୁ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣୁନଥିଲେ ଆଉ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଶୁଣି ଆମର ଭଲ ହୋଇଛି ନା ମନ୍ଦ ?!!

ମୋର ପୂର୍ବ ଅଭିଯୋଗ ଉପରେ କୌଣସି ତଦନ୍ତ ନକରି ତଥା ନିଜ ସ୍ତରରେ ରିପୋର୍ଟ ପ୍ରସ୍ତୁତ କରି ପ୍ରଦାନ କରାଯାଇଥିବା ଅନୁରୂପ ଢଙ୍ଗରେ ଛତ୍ରପୁର ତହସିଲଦାର ମଧ ସମ୍ପୂର୍ଣ୍ଣ ମିଥ୍ୟା ତଥ୍ୟ ଦେଇ ସରକାରଙ୍କୁ ସନ୍ତୁଷ୍ଟ କରିଛନ୍ତି ଯାହାର ପ୍ରମାଣ ରହିଛି ମୋ ପାଖରେ। ତଦ୍ୱାରା ମୋର ବ୍ୟାପକ କ୍ଷତି ହେଉଛି ଏବଂ ମୋର ଜୀବନ ଯନ୍ତ୍ରଣାର ସୀମା ନାହିଁ। ତଥାପି କେହି ଶୁଣିବାକୁ ନାହାଁନ୍ତି ଏଠାରେ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯିବା ପୂର୍ବରୁ ଏବଂ ତାପ୍ରବର୍ତୀ ସମୟ ଗୁଡିକରେ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ ତଥା ଉପ - ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ରାଜସ୍ୱ ଡ଼ିଭିଜନାଲ କମିଶନରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦ୍ୱାରସ୍ତ ହୋଇ ସମ୍ପୂର୍ଣ୍ଣ ଲିଖିତ ଅଭିଯୋଗ ଦାଖଲ କରିବା ପରେ ମଧ କାର୍ଯ୍ୟ ସମ୍ପୂର୍ଣ୍ଣ ଶୂନ୍ୟ ! ଏହି ପରିପ୍ରେକ୍ଷୀରେ ପୂର୍ବତନ ସରକାରଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଶୁଣାଣି ହେଉନଥିବା ଏବଂ ବର୍ତ୍ତମାନ ଶୁଣାଯାଉଥିବା ମଧ୍ୟରେ ପାର୍ଥକ୍ୟ କ'ଣ ଏବଂ କେଉଁଟା ଉତ୍ତମ ଥିଲା ବିଚାର କରିବେ ଜନସାଧାରଣ। ଏହି ଅମାନୁଷିକ ଅତ୍ୟାଚାର କେବଳ ମୋ ପାଇଁ ନା ଆଉ କେହି ଭୋଗିଛନ୍ତି ତାଙ୍କ ଅନୁଭୂତି ପ୍ରକଶ ପୂର୍ବକ ସମଗ୍ର ରାଜ୍ୟବାସୀଙ୍କୁ ସଚେତନ କରିବା ହୁଅନ୍ତୁ ଭୁକ୍ତଭୋଗୀ ବୋଲି ଆମର ଆହ୍ୱାନ।

ମୋର ସେହି ପୂର୍ବ ପ୍ରସଙ୍ଗ ଉପରେ ଦୁଇଥର ପ୍ରଧାନମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଆମ ରାଜ୍ୟ ସରକାର ତଥା ମୁଖ୍ୟ ଶାସନ ସଚିବଙ୍କୁ ପତ୍ରାଳାପ ହୋଇଥିବା ବେଳେ ତାକୁ ସମ୍ପୂର୍ଣ୍ଣ ବେଖାତିରି କରି କୌଣସି ପଦକ୍ଷେପ ନିଆଯାଇ ନଥିଲା ପୂର୍ବ ସରକାରଙ୍କ ସମୟରେ ! ଆଉ ସେହି ସରକାରୀ ଅଧିକାରୀଗଣ ଆମ ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କୁ ବେଖାତିରି କରି ମୋ କାର୍ଯ୍ୟ କରୁନଥିବା କୌଣସି ନୂଆ କଥା ନୁହେଁ ମୋ ପାଇଁ ! ତଥାପି ଆମେ ଅଶାର ଆଲୋକ ଅନ୍ୱେଷଣରେ ସର୍ବଦା ରହିଛୁ ହୁଏତ କେହି ଆମର ନ୍ୟାର୍ଯ୍ୟ ଦାବି ତଥା ୧୦୦ ଶତକଡା ନ୍ୟାୟସଂବଳ ଅଭିଯୋଗ ଉପରେ କୌଣସି ପଦକ୍ଷେପ ନେବେ ପରା ବୋଲି। କିନ୍ତୁ କିଛି ହେଉନାହିଁ। ଏହାକୁ କେବଳ ଆମ ରାଜ୍ୟ ସରକାରଙ୍କ ବିଫଳତା ବୋଲି କୁହା ଯାଇପାରିବ ନା ସମଗ୍ର ଦେଶ ଆଜି ବିପଦରେ ବିଚାର କରିବେ ସୁଧିଜନେ। ଆଉ କେହି ଅଛନ୍ତି ଏବଂ ଆମେ ନ୍ୟାୟ ପାଇବା କିପରି ପ୍ରଶ୍ନବାଚୀ ସୃଷ୍ଟି କରୁଛି ମନରେ। ନା ଏମିତି ପ୍ରତାରଣରେ ହିଁ ଆମ ଜୀବନ ଲିଭିଯିବ ଦେଖିବାକୁ ବାକି ରହିଲା ଯେ ପ୍ରକୃତରେ କେତେ ସ୍ୱଚ୍ଛ ଆମେ ଓ ଆମ ଦେଶ ସମ୍ବିଧାନ ଯେ ଏହା ଏକ ଗଣତନ୍ତ୍ର ରାଷ୍ଟ୍ର ନା କଠୋର ଦମନଶୀଳ ରାଷ୍ଟ୍ର ? !!

**ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜମ-୭୬୧୦୨୦**
**ଦୂରଭାଷ.: ୯୪୩୭୩୨୪୯୧୭**

# ମାଓ ମୁକ୍ତ ଭାରତ ଅଭିମୁଖେ

## ସୌଭାଗ୍ୟ ରଂଜନ ମହାନ୍ତି (ରାଜା)



ଛତିଶଗଡରେ ଶୀର୍ଷ ମାଓବାଦୀ ନେତା ନାମ୍ବାଲ କେଶବ ରାଓ ଓରଫ ବାସବରାଜୁର ନିହତ ଘଟଣା କେବଳ ସୁରକ୍ଷା ବାହିନୀର ନୈତିକ ମନୋବଳ ବୃଦ୍ଧି କରିନାହିଁ, ଲାଲଗଡକୁ ଦୋହଲାଇ ଦେବା ସହ ନକସଲ ମୁକ୍ତ ଭାରତ ପାଇଁ ପଥ ପରିଷ୍କାର କରିଦେଇଛି ବୋଲି କୁହାଯାଇପାରିବ। ଗଲା ବୁଧବାର ସୁରକ୍ଷା ବାହିନୀରେ ଏନକାଉଟଂରରେ ବାସବରାଜୁ ସହ ୩୦ଜଣ ନକସଲଙ୍କ ମୃତ୍ୟୁ ଘଟିଥିଲା, ଯାହାକି ନକସଲମୁକ୍ତ ଅଭିଯାନର ଏକ ବଡ ସଫଳତା। ଗତ ୧୫ବର୍ଷ ଧରି ବାସବରାଜୁ ନେତୃତ୍ୱରେ ମାଓବାଦୀମାନେ ସକ୍ରୀୟ ହେବା ସହ ୨୦୧୦ରେ ୭୬ ଜଣ ସିଆରପିଏଫ୍ ଯବାନ ଓ ୨୦୧୩ରେ ଝରଣାଘାଟି ଆକ୍ରମଣରେ ୨୫ଜଣ ଗିରଫ ନେତାଙ୍କ ନିହତ ଘଟଣା, ଯାହାକି ରାଜ୍ୟ କଂଗ୍ରେସ ନେତୃତ୍ୱକୁ ସମ୍ପୂର୍ଣ୍ଣ ମୂଳପୋଛ କରିଦେଇଥିଲା। ସୁରକ୍ଷା କର୍ମୀଙ୍କ ଗୁଳିରେ ମାଓବାଦୀମାନେ ଯେ, ଏକ ବଡ ଧରଣର ଧକ୍କାର ସମ୍ମୁଖୀନ ହୋଇଛନ୍ତି, ଏହା କୁହାଯାଇପାରେ। ଉଲ୍ଲେଖଯୋଗ୍ୟ୨୦୧୭-୧୮ରେ ବାସବରାଜୁର ମୁଣ୍ଡ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦେଢକୋଟି ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଦେଶର ବିଭିନ୍ନ ଅଂଚଳରେ ସୁରକ୍ଷା ବାହିନୀର ଅପରେସନରେ ମାଓବାଦୀ ନିସ୍ତେଜ ହୋଇପଡିଥିବାବେଳେ ଛତିଶଗଡର ବସ୍ତର, ନାରାୟଣପୁର, ଦାନ୍ତେୱାଡା ଏବଂ ବିଜାପୁର ଜିଲ୍ଲା ଲାଲ ଦୁର୍ଗ ଭାବେ ପରିଚିତ ଥିଲା। ବିଭିନ୍ନ ସମୟରେ ସୁରକ୍ଷା ବାହିନୀର ଯବାନ, ରାଜନେତା ଓ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରି ମାଓବାଦୀମାନେ ରକ୍ତର ହୋଲି ଖେଳି ଆସୁଥିଲେ। ଆନ୍ଧ୍ରପଦେଶ, ତେଲେଙ୍ଗାନାରେ ତଥାକଥିତ ମାଓବାଦୀ ଅଭିଯାନ ସୁରକ୍ଷା ବାହିନୀର କାର୍ଯ୍ୟାନୁଷ୍ଠାନରେ ନିସ୍ତେଜ ହୋଇପଡିବା ପରେ ସଂଗଠନର ବହୁ ତୁଙ୍ଗ, ଶୀର୍ଷ ସ୍ଥାନୀୟ ନେତା ଛତିଶଗଡର ଏହି ଜିଲ୍ଲାଗୁଡିକରେ ଘଂଚ ଜଙ୍ଗଲରେ ନିଜର ଆସ୍ଥାନ ଜମାଇ ଅଭିଯାନକୁ ସକ୍ରୀୟ କରିବାରେ ସକ୍ଷମ ହୋଇଥିଲେ। ବିଶେଷ କରି ବାସବରାଜୁ ନେତୃତ୍ୱରେ ମାଓବାଦୀମାନେ ସକ୍ରୀୟ ହୋଇ ନରସଂହାର ଚଳାଇଥିଲେ। ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମରେ ଜନ୍ମିତ ଏବଂ ୱାରଙ୍ଗର ଆଂଚଳିକ ଇଞ୍ଜିନିୟରି କଲେଜରୁ ଶିକ୍ଷା ସମାପ୍ତ ପରେ ବାସବରାଜୁ ନକସଲ ସଂଗଠନରରେ ସକ୍ରୀୟ ଥିବାବେଳେ ୧୫ବର୍ଷ ଧରି ନେତୃତ୍ୱ ନେଇଥିଲା। ୨୦୦୪ରେ ପିପୁଲସ ୱାରଗ୍ରୂପ (ପିଡବ୍ଲୁଜି) ଓ ମାଓଇଷ୍ଟ କମ୍ୟୁନିଷ୍ଟ ସେଂଟର (ଏମସିସି)କୁ ମିଶାଇ ସିପିଆଇ (ମାଓବାଦୀ) ସଂଗଠନ ପଢିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ମାଓବାଦୀ ନେତା ଗଣପତିଙ୍କ ମୃତ୍ୟୁ ପରେ ବାସବରାଜୁ ଏହି ସଂଗଠନର ସାଧାରଣ ସମ୍ପାଦକ ଏବଂ ପିପୁଲସ ଲିବରେସନ ଗରିଲା ଆର୍ମୀ (ପିଏଲଜିଏ)ର ମୁଖ୍ୟ ଭାବେ ସୁରକ୍ଷା ବାହିନୀ ପାଇଁ ସବୁଠୁ ବଡ ବିପଦ ପାଲଟିଥିଲା। ବିଭିନ୍ନ ସମୟରେ ବଡ ବଡ ଆକ୍ରମଣ ଘଟାଇବାରେ ସଫଳ ହୋଇଥିଲା। ୨୦୦୯ରେ ନୟାଗଡରେ ବଡ ଧରଣର ଆକ୍ରମଣରେ ସେ ସମ୍ପୃକ୍ତ ଥିବା କୁହାଯାଇଛି। ଗତ ୨୦୨୩ରେ ଛତିଶଗଡରେ ବିଜେପି କ୍ଷମତାସୀନ ହେବା ପରେ ମାଓବାଦୀଙ୍କ ବିରୁଦ୍ଧରେ ବଡ ଧରଣର ଅଭିଯାନ ଆରମ୍ଭ କରି ଥିଲା। ଗତ ବର୍ଷ ଅର୍ଥାତ ୨୦୨୪ରେ ସୁରକ୍ଷାବାହିନୀର ଅଭିଯାନରେ ୨୧୯ ଜଣ ମାଓବାଦୀ ନିହତ ହୋଇଥିଲେ। ଯାହାକି ଛତିଶଗଡ ସ୍ୱତନ୍ତ୍ର ରାଜ୍ୟ ଗଠନ ପରେ ଗୋଟିଏ ବର୍ଷରେ ସର୍ବାଧିକ ଥିବା ଜଣାଯାଏ। ଏବେ ବାସବରାଜୁର ନିଧନ ପରେ ମାଓବାଦୀ ସଂଗଠନର ମୂଳଦୁଆ ଦୋହଲି ଯାଇଥିବାବେଳେ ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓମୁକ୍ତ ଭାରତ ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ରଖିଥିବା ଲକ୍ଷ୍ୟ ପୁରଣ ହେବାକୁ ଯାଉଥିବା ସମ୍ଭାବନା ସୃଷ୍ଟି କରିଛି ବୋଲି କୁହାଯାଇପାରେ। ଆହୁରି ମଧ ଗତବର୍ଷ ଛତିଶଗଡରେ ୮୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ଆତ୍ମସମର୍ପଣ କରିଥିବା ଆଉ ଏକ ଉଲ୍ଲେଖନୀୟ ଘଟଣାଥିଲା। ନିକଟରେ ଛତିଶଗଡ-ତେଲେଙ୍ଗାନା ସୀମାରେ ଅବସ୍ଥିତ ଦୁର୍ଗମ କାରେଗୁଟ୍ଟାଲୁ ପାହାଡରେ ଦୀର୍ଘ ୨୧ଦିନ ଧରି ସୁରକ୍ଷା ବାହିନୀର ବ୍ଲାକ ଆଉଟ ଅପରେସନରେ ୩୧ଜଣ ମାଓବାଦୀ ନିହତ ହୋଇଥିଲେ, ଯାହାକି ମାଓମୁକ୍ତ ଭାରତ ଅଭିଯାନର ଆଉ ଏକ ସଫଳତା ଥିଲା। ଉଲ୍ଲେଖଯୋଗ୍ୟ ଯେ, ବାମପନ୍ଥୀ ଚରମପନ୍ଥୀ ଗୋଷ୍ଠୀ (ଏଲଡବ୍ଲୁଇ) ଦେଶର ଆଭ୍ୟନ୍ତରୀଣ ନିରାପତା ପାଇଁ ସବୁଠାରୁ ବଡ ବିପଦ ସୃଷ୍ଟିକାରୀ ବୋଲି ବିବେଚନା କରାଯାଉଛି। ଗୋଟିଏ ପଟେ ବାମପନ୍ଥୀ ଚରମପନ୍ଥୀ ତଥା ମାଓବାଦୀ ଅଭିଯାନ ନିଜ ଆଦର୍ଶରୁ ବିଚ୍ୟୁତ ହୋଇ ହିଂସାକାଣ୍ଡକୁ ଗ୍ରହଣ କରିଥିବାବେଳେ ଲୋକଙ୍କ ସମର୍ଥନ ହରାଉଥିବାବେଳେ ସୁରକ୍ଷା ବାହିନୀର ଲଗାତର ଅଭିଯାନ ଯୋଗୁଁ କ୍ରମଶଃ ନିଜର ସ୍ଥିତି ହରାଉଛନ୍ତି। ଆହୁରି ମଧ ମାଓବାଦୀ ଅଧ୍ୟୁଷିତ ଅଂଚଳରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଜନହିତକର ଯୋଜନା ସୁଚିନ୍ତିତ ଭାବେ କାର୍ଯ୍ୟକାରୀ କରିବା ଯୋଗୁଁ ମାଓବାଦୀ ଆଦର୍ଶ ପ୍ରତି ସ୍ଥାନୀୟ ଯୁବକ ଯୁବତୀଙ୍କ ଅନାଗ୍ରହୀ ହେବାର ମୁଖ୍ୟ କାରଣ ହେଉଛି। ବିଶେଷ କରି ସରକାରଙ୍କ ସଲୱା ଯୋଜନା ଏ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ମନେହୁଏ। ମାଓ ଦମନ କ୍ଷେତ୍ରରେ ଓଡିଶା ହେଉଛି, ଏହାର ଜ୍ୱଳନ୍ତ ଉଦାହରଣ। ଏବେ ମାଓବାଦୀମାନେ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ସାମାଜିକ ମହାସ୍ରୋତରେ ସାମିଲ ହେବାର ଉପଯୁକ୍ତ ସମୟ ଉପନୀତ ହୋଇଛି, ଏହା ନିସନ୍ଦେହ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

## ପୁଣି ଡରାଉଛି କରୋନା

# ଦେଶରେ ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା



୯ମାସର ଶିଶୁ ପଜିଟିଭ



**ନୂଆଦିଲ୍ଲୀ, ୨୩।୫ :** ଭାରତରେ ପୁଣି ଥରେ କୋଭିଡ-୧୯ର ମାମଲାରେ ବୃଦ୍ଧି ଦେଖିବାକୁ ମିଳୁଛି। ମହାରାଷ୍ଟ୍ର , ହରିଆଣା , ତାମିଲନାଡୁ , କର୍ଣ୍ଣାଟକ, ଓଡ଼ିଶା ଓ ଗୁଜରାଟରୁ ନୂଆ ମାମଲା ସାମ୍ନାକୁ ଆସୁଛି। ମହାରାଷ୍ଟ୍ରରେ ପାଖାପାଖି ୧୦୦ଟି ମାମଲା ସାମ୍ନାକୁ ଆସିଥିବା ବେଳେ ୧୫ଟି ନୂଆ କେସ୍ ଦେଖିବାକୁ ମିଳିଛି। କର୍ଣ୍ଣାଟକର ବେଙ୍ଗାଲୁରରେ ଏକ ନବଜାତ ଶିଶୁର ମାମଲା ସାମ୍ନାକୁ ଆସିଛି। ମୁମ୍ବାଇ , ଚେନ୍ନାଇ , ଗୁରୁଗ୍ରାମ୍ ଓ ଅହମ୍ମଦାବାଦ ଭଳି ସହରରେ ଖୁବ୍ ବୃଦ୍ଧି ଦେଖିବାକୁ ମିଳିଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ମୁତାବିକ, ମେରେ ଏବେ ସୁଦ୍ଧା ମୁମ୍ବାଇରେ କୋଭିଡ-୧୯ର ୯୫ଟି ମାମଲା ସାମ୍ନାକୁ ଆସିଛି, ଯାହାକି ଜାନୁଆରୀରୁ ମହାରାଷ୍ଟ୍ରର ମୋଟ ୧୦୬ଟି ମାମଲାର ତୁଳନାରେ ଏକ ବୃହତ୍ତ ବୃଦ୍ଧି ଘଟିଛି। ଅତି କମ୍‌ରେ ୧୬ ଜଣ ଲୋକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ହରିଆଣାର ଗୁରୁଗ୍ରାମ ଓ ଫରିଦାବାଦରେ କରୋନା ଭାଇରସ ସଂକ୍ରମଣର ତିନୋଟି ମାମଲା ସାମ୍ନାକୁ ଆସିଛି। ଜଣେ ଅଧିକାରୀ ଗୁରୁବାର କହିଛନ୍ତି ଯେ, ଗୁରୁଗ୍ରାମରୁ ଦୁଇ ଓ ଫରିଦାବାଦରୁ ଗୋଟିଏ ମାମଲା ସାମ୍ନାକୁ ଆସିଛି। ଗୁରୁଗ୍ରାମରେ ନିକଟରେ ମୁମ୍ବାଇରୁ ଫେରିଥିବା ୩୧ ବର୍ଷିୟ ମହିଳାଙ୍କ ଠାରେ କରୋନା ଭାଇରସ ସଂକ୍ରମଣର ସ୍ପଷ୍ଟ ହୋଇଛି। ଏହା ବ୍ୟତୀତ ୬୨ ବର୍ଷ ବୟସର ଜଣେ ବ୍ୟକ୍ତି ମଧ୍ୟ ସଂକ୍ରମିତ ଥିବା ଜଣା ପଡ଼ିଛି, ଯାହାଙ୍କର କୌଣସି ଯାତ୍ରା ଇତିହାସ ନାହିଁ । ଅଧିକାରୀ କହିଛନ୍ତି ଯେ, ଉଭୟ ରୋଗୀଙ୍କୁ ଆଇସୋଲେଟ୍ କରିଦିଆ ଯାଇଛି। ଅନ୍ୟପଟେ ଫରିଦାବାଦରେ ପଲ୍ଲା ଅଞ୍ଚଳର ସେହତପୁର ନିବାସୀ ୨୮ ବର୍ଷିୟ ସିକ୍ୟୁରିଟି ଗାର୍ଡ କୋଭିଡ୍ ସଂକ୍ରମିତ ଥିବା ଜଣାପଡ଼ିଛି। ଗତ ଅନେକ ଦିନରୁ ଜ୍ୱର , କାଶ ଓ ଥଣ୍ଡାରେ ପୀଡ଼ିତ ହେବା ପରେ ସେ ଚିକିତ୍ସା ପାଇଁ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲ ଯାଇଥିଲେ। ଅଧିକାରୀ କହିଛନ୍ତି ଯେ, ସେଠାରେ କୋଭିଡ୍ ଯାଞ୍ଚରେ ସଂକ୍ରମଣ ସ୍ପଷ୍ଟ ହୋଇଛି। ଗୁଜରାଟର ଅହମ୍ମଦାବାଦରେ ୧୫ଟି ମାମଲା ସାମ୍ନାକୁ ଆସିଛି। ଏହି ରୋଗୀଙ୍କ ଠାରେ କରୋନାର ଜେଏନ୍-୧ ଭାରିଆଣ୍ଟ ମିଳିଛି। ଏହି ସବୁ ରୋଗୀଙ୍କ ଚିକିତ୍ସା ଚାଲିଛି। ଏହି ଭାରିଆଣ୍ଟ ଓମିକ୍ରନ ପରି , ଯାହା ପ୍ରଥମଥର ୨୦୨୩ ଅଗଷ୍ଟରେ ଜଣାପଡ଼ି ଥିଲା। ତାମିଲନାଡୁରେ ମଧ୍ୟ ନିକଟରେ କରୋନା ମାମଲାରେ ବୃଦ୍ଧି ଦେଖିବାକୁ ମିଳିଛି, ପୁଡୁଚେରୀରେ ୧୨ଟି ନୂଆ ମାମଲା ସାମ୍ନାକୁ ଆସିଛି। ଚେନ୍ନାଇରେ ଡାକ୍ତରଙ୍କ କହିବାନୁସାରେ, ଆରମ୍ଭରେ ଇନଫ୍ଲୁଏଞ୍ଜାର କାରଣରୁ ହେବାକୁ ଥିବା ଜ୍ୱରରେ କୋଭିଡ୍-୧୯ ପାଇଁ ସକରାତ୍ମକ ପରୀକ୍ଷଣକୁ ତୀବ୍ର କରାଯାଇଛି। କର୍ଣ୍ଣାଟକରେ ଅନେକ ମାମଲା ବଢ଼ିଛି। ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରୀ ଦିନେଶ ଗୁଣ୍ଡୁ ରାଓଙ୍କ ଅନୁସାରେ, କର୍ଣ୍ଣାଟକରେ କୋଭିଡ-୧୯ର ୧୬ଟି ସକ୍ରିୟ ମାମଲା ସାମ୍ନାକୁ ଆସିଛି। ଏହିପରି ଓଡ଼ିଶାରେ ମଧ୍ୟ ଏକ ନୂଆ ମାମଲା ମିଳିଛି ଏବଂ ବର୍ତ୍ତମାନ ରୋଗୀଙ୍କ ସ୍ଥିତି ସ୍ଥିର ଅଛି। କେରଳରେ ଏବେସୁଦ୍ଧା ୧୮୨ ମାମଲା ସାମ୍ନାକୁ ଆସି ସାରିଛି। ଦିଲ୍ଲୀରେ ୫ଟି ନୂଆ ମାମଲା ମିଳିଛି। ପୁଣେ ନଗର ନିଗମର ସ୍ୱାସ୍ଥ୍ୟ ମୁଖ୍ୟ ଡ. ନିନା ବୋରୋଡେ କହିଛନ୍ତି, ମଇ ମାସରେ ଆମ ପାଖରେ କେବଳ ଏକ ମାମଲା ଥିଲା- ମଞ୍ଜରୀରୁ ୮୭ ବର୍ଷିୟ ଜଣେ ବ୍ୟକ୍ତି, ଯିଏ ଏବେ ଠିକ୍ ହୋଇ ସାରିଛନ୍ତି।

● ରାହୁଲଙ୍କ ଟାର୍ଗେଟରେ ଜୟଶଙ୍କର

## ମଧ୍ୟସ୍ଥତା ପାଇଁ ଟ୍ରମ୍ପଙ୍କୁ କିଏ ଅନୁରୋଧ କରିଥିଲା



**ନୂଆଦିଲ୍ଲୀ,୨୩।୫:** ଅପରେସନ ସିନ୍ଦୂର ପରେ କଂଗ୍ରେସ ଯୁବରାଜ ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ନିୟମିତଭାବେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ.ଜୟଶଙ୍କରଙ୍କୁ ଟାର୍ଗେଟ୍ କରିଚାଲିଛନ୍ତି । ଆଜି ସେ କହିଛନ୍ତି ଯେ ଜୟଶଙ୍କରଙ୍କ ସମୟରେ ଭାରତର ବୈଦେଶିକ ନୀତି ନଷ୍ଟ ହୋଇଯାଇଛି । ରାହୁଲ ଜୟଶଙ୍କରଙ୍କୁ 'ଜେଜେ' ବୋଲି ସମ୍ବୋଧନ କରି ତାଙ୍କୁ ୩ଟି ପ୍ରଶ୍ନ ପଚାରିଛନ୍ତି। ରାହୁଲ ଲେଖିଛନ୍ତି, 'ଜେଜେ' କଣ କହିବେ ଯେ ଭାରତକୁ ପାକିସ୍ତାନ ସହିତ କାହିଁକି ଯୋଡାଯାଇଛି? କାହିଁକି ଗୋଟିଏ ବି ଦେଶ ପାକିସ୍ତାନକୁ ନିନ୍ଦା କରିବାରେ ଆମ ସହିତ ଯୋଗ ଦେଲେ ନାହିଁ? ଭାରତ ଏବଂ ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା କରିବାକୁ ଡୋନାଲ୍ଡ ଟ୍ରମ୍ପଙ୍କୁ କିଏ ଅନୁରୋଧ କରିଥିଲା? କଂଗ୍ରେସ୍ ପୂର୍ବରୁ ବୈଦେଶିକ ମନ୍ତ୍ରୀଙ୍କୁ ନୂତନ ଯୁଗର ଜୟଚାନ୍ଦ ବୋଲି ବର୍ଣ୍ଣନା କରିଥିଲା। ଏହା ପ୍ରାୟତଃ ବିଶ୍ୱାସଘାତକର ପ୍ରତିଶବ୍ଦ ଭାବରେ ବ୍ୟବହୃତ ହୁଏ। ମହାରାଜା ଜୟଚାନ୍ଦ ଦ୍ୱାଦଶ ଶତାବ୍ଦୀର ରାଜପୁତ ରାଜା ଥିଲେ। କେବଳ ରାହୁଲ ନୁହନ୍ତି, କଂଗ୍ରେସ ମଧ୍ୟ ଜୟଶଙ୍କର ଓ ସରକାରଙ୍କୁ ଏହି ପ୍ରସଙ୍ଗରେ ସମାଲୋଚନା କରିଚାଲିଛି। ତେବେ ସରକାର ପୂର୍ବରୁ ହିଁ ଏହି ଅଭିଯୋଗକୁ ଖାରଜ କରିସାରିଛନ୍ତି। ରାହୁଲ ବୈଦେଶିକ ମନ୍ତ୍ରୀଙ୍କ ବୟାନର ଭୁଲ ଅର୍ଥ ବାହାର କରିଛନ୍ତି ବୋଲି ବୈଦେଶିକ ମନ୍ତ୍ରାଳୟ କହିଛି।

### ଏବେ ଅର୍ଥନୈତିକ ଆକ୍ରମଣ

## ପାକିସ୍ତାନକୁ ଏଫଏଟିଏଫ୍ ଗ୍ରେ ତାଲିକାରେ ରଖିବାକୁ ଚାପ ପକାଇବ ଭାରତ




**ନୂଆଦିଲ୍ଲୀ,୨୩।୫:** ଅପରେସନ ସିନ୍ଦୂର ପରେ ଭାରତ ପାକିସ୍ତାନ ବିରୁଦ୍ଧରେ ଆଉ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ହୋଇଛି। ଏଥର ଅର୍ଥନୈତିକ ହମଲା କରିବ ଭାରତ। ପାକିସ୍ତାନକୁ ଗ୍ରେ ତାଲିକାରେ ସାମିଲ କରିବା ପାଇଁ ଭାରତ ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସ (ଏଫଏଟିଏଫ) ସହିତ କଥାବାର୍ତ୍ତା କରିବ। ଏଫଏଟିଏଫର କାମ ହେଉଛି ମନି ଲଣ୍ଡରିଂ ଏବଂ ଆତଙ୍କବାଦ ପାଇଁ ଆର୍ଥିକ ସହାୟତା ଉପରେ ନଜର ରଖିବା। ଏହା ଏକ ବିଶ୍ୱସ୍ତରୀୟ ସଂଗଠନ। ପାକିସ୍ତାନ ପୂର୍ବରୁ ମଧ୍ୟ ଏଫଏଟିଏଫ ଗ୍ରେ ତାଲିକାରେ ରହିଥିଲା। ଏହାସହ ବିଶ୍ୱ ବ୍ୟାଙ୍କ ପକ୍ଷରୁ ପାକିସ୍ତାନକୁ ଯେଉଁ ଅନୁଦାନ ରାଶି ଦିଆଯିବାର ଅଛି ତାଉପରେ ମଧ୍ୟ ପୁନର୍ବିଚାର କରିବାକୁ ଭାରତ ଅନୁରୋଧ କରିଛି।

ପାକିସ୍ତାନ ଆତଙ୍କବାଦର ଏକ ଗଡ଼ ହୋଇଆସିଛି ଏବଂ ବର୍ଷ ବର୍ଷ ଧରି ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଇ ଆସୁଛି। ଏହି କାରଣରୁ ତାକୁ ଅନେକ ଥର ଏଫଏଟିଏଫ ଗ୍ରେ ଲିଷ୍ଟରେ ରଖାଯାଇଛି। ଆତଙ୍କବାଦୀ ପାଣ୍ଠି ଯୋଗାଣ ପାଇଁ ପାକିସ୍ତାନକୁ ଜୁନ୍ ୨୦୧୮ରେ ଏଫଏଟିଏଫ ଦ୍ୱାରା ଗ୍ରେ ତାଲିକାରେ ରଖାଯାଇଥିଲା, କିନ୍ତୁ ଅକ୍ଟୋବର ୨୦୨୨ରେ ଏହାକୁ ଗ୍ରେ ତାଲିକାରୁ ବାହାର କରିଦିଆଯାଇଥିଲା। ୨୦୦୮ରେ ପାକିସ୍ତାନକୁ ମଧ୍ୟ ଗ୍ରେ ତାଲିକାରେ ସାମିଲ କରାଯାଇଥିଲା, କିନ୍ତୁ ପରେ ୨୦୦୯ରେ ଏହାକୁ ବାହାର କରିଦିଆଯାଇଥିଲା। ୨୦୧୨ ଏବଂ ୨୦୧୫ ସମୟରେ ମଧ୍ୟ ସେ ଗ୍ରେ ତାଲିକାରେ ଥିଲା। କୌଣସି ଦେଶ ଏଫଏଟିଏଫ ଗ୍ରେ ତାଲିକାରେ ରହିଲେ ଅନ୍ତର୍ଜାତୀୟ ସଂସ୍ଥାରୁ ପାଣ୍ଠି ଓ ଋଣ ପାଇବା କଷ୍ଟକର ହୋଇପଡ଼େ ।

କେବଳ ଏଫଏଟିଏଫ ନୁହେଁ, ପାକିସ୍ତାନକୁ କୌଣସି ପ୍ରକାରର ଋଣ ନ ଦେବାକୁ ବିଶ୍ୱବ୍ୟାଙ୍କ ଉପରେ ବି ଚାପ ପକାଇବ ଭାରତ । ଋଣ ଏବଂ ବେଲଆଉଟ୍ ଉପରେ ନିର୍ଭରଶୀଳ ପାକିସ୍ତାନର ଅର୍ଥନୀତି ଉପରେ କଡ଼ାକଡ଼ି କଟକଣା ଲଗାଇବାକୁ ଯୋଜନା କରୁଛି ଭାରତ।

ଭାରତ ଆଇଏମଏଫ ମାମଲାକୁ ଜର୍ମାନୀ, ଇଟାଲୀ ଏବଂ ଫ୍ରାନ୍ସର ଅର୍ଥମନ୍ତ୍ରୀମାନଙ୍କ ସହିତ ମଧ୍ୟ ଉଠାଇଥିଲା। ବେଲଆଉଟ ପ୍ୟାକେଜ ପ୍ରତି କଡ଼ା ଆପତ୍ତି ମଧ୍ୟରେ ଆଇଏମଏଫ ଏହାର ବେଲଆଉଟ କାର୍ଯ୍ୟକ୍ରମର ପରବର୍ତ୍ତୀ ପର୍ଯ୍ୟାୟ ପ୍ରକାଶ କରିବା ପୂର୍ବରୁ ପାକିସ୍ତାନ ଉପରେ ୧୧ଟି ନୂତନ ସର୍ତ୍ତ ପ୍ରଣୟନ କରିବାର ନିଷ୍ପତ୍ତିକୁ ଭାରତ ପ୍ରଶଂସା କରିଛି।

● ରାଜସ୍ଥାନ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

## କେବଳ କୋଟାରେ କାହିଁକି ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି

**ନୂଆଦିଲ୍ଲୀ, ୨୩।୫:** କୋଟା ସହରରେ ଛାତ୍ର ଆତ୍ମହତ୍ୟା ମାମଲା ବୃଦ୍ଧି ପାଇବା ନେଇ ରାଜସ୍ଥାନ ସରକାରଙ୍କୁ ଭର୍ତ୍ସନା କରିଛନ୍ତି ସୁପ୍ରିମକୋର୍ଟ। ପରିସ୍ଥିତିକୁ 'ଗମ୍ଭୀର' ବୋଲି ବର୍ଣ୍ଣନା କରିଛନ୍ତି। ବିଚାରପତି ଜେବି ପାରଦିୱାଲା ଏବଂ ଆର ମହାଦେବନଙ୍କ ଖଣ୍ଡପୀଠ ସରକାରଙ୍କୁ କଡ଼ା ଭାଷାରେ ପଚାରିଛନ୍ତି ଯେ ଏହି ମାମଲାରେ ଏପର୍ଯ୍ୟନ୍ତ କ'ଣ କରାଯାଇଛି। ସେ କହିଛନ୍ତି ଯେ ମାତ୍ର ପାଞ୍ଚ ମାସରେ ୧୪ ଜଣ ଛାତ୍ର ଆତ୍ମହତ୍ୟା କରିଛନ୍ତି ଏବଂ ତାହା ମଧ୍ୟ ସେହି ସହରରେ। କୋର୍ଟ ଚେତାବନୀ ଦେଇଛନ୍ତି ଯେ ଏହାକୁ ହାଲୁକା ଭାବରେ ନିଆଯିବା ଉଚିତ୍ ନୁହେଁ, କୋର୍ଟ ମଧ୍ୟ କଠୋର ମନୋଭାବ ଗ୍ରହଣ କରିପାରିବେ। ଆଇଆଇଟି ଖଡ଼ଗପୁରର ଜଣେ ଛାତ୍ରଙ୍କ ଆତ୍ମହତ୍ୟା ମାମଲାରେ ଚାରି ଦିନ ପରେ ଏଫଆଇଆର ଦାୟର ହେବା ଉପରେ ମଧ୍ୟ କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଷ୍ଟିସ ପାରଦିୱାଲା ରାଜସ୍ଥାନ ରାଜ୍ୟର ପ୍ରତିନିଧିତ୍ୱ କରୁଥିବା ଓକିଲଙ୍କୁ ପଚାରିଥିଲେ, 'ଆପଣ ଏକ ରାଜ୍ୟ ଭାବରେ କ'ଣ କରୁଛନ୍ତି? ଏହି ପିଲାମାନେ କାହିଁକି ଆତ୍ମହତ୍ୟା କରୁଛନ୍ତି ଏବଂ କେବଳ କୋଟାରେ କାହିଁକି? ଆପଣ ଏହାକୁ ଏକ ରାଜ୍ୟ ଭାବରେ ବିଚାର କରିନାହାଁନ୍ତି କି?' ଓକିଲ କହିଛନ୍ତି ଯେ ଆତ୍ମହତ୍ୟା ମାମଲାଗୁଡ଼ିକର ତଦନ୍ତ ପାଇଁ ରାଜ୍ୟରେ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଏସଆଇଟି ଗଠନ କରାଯାଇଥିଲା। ସୁପ୍ରିମକୋର୍ଟ ଆଇଆଇଟି ଖଡ଼ଗପୁରରେ ପଢୁଥିବା ଜଣେ ୨୨ ବର୍ଷୀୟ ଛାତ୍ରଙ୍କ ମୃତ୍ୟୁ ମାମଲାର ଶୁଣାଣି କରୁଥିଲେ। ଛାତ୍ର ଜଣକ ମେ ୪ ତାରିଖରେ ତାଙ୍କ ହଷ୍ଟେଲ ରୁମରେ ଆତ୍ମହତ୍ୟା କରିଥିଲେ। ତେବେ ଖଣ୍ଡପୀଠ ଜାଣିବାକୁ ପାଇଥିଲେ ଯେ ଆଇଆଇଟି ଖଡ଼ଗପୁର ଛାତ୍ରଙ୍କ ମୃତ୍ୟୁ ସମ୍ପର୍କରେ ଏକ ଏଫଆଇଆର ପଞ୍ଜିକୃତ ହୋଇଛି। ସୁପ୍ରିମକୋର୍ଟ ମେ ୮ ତାରିଖରେ ଦାୟର ହୋଇଥିବା ଏଫଆଇଆରରେ ଚାରି ଦିନ ବିଳମ୍ବକୁ ନେଇ ପ୍ରଶ୍ନ ଉଠାଇଛନ୍ତି। କୋର୍ଟ କହିଛନ୍ତି ଯେ ଏହି ଜିନିଷଗୁଡ଼ିକୁ ହାଲୁକା ଭାବରେ ନିଆଯିବା ଉଚିତ୍ ନୁହେଁ। ଏଗୁଡ଼ିକ ଅତ୍ୟନ୍ତ ଗମ୍ଭୀର ବିଷୟ।

● ପୁଣି ଏନକାଉଣ୍ଟର

## ଟଳିଲେ ୪ କୁଖ୍ୟାତ ମାଓବାଦୀ

**ରାୟପୁର, ୨୩।୫:** ମହାରାଷ୍ଟ୍ର ପୁଲିସ ଓ କେନ୍ଦ୍ରୀୟ ସୁରକ୍ଷା ବଳ (ସିଆରପିଏଫ୍) ମାଓବାଦୀଙ୍କ ବିରୋଧରେ ଏକ ବଡ଼ ଅପରେସନ୍ କରିଛି। ସୁରକ୍ଷା ବାହିନୀ ଏବଂ ମାଓମାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି। ଏଥିରେ ସୁରକ୍ଷା ବାହିନୀକୁ ବଡ଼ ସଫଳତା ମିଳିଛି। ଗୁଳିମାଡ଼ରେ ୪ ଜଣ ମାଓବାଦୀ ନିପାତ ହୋଇଛନ୍ତି। ମହାରାଷ୍ଟ୍ର-ଛତିଶଗଡ଼ର ସୀମାନ୍ତ ଗଡ଼ଚିରୋଲି ଥାନା ଅଧୀନ ଏକ ଜଙ୍ଗଲରେ ଆଜି ସକାଳୁ ହୋଇଥିବା ଏନ୍‌କାଉଣ୍ଟରରେ ମାଓବାଦୀମାନେ ପୁଣି ଥରେ ପରାଜିତ ହୋଇଛନ୍ତି। ବିଶ୍ୱସ୍ତ ସୂତ୍ରରୁ ଗଡ଼ଚିରୋଲି ପୁଲିସକୁ ସୂଚନା ମିଳିଥିଲା ଯେ, ମାଓବାଦୀମାନେ ଏକ ବଡ଼ଧରଣର ଅଘଟଣ ଘଟାଇବାକୁ ଯାଉଛନ୍ତି। ଏହି ସୂଚନା ଆଧାରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରମେଶଙ୍କ ନେତୃତ୍ୱରେ ମାଓବାଦୀଙ୍କ ବିରୋଧରେ ସର୍ଚ୍ଚ ଅପରେସନ କରାଯାଇଥିଲା। ଏହି ଅପରେସନରେ ୧୨ ସି୬୦ କମାଣ୍ଡୋ ଟିମ୍, ଯେଉଁଥିରେ ୩୦୦ ସଦସ୍ୟ ଓ ଗୋଟିଏ ପ୍ଲାଟୁନ ସିଆରପିଏଫ୍ ବଳ ସାମିଲ ଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ଗୁରୁବାର ଅପରାହ୍ଣ ଠାରୁ କୱାଣ୍ଡେ ଓ ନେଲଗୁଣ୍ଡାରେ ଅପରେସନ ଜାରି ରହିଥିଲା। ପରେ ଏହି ଟିମ୍ ଇନ୍ଦ୍ରାବତୀ



ରିଭର ବ୍ୟାଙ୍କ ଆଡ଼କୁ ଅଗ୍ରସର ହୋଇଥିଲେ। ଏହି ସମୟରେ ମାଓବାଦୀମାନେ ପ୍ରଥମେ ଗୁଳିବର୍ଷା କରିଥିଲେ, ଯାହାକୁ ସୁରକ୍ଷା ବାହିନୀର ଯବାନମାନେ ସହଜରେ ମୁକାବିଲା କରିଥିଲେ। ଗୁଳିବିନିମୟ ପ୍ରାୟ ୨ ଘଣ୍ଟା ଯାଏଁ ଜାରି ରହିଥିଲା। ପରେ ସୁରକ୍ଷା ବାହିନୀ ୪ ଜଣ ମାଓବାଦୀଙ୍କର ମୃତଦେହ, ଗୋଟିଏ ସ୍ୱୟଂଚାଳିତ ରାଇଫଲ, ୨ଟି ୩୦୩ ରାଇଫଲ ଆଦି ଉଦ୍ଧାର କରିଥିଲେ। ଏଥି ସହିତ ସୁରକ୍ଷା ବାହିନୀକୁ ଘଟଣାସ୍ଥଳରେ ୱାକି-ଟକି ସହିତ ମାଓସାମଗ୍ରୀ ମିଳିଥିଲା। ଗତ ବୁଧବାର ଦିନ ଛତିଶଗଡ଼ ନାରାୟଣପୁର ଜିଲ୍ଲା ଅବୁଝମାଡ଼ ଜଙ୍ଗଲରେ ସୁରକ୍ଷାବାହିନୀର ଯବାନମାନେ ୨୭ ଜଣ ମାଓବାଦୀଙ୍କୁ ନିପାତ କରିଥିଲେ। ଏଥିରେ ସିପିଆଇ-ମାଓବାଦୀର ସାଧାରଣ ସଂପାଦକ ନମ୍ବଲା କେଶବ ରାଓ ଓରଫ ବାସବରାଜୁ ମଧ୍ୟ ସାମିଲ ଥିଲା।

ରେବନ୍ତ ରେଡ୍ଡୀଙ୍କ ଅନୁରୋଧରେ

## ୟଙ୍ଗ ଇଣ୍ଡିଆନକୁ ଦିଆଯାଇଛି ୮୦ ଲକ୍ଷ ଟଙ୍କା : ଇଡ଼ି



**ନୂଆଦିଲ୍ଲୀ,୨୩।୫:** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ଅଭିଯୋଗ କରିଛି ଯେ ବରିଷ୍ଠ କଂଗ୍ରେସ ନେତାମାନଙ୍କୁ ରାହୁଲ ଗାନ୍ଧି ଏବଂ ସୋନିଆ ଗାନ୍ଧିଙ୍କ ଦ୍ୱାରା ନିୟନ୍ତ୍ରିତ ଏବଂ ନ୍ୟାସନାଲ ହେରାଲ୍ଡ ମାମଲା ସହିତ ଜଡିତ କମ୍ପାନୀ ୟଙ୍ଗ ଇଣ୍ଡିଆନ୍ ଲିମିଟେଡକୁ ବିପୁଳ ପରିମାଣର ଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଜେନ୍ସି ଦାବି କରିଛି ଯେ ବିଭିନ୍ନ ରାଜ୍ୟର ଅନେକ ବରିଷ୍ଠ ନେତା କମ୍ପାନୀକୁ ଲକ୍ଷ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି, ଯାହାକୁ ଏହା ଏକ ସୁବ୍ୟବସ୍ଥିତ ଆର୍ଥିକ ହରିଲୁଟ ବୋଲି ବର୍ଣ୍ଣନା କରିଛି। ଏହାର ଚାର୍ଜସିଟରେ, ଏଜେନ୍ସି ଆହୁରି ଦାବି କରିଛି ଯେ ରାହୁଲ ଏବଂ ସୋନିଆ ଗାନ୍ଧି ଦାନ ଆଳରେ ୟଙ୍ଗ ଇଣ୍ଡିଆନକୁ ସ୍ଥାନାନ୍ତରିତ ପାଣ୍ଠିର ହିତାଧିକାରୀ ଥିଲେ। ଇଡି ଅନୁଯାୟୀ, ୟଙ୍ଗ ଇଣ୍ଡିଆନ୍ ଲିମିଟେଡ୍ 'ନ୍ୟାସନାଲ ହେରାଲ୍ଡ' ଖବରକାଗଜର ପ୍ରକାଶକ ଆସୋସିଏଟେଡ୍ ଜର୍ଣ୍ଣାଲ୍ସ ଲିମିଟେଡ୍ ଠାରୁ ମାତ୍ର ୫୦ ଲକ୍ଷ ଟଙ୍କାରେ ୨,୦୦୦ କୋଟି ଟଙ୍କାର ସମ୍ପତ୍ତି ହାସଲ କରିଥିବା ଅଭିଯୋଗ ହୋଇଛି। ଏହି କାରବାର ଅପବ୍ୟବହାର ଏବଂ ମନି ଲଣ୍ଡରିଂର ଅଭିଯୋଗ ଆଣିଛି। ଏହି ସନ୍ଦେହଜନକ କାରବାରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ତେଲେଙ୍ଗାନା ସହ ଜଡିତ ରହିଛି। ତତ୍କାଳୀନ ବିଧାୟକ ଏବଂ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ କଥିତ ନିର୍ଦ୍ଦେଶ ଅନୁଯାୟୀ ଚାରି ଜଣ କଂଗ୍ରେସ ନେତା ୨୦୨୨ ମସିହାରେ ୟଙ୍ଗ ଇଣ୍ଡିଆନକୁ ୮୦ ଲକ୍ଷ ଟଙ୍କାରୁ ଅଧିକ ଦାନ କରିଥିଲେ। ଏମାନଙ୍କ ମଧ୍ୟରୁ, ୨୦୧୯ ଲୋକସଭା ନିର୍ବାଚନ ଲଢ଼ିଥିବା ଗଲି ଅନୀଲ କୁମାର ୨୦୨୨ ଜୁନରେ ୨୦ ଲକ୍ଷ ଟଙ୍କା ଦାନ କରିଥିବା ଜଣାପଡିଛି। ପୂର୍ବତନ ବିଧାୟକ ଅଲି ଶାହାବୀର ମଧ୍ୟ ୨୦ ଲକ୍ଷ ଟଙ୍କା ଦାନ କରିଥିଲେ, ତେଲେଙ୍ଗାନା କଂଗ୍ରେସ କୋଷାଧ୍ୟକ୍ଷ ପି ସୁଦର୍ଶନ ୧୫ ଲକ୍ଷ ଟଙ୍କା ଦାନ କରିଥିଲେ। ସବୁଠାରୁ ଅଧିକ ପରିମାଣ ୨୫ ଲକ୍ଷ ଟଙ୍କା ତେଲେଙ୍ଗାନା କଂଗ୍ରେସର ତତ୍କାଳୀନ କାର୍ଯ୍ୟକାରୀ ସଭାପତିଙ୍କଠାରୁ ଆସିଥିଲା। ସମସ୍ତ ଦାନ ଗୋଟିଏ ମାସ ମଧ୍ୟରେ କରାଯାଇଥିଲା। ଖାଲି ତେଲେଙ୍ଗାନା ନୁହେଁ ଇଡିର ତଦନ୍ତ କର୍ଣ୍ଣାଟକ ଏବଂ ପଞ୍ଜାବରେ ସମାନ ଦାନ ପଦ୍ଧତିକୁ ମଧ୍ୟ ଇଙ୍ଗିତ କରୁଛି। ବରିଷ୍ଠ କଂଗ୍ରେସ ନେତା ପବନ ବଂଶଲ କର୍ଣ୍ଣାଟକ କଂଗ୍ରେସ ସଭାପତି ଡିକେ ଶିବକୁମାର ଏବଂ ତାଙ୍କ ଭାଇ ସାଂସଦ ଡିକେ ସୁରେଶଙ୍କୁ ୨୦୨୨ ଏପ୍ରିଲରେ ପ୍ରତ୍ୟେକଙ୍କୁ ୨୫ ଲକ୍ଷ ଟଙ୍କା ଦାନ କରିବାକୁ ନିର୍ଦ୍ଦେଶ ଦେଇଥିବା ଅଭିଯୋଗ ହୋଇଛି। ସେହି ମାସରେ ଶିବକୁମାରଙ୍କ ସହ ଜଡିତ ଏକ ଟ୍ରଷ୍ଟ, ନ୍ୟାସନାଲ ଏଜୁକେସନ ଟ୍ରଷ୍ଟ ୟଙ୍ଗ ଇଣ୍ଡିଆନକୁ ୨କୋଟି ଟଙ୍କା ଦାନ କରିଥିଲା। ପଞ୍ଜାବରେ ବିଧାନସଭା ନିର୍ବାଚନ ଲଢ଼ିଥିବା ଅମିତ ଭିଜ ୨୦୧୫ ରେ ତିନୋଟି ପୃଥକ ପର୍ଯ୍ୟାୟରେ ୩.୩୦ କୋଟି ଟଙ୍କା ଦାନ କରିଥିଲେ।

## ଇଣ୍ଡୋନେସିଆ ଓ ତାଜାକିସ୍ତାନରେ ଭୂକମ୍ପ

**ନୂଆଦିଲ୍ଲୀ,୨୩।୫:** ଥରିଲା ଇଣ୍ଡୋନେସିଆ। ଭୂକମ୍ପର ଝଟକାରେ ଥରହର ଇଣ୍ଡୋନେସିଆ। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୯ ରେକର୍ଡ ହୋଇଥିବା ବେଳେ ଇଣ୍ଡୋନେସିଆର ଦକ୍ଷିଣ ସୁମାତ୍ରାରେ ଏହାର ପ୍ରଭାବ ବହୁ ମାତ୍ରାରେ ଅନୁଭୂତ ହୋଇଛି। ସେହିପରି ତାଜାକିସ୍ତାନରେ ବି ଭୂକମ୍ପର ଝଟକା ଲାଗିଛି। ୩.୯ ତୀବ୍ରତା ବିଶିଷ୍ଟ ଏହି ଭୂକମ୍ପ ତାଜାକିସ୍ତାନରେ ଅନୁଭୂତ ହୋଇଥିବା ବେଳେ ଉଭୟ ଇଣ୍ଡନେସିଆ ଏବଂ ତାଜାକିସ୍ତାନରେ କୌଣସି କ୍ଷୟକ୍ଷତି ନେଇ ରିପୋର୍ଟ ଆସିନି। ଆଜି ସକାଳେ ମଧ୍ୟ ଭୂକମ୍ପରେ ଥରିଥିଲା ନେପାଳ। ଅଧରାତିରେ ନେପାଳକୁ ଲାଗିଛି ଭୂକମ୍ପ ଝଟକା। ରାତି ୧ଟା ୩୩ ମିନିଟରେ ଥରିଛି ନେପାଳ। ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୪.୩ ରେକର୍ଡ ହୋଇଛି। ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଦ୍ୱାରା ଭୂକମ୍ପ ନେଇ ସୂଚନା ଦିଆଯାଇଛି। ତେବେ ଭୂକମ୍ପରେ କୌଣସି କ୍ଷୟକ୍ଷତି ନେଇ ଏଯାଏଁ କିଛି ଖବର ଆସିନି।

## ମାତୃତ୍ୱ ଛୁଟି ମହିଳାଙ୍କ ପ୍ରଜନନ ଅଧିକାରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୩।୫:** ମାତୃତ୍ୱ ଛୁଟି ମହିଳାମାନଙ୍କ ପ୍ରଜନନ ଅଧିକାରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ଆଜି ସୁପ୍ରିମକୋର୍ଟ ତାଙ୍କ ରାୟରେ କହିଛନ୍ତି। ତାମିଲନାଡୁର ଜଣେ ମହିଳା ସରକାରୀ ଶିକ୍ଷକଙ୍କ ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନରେ ସୁପ୍ରିମକୋର୍ଟ ଏପରି ଐତିହାସିକ ରାୟ ପ୍ରଦାନ କରିଛନ୍ତି। ଏହି ମହିଳାଙ୍କୁ ତାଙ୍କ ଦ୍ୱିତୀୟ ବିବାହରୁ ଜନ୍ମିତ ସନ୍ତାନ ପାଇଁ ମାତୃତ୍ୱ ଛୁଟି ଦିଆଯାଇନଥିଲା। ତାଙ୍କ ଆବେଦନରେ ମହିଳା ଜଣଙ୍କ କହିଛନ୍ତି ଯେ ତାଙ୍କର ପ୍ରଥମ ବିବାହରୁ ଦୁଇଟି ସନ୍ତାନ ଥିବା କାରଣରୁ ତାଙ୍କୁ ମାତୃତ୍ୱ ଛୁଟି ଦିଆଯାଇ ନଥିଲା। ତାମିଲନାଡୁରେ ଏକ ନିୟମ ରହିଛି ଯେ ମାତୃତ୍ୱ ସୁବିଧା କେବଳ ପ୍ରଥମ ଦୁଇଟି ସନ୍ତାନ ପାଇଁ ହିଁ ପ୍ରଦାନ କରାଯିବ।

ଆବେଦନକାରୀ କହିଛନ୍ତି ଯେ ସେ ତାଙ୍କ ପ୍ରଥମ ବିବାହରୁ ଜନ୍ମିତ ଦୁଇ ସନ୍ତାନ ପାଇଁ କୌଣସି ମାତୃତ୍ୱ ଛୁଟି କିମ୍ବା ସୁବିଧା ଗ୍ରହଣ କରି ନଥିଲେ। ସେଏହା ମଧ୍ୟ ଦାବି କରିଛନ୍ତି ଯେ ସେ ଦ୍ୱିତୀୟ ବିବାହ ପରେ ହିଁ ସରକାରୀ ଚାକିରିରେ ଯୋଗଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଓକିଲ କେଭି ମୁଥୁକୁମାର କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ତାଙ୍କ ମୌଳିକ ଅଧିକାରର ଉଲ୍ଲଙ୍ଘନ କରିଛି, କାରଣ ସେ ପୂର୍ବରୁ ତାମିଲନାଡୁର ମାତୃତ୍ୱ ସୁବିଧା ନିୟମାବଳୀର କୌଣସି ଲାଭ ଉଠାଇ ନଥିଲେ। ଆବେଦନକାରୀଙ୍କ ଯୁକ୍ତିକୁ ଦୃଷ୍ଟିରେ ରଖି ଜଷ୍ଟିସ ଅଭୟ ଏସ ଓକା ଓ ଜଷ୍ଟିସ ଉଜ୍ଜଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ତାଙ୍କ ସପକ୍ଷରେ ଏହି ରାୟ ପ୍ରଦାନ କରିଛନ୍ତି।

## ବାୟୁସୀମା କଟକଣା ଆଉ ମାସେ ବଢାଇଲା ଭାରତ

**ନୂଆଦିଲ୍ଲୀ, ୨୩।୫:** ଅପରେସନ ସିନ୍ଦୂର ପରେ ଉଭୟ ଭରାତ ଓ ପାକିସ୍ତାନ ପରସ୍ପରର ବାୟୁସୀମାକୁ ବନ୍ଦ କରିଦେଇଛନ୍ତି । ଅର୍ଥାତ୍ ଭାରତୀୟ ବିମାନ ପାକ ବାୟୁସୀମା ଓ ପାକ୍ ବିମାନ ଭାରତୀୟ ବାୟୁସୀମା ବ୍ୟବହାର କରିପାରିବେ ନାହିଁ । ନିକଟରେ ପାକିସ୍ତାନ ଏହି କଟକଣାକୁ ଆଉ ମାସେ ବଢାଇଥିବାବେଳେ ଆଜି ଭାରତ ସମାନ ପଦକ୍ଷେପ ନେଇଛି । ଭାରତ ସରକାର ଜୁନ୍ ୨୩ ପର୍ଯ୍ୟନ୍ତ ପାକିସ୍ତାନୀ ବିମାନ ପାଇଁ ତାର ଆକାଶ ମାର୍ଗ ବନ୍ଦ କରିଦେଇଛନ୍ତି। ପୂର୍ବରୁ ପାକିସ୍ତାନ ସହିତ ବଢୁଥିବା ଉତ୍ତେଜନା ମଧ୍ୟରେ ସରକାର ମଇ ୨୩ ପର୍ଯ୍ୟନ୍ତ ନୋଟାମ୍ (ନୋଟିସ ଟୁ ଏୟାରମ୍ୟାନ) ଜାରି କରିଥିଲେ। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ କହିଛି ଯେ ପାକିସ୍ତାନୀ ଯାତ୍ରୀବାହୀ ବିମାନ ଏବଂ ସାମରିକ ବିମାନ ଭାରତୀୟ ଆକାଶ ମାର୍ଗ ସହିତ ଯୋଗାଯୋଗ କରିପାରିବ ନାହିଁ। ପାକିସ୍ତାନ ଏୟାରପୋର୍ଟ ଅଥରିଟି ପକ୍ଷରୁ ଜୁନ ୨୪ ପର୍ଯ୍ୟନ୍ତ ନୋଟାମ ଜାରି କରାଯାଇଛି । କେବଳ ଭାରତୀୟ ବିମାନ ପାଇଁ ଏହି କଟକଣା ରହିବ । ନିକଟରେ କୁଆପଥର ମାଡ଼ ଯୋଗୁଁ କ୍ଷତିଗ୍ରସ୍ତ ଏକ ଯାତ୍ରୀବାହୀ ଇଣ୍ଡିଆ ବିମାନ ଲାହୋର ବିମାନବନ୍ଦରରେ ଅବତରଣ ଅନୁମତି ମାଗିଥିଲେ ବି ପାକିସ୍ତାନ ଏଥିପାଇଁ ଅନୁମତି ଦେଇନଥିଲା

### ଆତ୍ମହତ୍ୟା ପୂର୍ବରୁ ନାବାଳକର ହୃଦୟଥରା ଚିଠି

# ମାଆ, ମୁଁ ଚୋର ନୁହେଁ...



**ନୂଆଦିଲ୍ଲୀ ୨୩।୫:** ସାମାନ୍ୟ ଏକ ଚିପ୍ସ ପ୍ୟାକେଟ ପାଇଁ ସବୁଦିନ ପାଇଁ ଆଖିବୁଜି ଦେଇଛି ଜଣେ ସପ୍ତମ ଶ୍ରେଣୀର ଛାତ୍ର। ବିନା ଚୋରିରେ ଏପରି ଲୋକ ଲଜ୍ଜାକୁ ସହିନପାରି ପିଲାଟି ଆତ୍ମହତ୍ୟା ପରି ଶେଷ ରାସ୍ତା ବାଛିନେଇଥିଲା। ହେଲେ ଆତ୍ମହତ୍ୟା ପୂର୍ବରୁ ପିଲାଟି ତାର ମାଆ ପାଇଁ ଏକ ଚିଠି ଲେଖିଛି। ଯେଉଁ ଚିଠି ପଢିଲେ ହୃଦୟ ଥରାଇ ଦେବ। ଆଖିରୁ ଲୋତକ ଝରାଇ ଦେବ। ' ମାଆ... ମୁଁ ଚୋର ନୁହେଁ... ମୁଁ ଚୋରି କରି ନଥିଲି... ମୁଁ ଅପେକ୍ଷା କଲି, ହେଲେ କାକା ଆସିଲେନି। ଫେରିବା ବେଳେ ତଳେ ଗୋଟେ କୁରକୁରେ ପକେଟ୍ ପଡ଼ିଥିଲା... ତାକୁ ନେଇ ଆସିଲି। ମୋତେ କୁରକୁରେ ଖୁବ୍ ଭଲ ଲାଗେ । ଦୁନିଆ ଛାଡ଼ିବା ପୂର୍ବରୁ ମୋର ଶେଷ କଥା ମାଆ....ମୋର ଏଭଳି କାମ ପାଇଁ ମୋତେ କ୍ଷମା କରିଦେବୁ...' ସୁଇସାଇଡ୍ ନୋଟ୍‌ରେ ଏମିତି ଲେଖିବା ପରେ କୀଟନାଶକ ପିଇ ଆତ୍ମହତ୍ୟା କରିଦେଲା ସପ୍ତମ ଶ୍ରେଣୀରେ ପାଠ ପଢୁଥିବା କଷ୍ଟେନ୍ଦୁ ଦାସ। ଜୀବନ ହାରିବା ପୂର୍ବରୁ ସେ ସତକଥା କହିବାକୁ ଚେଷ୍ଟା କରିଥିଲା। ହେଲେ କେହି ଶୁଣିଲେନି। ସମସ୍ତେ ଭାବିଲେ ଏଇଟା ମିଛ କହୁଛି। ବିବ୍ ରାସ୍ତାରେ ଦୋକାନୀ ମାରିଲା, ଗାଳି ଦେଲା....ମାଆକୁ ଡାକି ଲୋକଙ୍କ ଆଗରେ ବେଇଜତ କଲା....ମାଆ ବି ଅପମାନର ଜ୍ୱାଳାରେ ସମସ୍ତଙ୍କ ଆଗରେ ପୁଅକୁ ଖୁବ୍ ଗାଳି କଲା... ଚୋରି ନ କରି ବି ସମସ୍ତଙ୍କ ଆଖି ଆଗରେ ସେ ପାଲଟିଗଲା ଚୋର। ଶେଷରେ ବାଛି ନେଲା ଆତ୍ମହତ୍ୟାର ପଥ...। ପଶ୍ଚିମ ମେଦିନୀପୁର ଜିଲ୍ଲାର ପାଂସକୁରା ଗୋସାଇବର ବଜାରରେ ଶୁଭଙ୍କର ଦୀକ୍ଷିତଙ୍କ ଏକ ଦୋକାନ ରହିଛି। ଗୁରୁବାର ସନ୍ଧ୍ୟାରେ ଶୁଭଙ୍କର ଉପସ୍ଥିତ ନଥିବାରୁ ୭ମ ଶ୍ରେଣୀର ଛାତ୍ର କ୍ରିଷ୍ଣେନ୍ଦୁ ଦାସ ଏକ ଚିପ୍ସ ପ୍ୟାକେଟ ନେଇଥିବା ଅଭିଯୋଗ ହୋଇଥିଲା। ପିଲାଟିର ପରିବାର ଦ୍ୱାରା ଦାୟର ଅଭିଯୋଗ ଅନୁଯାୟୀ, ଦୋକାନୀ ଶୀଘ୍ର ଫେରି ଆସିଥିଲେ। କ୍ରିଷ୍ଣେନ୍ଦୁଙ୍କୁ ପିଛା କଲେ, ତାଙ୍କୁ ଚାପୁଡ଼ା ମାରିଲେ ଏବଂ ସର୍ବସାଧାରଣରେ ଉଠ ବସ କରିବାକୁ ବାଧ୍ୟ କଲେ। ପୁଲିସ କହିଛି ଯେ ତଦନ୍ତ ଚାଲିଛି। କ୍ରିଷ୍ଣେନ୍ଦୁଙ୍କ ମାଆଙ୍କୁ ଘଟଣାସ୍ଥଳକୁ ଡକାଯାଇଥିଲା। ପିଲାଟି ଦାବି କରିଥିଲା ଯେ ସେ ଦୋକାନ ପାଖରେ ଥିବା ଏକ ଗଦାରୁ ପ୍ୟାକେଟଟି ଉଠାଇଛି। ଅପମାନିତ ଅନୁଭବ କରି କ୍ରିଷ୍ଣେନ୍ଦୁ ତାଙ୍କ ମାଆଙ୍କ ସହିତ ଘରକୁ ଫେରି ଯାଇଥିଲେ, ନିଜ କୋଠରୀରେ ନିଜକୁ ବନ୍ଦ କରିଦେଲେ ଏବଂ ବାହାରକୁ ଆସିବାକୁ ମନା କରିଦେଲେ। ପରେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କାରାଯାଇଥିଲା। ତାଙ୍କ ମା' ଏକ ଚିଠି ପାଇଥିଲେ। ଯେଉ ଥିରେ କ୍ରିଷ୍ଣେନ୍ଦୁ ତାଙ୍କର ସେଷ କଥା ଲେଖିଥିଲେ। ତାଙ୍କୁ ତମଲୁକ୍ ହସ୍ପିଟାଲକୁ ନିଆଯାଇ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ପରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଅବସର ନେବେ ଶ୍ରୀଲଙ୍କା ଅଲରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ୍




ନୂଆଦିଲ୍ଲୀ,୨୩।୫: ଶ୍ରୀଲଙ୍କାର ଅଭିଜ୍ଞ କ୍ରିକେଟର ଆଞ୍ଜେଲୋ ମାଥ୍ୟୁସ୍ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଶୁକ୍ରବାର ଏକ ବିବୃତିରେ ୩୭ ବର୍ଷୀୟ ମାଥ୍ୟୁସ୍ ନିଶ୍ଚିତ କରିଛନ୍ତି ଯେ ଜୁନ ମାସରେ ଗାଲେ ଆନ୍ତର୍ଜାତୀୟ ଷ୍ଟାଡିୟମରେ ବାଂଲାଦେଶ ବିପକ୍ଷରେ ହେବାକୁ ଥିବା ଟେଷ୍ଟ ମ୍ୟାଚ ତାଙ୍କର ଦୀର୍ଘତମ ଫର୍ମାଟରେ ଶେଷ ମ୍ୟାଚ ହେବ। ମାଥ୍ୟୁସ୍ ୨୦୦୯ରେ ଗାଲେରେ ପାକିସ୍ତାନ ବିପକ୍ଷରେ ଟେଷ୍ଟ ଡେବ୍ୟୁ କରିଥିଲେ। ୧୬ ବର୍ଷର କ୍ୟାରିୟରରେ ସେ ଶ୍ରୀଲଙ୍କାର ଟେଷ୍ଟ ଇତିହାସରେ ତୃତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ହୋଇପାରିଛନ୍ତି, କୁମାର ସାଙ୍ଗାକାରା ଓ ମାହେଲା ଜୟବର୍ଦ୍ଧନେଙ୍କ ପଛରେ।

୧୧୮ ଟେଷ୍ଟରେ ମାଥ୍ୟୁସ୍ ୪୪.୬୨ ହାରରେ ୮,୧୬୭ ରନ୍ ସଂଗ୍ରହ କରିଛନ୍ତି, ଯେଉଁଥିରେ ୧୬ଟି ଶତକ ଓ ୪୫ଟି ଅର୍ଦ୍ଧଶତକ ରହିଛି। ତାଙ୍କର ସର୍ବାଧିକ ସ୍କୋର – ୨୦୦* – ୨୦୨୨ରେ ଜିମ୍ବାବୱେ ବିପକ୍ଷରେ ହାରାରେ ସ୍ପୋର୍ଟସ କ୍ଲବରେ ଆସିଥିଲା। "କୃତଜ୍ଞ ହୃଦୟ ଓ ଅବିସ୍ମରଣୀୟ ସ୍ମୃତି ସହିତ, ମୁଁ ଖେଳର ସବୁଠାରୁ ପ୍ରିୟ ଫର୍ମାଟ, ଆନ୍ତର୍ଜାତୀୟ ଟେଷ୍ଟ କ୍ରିକେଟକୁ ବିଦାୟ ଦେବାର ସମୟ ଆସିଛି! ଶ୍ରୀଲଙ୍କା ପାଇଁ ୧୭ ବର୍ଷ କ୍ରିକେଟ ଖେଳିବା ମୋ ପାଇଁ ସର୍ବୋଚ୍ଚ ସମ୍ମାନ ଓ ଗର୍ବର ବିଷୟ। "ଜାତୀୟ ଜର୍ସି ପିନ୍ଧି ଦେଶପ୍ରୀତି ଓ ସେବାର ଅନୁଭବ ଅତୁଳନୀୟ। ମୁଁ କ୍ରିକେଟକୁ ସବୁକିଛି ଦେଇଛି ଓ କ୍ରିକେଟ ମୋତେ ବଦଳରେ ସବୁକିଛି ଦେଇ ଆଜିର ବ୍ୟକ୍ତିତ୍ୱରେ ଗଢ଼ିଛି," ମାଥ୍ୟୁସ୍ ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଲେଖିଛନ୍ତି। ତେବେ, ମାଥ୍ୟୁସ୍ ହ୍ୱାଇଟ-ବଲ ଫର୍ମାଟରେ ନିର୍ବାଚନ ପାଇଁ ନିଜକୁ ଉପଲବ୍ଧ ରଖିଛନ୍ତି। ୨୦୦୮ରେ ହାରାରେ ଜିମ୍ବାବୱେ ବିପକ୍ଷରେ ତାଙ୍କର ଓଡିଆଇ ଡେବ୍ୟୁ ହୋଇଥିଲା, ଯାହା ଆଜକୁ ୧୭ ବର୍ଷ ହେଲା।

"ମୁଁ ଖେଳ ପ୍ରତି କୃତଜ୍ଞ ଓ ଶ୍ରୀଲଙ୍କା କ୍ରିକେଟର ହଜାର ହଜାର ପ୍ରଶଂସକଙ୍କୁ ଧନ୍ୟବାଦ ଦେଉଛି, ଯେଉଁମାନେ ମୋ କ୍ୟାରିୟରର ସର୍ବୋଚ୍ଚ ଓ ନିମ୍ନତମ ସମୟରେ ମୋ ସହ ଥିଲେ। ଜୁନରେ ବାଂଲାଦେଶ ବିପକ୍ଷରେ ପ୍ରଥମ ଟେଷ୍ଟ ମ୍ୟାଚ ମୋ ଦେଶ ପାଇଁ ଶେଷ ରେଡ-ବଲ ଖେଳ ହେବ। "ଟେଷ୍ଟ ଫର୍ମାଟକୁ ବିଦାୟ ଦେଉଥିବା ବେଳେ, ଚୟନକର୍ତ୍ତାଙ୍କ ସହ ଆଲୋଚନା ଅନୁଯାୟୀ ମୁଁ ହ୍ୱାଇଟ-ବଲ ଫର୍ମାଟ ପାଇଁ ନିର୍ବାଚନ ଲାଗି ଉପଲବ୍ଧ ରହିବି, ଯଦି ମୋ ଦେଶର ଆବଶ୍ୟକତା ହୁଏ। ମୁଁ ବିଶ୍ୱାସ କରେ ଏହି ଟେଷ୍ଟ ଟିମ୍ ଏକ ପ୍ରତିଭାବାନ ଦଳ, ଯେଉଁଥିରେ ଅନେକ ଭବିଷ୍ୟତ ଓ ବର୍ତ୍ତମାନର ମହାନ ଖେଳାଳି ରହିଛନ୍ତି," ମାଥ୍ୟୁସ୍ କହିଛନ୍ତି। ୨୨୬ ଦିନିକିଆ ଓ ୯୦ ଟି-୨୦ ରେ ମାଥ୍ୟୁସ୍ ଯଥାକ୍ରମେ ୫,୯୧୬ ଓ ୧,୪୧୬ ରନ୍ ସଂଗ୍ରହ କରିଛନ୍ତି, ଯେଉଁଥିରେ ୩ଟି ଶତକ ଓ ୪୬ଟି ଅର୍ଦ୍ଧଶତକ ରହିଛି।

## ମାଲେସିଆ ମାଷ୍ଟର୍ସ



# କ୍ୱାର୍ଟରରେ ଶ୍ରୀକାନ୍ତ

କୁଆଲାଲୁମ୍ପୁର, ୨୩।୫: ଭାରତୀୟ ତାରକା କିଦାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଗୁରୁବାର ପୁରୁଷ ଏକକ ପ୍ରିକ୍ୱାର୍ଟରଫାଇନାଲ୍‌ରେ ଶ୍ରୀକାନ୍ତ ୨୩-୨୧, ୨୧-୧୭ରେ ବିଶ୍ୱର ୩୩ ନମ୍ବର ଆୟର୍ଲାଣ୍ଡର ଏନ୍‌ହାଟ୍ ଏନ୍‌ଗୁଏଁଙ୍କୁ ପରାସ୍ତ କରିଥିଲେ। ତେବେ ଏଚ୍‌ଏସ୍ ପ୍ରଣୟ ୯-୨୧, ୧୮-୨୧ରେ ଜାପାନର ୟୁଶି ତନକାଙ୍କଠୁ, ସତୀଶ କୁମାର କରୁଣାକରନ ୧୪-୨୧, ୧୬-୨୧ରେ ଫ୍ରାନ୍ସର କ୍ରିଷ୍ଟୋ ପୋପୋଭ ଏବଂ ଆୟୁଷ ସେଟ୍ଟୀ ୧୩-୨୧, ୧୭-୨୧ରେ ଫ୍ରାନ୍ସର ତୋମା ପୋପୋଭଙ୍କଠୁ ହାରି ପ୍ରିକ୍ୱାର୍ଟରଫାଇନାଲ୍‌ରୁ ବିଦାୟ ନେଇଛନ୍ତି। ମିଶ୍ରିତ ଯୁଗଳ ଯୋଡ଼ି ଧ୍ରୁବ କପିଳ ଓ ତନିଶା କ୍ରାଷ୍ଟୋ ୨୧-୧୭, ୧୮-୨୧, ୨୧-୧୫ରେ ଫ୍ରାନ୍ସର ଜୁଲିଏନ ମାଇଓ ଓ ଲିଆ ପାଲେର୍ମୋଙ୍କୁ ହରାଇ କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଛନ୍ତି। ମହିଳା ଯୁଗଳ ଯୋଡ଼ି ପ୍ରେରଣା ଅଲ୍‌ଭେକର ଓ ମୃଣ୍ମୟୀ ଦେଶପାଣ୍ଡେ ୯-୨୧, ୧୪-୨୧ରେ ସୁ ୟିନ୍ ହୁଇ ଓ ଲିନ୍ ଝି ୟୁନ୍‌ଙ୍କଠୁ ହାରି ବିଦାୟ ନେଇଛନ୍ତି।

## ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ

# ଓଡ଼ିଶା ପେନ୍‌ଚାକ୍ ସିଲାଟ୍ ଦଳକୁ ୪ ପଦକ



କଟକ, ୨୩।୫ (ସଂଚାର ବ୍ୟୁରୋ): ଡାମନ ଓ ଡିଉ'ର ଘୋଘଲା ବିଚ୍‌ରେ ଚାଲିଥିବା ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଓଡ଼ିଶା ପେନ୍‌ଚାକ୍ ସିଲାଟ୍ ଦଳ ଚାରିଟି ପଦକ ଜିତି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛି। ବ୍ୟକ୍ତିଗତ ବର୍ଗରେ ସୁଶୀଲ ଗୁରୁଙ୍ଗ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଥିଲା ବେଳେ ବାଳକ ଓ ବାଳିକା ରେଗୁ ଦଳ ତୃତୀୟ ସ୍ଥାନରେ ରହି ଦୁଇଟି କାଂସ୍ୟ ପଦକ ହାସଲ କରିଛନ୍ତି। ଅନ୍ୟପଦକଟି ଓଡ଼ିଶା ଗ୍ୟାଣ୍ଡା ଦଳ ତୃତୀୟ ସ୍ଥାନରେ ରହି କାଂସ୍ୟ ଆକାରରେ ଜିତିଛି। ଏହି ସଫଳତା ଲାଗି ପେନଚାକ୍ ସିଲାଟ୍ ସଂଘର ସଂପାଦକ ପ୍ରେମ୍ ସିଂହ ଥାପାଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଓଡ଼ିଶା ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରେମ୍ ସିଂହ ଥାପା ମଧ୍ୟ ଏହି ପ୍ରତିଯୋଗିତାରେ ରେଫରି ଦାୟିତ୍ୱ ତୁଲାଉଛନ୍ତି।

## ୧୯ ବର୍ଷରୁ କମ୍ ଅନ୍ତଃଜିଲ୍ଲା କ୍ରିକେଟ୍

# ହମିଦ୍‌ଙ୍କୁ ୬ ୱିକେଟ୍



**କଟକ, ୨୩।୫ (ସଂଚାର ବ୍ୟୁରୋ):** ଚଳିତ ୧୯ ବର୍ଷରୁ କମ୍ ବାଳକ ଅନ୍ତଃଜିଲ୍ଲା କ୍ରିକେଟ୍‌ରେ ଗୁରୁବାର ଯାଜପୁର, ଭଦ୍ରକ, ଝାରସୁଗୁଡ଼ା, ଖୋର୍ଦ୍ଧା, କିଟ୍ ବିଜୟୀ ହୋଇଛନ୍ତି। ଡ୍ରିମ୍ସ ପଡ଼ିଆରେ ଯାଜପୁର ୧୦୩ ରନ୍‌ରେ ସୋନପୁରକୁ ପରାସ୍ତ କରିଛି। ମହମ୍ମଦ ହମିଦ୍ ରାଜା ୬ଟି ୱିକେଟ ଅକ୍ତିଆର କରି ଯାଜପୁରକୁ ବିଜୟୀ କରାଯାଇବାର ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ସନ୍‌ସାଇନ ପଡ଼ିଆରେ ଭଦ୍ରକ ମାତ୍ର ୨ ରନ୍‌ରେ ସମ୍ବଲପୁର-ବିକୁ ହରାଇଛି। ବିଜୟୀ ଦଳର ପ୍ରୀତମ ଦାସ ୪ ୱିକେଟ୍ ନେଇଥିଲେ। ବିଡ଼ାନାସୀ ପଡ଼ିଆରେ ଝାରସୁଗୁଡ଼ା ୪ ୱିକେଟ୍‌ରେ ରାୟଗଡ଼ାକୁ ପରାସ୍ତ କରିଛି। ୪ ୱିକେଟ ସଫଳତା ପାଇଥିବା ଝାରସୁଗୁଡାର ଆଦର୍ଶ ସିଂହ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ସାବ୍ୟସ୍ତ ହୋଇଥିଲେ। ରେଭେନ୍ସା ପଡ଼ିଆରେ ଖୋର୍ଦ୍ଧା ୧୦୬ ରନ୍‌ରେ ନବରଙ୍ଗପୁରକୁ ପରାସ୍ତ କରିଛି। ଖୋର୍ଦ୍ଧାର ତୀର୍ଥଙ୍କର ସାହୁ ୩ଟି ୱିକେଟ ନେଇଥିଲେ। ରେଭେନ୍ସା ପଡ଼ିଆ-୨ରେ ଅନୁଷ୍ଠିତ ମ୍ୟାଚ୍‌ରେ କିଟ୍ ୪୧ ରନ୍‌ରେ ଭୁବନେଶ୍ୱର-ବି'କୁ ପରାସ୍ତ କରିଛି। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ କିଟ୍‌ର ସାର୍ଥକ କୁମାର ମ୍ୟାଚ୍ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ୧୭ ବର୍ଷରୁ କମ୍ ଫାଓ ଲିଗ୍

# ଅର୍ବାନ୍ ଆଡ୍‌ଭେଞ୍ଚର, କିଟ୍, ଆର୍ଡୋର ବିଜୟୀ

କଟକ/ଭୁବନେଶ୍ୱର, ୨୩।୫ (ସଂଚାର ବ୍ୟୁରୋ): 'ଫାଓ' ପୁରୁଷ ଲିଗ୍‌ରେ ଅର୍ବାନ୍ ଆଡ୍‌ଭେଞ୍ଚର କ୍ଲବ୍, କିଟ୍-କିସ୍ ଓ ଆର୍ଡୋର ଫୁଟ୍‌ବଲ୍ ଏକାଡେମି ବିଜୟୀ ହୋଇଛନ୍ତି। ଗୁରୁବାର ବୋସ୍ କମ୍ପ୍ଲେକ୍ସରେ ଅର୍ବାନ୍ ଆଡ୍‌ଭେଞ୍ଚର କ୍ଲବ୍ ୩-୨ ଗୋଲ୍‌ରେ ଫାଓ ଏକାଡେମିକୁ ପରାସ୍ତ କରିଛି। ଅର୍ବାନ ଆଡ୍‌ଭେଞ୍ଚର କ୍ଲବ୍ ପକ୍ଷରୁ ସୁନିଲ ମାଝୀ, ବିକ୍ରମ୍ ମୁର୍ମୁ ଓ ବିଶ୍ୱଜିତ ସୋରେନ୍ ଗୋଟିଏ ଲେଖାଏଁ ଗୋଲ୍ କରିଥିବା ବେଳେ ଫାଓ ଏକାଡେମି ପକ୍ଷରୁ ଇଶାନ୍ତ କୁଜୁର ୨ଟି ଗୋଲ୍ ଶୁଝିଥିଲେ। ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ୍ ଏକାଡେମିଠାରେ ଖେଳାଯାଇଥିବା ମ୍ୟାଚ୍‌ରେ କିଟ୍-କିସ୍ ୨-୦ ଗୋଲ୍‌ରେ କିଶୋର ସ୍ପୋର୍ଟିଂକୁ ହରାଇଛି। ଗୋଲ୍ ୨ଟି ବିଜୟୀ ଦଳ ପକ୍ଷରୁ ପ୍ରିୟାଂଶୁ ପ୍ରଧାନ (୩୨ ମିନିଟ୍) ଓ ରାମ ମାଝୀ (୮୪ ମିନିଟ୍) ଦେଇଥିଲେ। ଅନ୍ୟଏକ ମ୍ୟାଚ୍‌ରେ ଆର୍ଡୋର ଫୁଟ୍‌ବଲ୍ ଏକାଡେମି ୧୨-୦ ଗୋଲ୍‌ରେ କଳିଙ୍ଗ ୟୁଥ୍ କ୍ଲବ୍‌କୁ ମାତ୍ ଦେଇଛି। ଆର୍ଡୋର ପକ୍ଷରୁ ଅନମୋଲ ନାଥ ୪ଟି, ଦେବନାଥ ପ୍ରଧାନ ୩ଟି, କ୍ରୀଶ୍ ବାସ୍କେ ୨ଟି ଏବଂ ଓମାନ ମାଲାକର, ସମୟ ପାଲ୍ ଓ ବିକାଶ ଖାଖା ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ।

## ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ୟୁରୋପୀୟ ଚରଣ

# ଭାରତୀୟ ଦଳରେ ଅମିତ, ନୀଲମ, ଶିଳାନନ୍ଦ

ଭୁବନେଶ୍ୱର, ୨୩।୫ (ସଂଚାର ବ୍ୟୁରୋ): ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ୨୦୨୪-୨୫ର ୟୁରୋପୀୟ ଚରଣ ଲାଗି ଗୁରୁବାର ଭାରତୀୟ ପୁରୁଷ ଦଳ ଘୋଷିତ ହୋଇଛି। ଏହି ୨୪ ଜଣିଆ ଦଳରେ ଓଡ଼ିଶାରୁ ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ୍ ଓ ଶିଳାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି। ଦଳର ନେତୃତ୍ୱଭାର ପୂର୍ବ ପରି ଅଭିଜ୍ଞ ଡ୍ରାଗ୍‌ଫ୍ଲିକର୍ ହର୍ମନପ୍ରୀତ ସିଂହଙ୍କ କାନ୍ଧରେ ରହିଥିଲା ବେଳେ ମିଡ୍‌ଫିଲ୍ଡ ତାରକା ହାର୍ଦିକ ସିଂହଙ୍କୁ ଉପଅଧିନାୟକ ଦାୟିତ୍ୱ ମିଳିଛି। ଦଳରେ ଦୁଇ ଜଣ ଗୋଲି କ୍ରିଷନ ବାହାଦୂର ପାଠକ ଓ ସୂରଜ କରକେରା ଅଛନ୍ତି। ନେଦରଲାଣ୍ଡସର ଆମ୍‌ଷ୍ଟଲଭିନ୍ ଓ ବେଲ୍‌ଜିୟମ୍‌ର ଅନ୍ଟ୍ୱେର୍ପରେ ଜୁନ୍ ୭ରୁ ୨୨ ତାରିଖ ମଧ୍ୟରେ ଭାରତ ଏହି ୟୁରୋପୀୟ ଲେଗ୍‌ର ମ୍ୟାଚ୍‌ଗୁଡ଼ିକ ଖେଳିବ। ଆମ୍‌ଷ୍ଟଲଭିନ୍‌ରେ ୭ ଓ ୯ ତାରିଖରେ ନେଦରଲାଣ୍ଡସ ଏବଂ ୧୧ ଓ ୧୨ରେ ଆୟୋଜକ ଆର୍ଜେଣ୍ଟିନା ବିପକ୍ଷରେ ଦୁଇଟି ଲେଖାଏଁ ମ୍ୟାଚ୍ ଖେଳି ବେଲ୍‌ଜିୟମ୍ ଗସ୍ତ କରିବ। ଅନ୍ଟ୍ୱେର୍ପରେ ୧୪ ଓ ୧୫ ତାରିଖରେ ଅଷ୍ଟ୍ରେଲିଆ ଏବଂ ୨୧ ଓ ୨୨ରେ ଆୟୋଜକ ବେଲ୍‌ଜିୟମ ବିପକ୍ଷରେ ଦୁଇଟି ଲେଖାଏଁ ମ୍ୟାଚ୍ ଖେଳି ୟୁରୋପ ଗସ୍ତ ଶେଷ କରିବ।

ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ୨୦୨୪-୨୫ର ଘରୋଇ ଚରଣ ଭାରତ ଭୁବନେଶ୍ୱରରେ ଖେଳିଥଇଲା। ଏହି ଚରଣରେ ଦଳ ୮ ମ୍ୟାଚ୍ ଖେଳି ୫ ବିଜୟରୁ ୧୫ ପଏଣ୍ଟ ପାଇ ସଂପ୍ରତି ଟେବୁଲର ତୃତୀୟ ସ୍ଥାନରେ ରହିଛି। ୟୁରୋପୀୟ ଲେଗ୍‌ରେ ଖେଳିବାକୁ ଥିବା ୮ ମ୍ୟାଚ୍‌ରୁ ଅଧିକ ପଏଣ୍ଟ ଅର୍ଜନ କରି ଭାରତ ଆଗାମୀ ୨୦୨୬ ବିଶ୍ୱକପ୍ ଟିକେଟ୍ କରାୟତ୍ତ ଲକ୍ଷ୍ୟରେ ରହିଛି।

**ଭାରତୀୟ ଦଳ: ଗୋଲି-** କ୍ରିଷନ ବାହାଦୂର ପାଠକ, ସୂରଜ କରକେରା, **ଡିଫେଣ୍ଡର-** ସୁମିତ, ଅମିତ ରୋହିଦାସ, ୟୁଗରାଜ ସିଂହ, ନୀଲମ ସଞ୍ଜୀପ ଖେସ୍, ହର୍ମନପ୍ରୀତ ସିଂହ (ଅଧିନାୟକ), ଜର୍ମନପ୍ରୀତ ସିଂହ, ସଞ୍ଜୟ, ୟଶଦୀପ ସିୱାଚ, **ମିଡ୍‌ଫିଲ୍ଡର-** ରାଜ କୁମାର ପାଲ, ନୀଳକାନ୍ତ ଶର୍ମା, ହାର୍ଦିକ ସିଂହ (ଉପଅଧିନାୟକ), ରାଜିନ୍ଦର ସିଂହ ମନପ୍ରୀତ ସିଂହ, ବିବେକ ସାଗର ପ୍ରସାଦ, ଶମଶେର ସିଂହ, **ଫରୱାର୍ଡ-** ଗୁରଜାଣ୍ଟ ସିଂହ, ଅଭିଷେକ, ଶିଳାନନ୍ଦ ଲାକ୍ରା, ମନଦୀପ ସିଂହ, ଲଳିତ କୁମାର ଉପାଧ୍ୟାୟ, ଦିଲପ୍ରୀତସିଂହ, ସୁଖଜିତ ସିଂହ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସରକାରଙ୍କ...

ତଥା ଜିଲ୍ଲା ପ୍ରଶାସନ ସମନ୍ୱୟରେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପୂଜ୍ୟ ଜଗଦଗୁରୁଙ୍କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ମଠର ପାରିପାର୍ଶ୍ୱିକ ବିକାଶ ସମ୍ପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମହୋଦଧି ସନ୍ଧ୍ୟା ଆଳତୀ ସ୍ଥଳକୁ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ଅଧିକ ଆକର୍ଷଣୀୟ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ପୁରୀ ଗୋବର୍ଦ୍ଧନ ପୀଠର ବିକାଶ ପାଇଁ ରହିଥିବା ଆବଶ୍ୟକତାକୁ ଗୁରୁତର ସହ ନେଇ ପୂରଣ କରାଯିବ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ପୂର୍ତ୍ତ, ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ଡଃ ସମ୍ବିତ ପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଶ୍ରୀମନ୍ଦିର ପ୍ରଶାସକ ତଥା ପ୍ରମୁଖ ଶାସନ ସଚିବ ଡଃ ଅରବିନ୍ଦ ପାଢ଼ୀ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂହ, ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଆରକ୍ଷୀ ଅଧୀକ୍ଷକ ଭୀନିତ୍ ଅଗ୍ରୱାଲ, ଗୋବର୍ଦ୍ଧନ ପୀଠର ପ୍ରତିନିଧି ପଣ୍ଡିତ ମାତୃପ୍ରସାଦ ମିଶ୍ର, ବ୍ରହ୍ମଚାରୀ ସୁୟସ ପ୍ରଶାନ୍ତ, ରଘୁନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଟଳିଥିବା ...

ମୁହଁରେ ଆହାର ଦେଇଥିବା ଏମାର ମଠ ବି ବାଦ୍ ପଡ଼ିନଥିଲା । ୫୦୦ କୋଟିର ପରିକ୍ରମା ପ୍ରକଳ୍ପ ଆଳରେ ଶ୍ରୀମନ୍ଦିର ସହ ଜଡ଼ିତ ମଠର ବିଜେସ୍ଥଳୀ ଭାଙ୍ଗିଥିଲେ ସରକାର । ୧୪୦୨ ମସିହାର ମଙ୍ଗୁ ମଠ ଭଙ୍ଗା ବେଳେ ଶିଖ୍ ସମ୍ପ୍ରଦାୟଙ୍କ ବିରୋଧ ସଂଖ୍ୟାଲଘୁ କମିସନଙ୍କ ଯାଏ ମଧ୍ୟ ଯାଇଥିଲା । ଏବେ ଗୋଟିଏ ସ୍ଥାନରେ ପୁରୁଣା ମଠର ପୁନର୍ବାସ ପଦକ୍ଷେପକୁ ସବୁ ମହଲରେ ସ୍ୱାଗତ କରାଯାଇଛି ।

## ମାତୃଭାଷାରେ ...

ଥିବା କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ହେବା ପାଇଁ ସେ ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଢେଙ୍କାନାଳର ବିକାଶ ପାଇଁ ପ୍ରାୟ ୯୩ କୋଟି ଟଙ୍କାର ୨୨ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଥିଲେ ଶ୍ରୀ ପ୍ରଧାନ।

ଏହି ଅବସରରେ ସେ କହିଛନ୍ତି ଯେ ପ୍ରାଚୀନ ଯୁଗରୁ ଢେଙ୍କାନାଳ ବୀରଭୂମି ନାମରେ ଖ୍ୟାତ। ଢେଙ୍କାନାଳ ଜିଲ୍ଲା ଶହୀଦ ବୀର ବାଜି ରାଉତ, ବୈଷ୍ଣବ ଚରଣ ପଟ୍ଟନାୟକ, 'ଗଡଜାତ ଗାନ୍ଧି' ସାରଙ୍ଗଧର ଦାସ, ମହେଶ ଚନ୍ଦ୍ର ସୁବାହୁ ସିଂ ଓ ମୁକ୍ତା ମଲିକଙ୍କ ସଂଗ୍ରାମୀ ଭୂମି ଭାବରେ ଜଣାଶୁଣା। ଏହି ଅଞ୍ଚଳରେ ଆଦର୍ଶ ବିଦ୍ୟାଳୟ, ଏକଲବ୍ୟ ଆବାସିକ ବିଦ୍ୟାଳୟ, ରାଜ୍ୟ ସରକାରଙ୍କ ସ୍କିଲ ଡେଭଲପମେଣ୍ଟ ବିଭାଗର ଏକ ଶିକ୍ଷାନୁଷ୍ଠାନ ଥିବା ବେଳେ ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟର ସ୍ୱପ୍ନ ମଧ୍ୟ ପୂରଣ ହୋଇଛି। କାମାକ୍ଷାନଗରର କେନ୍ଦ୍ରୀୟ ବିଦ୍ୟାଳୟ ଆଗାମୀ ଦିନରେ ଆମର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ବୀରପୁତ୍ରଙ୍କ ତ୍ୟାଗ ଓ ବଳିଦାନକୁ ମନେ ପକାଇବା ସହ ସେମାନଙ୍କ ଆଦର୍ଶ ଓ ବିଚାରରେ ଆଗକୁ ବଢ଼ିବା ପାଇଁ ଅନୁପ୍ରାଣିତ କରିବ। କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସରେ ଚଳିତ ଶିକ୍ଷା ବର୍ଷଠାରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୪୦ ଜଣ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ାଯିବ। ଓଡ଼ିଶା ସରକାର ଏନଇପିର ପରାମର୍ଶ ଅନୁସାରେ, ୨୦୨୫-୨୬ ବର୍ଷ ପାଇଁ ୪୫ ହଜାରରୁ ଅଧିକ ପ୍ରି-ପ୍ରାଇମେରୀ କ୍ଲାସକୁ ଶିଶୁ ବାଟିକାରେ ପରିବର୍ତ୍ତିତ କରାଇଛନ୍ତି। କାମାକ୍ଷାନଗର କେନ୍ଦ୍ରୀୟ ବିଦ୍ୟାଳୟରେ ଶିଶୁବାଟିକାରେ ମଧ୍ୟ ଶିଶୁମାନଙ୍କୁ ମାତୃଭାଷାରେ ଶିକ୍ଷା ଦିଆଯିବ। ଢେଙ୍କାନାଳରେ ଥିବା ଏୟାର ଷ୍ଟ୍ରିପର ବିକାଶ କରାଯିବା ସହ ସେଠାରେ ସ୍ଥାନୀୟ ଅଞ୍ଚଳର ପିଲାଙ୍କୁ ପାଇଲଟ୍ ଶିକ୍ଷା ଦେବାର ଯୋଜନା କରାଯିବ। ଡବଲ ଇଞ୍ଜିନ ସରକାର ସ୍କୁଲ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେଇ ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟକୁ ବିକଶିତ କରିବାର ଦାୟିତ୍ୱ ନେଇଛନ୍ତି। ଆସନ୍ତା ୫ ବର୍ଷ ମଧ୍ୟରେ ପିଲାଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବଢ଼ାଇବା ପାଇଁ ସରକାରୀ ବିଦ୍ୟାଳୟଗୁଡ଼ିକରେ ୫୦ ହଜାର ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରାଯିବ। ସେହିପରି ରାଜ୍ୟରେ ୬୭୯୪ ପଞ୍ଚାୟତରେ ଗୋଟିଏ ଗୋଟିଏ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ଡବଲ ଇଞ୍ଜିନ ସରକାର ପଦକ୍ଷେପ ନେଇଛନ୍ତି। ରାଜ୍ୟରେ ଡ୍ରପ ଆଉଟ୍ ହାର କମାଇବା ପାଇଁ 'ମାଧୋ ସିଂହ ହାତ ଖର୍ଚ୍ଚ' ଯୋଜନା କାର୍ଯ୍ୟକାରୀ ହେବ। ଏହି ଅବସରରେ ଶ୍ରୀ ପ୍ରଧାନ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଙ୍କରାନ୍ତିପୁର, ମହିଷାପାଟ, ବିଶ୍ୱନାଥପୁର ଓ ନିଜିଗଡରେ ପୃଥକ ପୃଥକ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସର ଉଦଘାଟନ କରିଥିଲେ। ସେତୁ ବନ୍ଧ ଯୋଜନା ଅଧୀନରେ ଗନ୍ଧିଆଠାରୁ ସାଆନ୍ଦାପଶି ରାସ୍ତାରେ ସାପୁଆ ନାଳ ଉପରେ ସେତୁ ନିର୍ମାଣ, କର୍ଣ୍ଣପୁର ଛକ ଠାରୁ ମହିଧରପୁର ଭାୟା ବରଡାପାଲ ରାସ୍ତା ଉପରେ ନିର୍ମାଣ ମାଡେଲିଆ ନାଳ ସେତୁ, କାଣ୍ଡବିନ୍ଧା ଠାରୁ କଦଳୀପାଳ ରାସ୍ତା ଭାୟା ତାମଣ୍ଡା, ଗୋବିନ୍ଦ ପ୍ରସାଦ, ବନର ନାଳି ରାସ୍ତାର ଉଦଘାଟନ କରିଥିଲେ। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ବାରୁଆ. ଗୁନେଇବିଲ ଓ ମାର୍ଥାପୁର ଆଦି ଅନେକ ପ୍ରକଳ୍ପର ଲୋକାର୍ପଣ କରିଥିଲେ। ଏହାଛଡ଼ା କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଭୁବନଠାରେ ୧୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ସୌରଶକ୍ତିଚାଳିତ ଶୀତଳଭଣ୍ଡାର, ବଡଝରା, ଚାନ୍ଦପୁର, ଗଁଦିଆଁ, କାମାକ୍ଷାନଗର, ଘଟିପିରି ପଞ୍ଚାୟତରେ ପୃଥକ ୧୦ ମେଟ୍ରିକ୍ ଟନ୍ ବିଶିଷ୍ଟ ସୋଲାର ଶୀତଳଭଣ୍ଡାରର ଶିଳାନ୍ୟାସ ହୋଇଛି।

## ଅନୁଜ ଦାସ...

ସ୍ୱତନ୍ତ୍ର ସଚିବ ଓଏଏସ୍ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ପିଏମ ପୋଷଣ କାର୍ଯ୍ୟକ୍ରମର ରାଜ୍ୟ ନୋଡାଲ ଅଫିସର ଭାବେ ବଦଳି ହୋଇଛି । ଓୟୁଏଟିର ପୂର୍ବତନ ରେଜିଷ୍ଟ୍ରାର ବରିଷ୍ଠ ଓଏଏସ୍ ଲୋପାମୁଦ୍ରା ମହାନ୍ତିଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ, ଖଲ୍ଲିକୋଟ ମହାବିଦ୍ୟାଳୟର ପୂର୍ବତନ ରେଜିଷ୍ଟ୍ରାର ଶାନ୍ତିସୁଧା ପାତ୍ରଙ୍କୁ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ, ମାନେଶ୍ୱରର ପୂର୍ବତନ ତହସିଲଦାର ଜ୍ୟୋତ୍ସ୍ନାରାଣୀ ସାହୁଙ୍କୁ ସୁନ୍ଦରଗଡ଼ ଡିୟୁଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସିଙ୍ଗୁ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ସ୍ୱତନ୍ତ୍ର ଭୂଅଧିଗ୍ରହଣ ଅଧିକାରୀ ଏବଂ ସୁବର୍ଣ୍ଣପୁର ଅତିରିକ୍ତ ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେରଙ୍କୁ ବୀରମହାରାଜପୁର ଉପଜିଲ୍ଲାପାଳ ଭାବେ ବଦଳି ହୋଇଛି। କଟକସ୍ଥିତ ବୋର୍ଡ ଅଫ ରେଭିନ୍ୟୁର ଉପସଚିବ ଏଲିଜା ମିଶ୍ରଙ୍କୁ କଟକ ଶିଶୁଭବନର ପ୍ରଶାସନିକ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ଟାଙ୍ଗୀର ପୂର୍ବତନ ତହସିଲଦାର ଓଏଏସ୍ ମିତାଲି ପାତ୍ରଙ୍କୁ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଶାସନିକ ଅଫିସର ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଗୁଣୁପୁର ଆଇଟିଡିଏ ପ୍ରକଳ୍ପ ଅଧିକାରୀ ଓଏଏସ୍ ଅଜୟ କୁମାର ପ୍ରଧାନଙ୍କ ବଦଳି ବାତିଲ କରି ତାଙ୍କୁ ସେଠାରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଅନ୍ୟଏକ ନିର୍ଦ୍ଦେଶକ୍ରମେ ବୌଦ୍ଧ ବିଡିଓ ଓଏଏସ୍ ଯୁଧିଷ୍ଠିର ମେହେରଙ୍କୁ ସରାଙ୍ଗସ୍ଥିତ ଇନ୍ଦିରାଗାନ୍ଧି ବୈଷୟିକ ପ୍ରତିଷ୍ଠାନର ରେଜିଷ୍ଟ୍ରାର ଭାବେ ବଦଳି ହୋଇଛି । ଓଡ଼ିଶା ରିଏଲଇଷ୍ଟେଟ୍ ନିୟନ୍ତ୍ରକ ପ୍ରାଧିକରଣ(ରେରା)ର ସଚିବ ତଥା ବରିଷ୍ଠ ଓଏଏସ୍ ଶ୍ରାବଣୀ ପଟ୍ଟନାୟକଙ୍କୁ ରାଜ୍ୟ ଏମଏସଏମଇ ବିଭାଗର ଅତିରିକ୍ତ ସଚିବ ଏବଂ ସେଠାରେ ଥିବା ବରିଷ୍ଠ ଓଏଏସ୍ ମାନସୀ ମାନ୍ଧତାଙ୍କୁ ରେରା ସଚିବ ଭାବେ ବଦଳି କରାଯାଇଛି । ସୂଚନାଯୋଗ୍ୟ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ଦେବପ୍ରସାଦ ଦାଶ ଏବେ ରାଜ୍ୟ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଅଛନ୍ତି । ତାଙ୍କୁ ମାତ୍ର ଏକମାସ ମଧ୍ୟରେ ନିର୍ଦ୍ଦେଶକ ପଦରୁ ସରକାର କାହିଁକି ହଟାଇଦେଲେ ତାକୁ ନେଇ ପାୱାର କରିଡରରେ ନାନାଦି ଚର୍ଚ୍ଚା ଚାଲିଛି ।

## ଚାରିଦିନିଆ...

ଉତ୍ସବରେ ଯୋଗଦେବା ପାଇଁ ମୋଦିଙ୍କୁ ଔପଚାରିକ ଭାବେ ନିମନ୍ତ୍ରଣ କରିବେ। ଏହି ଉତ୍ସବରେ ରାଜ୍ୟର ଅଗ୍ରଗତି ଏବଂ ବିଭିନ୍ନ କଲ୍ୟାଣ ଓ ବିକାଶମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନକୁ ପ୍ରଦର୍ଶନ କରାଯିବ। ଦିଲ୍ଲୀ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନୀତି ଆୟୋଗର ଶାସନ ପରିଷଦ ବୈଠକରେ ଯୋଗଦେବେ ଏବଂ ଏନଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ମଧ୍ୟ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି।

## ବରିଷ୍ଠ ନେତାଙ୍କ...

ଓ କିଏ ନରହିବ ତାହା ପ୍ରସଙ୍ଗ ନୁହେଁ ବୋଲି କହିଛନ୍ତି ପୂର୍ବତନ ବିଧାୟକ ମହମ୍ମଦ ମୋକିମ। ତେବେ ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ଉପସ୍ଥିତ ନଥିବା କହିଛନ୍ତି ଅନନ୍ତ ସେଠୀ। ପିସିସି ସଭାପତିଙ୍କ ଡାକରା ଓ ନେତାଙ୍କ ଅସନ୍ତୋଷ ନେଇ ଉଷ୍ମ ହୋଇଛି କଂଗ୍ରେସ ରାଜନୀତି। ପିସିସି ସଭାପତିଙ୍କ ନୂଆ ଟିମକୁ ନେଇ ବରିଷ୍ଠ ନେତାଙ୍କ ମଧ୍ୟରେ ଥିବା ଅସନ୍ତୋଷକୁ ଖୋଦ ପିଏସି ବୈଠକ କରି ପ୍ୟାଚ୍ ପକାଇଛନ୍ତି ଭକ୍ତ ଦାସ। ଆଗକୁ ଭକ୍ତଙ୍କ ସମସ୍ତଙ୍କୁ ନେଇ ଯିବା ମନ୍ତ୍ର କେତେ ସଫଳ ହେବ, ତାହାକୁ ନେଇ କଂଗ୍ରେସର ଅନ୍ଦର ମହଲରେ ନାନା ମତ ସୃଷ୍ଟି ହୋଇଛି।

## ଖଣି...

ମନ୍ତ୍ରୀ ଶ୍ରୀ ଜେନା ମଧ୍ୟ ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରିବା ସହ ଦୋଷୀ ଯେ କେହି ବି ହୋଇଥାନ୍ତୁ ନା କାହିଁକି ସମସ୍ତଙ୍କୁ ଖୋଜି ବାହାର କରାଯିବା ସହ ଆଇନ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ ସୁନ୍ଦରଗଡ଼ ଜିଲ୍ଲା ହେମଗିରି ତହସିଲରେ ୨୨ଟି ଖଣିରୁ ବେଆଇନ ଭାବେ ୯୮୪୩ ମେଟ୍ରିକ ଟନ୍‌ରୁ ଉର୍ଦ୍ଧ୍ୱ ପରିମାଣର କୋଇଲା ଉତ୍ତୋଳନ କରାଯାଇଥିବା ନଜରକୁ ଆସିଛି। ଯାହାର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କାରୁ ଅଧିକ ହେବ। ଏହି ଖଣିଗୁଡ଼ିକ ମଧ୍ୟରୁ ୧୪ଟି ଖଣି ଗୋପାଳପୁର ଗ୍ରାମରେ, ୩ଟି ରତ୍ନସୋରା ଗ୍ରାମରେ ଓ ୫ଟି ଭୋଗରାକଚର ଗ୍ରାମରେ ଅବସ୍ଥିତ। ଏଗୁଡ଼ିକ ମୁଖ୍ୟତଃ ଜଙ୍ଗଲ କିସମର ଜମି। ଏଥିସହିତ ହେମଗିରିର ଜାମଖାନି ସଂରକ୍ଷିତ ଜଙ୍ଗଲ ଏବଂ ଭୋଗ୍ରାକଚ୍ଛାର ଗ୍ରାମରେ ବେଆଇନ ଭାବେ କୋଇଲା ଗଚ୍ଛିତ କରାଯିବାର ସୂଚନା ମିଳିଛି । ସେହିପରି କୋଇଡା ତହସିଲ ଅନ୍ତର୍ଗତ ମାଲଦା, ପଟାବେଡ଼ା ସାନପୁଟୁଳି, କୋଲମଙ୍ଗ ଓ ରୁସିବେଣୁଆଠାରେ ୫୦ଟି ବେଆଇନ ମାଙ୍ଗାନିଜ୍ ଏବଂ ଲୌହ ଉତ୍ତୋଳନ ଖଣିରୁ ବେଆଇନ ଭାବେ ମାଙ୍ଗାନିଜ୍ ଓ ଲୁହା ପଥର ଉତ୍ତୋଳନ କରାଯାଉଥିବାର ନଜରକୁ ଆସିଛି।

ଏହି ୫୦ଟି ଖଣି ମଧ୍ୟରୁ ୧୬ଟି ପଟାବେଡା ଗ୍ରାମରେ, ୧୦ଟି ମାଲଦା ଗ୍ରାମରେ, ୨୦ଟି କୋଲମଙ୍ଗ ଗ୍ରାମରେ ଏବଂ ଅବଶିଷ୍ଟ ୪ଟି ସାନପୁଟୁଳି ଓ ରୁସିବେଣୁଆ ଗ୍ରାମରେ। ଏସବୁ ଖଣିରୁ ୨୦ ହଜାର ମେଟ୍ରିକ ଟନ୍‌ରୁ ଉର୍ଦ୍ଧ୍ୱ ମାଙ୍ଗାନିଜ ଓର୍ ଓ ୧୨୦୦ ମେଟ୍ରିକ ଟନ୍‌ରୁ ଉର୍ଦ୍ଧ୍ୱ ଆଇରନ ଓର୍ ବେଆଇନ ଭାବେ ଉତ୍ତୋଳନ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୩୭ କୋଟି ଟଙ୍କା ହେବ।

## ବିଏସ୍‌ଏଫ୍...

ସ୍ମାରକୀ ବକ୍ତୃତାରେ ଏପରି କହିଛନ୍ତି ଗୃହମନ୍ତ୍ରୀ ଶାହ।

ପାକିସ୍ତାନ ସହିତ ସମ୍ପ୍ରତି ହୋଇଥିବା ସେନା ସଂଘର୍ଷ ସମ୍ପର୍କରେ ସେ କହିଛନ୍ତି, ପର୍ଯ୍ୟଟକମାନଙ୍କୁ ସେମାନଙ୍କ ଧର୍ମ ବିଷୟରେ ପଚରାଯାଇଥିଲା ଏବଂ ସେମାନଙ୍କ ପରିବାର ସମ୍ମୁଖରେ ସେମାନଙ୍କୁ ବାଛି ବାଛି ହତ୍ୟା କରାଯାଇଥିଲା। ବିହାରରେ ଆମର ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହାର ଉପଯୁକ୍ତ ଜବାବ ଦିଆଯିବ। ଅପରେସନ୍ ସିନ୍ଦୂର ହେଉଛି ଏହାର ଉତ୍ତର। ଆଜି ସାରା ବିଶ୍ୱ ଆମ ସେନାକୁ ପ୍ରଶଂସା କରୁଛି। ସେ ଆହୁରି କହିଛନ୍ତି, ବିଶ୍ୱର ଅନେକ ସ୍ଥାନରେ ଆତଙ୍କବାଦୀ ଆକ୍ରମଣର ଜବାବ ଦିଆଯାଇଛି, କିନ୍ତୁ ଭାରତ ଦ୍ୱାରା ଦିଆଯାଇଥିବା ଜବାବ ଏକପ୍ରକାର ଭିନ୍ନ। ଯେତେବେଳେ ପହଲଗାମ ଉପରେ ଆକ୍ରମଣ ହୋଇଥିଲା, ଆମେ ୮ ତାରିଖରେ ଅପରେସନ୍ ସିନ୍ଦୂର ଆରମ୍ଭ କରିଥିଲୁ। ମାତ୍ର କିଛି ମିନିଟ୍ ର ଅପରେସନରେ ଆମେ ୯ଟି ଆତଙ୍କବାଦୀ ଘାଟିକୁ ଧ୍ୱଂସ କରିଥିଲୁ, ଯେଉଁଥିରେ ସେମାନଙ୍କର ମୁଖ୍ୟାଳୟ ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ଏହି ଅବସରରେ ଗୃହମନ୍ତ୍ରୀ ସମଗ୍ର ଦେଶ ପକ୍ଷରୁ୧୯୬୫ରୁ ଆଜି ପର୍ଯ୍ୟନ୍ତ ଦେଶର ସୁରକ୍ଷା ପାଇଁ ପ୍ରାଣବଳି ଦେଇଥିବା ୨ହଜାରରୁ ଅଧିକ ଯବାନଙ୍କୁ ସଲାମ କରିଥିଲେ। ଦେଶକୁ ସୁରକ୍ଷିତ ରଖିବାରେ ବିଏସଏଫର ଭୂମିକାକୁ ପ୍ରଶଂସା କରି ଶାହ କହିଛନ୍ତି ଯେ ଦେଶପ୍ରେମ ଆଧାରରେ ସମସ୍ତ ଅସୁବିଧାକୁ କିପରି ଦୂର କରାଯାଇପାରିବ ଏବଂ ବିଶ୍ୱର ସର୍ବୋତ୍ତମ ବାହିନୀ ହୋଇପାରିବ ତାହାର ଏହି ବାହିନୀ ଏକ ମହାନ ଉଦାହରଣ। ୧୯୬୫ ମସିହାରେ ପ୍ରତିଷ୍ଠିତ ବିଏସଏଫ ପ୍ରତିବର୍ଷ ଏହାର ପ୍ରତିଷ୍ଠାତା ମହାନିର୍ଦ୍ଦେଶକ କେଏଫ ରୁସ୍ତମଜୀଙ୍କ ସ୍ମୃତିରେ ଏକ ବକ୍ତୃତା ଆୟୋଜନ କରିଥାଏ। ଏହି ବାହିନୀ ବର୍ତ୍ତମାନ ବିଶ୍ୱର ସର୍ବବୃହତ ସୀମା ସୁରକ୍ଷା ବାହିନୀ, ଯାହାର ପ୍ରାୟ ୨.୭୫ ଲକ୍ଷ ସଦସ୍ୟ ଯଥାକ୍ରମେ ପାକିସ୍ତାନ ଏବଂ ବାଂଲାଦେଶ ସହିତ ପଶ୍ଚିମ ଏବଂ ପୂର୍ବ ପାର୍ଶ୍ୱରେ ଭାରତୀୟ ସୀମାକୁ ସୁରକ୍ଷା ଦେବା ପାଇଁ ନିୟୋଜିତ ଅଛନ୍ତି।

## ଆୟୁଷ୍ମାନ...

ବଡ଼ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ବର୍ତ୍ତମାନ ରାଜ୍ୟରେ ଥିବା ଗୋପବନ୍ଧୁ ଯୋଜନାର ସମସ୍ତ ହିତାଧିକାରୀଙ୍କ ସହ ୭୦ ବର୍ଷରୁ ଅଧିକ ସମସ୍ତ ବ୍ୟକ୍ତିଙ୍କୁ ଏହି ଯୋଜନାରେ ସାମିଲ କରିବାକୁ ଘୋଷଣା ହୋଇଥିବାରୁ କାର୍ଡଧାରୀଙ୍କ ସଂଖ୍ୟା ସାଢେ ୩ କୋଟିକୁ ଟପିଯିବା ଆକଳନ କରାଯାଉଛି। ତେଣୁ ଯେଉଁ ଗତିରେ ଏବେ କାର୍ଡ ପ୍ରସ୍ତୁତି କାର୍ଯ୍ୟ ଚାଲିଛି, ସେଥିରେ ସମସ୍ତ ଲୋକଙ୍କ ସୂଚନା ସଂଗ୍ରହ ଓ ତାହାକୁ ଅପଲୋଡ୍ କରିବା ପାଇଁ କେତେଦିନ ଲାଗିବ, ଏବେ ସେହି ଆଶଙ୍କା ଦେଖାଦେଲାଣି। ତେଣୁ କାର୍ଯ୍ୟକୁ ଗତିଶୀଳ କରିବା ପାଇଁ ପାରିଶ୍ରମିକ ବଢାଇବାକୁ ମତ ପ୍ରକାଶ ପାଉଛି। ଉଲ୍ଲେଖନୀୟ ଯେ ରାଜ୍ୟରେ ନୂଆ ସରକାର ଆସିବା ପରେ ଆୟୁଷ୍ମାନ ଯୋଜନାକୁ କାର୍ଯ୍ୟକାରୀ କରିଛନ୍ତି। ପୂର୍ବରୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଯେଭଳି ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ୫ ଲକ୍ଷ ଓ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ଥିଲା, ତାହା ଆୟୁଷ୍ମାନ କାର୍ଡରେ ବଳବତ୍ତର ରହିଛି। ଆୟୁଷ୍ମାନ ଭାରତ ଯୋଜନାରେ ୭୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି ସାମିଲ ହେବେ। କିନ୍ତୁ ପୂର୍ବରୁ ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ ଗୋଟିଏ କାର୍ଡ ଦିଆଯାଥିବା ବେଳେ ଏବେ ପ୍ରତି ହିତାଧିକାରୀଙ୍କୁ କାର୍ଡ ଦିଆଯିବାର ବ୍ୟବସ୍ଥା ହୋଇଛି।

## ସତର୍କ...

ଏୟାରପୋର୍ଟରେ କୋଭିଡ ନିୟମକୁ କଡାକଡି ପାଳନ କର। ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ଓ ଗର୍ଭବତୀ ମହିଳା ଘରେ ରହିବାକୁ କୁହାଯାଇଛି। ଲୋକମାନେ ନିୟମିତ ହାତ ଧୋଇବା, ବାରମ୍ବାର ମୁହଁରେ ହାତ ନମାରିବା, ନିୟମିତ ମାସ୍କ ପିନ୍ଧିବା ପାଇଁ କୁହାଯାଇଛି। ଥଣ୍ଡା, କାଶ, ଛିଙ୍କ ଓ ଜ୍ୱର ହେଲେ ଡାକ୍ତରୀ ପରୀକ୍ଷା କରିବା ସହ ଘରେ ଆଇସୋଲେସନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।



## ବିଜେପିର ତ୍ରିରଙ୍ଗା ଶୋଭାଯାତ୍ରା

**ନାଉଗାଁ, ୨୩।୫ (ସଂଚାର ବ୍ୟୁରୋ) :** ଅପରେଶନ ସିନ୍ଦୂରର ସଫଳତା ପରେ ଭାରତୀୟ ସେନାବାହିନୀର ମନୋବଳକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ବିଜେପିର ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅଧିନ ନାଉଗାଁ ମଣ୍ଡଳ ଓ ଅଲଣା ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନାଉଗାଁ ମଣ୍ଡଳ ସଭାପତି ନିଗମାନନ୍ଦ ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରା ଗଙ୍ଗଦାହାଟ ବିଜୁ ପଟ୍ଟନାୟକ ଛକ ଠାରୁ ବାହାରି ଡେରିକି ମେଡିକାଲ ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବହୁ ଦଳୀୟ କାର୍ଯ୍ୟକର୍ତା ସାମିଲ ହୋଇ ଭାରତର ଜାତୀୟ ପତାକା ଧରି ପାକିସ୍ତାନ ବିରୋଧରେ ନାରାବାଜି କରିବା ସହ ଭାରତୀୟ ବୀର ସୈନିକମାନଙ୍କ ଜୟଗାନ କରିଥିଲେ। ଏହି ଶୋଭାଯାତ୍ରାରେ ତ୍ରିଲୋଚନ ବରାଳ, ଧରଣୀଧର ସ୍ୱାଇଁ, ମୋହିନ ସ୍ୱାଇଁ, ଧୃବଚରଣ ମହାରଣା, ଭୀମସେନ ବିଶ୍ୱାଳ, ରମାକାନ୍ତ ପତି, ମନୋଜ ପରିଡ଼ା, ସୋମନାଥ ବିଶ୍ୱାଳ, ପ୍ରକାଶ ବିଶ୍ୱାଳ, ଜ୍ଞାନରଞ୍ଜନ ଜେନାଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତା ସାମିଲ ହୋଇଥିଲେ। ସେହପରି ଅଲଣା ମଣ୍ଡଳ ସଭାପତି ମନୋଜ ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରା ଗଜରାଜପୁରର ବାହାଲିଆ ଛକରୁ ବାହାରି ମୁଣ୍ଡାଲୋ ବଜାର ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭାଯାତ୍ରାରେ ଉପସଭାପତି ପ୍ରଶାନ୍ତ କୁମାର ମିଶ୍ର, ପୂର୍ବତନ ମଣ୍ଡଳ ସଭାପତି ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ସାଂସଦ ପ୍ରତିନିଧି ଲଲାଟେନ୍ଦୁ ପରିଡ଼ା, ସୁବ୍ରତ ରାୟ, ସଞ୍ଜୟ କାଣ୍ଡୀ. କ୍ଷୀରୋଦ ସେଠୀ, ପବିତ୍ର ମଲ୍ଲନ, ଆଲୋକ ମହାନ୍ତି, ଅଶୋକ ଆଚାର୍ଯ୍ୟ, ପ୍ରିୟଦର୍ଶୀ ରାୟ, ସୁବ୍ରତ ମଲ୍ଲିକଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ସାମିଲ ହୋଇଥିଲେ।

### 'ଆୟୁଷ୍ମାନ ଭାରତ' ଉଦ୍‌ଘାଟନକୁ ଦେଢ଼ ମାସ ପୂରିଲା

# ସରୁନି ପ୍ରଥମ ପର୍ଯ୍ୟାୟ କାର୍ଡ ବଣ୍ଟନ

**କାକଟପୁର/ଅସ୍ତରଙ୍ଗ, ୨୩।୫ (ସଂଚାର ବ୍ୟୁରୋ):** କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଓ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ଅପ୍ରେଲ ମାସ ୧୧ତାରିଖରେ "ଆୟୁଷ୍ମାନ ଭାରତ" ଯୋଜନାର ଶୁଭାରମ୍ଭ କରିଥିଲେ। ଏହାକୁ ଆଭାସୀ ମାଧ୍ୟମରେ ସାରା ରାଜ୍ୟ ସମେତ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଖଣ୍ଡାସାହି ଓ ରତନପୁରରେ ମଧ ପଦର୍ଶିତ ହୋଇଥିଲା। ଏଥିରେ ଅସ୍ତରଙ୍ଗ ବ୍ଲକର ୭୩ହଜାର ୫ଶହ ୨୮କାର୍ଡ ହିତାଧିକାରୀ ସାମିଲ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୩୫ ହଜାର ୮ ଶହ ୮୪ କାର୍ଡ ଆସିଛି। କିନ୍ତୁ ଏହା ମଧରେ ଦେଢ଼ ମାସ ବିତି ଯାଇଥିଲେ ମଧ ଅଧିକାଂଶ ହିତାଧିକାରୀଙ୍କୁ ଏଯାଏଁ କାର୍ଡ ମିଳି ପାରିନି, ଏହାକୁ ନେଇ ଅସନ୍ତୋଷ ତେଜିବାର ଲାଗିଛି।

ଅସ୍ତରଙ୍ଗ ବ୍ଲକ ପ୍ରଶାସନ ଓ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମିଳିତ ସହଯୋଗରେ ଅସ୍ତରଙ୍ଗ ବ୍ଲକର ୨ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ "ଆୟୁଷ୍ମାନ ଭାରତ" ଯୋଜନା ଉଦଘାଟିତ ହୋଇଥିଲା। ଏଥିରେ କେତେକ ହିତାଧିକାରୀ ମାନଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର କାର୍ଡ ବଣ୍ଟନ




କରାଯାଇଥିଲା। ସ୍ୱୀକୃତି ପ୍ରାପ୍ତ ଜନସେବା କେନ୍ଦ୍ରର ଭିଏଲଇମାନେ ଘରକୁ ଘର ବୁଲି ପ୍ରଥମ ପର୍ଯ୍ୟାୟରେ ହିତାଧିକାରୀଙ୍କ ଇ-କେୱାଇସି କରିବେ।

ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତକୁ ନେଇ ଗଠିତ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୭୩ହଜାର ୫ଶହ ୨୮କାର୍ଡରୁ ୩୫ହଜାର ୮ଶହ ୮୪ଟି ଆୟୁଷ୍ମାନ ଭାରତ କାର୍ଡ ଆସିଥିଲା। ମାତ୍ର ୨୨ମେ ସୁଦ୍ଧା ୨୦ହଜାର ୬୨ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। ଉକ୍ତ କାର୍ଡ ଗୁଡିକ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିବା ପରେ କମନ ସର୍ଭିସ ସେଣ୍ଟର ଭାବେ ଗୃହୀତ ରତନପୁର ଓ ଖଣ୍ଡାସାହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବାଣ୍ଟି ଦିଆଯାଇଥିଲା। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଆଶାକର୍ମୀ ଓ ବିଭିନ୍ନ ପଂଚାୟତରେ

**ଯୋଜନାର ସଫଳ ରୂପାୟନ ନେଇ ପ୍ରଶ୍ନବାଚୀ**

**ଦ୍ୱିତୀୟ ପର୍ଯ୍ୟାୟ ବଣ୍ଟନ କେମିତି ହେବ ?**

କାର୍ଯ୍ୟରତ ସ୍ୱୀକୃତି ପ୍ରାପ୍ତ ଭିଏଲଇମାନେ ଘରକୁ ଘର ବୁଲି ଇ-କେୱାଇସି କରିବା ସହ ହିତାଧିକାରୀ ମାନଙ୍କୁ କାର୍ଡ ବାଣ୍ଟିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ଏହା ମଧରେ ଦେଢ଼ ମାସ ପୂରିଲାଣି, କାର୍ଡ ଗୁଡିକର ଇ-କେୱାଇସି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଏବେ ଦ୍ୱିତୀୟ ପର୍ଯ୍ୟାୟ ଆୟୁଷ୍ମାନ ଭାରତ କାର୍ଡ ଦେବାକୁ ସରକାର ପ୍ରସ୍ତୁତ ହେଉଛନ୍ତି। କିନ୍ତୁ ପ୍ରଥମ ପର୍ଯ୍ୟାୟ କାର୍ଡ଼ର ଇ-କେୱାଇସି ଶେଷ ହୋଇନି। ଫଳରେ ସରକାରଙ୍କର ମହତ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ନେଇ ସନ୍ଦେହ ପ୍ରକାଶ ପାଇଛି।

ଏ ନେଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡକ୍ଟର ସଞ୍ଜୟ ପ୍ରଧାନଙ୍କ ସହିତ ଯୋଗାଯୋଗ କରିଥିଲୁ। ସେ କହିଥିଲେ, କାର୍ଡ ଗୁଡିକର ଇ-କେୱାଇସି କରିବା ପାଇଁ ଦାୟିତ୍ୱ ନେଇଥିବା ଭିଏଲଇମାନେ ଠିକ ଭାବେ ସହଯୋଗ କରୁ ନଥିବା ଯୋଗୁଁ ଏପରି ସମସ୍ୟା ସୃଷ୍ଟି ହୋଇଛି। ଏ ନେଇ ଜିଲ୍ଲାସ୍ତରରେ ଅଭିଯୋଗ କରାଯାଇଥିବା ସେ ପ୍ରକାଶ କରିଥିଲେ। ଅନ୍ୟ ପଟେ କମନ ସର୍ଭିସ ସେଣ୍ଟର ଜିଲ୍ଲା ମ୍ୟାନେଜର ସୁନୀଲ ସାହୁଙ୍କୁ ଯୋଗାଯୋଗ କରିଥିଲୁ କହିଥିଲେ କେତେ ଜାଗାରେ ଅଳ୍ପକେ କାର୍ଡ ପହଂଚିନି ଆମେ କାର୍ଡ ପହଞ୍ଚାଇବାକୁ ଚେଷ୍ଟା ଜାରୀ ରଖିଛୁ। ପ୍ରଥମ ପର୍ଯ୍ୟାୟରେ ଅସ୍ତରଙ୍ଗ ବ୍ଲକକୁ ୩୫ହଜାର ୮ଶହ ୮୪କାର୍ଡ ଆସିଥିବା ବେଳେ ମେ ୨୨ତାରିଖ ସୁଦ୍ଧା ୨୦ହଜାର ୬୨ଟି କାର୍ଡ ବଣ୍ଟନ ସରିଥିବା ବେଳେ ୧୫ହଜାର ୮ଶହ ୨୨କାର୍ଡ ବଣ୍ଟନ ସରିନାହିଁ। ତେବେ କାର୍ଯ୍ୟରେ ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣ ରେ ଦାବୀ ହେଉଛି।

## ମାଲଦା ଗ୍ରାମରେ ଦୁଗ୍ଧ ଶୀତଳିକରଣ କେନ୍ଦ୍ର ଉଦ୍‌ଘାଟିତ

**ବୋରିଗୁମ୍ମା, ୨୩।୫ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକ ମାଲଦା ପଞ୍ଚାୟତର ମାଲଦା ଠାରେ କୋମାନରା ଆଞ୍ଚଳିକ ଦୁଗ୍ଧ ସଂଘ ତରଫରୁ ହଜାରେ ଲିଟର ବିଶିଷ୍ଟ ଏକ ଦୁଗ୍ଧ ଶୀତଳିକରଣ କେନ୍ଦ୍ର ଉଦଘାଟନ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋମାନରା ଆଞ୍ଚଳିକ ଦୁଗ୍ଧ ସଙ୍ଘର ସଭାପତି ଅନୁପ ପାତ୍ର ଶୁଭ ଉଦଘାଟନ କରିଥିଲେ। ଦୀର୍ଘ ଦିନର ପ୍ରତୀକ୍ଷା ପରେ ଆଜି ମାଲଦା ପଞ୍ଚାୟତର ଗୋଚାଷୀ ମାନଙ୍କର ଆଶା ପୁରଣ ହୋଇଛି ଏବଂ ଦୁଗ୍ଧ ବୃଦ୍ଧି କ୍ଷେତ୍ରରେ ଗୋଚାଷୀ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।

ଗ୍ରାମାଞ୍ଚଳର ଗୋଚାଷୀ ମାନେ ନିଜର ଉତ୍ପାଦିତ କ୍ଷୀରକୁ ବିକ୍ରି କରିବା ପାଇଁ ସହର ଉପରେ ନିର୍ଭର କରୁଥିଲେ। ବର୍ତ୍ତମାନ ଆଉ ଚାଷୀଙ୍କୁ କ୍ଷୀର ବିକ୍ରି ପାଇଁ ହଇରାଣ ହେବାକୁ ପଡ଼ିବନି ସମିତି ଜରିଆରେ ଉତ୍ପାଦିତ କ୍ଷୀରକୁ ସିଧା ଦୁଗ୍ଧ ସଙ୍ଘକୁ ଦେଇପାରିବେ। ଗୋଚାଷୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ସମସ୍ତ ସରକାରୀ ଯୋଜନା ଗୁଡିକ କାର୍ଯ୍ୟକ୍ରମ ହେଉଛି ବୋଲି କୋମାନରା ଆଞ୍ଚଳିକ ଦୁଗ୍ଧ ସଙ୍ଘର ସାଧାରଣ ପରିଚାଳକ କୁନି ରାଉତ କହିଥିଲେ। ଉକ୍ତ ଉଦ୍‌ଘାଟନୀ ଉତ୍ସବରେ ପ୍ରୋକ୍ରମେଣ୍ଟ ଇନଚାର୍ଜ କୃଷ୍ଣଚନ୍ଦ୍ର ସାହୁ ମାଲଦା ସରପଞ୍ଚ ସଦା ଭତ୍ରା, ଓର୍ଡ଼ ମେମ୍ବର ଗୋରୀମଣି



ମାଳି, ବୋରିଗୁମ୍ମା ଭି.ଏ.ଏସ, ଆର ସାଇ କ୍ରୀଷ୍ଣା ଚଲାନଗୁଡା ପ୍ରାଣୀଧନ ନିରୀକ୍ଷକ ରଜନୀକାନ୍ତ ଦୁର୍ଗା ସୁପ୍ରଭାଇଜର ଜୟଶ୍ରୀ ଦାସ,ଦିପାଞ୍ଜଳି ଭୁକ୍ତା, ରଶ୍ମୀ ପ୍ରଭା ଦାସ, ଟେକ୍ନିସିଏନ ପ୍ରଶାନ୍ତ ବିଶ୍ୱାଳ, ଆରତ ପରିଡା, ଭବାନୀ ଶଙ୍କର ଜେନା, ଦୁଗ୍ଧ ସମିତିର ସଂପାଦକ ଘାସି ମାଳି ସହ ଅଞ୍ଚଳର ଅନେକ ଗୋଚାଷୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜୀବିତ ମହିଳାଙ୍କୁ ମୃତ ଦର୍ଶାଇଲା ସୁଭଦ୍ରା ପୋର୍ଟାଲ

● ଘଟଣାର ତଦନ୍ତ ଦାବି

**କୋଣାର୍କ, ୨୩।୫ (ସଂଚାର ବ୍ୟୁରୋ):** କୋଣାର୍କ ଏନଏସି ଅଧିନସ୍ଥ ୨ନଂ ୱାର୍ଡ ଜୁଣେଇ ଗ୍ରାମର ଜଣେ ମହିଳା ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ସୁଭଦ୍ରାର ପ୍ରଥମ କିସ୍ତି ପାଇଥିବା ବେଳେ ସୁଭଦ୍ରା ପୋର୍ଟାଲରେ ସଂପୃକ୍ତ ମହିଳା ଜଣଙ୍କୁ ମୃତ ଦର୍ଶାଯାଇ ଦ୍ୱିତୀୟ କିସ୍ତିରୁ ବଞ୍ଚିତ କରାଯିବା ଘଟଣା କୋଣାର୍କ ତଥା ଆଖପାଖ ଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ, ମହିଳା ସଂଗଠନ, ବରିଷ୍ଠ ନାଗରିକ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ମଧରେ ଆଲୋଚନାର କେନ୍ଦ୍ର ବିନ୍ଦୁ ପାଲଟିଛି। ଖବରରୁ ପ୍ରକାଶ ଯେ କୋଣାର୍କ ଏନଏସି ଅଧିନସ୍ଥ ୨ନଂ ୱାର୍ଡ ଜୁଣେଇ ଗ୍ରାମର ସୁଶାନ୍ତ ମହାରଣାଙ୍କ ପତ୍ନୀ ସ୍ନେହଲତା ମହାରଣା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ସୁଭଦ୍ରାର ପ୍ରଥମ କିସ୍ତି ଭାବରେ ୫୦୦୦ ଟଙ୍କା ପାଇଥିବା ବେଳେ ଦ୍ୱିତୀୟ କିସ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ସୁଭଦ୍ରା ପୋର୍ଟାଲରେ ଜୁଣେଇ ଗ୍ରାମର ସୁଭଦ୍ରା ହିତାଧିକାରୀ ସ୍ନେହଲତା ମହାରଣା ବାସ୍ତବରେ ଜୀବିତ ଥିବା ବେଳେ ସୁଭଦ୍ରା ପୋର୍ଟାଲରେ କାହା ସୁପାରିଶରେ କେଉଁ ପ୍ରମାଣ ପତ୍ର ଆଧାରରେ ମୃତ ବୋଲି ଦର୍ଶାଯାଇଛି ତାହା ତଦନ୍ତ ସାପେକ୍ଷ। ଜଣେ ଜୀବିତ ମହିଳାଙ୍କୁ ସୁଭଦ୍ରା ପୋର୍ଟାଲରେ ମୃତ ଘୋଷଣା କରାଯାଇ ହିତାଧିକାରୀଙ୍କୁ ସୁଭଦ୍ରାର ଦ୍ୱିତୀୟ କିସ୍ତି ପ୍ରଦାନ କରାଯାଇନାହିଁ ତାହାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ ଭାଗୀରଥୀ ସ୍ୱାଇଁ ଜନଶୁଣାଣି ପୋର୍ଟାଲ ମାଧମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ଗୁରୁତ୍ୱ ଆରୋପ କରି ମାନ୍ୟବର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ, ବିଭାଗୀୟ ସଚିବ ଓ ପୁରୀ ଜିଲ୍ଲାପାଳ ପ୍ରମୁଖଙ୍କୁ ଏହାର ତଦନ୍ତ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସଂପୃକ୍ତ ମହିଳାଙ୍କୁ ସୁଭଦ୍ରାର ଯୋଗ୍ୟ ମାନଦଣ୍ଡ ଅନୁଯାୟୀ ଦ୍ୱିତୀୟ କିସ୍ତି ପ୍ରଦାନ କରିବା ପାଇଁ ସାମାଜିକ କର୍ମୀ ଶ୍ରୀ ସ୍ୱାଇଁଙ୍କ ସମେତ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।

## କାକଟପୁରରେ ବୀର ଯବାନଙ୍କ ପାଇଁ ୨ଶହ ଫୁଟ ଲମ୍ବର ତ୍ରିରଙ୍ଗା ଶୋଭାଯାତ୍ରା




**କାକଟପୁର/ଅସ୍ତରଙ୍ଗ, ୨୩।୫ (ସଂଚାର ବ୍ୟୁରୋ):** ପାକିସ୍ତାନକୁ କଡା ଜବାବ ଦେଇଥିବା ଭାରତୀୟ ସେନା ବାହିନୀର ବୀର ଯବାନଙ୍କ ସମ୍ମାନର୍ଥେ କାକଟପୁରରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା। ଆତଙ୍କବାଦ ବିରୋଧରେ ଲଢେଇ ଅଭିଯାନ"ଅପରେସନସିନ୍ଦୁର"ର ସଫଳତା ପରେ ସବୁଠି ଉତ୍ସାହ ଜୟ ଜୟ କାର ଧ୍ୱନି ଦେଖିବାକୁ ମିଳୁଛି। ଏହି ଅବସରରେ ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ କାକଟପୁରରେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ କହିଥିଲେ ଅପରେସନ ସିନ୍ଦୁରର ସଫଳତା ପରେ ଆଜିର ଏହି ତ୍ରିରଙ୍ଗା ଯାତ୍ରା ଆତଙ୍କବାଦ ବିରୁଦ୍ଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ଭାରତୀୟ ତ୍ରିରଙ୍ଗା ତଳେ, ଯେତେବେଳେ ଏକ ଜୁଟ ହେବେ ସେତେବେଳେ କୌଣସି ଶକ୍ତି ଆମ ବିରୁଦ୍ଧରେ ସଫଳ ହେବେ ନାହିଁ। ଆମର ବୀର ଯବାନମାନେ ସିନ୍ଦୁର ମର୍ଯ୍ୟାଦା ରଖିଛନ୍ତି। ସେଥିପାଇଁ ମୁଁ ଆମ ଦେଶର ବୀର ଯବାନ ମାନଙ୍କୁ ପୁଣି ଥରେ କୋଟି କୋଟି ସମ୍ମାନ ଜଣାଉଛି ବୋଲି ସେ କହିଥିଲେ।



## ଶୁଣ୍ଡଳରେ ଶ୍ରୀରାମଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ

**ନିଶ୍ଚିନ୍ତକୋଇଲି, ୨୩।୫ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ନଗସପୁର ପଞ୍ଚାୟତସ୍ଥିତ ଶୁଣ୍ଡଳ ଠାରେ ଶ୍ରୀ ଶ୍ରୀ ସିଦ୍ଧ ହନୁମାନଜୀଉ ଟ୍ରଷ୍ଟ ବୋର୍ଡ ଆନୁକୂଲ୍ୟରେ ଠାକୁରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ପାଇଁ ବିଶ୍ୱଶାନ୍ତି ମହାଯଜ୍ଞ ପାଞ୍ଚ ଦିବସ ବ୍ୟାପୀ ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଅଙ୍କୁରାରୋପଣ, କଳସଯାତ୍ରା, ମଣ୍ଡଳକରଣ ଆଦି କରାଯାଇଥିବା ବେଳେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସାଧନାର ପୀଠ ନେମାଳ ଚିତ୍ରୋତ୍ପଳା ନଦୀ ତଟରୁ ବିଭିନ୍ନ ପ୍ରାନ୍ତରରୁ ଆସିଥିବା ସାଧୁସନ୍ଥଙ୍କୁ ନେଇ ୧୦୮ କଳସ ଶୋଭାଯାତ୍ରା କରାଯାଇଥିଲା। ପ୍ରତ୍ୟୁଷରୁ ଶ୍ରୀମଦ୍ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଏବଂ ଟ୍ରଷ୍ଟବୋର୍ଡର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେବାୟତଙ୍କ ଦ୍ୱାରା ଦେବନୀତି ଯଥା ରୀତି କରାଯାଇ ହନୁମାନ ଚାଳିସା ପାଠ କରାଯାଇଥିଲା। ପଣ୍ଡିତ ନିରଞ୍ଜନ ସତପଥୀ ଓ ସାଥୀଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ବିଗ୍ରହଙ୍କ ଇନ୍ଦ୍ର, ଇନ୍ଦ୍ରାଣୀ ସ୍ଥାପନ, ବିଗ୍ରହ କାରୁଶାଳା ପ୍ରବେଶ, ବିଗ୍ରହଙ୍କ ମହାସ୍ନାନ, ନବଗ୍ରହ ସ୍ଥାପନ ଆଦି କରାଯାଇ ଶୁକ୍ରବାର ଦିନ ଶ୍ରୀରାମଙ୍କ ଭବ୍ୟ ବିଗ୍ରହ ମନ୍ଦିର ପ୍ରବେଶ, ନବଯୌବନ ଦର୍ଶନ ଓ ଗୀତା ଆହୁତି ସହ ପୂର୍ଣ୍ଣାହୁତି ହୋଇଥିଲା। ମାନେଜିଙ୍ଗ ଟ୍ରଷ୍ଟି ପ୍ରଫୁଲ୍ଲ ଷଢଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଶତାଧିକ ଶ୍ରଦ୍ଧାଳୁଙ୍କ ଗ୍ରହଣରେ ଭକ୍ତ ପ୍ରହଲ୍ଲାଦ ଦଳାଇ ନେମାଳ ପଦ୍ମବନ ପୀଠରୁ ଏକ ସୁସଜ୍ଜିତ ଥାଳିରେ ପ୍ରଭୁ ଶ୍ରୀରାମ, ମାତା ସୀତା, ଭ୍ରାତା ଲକ୍ଷ୍ମଣ ଓ ପ୍ରଭୁ ହନୁମାନଙ୍କ ରୁପା ସୁନା ଖଚିତ ମୁକୁଟକୁ ଏକ ଶୋଭାଯାତ୍ରାରେ ଆଣି ନୂତନ ମନ୍ଦିର ତଥା ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ପ୍ରଭୁଙ୍କ ମନ୍ଦିର ପ୍ରବେଶ ପରେ ମୁକୁଟ ଲାଗି କରାଯାଇଥିଲା। ଯଜ୍ଞର ପୂର୍ଣ୍ଣାହୁତି ଦିନ ବିଭିନ୍ନ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଭକ୍ତ, ସାଧୁସନ୍ଥ ଯୋଗଦେଇ ଠାକୁରଙ୍କ ସାନ୍ନିଧ ଲାଭ କରିଥିଲେ।

## ରାଧାକୃଷ୍ଣଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ



**ଆଳି, ୨୩।୫ (ସଂଚାର ବ୍ୟୁରୋ):** ଆଳି ବ୍ଲକ ଯାଦବ ମହାସଭା ପକ୍ଷରୁ ଆଳି ବ୍ଲକ ଅନ୍ତର୍ଗତ ନିଆଳ ସପ୍ତଶାଳା ପଡ଼ିଆ ସଂଲଗ୍ନ ପୀଠ ରେ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର ଓ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ବୁଧବାର ଠାରୁ ମହାଆଡମ୍ବରରେ ଆରମ୍ଭ ହୋଇ ଶୁକ୍ରବାର ରାତିରେ ଶେଷ ହୋଇଛି । ବୁଧବାର ଦିନ ପୂର୍ବାହ୍ନରେ ଅନୁଷ୍ଠାନ ପକ୍ଷରୁ ଶହେ ଆଠ ଜଣ ମହିଳା ଶହେ ଆଠ କଳସୀ ନେଇ ଆଳିର ଆରାଧ ଦେବତା ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ଜୀଉଙ୍କ ପୀଠ ସମ୍ମୁଖରେ ଥିବା ପୋଖରୀରୁ ଜଳ ନେଇ ରାଧାକୃଷ୍ଣଙ୍କ ମନ୍ଦିରର ଅନୁଷ୍ଠିତ ହେବାକୁ ଥିବା ଯଜ୍ଞ ସ୍ଥଳକୁ ଆସିଥିଲେ। ଏହି କଳସ ଶୋଭାଯାତ୍ରାରେ ଯାଦବ ଭାଇମାନଙ୍କ ଲଉଡି ଖେଳ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । କଳସ ଶୋଭାଯାତ୍ରା ନିଆଳ,ଗୌଡପାଟଣା ଗ୍ରାମ ପରିକ୍ରମା କରିବା ପରେ କଟକ-ଚାନ୍ଦବାଲି ରାସ୍ତା ରେ ଯାଇ ଆଳି ନୂଆ ବଜାରପରିକ୍ରମା କରି ଜଳ ଆଣିଥିଲେ। କଳସ ସ୍ଥାପନ ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ବୁଧବାର ଅଙ୍କୁରା ରୋପଣ,କଳସ ଯାତ୍ରା, ସୂର୍ଯ୍ୟପୂଜା, ଅଗ୍ନି ସ୍ଥାପନ ଓ ମଣ୍ଡଳ ପୂଜା ହୋଇଥିଲା। ଗୁରୁବାର ଦିନ ସୂର୍ଯ୍ୟ ପୂଜା, ଦେବତା ସ୍ନାନ, ଗୋପାଳ ସହସ୍ର ନାମାହୁତି ଓ ଦେବତା ଶୟନ ଅନୁଷ୍ଠିତ ହୋଇଥିଲା । ଶୁକ୍ରବାର ଦିନ ଦେବତା ପ୍ରତିଷ୍ଠା, ମନ୍ଦିର ଓ ସିଂହାସନ ପ୍ରତିଷ୍ଠା ହେବା ପରେ ରାଧାକୃଷ୍ଣଙ୍କୁ ସିଂହାସନରେ ସ୍ଥାପିତ କରାଯାଇଛି । ଠାକୁରଙ୍କ ଏହି ଉତ୍ସବ ଦେଖିବା ନିମନ୍ତେ ମନ୍ଦିର ପ୍ରାଙ୍ଗଣରେ ହଜାର ହଜାର ମହିଳା ପୁରୁଷ ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ । ଏହି ଉତ୍ସବକୁ ଆଳି ବ୍ଲକ ଯାଦବ ମହାସଭାର ସଦସ୍ୟ ମାନେ ପରିଚାଳନା କରିଥିଲେ ।

## ଅଲିଭରିଡେଲ କଇଁଛ ସୁରକ୍ଷା ସଚେତନତା ଶୋଭାଯାତ୍ରା ଓ ବେଳାଭୂମି ସଫେଇ କାର୍ଯ୍ୟକ୍ରମ

**କୋଣାର୍କ, ୨୩।୫ (ସଂଚାର ବ୍ୟୁରୋ):** ବିଶ୍ୱ କଇଁଚ ଦିବସ ପାଳନ ଅବସରରେ କାମତ ହୋଟେଲସର ଲୋଟସ ରିସୋର୍ଟ ପକ୍ଷରୁ କୋଣାର୍କ ବନବିଭାଗ ସହଯୋଗରେ ଶୁକ୍ରବାର ସକାଳ ୬ଘ ୩୦ ମିନିଟ ସମୟରେ ଲୋଟସ ରିସୋର୍ଟର କର୍ମଚାରୀ ଓ କୋଣାର୍କ ବନ କର୍ମଚାରୀ ମାନଙ୍କୁ ନେଇ ଚନ୍ଦ୍ରଭାଗା ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଓ ଅଲିଭରିଡେଲ

**ବିଶ୍ୱ କଇଁଛ ଦିବସ ପାଳିତ**

କଇଁଚ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଲୋଟସ ରିସୋର୍ଟର କର୍ମଚାରୀ ଓ କୋଣାର୍କ ବନ କର୍ମଚାରୀ ମାନେ ପ୍ଲାକ କାର୍ଡ ଧରି ଅଲିଭରିଡେଲ କଇଁଚ ସୁରକ୍ଷା ଓ ପରିବେଶ ସନ୍ତୁଳନ ରକ୍ଷାର ନାରା ଦେଇ ସଚେତନତାର ବାର୍ତ୍ତା ଛିଞ୍ଚନ କରିଥିଲେ। ବିଶ୍ୱ କଇଁଚ ଦିବସ ପାଳନ ଅବସରରେ ଅଲିଭରିଡେଲ କଇଁଚ ସୁରକ୍ଷା ସମ୍ପର୍କରେ ଲୋଟସ ରିସୋର୍ଟର କର୍ମଚାରୀମାନେ ଚନ୍ଦ୍ରଭାଗା ବେଳାଭୂମି ପରିଦର୍ଶନରେ ଆସିଥିବା ପର୍ଯ୍ୟଟକ ମାନଙ୍କୁ ସଚେତନତାର ବାର୍ତ୍ତା ଛିଞ୍ଚନ




ପୂର୍ବକ ବିଶଦ ଭାବରେ ବୁଝାଇଥିଲେ। ପରେ ପରେ ଚନ୍ଦ୍ରଭାଗା ଠାରେ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଶୁକ୍ରବାର ଅପରାହ୍ନରେ ଲୋଟସ ରିସୋର୍ଟ ସମ୍ମେଳନ କକ୍ଷ ଠାରେ ଅଲିଭରିଡେଲ କଇଁଚ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ସଂଜୟ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ କୋଣାର୍କ ବନାଚଂଳ ଅଧିକାରୀ ସୁଦର୍ଶନ ଦେହୁରୀ ଯୋଗ ଦେଇ ଅଲିଭରିଡେଲ କଇଁଚ ସୁରକ୍ଷା, ସେମାନଙ୍କ ସୁରକ୍ଷିତ ଅଣ୍ଡାଦାନ ପ୍ରକ୍ରିୟା ଓ ପରିବେଶ ସନ୍ତୁଳନ ରକ୍ଷା ଦିଗରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ କାମତ ହୋଟେଲସର ଆଂଚଳିକ ପରିଚାଳକ ଭାରତ ଭୂଷଣ ବିଶ୍ୱାଳ ଯୋଗ ଦେଇ ଇକୋ ପରିବେଶ ସୃଷ୍ଟି ଦିଗରେ ଅଲିଭରିଡେଲ କଇଁଚ ମାନଙ୍କ ଅତୁଳନୀୟ ଅବଦାନ ରହିଛି। ଏମାନଙ୍କ ସୁରକ୍ଷା ପାଇଁ ସାମୁହିକ ପ୍ରଚେଷ୍ଟା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ।

ଏହି ପରିପ୍ରେକ୍ଷୀରେ କଇଁଚ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ କୋଣାର୍କ ବନବିଭାଗର ୮ଜଣ କଇଁଚ ସୁରକ୍ଷା କର୍ମଚାରୀଙ୍କୁ ଲୋଟସ ରିସୋର୍ଟ ପକ୍ଷରୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଲୋଟସ ରିସୋର୍ଟର ସୁନୀଲ କୁମାର ପାଣିଗ୍ରାହୀ, ପ୍ରଭୁଦତ୍ତ ଦାସ, ଧିରେନ କୁମାର ଆଚାର୍ଯ୍ୟ, ରାଜୀବ କୁମାର ନାୟକ, ଜିତେନ୍ଦ୍ର ଜେନା, ପ୍ରଦୀପ ମଣ୍ଡଳ, ଅଭିମନ୍ୟୁ ମାନ୍ୟଲ୍, ସରାଫର୍ଜ କୋରସିନ ଓ ନିର୍ମାଲ୍ୟ ରାଉତ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଲୋଟସ ରିସୋର୍ଟର ପରିଚାଳକ ସୁନୀଲ ସେଫ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜୟଙ୍କୁ ଗୋପାଳପୁର ଗ୍ରା:ପ ବିଜେପି ସାଙ୍ଗଠନିକ ଦାୟିତ୍ୱ ପ୍ରଦାନ

**ଜଗତସିଂହପୁର, ୨୩।୫ (ସଂଚାର ବ୍ୟୁରୋ):** ତିର୍ତୋଲ ବ୍ଲକ ଅଧୀନ ଗୋପାଳପୁର ଶଙ୍ଖେଶ୍ୱର ଗ୍ରାମପଞ୍ଚାୟତର ବିଜିପୁର ଠାରେ ୨୧ ତାରିଖ ବୁଧବାର ଦିନ ଭାରତୀୟ ଜନତା ପାର୍ଟି ତରଫରୁ ପଞ୍ଚାୟତ ସ୍ତରୀୟ ସାଙ୍ଗଠନିକ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବିଜେପି ପୂର୍ବତନ ମଣ୍ଡଳ ସଭାପତି ମନୋରଞ୍ଜନ ଦାଶଙ୍କ ସଭାପତିତ୍ୱ ରେ ଗୋପାଳପୁର ଗ୍ରାମପଞ୍ଚାୟତର ପ୍ରତ୍ୟେକଟି ୱାର୍ଡର ବିଜେପିର ବରିଷ୍ଠ କର୍ମକର୍ତ୍ତା, ମାତୃଶକ୍ତି ଓ ଯୁବକ ଭାଇମାନେ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ। ଉକ୍ତ ସାଙ୍ଗଠନିକ ବୈଠକରେ ଦାଇଁଲୋ ଗ୍ରାମପଞ୍ଚାୟତର ବିଜେପି ପ୍ରଭାରୀ ପ୍ରଶାନ୍ତ କୁମାର ପଣ୍ଡା ଉପସ୍ଥିତ ସହିତ ଅନ୍ୟମାନଙ୍କ ମଧରେ ଦାଇଁଲୋ ମଣ୍ଡଳ ଓବିସି ଯୁବମୋର୍ଚ୍ଚା ସଭାପତି ନିହାର ରଞ୍ଜନ ମହାପାତ୍ର, ବରିଷ୍ଠ କର୍ମୀ ଧ୍ରୁବ ଚରଣ ଦାସ,ବିଳାସ ସେନାପତି, ବୈଷ୍ଣମ୍ବ ଚରଣ ସେଠି, ଯଶୋବନ୍ତ ସାହୁ, ଶ୍ରୀମତୀ ଶାନ୍ତିଲତା ରାଏ, ବାଦଲ କୁମାର ସାହୁ, ଅକ୍ଷୟ କୁମାର ବରାଳ ଇତ୍ୟାଦି କାର୍ଯ୍ୟକର୍ତ୍ତା ଓ ସଦସ୍ୟ ସଦସ୍ୟା ମାନଙ୍କ ଉପସ୍ଥିତରେ ସର୍ବସମ୍ମତିକ୍ରମେ ଗୋପାଳପୁର ଶଙ୍ଖେଶ୍ୱର ଗ୍ରାମପଞ୍ଚାୟତ ବିଜେପି ସଂଗଠନ କୁ ସୁଦୃଢ ଓ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ପଞ୍ଚାୟତର ବିଜେପି ସାଙ୍ଗଠନିକ ଦାଇତ୍ୱ ସମାଜସେବୀ ବିଜୟ କୁମାର ବିଶ୍ୱାଳ(କୁବେର ଭାଇ)ଙ୍କୁ ପ୍ରଦାନ କରାଯାଇଥିଲା।

## ବେଆଇନ ଭାବେ ବିକ୍ରି ହେଉଛି ଦେଶୀ ମଦ

**ସରକାରୀ ଦେଶୀ ମଦ ଭାଟି ବନ୍ଦ | କୋଟି କୋଟି ଟଙ୍କା ରାଜସ୍ୱହାନୀ**

**ବୋରିଗୁମ୍ମା, ୨୩।୫ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଚୋରା ଦେଶୀ ମଦ ର କାରବାର କାହାକୁ ଅଛପା ନାହିଁ।ଅବକାରୀ ବିଭାଗ ର ଦୀପ ତଳ ଅନ୍ଧାର ସଦୃଶ୍ୟ। ଜୟପୁର ସହର ନିକଟ ଉମୁରି ଠାରେ ଥିବା ସରକାରୀ ଦେଶୀ ମଦ ଭାଟିକୁ ଚଳିତ ବର୍ଷ ଏପ୍ରିଲ, ୧ ତାରିଖରୁ ବନ୍ଦ କରିଛି ଅବକାରୀ ବିଭାଗ। ଯାହା ଫଳରେ ସେହି ସରକାରୀ ଦେଶୀ ମଦ ଭାଟିରୁ ଆସୁଥିବା କୋଟି କୋଟି ଟଙ୍କା ରାଜସ୍ୱ କ୍ଷତି ହୋଇଥିବା ଜଣାପଡିଛି। ପ୍ରତ୍ୟେକ ମାସରେ ଉମୁରି ସରକାରୀ ଦେଶୀ ମଦ ଭାଟିରୁ ଅବକାରୀ ବିଭାଗକୁ ରାଜସ୍ୱ ବାବଦକୁ ପ୍ରାୟ ୮୦ ଲକ୍ଷ ଟଙ୍କା ଯାଇଥାଏ ବୋଲି ନିଜ ନାମ ଗୋପନ ଜଣେ ଅବକାରୀ ଅଧିକାରୀ ସୂଚନା ଦେଇଛନ୍ତି। ସେହିଭଳି ଏକ




ବର୍ଷରେ ମୋଟ ଅବକାରୀ ବିଭାଗ ରାଜସ୍ୱ ୯ କୋଟି ଟଙ୍କା କ୍ଷତି ହେବାର ସମ୍ଭାବନା ରହିଛି।

ଅନ୍ୟ ପଟେ ସରକାରୀ ଦେଶୀ ମଦ ଭାଟି ବନ୍ଦ ହେବା ପରେ ଜୟପୁର ସହର ଓ ବ୍ଲକ ଅଞ୍ଚଳରେ ବିପୁଳ ପରିମାଣର ଦେଶୀ ମଦ କାରବାର ହେଉଥିବା ଅଭିଯୋଗ ହେଉଛି। କୋରାପୁଟ, କୁନ୍ଦୁରା ଓ ବୈପାରିଗୁଡା ଠାରେ ଥିବା ସରକାରୀ ଦେଶୀ ମଦ ଭାଟିରୁ ଦେଶୀ ମଦ ଜୟପୁର ଅଞ୍ଚଳରେ ରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି।ଜୟପୁର ସହର ଓ ବ୍ଲକ ଅଞ୍ଚଳରେ ତିନି ଗୋଟି ଭାଟିରୁ ମଦ ଆଣି ଗାଁ ଗାଁ ରେ ବିକ୍ରି କରୁଥିବା ଅଭିଯୋଗ ହେଉଛି।ଜୟପୁର ଠାରେ ଅବକାରୀ ବିଭାଗ ସବୁ ଜାଣି ନ ଜାଣିଲା ଭଳି ଅଭିନୟ କରୁଛନ୍ତି।କେବଳ ନାମ କୁ ମାତ୍ର ଚଢ଼ାଉ କରି ଅବକାରୀ ବିଭାଗ ନିଜ ଦାୟିତ୍ୱ ସାରିଥିବା ଦେଖାଦେଇଛି।ଅବକାରୀ ବିଭାଗର ଅଧିକାରୀମାନେ ସରକାରୀ ରାଜସ୍ୱ କ୍ଷତି କରି ନିଜର ରାଜସ୍ୱ ଉପରେ ଧ୍ୟାନ ଦେଉଥିବା ଅଭିଯୋଗ ହେଉଛି।ଏଥି ସହ ସରକାରୀ ଦେଶୀ ମଦ ଭାଟି ବନ୍ଦ ହେବା ପରେ ଚୋରା ମଦ ବ୍ୟବସାୟୀମାନେ ସକ୍ରିୟ ହେବାକୁ ଲାଗିଲେଣି। ଏଣୁ ଲୋକେ ଯେପରି ଚୋରା ମଦ ପିଇ ମୃତ୍ୟୁମୁଖରେ ନ ପଡିବେ ସେଥି ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।

## ମନୋହରପୁରରେ ତ୍ରିଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ

**ସାଲେପୁର, ୨୩।୫(ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ ମନୋହରପୁର ଗ୍ରାମରେ ତ୍ରିଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପିକୋଳ ପଞ୍ଚାୟତର ମନୋହରପୁରଠାରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞର ପ୍ରଥମ ଦିବସରେ ବହୁ ସଂଖ୍ୟକ ମହିଳାମାନେ ଚିତ୍ରୋତ୍ପଳା ଗୁପ୍ତଗଙ୍ଗାରୁ ଏକ କଳସ ଶୋଭାଯାତ୍ରାରେ ଜଳ ଆଣି ଯଜ୍ଞ ମଣ୍ଡପ ନିକଟରେ ସ୍ଥାପନ କରିଥିଲେ। ଜଗତର କଲ୍ୟାଣ ନିମନ୍ତେ ଏହି ଯଜ୍ଞ ଅନୁଷ୍ଠିତ ହେଉଅଛି। ଏହି ଅବସରରେ ଘଟସ୍ଥାପନ, ବରଣ, ବାରଣ, ସଂକଳ୍ପ, ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନିସ୍ଥାପନ, ଯଜ୍ଞକର୍ମ ଆଦି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିବାବେଳେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଏହି ଯଜ୍ଞ କାର୍ଯ୍ୟକ୍ରମରେ ଯୋଗଦେଇ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରିଥିଲେ।



ଟ୍ୱିନ ସିଟିରେ ପୂର୍ତ୍ତ ବିଭାଗ କାର୍ଯ୍ୟର ସମୀକ୍ଷା

# ଭିଡ଼ ହ୍ରାସ ଓ ସୌନ୍ଦର୍ଯ୍ୟକରଣକୁ ପ୍ରାଧାନ୍ୟ


ବିସ୍ଥାପିତଙ୍କୁ ଥଇଥାନ ସହ ଆର୍ଥିକ ସହାୟତା ଦେବେ ସରକାର

**ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଭୁବନେଶ୍ୱର-କଟକ ଟ୍ୱିନ ସିଟିରେ କାର୍ଯ୍ୟକାରୀ ହେଉଥିବା ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ଭୁବନେଶ୍ୱରର ସମନ୍ୱିତ ବିକାଶ ଯୋଜନା ସହ ଟ୍ରାଫିକ୍ ଭିଡ ହ୍ରାସ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା।

ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏକ ଏଲିଭେଟେଡ୍ କରିଡର, ପଟିଆ ଷ୍ଟେସନ ଛକରୁ ସୁଆଙ୍ଗ ମୌଜା ପର୍ଯ୍ୟନ୍ତ ଦୟା ୱେଷ୍ଟ କେନାଲ ରାସ୍ତା ନିର୍ମାଣ, ସୁନ୍ଦରପଦାରୁ ଜଟଣୀ ରାସ୍ତାର ପ୍ରଶସ୍ତୀକରଣ ଏବଂ କଳ୍ପନା ଛକ, ମ୍ୟୁଜିଅମ ଓ ଶିଶୁଭବନ ଛକରେ ୩ଟି ଫ୍ଲାଏଓଭର୍ ସହିତ ଏଜି ଛକରେ ଏକ ଅଣ୍ଡରପାସ୍ ନିର୍ମାଣ ପାଇଁ ଯୋଜନା ରଖାଯାଇଛି । ସେହିପରି ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାଥ୍‌ମେଟିକସ୍ ରୁ ପଥର ଗାଡିଆ- ଉତ୍କଳ ହସ୍ପିଟାଲ-ରେଲ୍ ବିହାର ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ଲେଫ୍ଟ ପାରାଲେଲ୍ ରୋଡ୍ କାମ ମଧ୍ୟ ଜାରି ରହିଛି । ଏହା ସହିତ ଡମଣାରୁ ପ୍ରେସ୍ ଛକ, କଳାରାହାଙ୍ଗରୁ ବାରିମୁଣ୍ଡ ଓ କେଳୁଚରଣ ପାର୍କରୁ ବାରିମୁଣ୍ଡ ପର୍ଯ୍ୟନ୍ତ ୩ଟି ରାଇଟ୍ ଆକ୍‌ସେସ୍ ରୋଡ୍ ନିର୍ମାଣର ଯୋଜନା ରଖାଯାଇଛି । ଏହା ସହିତ ଏକ ଇନର୍ ରିଙ୍ଗ୍ ରୋଡ୍ ମଧ୍ୟ ନିର୍ମାଣ କରାଯିବ । ଏହି ସମସ୍ତ ନିର୍ମାଣ ଦ୍ୱାରା ଭୁବନେଶ୍ୱରରେ ଦିନ ପ୍ରତିଦିନ ବଢ଼ୁଥିବା ଟ୍ରାଫିକ ସମସ୍ୟାର ସମାଧାନ ହୋଇପାରିବ ଏବଂ ଭୁବନେଶ୍ୱର ସହରର ସୌନ୍ଦର୍ଯ୍ୟକରଣରେ ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଏହି ନିର୍ମାଣ ଯୋଗୁଁ ବିସ୍ଥାପିତ ହେବାକୁ ଥିବା ପ୍ରାୟ ୩୬୬ଟି ପରିବାରକୁ ଥଇଥାନ କରାଯିବା ସହ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

ବୈଠକରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୁଲିସ କମିଶନର ଏସ୍. ଦେବଦତ୍ତ ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



# ‘ପରାକ୍ରମ ଶୋଭାଯାତ୍ରା’ ଦେଶପ୍ରୀତିର ନିଦର୍ଶନ: ଧର୍ମେନ୍ଦ୍ର

**ଶହୀଦ ସ୍ମୃତିପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ**

**ତାଳଚେର, ୨୩।୫:** ‘ପରାକ୍ରମ ଶୋଭାଯାତ୍ରା’ ଦେଶପ୍ରୀତିର ନିଚ୍ଛକ ନିଦର୍ଶନ ବୋଲି ଶୁକ୍ରବାର ତାଳଚେରରେ ଆୟୋଜିତ ଏହି ଶୋଭାଯାତ୍ରାରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ନାଗରିକ ମଞ୍ଚ ତରଫରୁ ଆୟୋଜିତ ଏହି ପରାକ୍ରମ ଶୋଭାଯାତ୍ରା ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଆରମ୍ଭ ହୋଇ ଉପ ଜିଲ୍ଲାପାଳ ଅଫିସ୍ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ପହଞ୍ଚିବା ପରେ ଶ୍ରୀ ପ୍ରଧାନ ଶହୀଦ ସ୍ମୃତିପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହା ଉପରେ ଶ୍ରୀ ପ୍ରଧାନ କହିଛନ୍ତି, ସାରା ବିଶ୍ୱ ଅପରେସନ ସିନ୍ଦୂର ଜରିଆରେ ଭାରତର ପରାକ୍ରମ ଓ ଶୌର୍ଯ୍ୟକୁ ଦେଖିଛି। ଏହି ପରାକ୍ରମ ଶୋଭାଯାତ୍ରା ଆମର ସୈନ୍ୟ ଶକ୍ତି ଓ ସାମରିକ ଶକ୍ତିର ପରାକାଷ୍ଠା ଏବଂ ଦେଶ ମାତୃକା ପ୍ରତି ଜନସାଧାରଣଙ୍କର ଥିବା ସମ୍ମାନକୁ ଦର୍ଶାଉଛି। ପରାକ୍ରମ ତଥା ତ୍ରିରଙ୍ଗା ଶୋଭାଯାତ୍ରା ମାଧ୍ୟମରେ ଦେଶ ଆଜି ଏକଜୁଟ ହୋଇଛି। ଅପରେସନ ସିନ୍ଦୂରର ସଫଳତା ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦେଶର ତିନି ସେନାର ବୀର ଯବାନମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# କୋଟିଆ ପାଇଁ କମିଟି ଗଠନକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସ୍ୱାଗତ

**ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ):** କୋଟିଆ ଓଡ଼ିଶାର ଏକ ଅବିଚ୍ଛେଦ୍ୟ ଅଙ୍ଗ। କୋଟିଆବାସୀଙ୍କ ସହ ଆମର ଭାବାବେଗ ଜଡ଼ିତ ରହିଛି ବୋଲି ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୋଟିଆ ଗ୍ରାମସମୂହର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ୧୬ଜଣିଆ କମିଟିକୁ ସ୍ୱାଗତ କରିବା ଅବସରରେ ମତ ଦେଇଛନ୍ତି। ଶ୍ରୀ ପ୍ରଧାନ ‘ଏକ୍ସ’ରେ ଉଲ୍ଲେଖ କରିଛନ୍ତି ଯେ କୋରାପୁଟ ଜିଲ୍ଲା କୋଟିଆ ଗ୍ରାମସମୂହର ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାର ସୁବିଧା କୋଟିଆର ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ୧୬ ଜଣିଆ କମିଟି ଗଠନ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇବା ସହ ଓଡ଼ିଶାର ସୀମାକୁ ଭୌଗୋଳିକ ଓ ସାଂସ୍କୃତିକ ରୂପେ ସୁରକ୍ଷିତ ରଖିବାର ସଂକଳ୍ପ ନେଇ ସେ ମଧ୍ୟ ପୂର୍ବରୁ କୋଟିଆ ଗସ୍ତରେ ଯାଇଥିବା କହିଛନ୍ତି। ଏଥିସହ ସେ କୋଟିଆ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏକାଧିକ ବାର ଆନ୍ଧ୍ର ପ୍ରଦେଶ ଓ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ନିବେଦନ କରିଥିଲେ। କିନ୍ତୁ ତାଙ୍କର ବାରମ୍ବାର ଅନୁରୋଧ ଓ ଦାବି ସତ୍ତ୍ୱେ ପୂର୍ବ ସରକାର ଏଥିପ୍ରତି ଆଦୌ କର୍ଣ୍ଣପାତ କରିନଥିଲେ। କିନ୍ତୁ ଏବେ ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର କ୍ଷମତାରେ ଥିବାରୁ କୋଟିଆବାସୀଙ୍କ ହିତ ପାଇଁ ପଦକ୍ଷେପ ନିଆଯାଇଛି। ରାଜ୍ୟ ସରକାର ନେଇଥିବା ସଦସ୍ୟ ପଦକ୍ଷେପ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଡବଲ ଇଞ୍ଜିନ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ଲାଭ ପାଇବେ। ଓଡ଼ିଆ ଭାଷା, ସଂସ୍କୃତି, ଅସ୍ମିତା, ସାହିତ୍ୟ, ପରମ୍ପରା ଓ ପର୍ବପର୍ବାଣୀର ପ୍ରଚାର ପ୍ରସାର ହେବ। ରାଜ୍ୟର ଭୌଗୋଳିକ ସୀମା ସୁରକ୍ଷିତ ରହିପାରିବ। କୋଟିଆବାସୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧପରିକର ବୋଲି ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି।

● ଜେଇଙ୍କ ଘରେ ଚଢ଼ାଉ, ମୋବାଇଲ୍ ଛଡ଼ାଇନେଲେ ପତ୍ନୀ

# ୩ଟି ଫ୍ଲାଟ୍ ସହ ୯ଟି ଦାମୀ ପ୍ଲଟ୍ ଠାବ



**ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ):** ଆଜି ଭିଜିଲାନ୍ସ ପକ୍ଷରୁ ଜନୈକ କନିଷ୍ଠ ଯନ୍ତ୍ରୀଙ୍କ ଘରେ ଚଢ଼ାଉ ହୋଇଛି। ନୂଆପଡ଼ା ଆର୍‌ଆଣ୍ଡ୍‌ବି ଜେଇ ସୁଶାନ୍ତ ସେଠୀଙ୍କ ନାମରେ ୩ଟି ବହୁତଳ ପ୍ରାସାଦ ଓ ୯ଟି ଦାମୀ ପ୍ଲଟ୍ ବ୍ୟାପକ ମାତ୍ରାରେ ସମ୍ପତ୍ତି ଠାବ କରାଯାଇଛି। ୮ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଶ୍ରୀ ସେଠୀଙ୍କ ନାମରେ ଭୁବନେଶ୍ୱରରେ ୩ଟି ରହିଥିବା ବେଳେ ଅବଶିଷ୍ଟ ୬ଟି ମଧ୍ୟରୁ ପିପିଲିରେ ୫ଟି ଓ ରାୟଗଡ଼ାରେ ଗୋଟିଏ ପ୍ଲଟ୍ ରହିଛି। ଏହାଛଡ଼ା ତାଙ୍କ ନାମରେ ପିପିଲିରେ ୧ ଏକରରୁ ଉର୍ଦ୍ଧ୍ୱ ଜମିରେ ଏକ ଫାର୍ମହାଉସ୍ ବି ରହିଛି। ଅଧିକନ୍ତୁ ତାଙ୍କ ଘରୁ ୨ଟି ଦାମୀ କାର୍ ସହ ୫୦ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ଇନସ୍ୟୁରାନ୍ସ ଡିପୋଜିଟ୍ ସଂକ୍ରାନ୍ତ କାଗଜପତ୍ର ଭିଜିଲାନ୍ସ ଅଧିକାରୀମାନେ ଜବତ କରିଛନ୍ତି। ତେବେ ଆଜି ଚଢ଼ାଉ ସମୟରେ ଶ୍ରୀ ସେଠୀଙ୍କ ପତ୍ନୀ କରିଥିଲେ ହାଇଡ୍ରାମା। ଭିଜିଲାନ୍ସ ଜବତ କରିଥିବା ମୋବାଇଲକୁ ସେ ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ। ଭିଜିଲାନ୍ସ କର୍ମଚାରୀମାନେ ତାଙ୍କୁ ଯେତେ ବୁଝାଇବାକୁ ଚେଷ୍ଟା କରିଥିଲେ ହେଁ ସେ କିଛି ବି ବୁଝିବାକୁ ରାଜି ନଥିଲେ। ଫଳସ୍ୱରୂପ ତାଙ୍କଠାରୁ ମୋବାଇଲ୍

# ଆଜିଠୁ ରାଜଧାନୀରେ ଅନ୍ତର୍ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଇନଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡ଼ିଜ, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଭାରତ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଓଡ଼ିଶା ଏବଂ ଦକ୍ଷିଣ-ପୂର୍ବ ଏସିଆର ରାଷ୍ଟ୍ରମାନଙ୍କ ମଧ୍ୟରେ ରହିଥିବା ସାମାଜିକ, ସାହିତ୍ୟିକ, ସାଂସ୍କୃତିକ ଓ ସଭ୍ୟତାଗତ ସାମଞ୍ଜସ୍ୟକୁ ନେଇ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜିତ ହେବ। ଆସନ୍ତାକାଲିଠାରୁ ଏହି ସମ୍ମିଳନୀର ଆରମ୍ଭ ହେବ ଓ ଏଥିରେ କଳିଙ୍ଗ ଓ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରର ସଭ୍ୟତାଗତ ସଂଯୋଗ ସମ୍ପର୍କରେ ଆଲୋଚନା ହେବ। ଏହି ଅନ୍ତର୍ଜାତୀୟ ସମ୍ମିଳନୀରେ ଓଡ଼ିଶା, ଭାରତ ଓ ଦକ୍ଷିଣ-ପୂର୍ବ ଏସିଆର ବିଭିନ୍ନ ରାଷ୍ଟ୍ରମାନଙ୍କର ଶିକ୍ଷାବିତ୍, ଗବେଷକ, ସାହିତ୍ୟିକ, ସଂସ୍କୃତି ଗବେଷକ ପ୍ରମୁଖ ଯୋଗଦେବା ସହ ଓଡ଼ିଶା ଏବଂ ଦକ୍ଷିଣ-ପୂର୍ବ ଏସିଆ ରାଷ୍ଟ୍ରମାନଙ୍କ ମଧ୍ୟରେ ରହିଥିବା ସାମାଜିକ, ସାଂସ୍କୃତିକ ଓ ସଭ୍ୟତାଗତ ସାମଞ୍ଜସ୍ୟ ଉପରେ ସାରଗର୍ଭକ ଆଲୋଚନା କରିବେ। ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ସମ୍ବନ୍ଧରେ ବିଭିନ୍ନ ବର୍ଗର ଜନସାଧାରଣ ଓ ବିଶେଷ ଭାବରେ ଯୁବପିଢ଼ିଙ୍କୁ ଅବଗତ କରାଇବା ନିମନ୍ତେ ସମ୍ମିଳନୀରେ ସ୍ୱତନ୍ତ୍ର ଅଧିବେଶନ ମଧ୍ୟ ଆୟୋଜିତ ହେବ।

ସୂଚନାଯୋଗ୍ୟ ଯେ ପ୍ରାଚୀନ କାଳରେ ଓଡ଼ିଆ ସାଧବ ପୁଅମାନେ ବାଣିଜ୍ୟ କରିବାକୁ ଜାଭା, ସୁମାତ୍ରା, ଇଣ୍ଡୋନେସିଆ ଆଦି ସ୍ଥାନକୁ ଯାଉଥିଲେ ଓ ଏହି ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ଓ ସାଂସ୍କୃତିକ ଭାବ ବିନିମୟର ଉଦାହରଣ ଆଜି ମଧ୍ୟ ଉଭୟ ଓଡ଼ିଶା ଏବଂ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ପରିଲକ୍ଷିତ ହେଉଛି। ଓଡ଼ିଶାର ପଶୁମୁଖା ନୃତ୍ୟ ଓ ବାଲିର ବାରୋଙ୍ଗ ନୃତ୍ୟ, ମୟୂରଭଞ୍ଜ ଜିଲ୍ଲାର ଛଉ ଓ ଇଣ୍ଡୋନେସିଆର ଗାବା-ଗାବା ନୃତ୍ୟ, ଓଡ଼ିଶାର ଧାରୁଆ ଜନଜାତିର ବିର୍ଲି ନୃତ୍ୟ ଓ ଇଣ୍ଡୋନେସିଆର ଆଦିବାସୀ ନୃତ୍ୟ ଆଦି ଓଡ଼ିଶା ଓ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ର ମଧ୍ୟରେ ରହିଥିବା ସାଂସ୍କୃତିକ ବିନିମୟର ପରିଚୟ ପ୍ରଦାନ କରୁଛି। ଏହି ଦୁଇ ଦିବସୀୟ ଅନ୍ତର୍ଜାତୀୟ ସମ୍ମିଳନୀ ଓଡ଼ିଶା ଓ ଦକ୍ଷିଣ ପୂର୍ବ ଏସୀୟ ରାଷ୍ଟ୍ର ମଧ୍ୟରେ ରହିଥିବା ସଭ୍ୟତାଗତ ସଂଯୋଗର ଇତିହାସକୁ ପୁନର୍ଜୀବିତ କରିବା ସହ ଯୁବପିଢ଼ିଙ୍କ ପାଇଁ ଏକ ଶୈକ୍ଷିକ ବିଷୟବସ୍ତୁ ଭଳି କାର୍ଯ୍ୟ କରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଚାକିରି ଲୋଭ ଦେଖାଇ କୋଟିଏରୁ ଉର୍ଦ୍ଧ୍ୱ ଠକେଇ



**ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ):** ବିଦେଶରେ ମୋଟା ଦରମାରେ ଚାକିରି କରାଇ ଦେବାର ପ୍ରଲୋଭନ ଦେଇ ବିଭିନ୍ନ ଲୋକଙ୍କଠାରୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଠକିନେଇଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଗତ ୨୦୧୮ରୁ ଏହି ଟଙ୍କା ଠକିନେଇ ଫେରାର ଥିବା ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅଞ୍ଚଳର ଅଭିଯୁକ୍ତ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କୁ ଗିରଫ କରାଯାଇଛି। ଏନେଇ ଆଜି କ୍ରାଇମ ବ୍ରାଞ୍ଚ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିଜିପି କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର ଏନେଇ ସବିଶେଷ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ଅଭିଯୁକ୍ତ ବିଷ୍ଣୁ ଗୁଣୁପୁର ଥାନା ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତିଙ୍କୁ ବିଦେଶରେ ଉଚ୍ଚ ଦରମାରେ ଚାକିରି ଦେବାର ପ୍ରତିଶ୍ରୁତି ଦେଇଥିଲା। ବ୍ରିଟିଶ ଏୟାରୱେଜ୍ ଓ ଲୁଫ୍‌ଥାନ୍ସା ଏୟାରୱେଜ୍ ଭଳି ବିଦେଶୀ କମ୍ପାନୀରେ ଚାକିରି ପାଇବା ଆଶାରେ ଅଭିଯୋଗକାରୀ ଜଣଙ୍କ ବିଷ୍ଣୁକୁ ୯୦ ଲକ୍ଷ ଟଙ୍କା ଦେଇଥିଲେ। ବିଶ୍ୱାସ ଜନ୍ମାଇବା ସକାଶେ ବିଷ୍ଣୁ ମଧ୍ୟ ତାଙ୍କୁ ଏକ ନିଯୁକ୍ତିପତ୍ର ଦେଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାହା ସମ୍ପୂର୍ଣ୍ଣ ଜାଲ୍ ବୋଲି ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଜାଣିବା ପରେ ଏନେଇ ଗୁଣୁପୁର ଥାନାରେ ଅଭିଯୋଗ କରିଥିଲେ।

ସେହିପରି ବିଷ୍ଣୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ପୁଅକୁ ବିଦେଶରେ ଏକ ଲାଭଜନକ ସଂସ୍ଥାରେ ଚାକିରି ଦେବାକୁ କହି ୧୫ ଲକ୍ଷ ଟଙ୍କା ଠକିନେଇଥିଲା। ଉଭୟ ମାମଲା ଗୁଣୁପୁର ଥାନାରେ ପଞ୍ଜୀକୃତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଦୁଇ ମାମଲା କ୍ରାଇମ ବ୍ରାଞ୍ଚକୁ ହସ୍ତାନ୍ତର ହୋଇଥିଲା ଓ ଏନେଇ କ୍ରାଇମ୍ ବ୍ରାଞ୍ଚ୍ ପକ୍ଷରୁ ଆନୁଷଙ୍ଗିକ ପଦକ୍ଷେପ ନିଆଯାଇଥିଲା। ଅଭିଯୁକ୍ତ ବିଷ୍ଣୁ ବିଭିନ୍ନ ସମୟରେ ନିଜକୁ ଡାକ୍ତର, ପ୍ରଫେସର, ଇଞ୍ଜିନିୟର ଆଦି ପରିଚୟ ଦେବା ସହ ନିଜର ଠିକଣା ପ୍ରମାଣ, ଡ୍ରାଇଭିଂ ଲାଇସେନ୍ସର ଜାଲ କାଗଜପତ୍ର ପ୍ରସ୍ତୁତ କରିଥିଲା। ଏହାଛଡ଼ା ସେ ଏଚ୍‌ଆର୍ ମ୍ୟାକ୍ସନ୍ସ ଓ ଲୁଫ୍‌ଥାନ୍ସା ଭଳି ଅନ୍ତର୍ଜାତୀୟ ପରାମର୍ଶଦାତା କମ୍ପାନୀ ନାମରେ ନକଲି ପ୍ରସ୍ତାବ ଓ ନିଯୁକ୍ତିପତ୍ର ପ୍ରସ୍ତୁତ କରୁଥିଲା ବୋଲି ତଦନ୍ତ ସମୟରେ କ୍ରାଇମବ୍ରାଞ୍ଚ ପୁଲିସ ଜାଣିବାକୁ ପାଇଥିଲା।

ଏଥିସହ ତଦନ୍ତ ଚାଲିଥିବା ସମୟରେ ଗିରଫଦାରୀରୁ ବର୍ତ୍ତିବା ସକାଶେ ବିଷ୍ଣୁ କାମ୍ବୋଡିଆ ମଧ୍ୟ ପଳାଇ ଯାଇଥିଲା। ସେଠାରେ ସେ ନିଜର ପରିଚୟ ଲୁଚାଇବା ପାଇଁ ଦ୍ୱିତୀୟ ପାସପୋର୍ଟ ମଧ୍ୟ ପ୍ରସ୍ତୁତ କରିଥିଲା। ବିଷ୍ଣୁ ବିରୋଧରେ ଗତ ୨୦୧୯ରେ ପୁଲିସ ପକ୍ଷରୁ ଲୁକ୍‌ଆଉଟ୍ ସର୍କୁଲାର ଜାରି ହୋଇଥିଲା। ସେ ବିଶାଖାପାଟଣା, ବ୍ରହ୍ମପୁର, ଭୁବନେଶ୍ୱର ଓ ଦେଶର ଅନ୍ୟାନ୍ୟ ସ୍ଥାନରେ ଚାକିରି ଯୋଗାଇବା ବାହାନାରେ ଲୋକଙ୍କୁ ଟଙ୍କା ଠକେଇ କରିଥିବା ପୁଲିସ ତଦନ୍ତ ସମୟରେ ଜାଣିବାକୁ ପାଇଥିଲା। ତାକୁ ଗିରଫ ପରେ ରାୟଗଡ଼ା ଜିଲ୍ଲା ଗୁଣୁପୁରର ଏସଡିଜେଏମଙ୍କ କୋର୍ଟରେ ହାଜର କରାଯାଇଥିବା ବେଳେ ଅଧିକ ତଥ୍ୟ ହାସଲ ସକାଶେ ରିମାଣ୍ଡରେ ଅଣାଯିବ ବୋଲି ଡିଜିପି ଶ୍ରୀ ମିଶ୍ର କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଡିଆଇଜି କ୍ରାଇମବ୍ରାଞ୍ଚ ବି. ଗଙ୍ଗାଧର ମଧ୍ୟ ଉପସ୍ଥିତ ଥିଲେ।

# ଲିଙ୍ଗରାଜ ମନ୍ଦିରରେ ପଶିଲେ ଅଣହିନ୍ଦୁ


ପଚରାଉଚରା ପରେ ଛାଡ଼ିଦେଲା ପୁଲିସ୍

**ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ):** ଶୁକ୍ରବାର ଲିଙ୍ଗରାଜ ମନ୍ଦିରରେ ଏକ ଅଭାବନୀୟ ଘଟଣା ସାମ୍‌ନାକୁ ଆସିଛି। ଲିଙ୍ଗରାଜ ମନ୍ଦିର ଭିତରକୁ ଜଣେ ଅଣହିନ୍ଦୁ ପଶି ଯାଇଥିଲେ। ମଧ୍ୟାହ୍ନ ସାଢ଼େ ୧୨ଟାରେ ମନ୍ଦିର ସିଂହଦ୍ୱାର ଦେଇ ଜଣେ ଅଣହିନ୍ଦୁ ମନ୍ଦିର ଭିତରକୁ ପଶିଯାଇଥିବା ସୂଚନା ମିଳିଛି। ଯୁବକ ଜଣଙ୍କ ରୋମାନିଆ ନାଗରିକ ହୋଇଥିବା ବେଳେ ଖବର ପାଇ ଲିଙ୍ଗରାଜ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଘଣ୍ଟାଏ ଅଟକ ରଖି ପଚରାଉଚରା କରି ପରେ ଛାଡ଼ି ଦେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ମନ୍ଦିର ସୁରକ୍ଷାକୁ ନେଇ ପୁଣି ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ସୁରକ୍ଷା ବ୍ୟବସ୍ଥାକୁ ଆଖିଠାର ମାରି ସୋମବାର ଅପରାହ୍ନ ୫ଟା ୧୫ରୁ ୫ଟା ୩୦ ପର୍ଯ୍ୟନ୍ତ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ଉପରେ ଏକ ଡ୍ରୋନ ଉଡୁଥିବା ଦେଖିବାକୁ ମିଳିଥିଲା। ଡ୍ରୋନ ଉଡ଼ିବା ନେଇ ଡିଜିପି କଟକଣା ଲଗାଇବା ସତ୍ତ୍ୱେ ମଧ୍ୟ ଡ୍ରୋନ ଉଡିଥିଲା। ଏହା ଦେଖିବା ପରେ ପୁଲିସକୁ ଅବଗତ କରାଇଥିଲେ ମନ୍ଦିର ସେବାୟତ। ଏହି ଡ୍ରୋନ କିଏ କାହିଁକି ଉଡ଼ାଇଥିଲା, ସେନେଇ ପୁଲିସ୍ ଖୋଳତାଡ଼ କରୁଥିଲେ ହେଁ ଅଦ୍ୟାବଧି ଏନେଇ କୌଣସି ସଫଳତା ପାଇପାରିନାହିଁ। ବର୍ତ୍ତମାନ ମନ୍ଦିରରେ ଜଣେ ଅଣହିନ୍ଦୁ ପ୍ରବେଶ କରିବା ଘଟଣାକୁ ନେଇ ସ୍ଥାନୀୟ ଲୋକେ ଚିନ୍ତା ପ୍ରକଟ କରିଛନ୍ତି।

ଜନ୍ମଦିନରେ ଉଠିଲା କୋକେଇ

# ନଦୀରେ ବୁଡ଼ି ଅଜା-ନାତି ମୃତ



**ପାଟଣା,୨୩।୫(ସଂଚାର ବ୍ୟୁରୋ):** କିଛି ସମୟ ପରେ ନାତିର ଜନ୍ମଦିନ ପାଳିଥାନ୍ତେ। ସକାଳୁ ଠାକୁରଙ୍କ ଦର୍ଶନ ପାଇଁ ମନ୍ଦିର ଯିବା ସକାଶେ ନାତିକୁ ଧରି ଜେଜେ ବାସୁଦେବ ମହାନ୍ତ ନଦୀକୁ ଗାଧୋଇବାକୁ ଯାଇଥିଲେ। ମନରେ ନାତି ଜନ୍ମଦିନ ନେଇ ରହିଥିଲା ଯଥେଷ୍ଟ ଉତ୍ସାହ। ୯ ବର୍ଷର ନାତି ଦିବ୍ୟାଂଶୁର ମଧ୍ୟ ଖୁସି କାହିଁରେ କ’ଣ ? ଜନ୍ମଦିନରେ ଆଜି କେତେ କ’ଣ କରିବ, ତା’ର ହିସାବ ନାହିଁ। ସାଙ୍ଗସାଥୀଙ୍କ ସହ କେକ୍ କାଟିବ ଆଉ ମଜାରେ ଜନ୍ମଦିନ ପାଳିବ ବୋଲି ତା’ର ପାଦ ଆଉ ତଳେ ଲାଗୁନଥାଏ। କିନ୍ତୁ ବିଧିର ବିଧାନ କିଛି ଅଲଗା ଥିଲା। ଠାକୁରଙ୍କ ଦର୍ଶନ କରିବା ସକାଶେ ନଦୀକୁ ଗାଧୋଇବାକୁ ଯାଇଥିବା ସମୟରେ ନାତି ଓ ଅଜା ତ ଘରକୁ ଫେରିନଥିଲେ, ବରଂ ଫେରିଥିଲା ସେମାନଙ୍କ ମୃତଦେହ। କାରଣ ନଦୀରେ ଗାଧୋଉଥିବା ସମୟରେ ଉଭୟ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ଏପରି ଏକ ହୃଦୟ ବିଦାରକ ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସିଲିପଦା ଗ୍ରାମରେ। ମିଳିଥିବା ସୂଚନାନୁସାରେ, ବାସୁଦେବ ସାନ ନାତି ଦିବ୍ୟାଂଶର ଜନ୍ମଦିନ ଥିବାରୁ ତାକୁ ଧରି ମନ୍ଦିର ଯାଇଥାନ୍ତେ। ଏହା ପୂର୍ବରୁ ସେ ଦିବ୍ୟାଂଶ ଓ ତା’ର ବଡ଼ ଭାଇ ସହ ନିକଟସ୍ଥ ବୈତରଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଗାଧୋଇବା ସମୟରେ ଅଚାନକ ଦୁଇ ନାତି ବୁଡ଼ିଯାଇଥିଲେ। ଏହା ଦେଖି ବାସୁଦେବ ସେମାନଙ୍କୁ ବଞ୍ଚାଇବା ସକାଶେ ଉଦ୍ୟମ କରିଥିଲେ। କିନ୍ତୁ ସେ ଦିବ୍ୟାଂଶକୁ ବଞ୍ଚାଇପାରିନଥିଲେ। ବରଂ ନିଜେ ବୁଡ଼ି ପ୍ରାଣ ହରାଇଥିଲେ। ବଡ଼ ନାତି ପହଁରି ପହଁରି ଏକ ପଥରକୁ ଆଶ୍ରା କରି ରହିଥିବା ବେଳେ ତାକୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଜନ୍ମଦିନରେ ଜେଜେ-ନାତିଙ୍କ କୋକେଇ ଉଠିବା ଘଟଣାକୁ ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି।

# ସ୍କୁଲ ବନ୍ଦ ଡର, ଘରକୁ ଘର ପିଲା ଖୋଜା



**ଭୁବନେଶ୍ୱର,୨୩।୫:** ରାଜଧାନୀରେ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏବେ ପିଲା ଚିନ୍ତା ଘାରିଛି । ନିଜର ବିଦ୍ୟାଳୟ ସହିତ ଚାକିରି ବଞ୍ଚାଇବାପାଇଁ ଏବେ ଘରକୁ ଘର, ବିଶେଷକରି ବସ୍ତି ଅଞ୍ଚଳରେ ବୁଲି ପିଲାଙ୍କୁ ବୁଝାଇ ନିଜ ବିଦ୍ୟାଳୟକୁ ଆଣିବାରେ ଲାଗି ପଡିଛନ୍ତି ।

ବିଦ୍ୟାଳୟରେ ଏବେ ନାମଲେଖା ଋତୁ ଚାଲିଥିବାବେଳେ ରାଜ୍ୟର ସହରାଞ୍ଚଳରେ ଥିବା ସରକାରୀ ବିଦ୍ୟାଳୟରେ ନାମ ଲେଖାଇବାକୁ ପିଲା ମିଳୁନାହାନ୍ତି । ଖୋଦ ରାଜଧାନୀରେ ଏବେ ଏହି ସମସ୍ୟା ଉତ୍କଟ ହୋଇଛି । ପ୍ରାଥମିକ ଶ୍ରେଣୀରେ ପିଲାଏ କିଭଳି ନାମ ଲେଖାଇବେ ସେଥିପାଇଁ ଶିକ୍ଷୟତ୍ରୀମାନେ ଲାଗି ପଡିଛନ୍ତି । ନିଜ ନିଜ ଅଞ୍ଚଳରେ ଥିବା ବସ୍ତିପିଲାଙ୍କୁ ବୁଝାଇ ବିଦ୍ୟାଳୟକୁ ଆଣିବାପାଇଁ ନାନା ଉଦ୍ୟମ କରୁଛନ୍ତି।

କାରଣ ଯଦି ପ୍ରାଥମିକଶ୍ରେଣୀରେ ଆବଶ୍ୟକ ଛାତ୍ରଛାତ୍ରୀ ନହେବେ ତେବେ ସରକାର ବିଦ୍ୟାଳୟରେ ତାଲା ଝୁଲାଇବା ଏକ ପ୍ରକାର ଥୟ। ବିଦ୍ୟାଳୟ ବନ୍ଦ ହେଲେ ଏଠାରେ ନିଯୁକ୍ତ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ କର୍ତ୍ତୃପକ୍ଷ ନିଶ୍ଚିତ ଭାବେ ଦୂର ଦୂରାନ୍ତକୁ ବଦଳି କରିବେ । ତେଣୁ ବଦଳି ଭୟରେ ଏବେ ଶିକ୍ଷୟତ୍ରୀମାନେ ଘରକୁ ଘର ବୁଲୁଥିବା ଲକ୍ଷ୍ୟ କରାଯାଉଛି ।

ତେବେ ରାଜଧାନୀରେ ଛତୁ ଫୁଟିଲା ଭଳି ଗଢି ଉଠିଥିବା ଘରୋଇ ବିଦ୍ୟାଳୟ ସହିତ ଶିକ୍ଷା ଅଧିକାର ଆଇନ୍ ବଳରେ ନାମୀ ଦାମୀ ବିଦ୍ୟାଳୟରେ ଗରିବ ପିଲା ନାମ ଲେଇବାର ସୁଯୋଗ ପାଉଥିବାରୁ ସେମାନେ ଆଉ ସରକାରୀ ବିଦ୍ୟାଳୟକୁ ଆସିବାକୁ ରାଜି ନୁହନ୍ତି। ତେଣୁ ଦିନକୁ ଦିନ ରାଜଧାନୀରେ ଥିବା ସରକାରୀ ବିଦ୍ୟାଳୟରେ ନାମ ଲେଖାଉଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କମିବାରେ ଲାଗିଛି ।

ସରକାରୀ ବିଦ୍ୟାଳୟରେ ପ୍ରଥମରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ସହିତ ମାଗଣା ପାଠ୍ୟପୁସ୍ତକ, ପୋଷାକ ଆଦି ଯୋଗାଇ ଦିଆଯାଉଛି । ନବମ ଶ୍ରେଣୀରେ ଝିଅମାନଙ୍କୁ ସରକାର ସାଇକେଲ ଯୋଗାଇ ଦେଉଛନ୍ତି। ଏହାଛଡା ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀମାନେ ଷ୍ଟାଇପେଣ୍ଡ ପାଉଛନ୍ତି। ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଆଦୌ ଫି ଦେବାକୁ ପଡୁନାହିଁ ।

କେବଳ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ମାଗଣା ଯୋଜନାରେ ସାମିଲ କରାଯାଇନାହିଁ, ସରକାରୀ ବିଦ୍ୟାଳୟରେ ତାଲିମପ୍ରାପ୍ତ ଅଭିଜ୍ଞ ଶିକ୍ଷକମାନେ ମଧ୍ୟ ଶିକ୍ଷାଦାନ କରୁଛନ୍ତି। ଏତେ ସବୁ ସତ୍ତ୍ୱେ ବି ବସ୍ତି ଅଞ୍ଚଳର ପିଲାଏ ସରକାରୀ ବିଦ୍ୟାଳୟକୁ ଆସିବାକୁ ରାଜି ନୁହନ୍ତି। ଘରୋଇ ବିଦ୍ୟାଳୟରେ ପଢ଼ିବାର ମନୋଭାବ ଯୋଗୁଁ ଏବେ ରାଜ୍ୟରେ ଥିବା ଘରୋଇ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୫ ଲକ୍ଷକୁ ଅତିକ୍ରମ କରିଗଲାଣି। ଅବସ୍ଥା ଏଭଳି ହୋଇଛି ଶିକ୍ଷା ବିଭାଗର ଅଧିକାରୀ, କର୍ମଚାରୀ ତ ଦୂରର କଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପିଲାଏ ବି ପାଠ ପଢ଼ିବାକୁ ସରକାରୀ ବିଦ୍ୟାଳୟରେ ନାମ ଲେଖାଉଥିବା ଦେଖିବାକୁ ମିଳୁନାହିଁ ।

ସ୍ଥିତି ଗମ୍ଭୀର ହେବା ସହିତ ବଦଳି ଭୟରେ ଏବେ ଶିକ୍ଷୟିତ୍ରୀମାନେ ଯେଉଁଭଳି ଘରକୁ ଘର ବୁଲି ପିଲା ଖୋଜୁଛନ୍ତି ସେମାନେ ସେଥିରେ କେତେଦୂର ସଫଳ ହେବ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ତେବେ ବରିଷ୍ଠ ଶିକ୍ଷାବିତ୍‌ମାନେ କହୁଛନ୍ତି ଯେ ଯେପର୍ଯ୍ୟନ୍ତ ସରକାରୀ ବିଦ୍ୟାଳୟର ଫଳାଫଳ ଉନ୍ନତମାନର ନହୋଇଛି ଏବଂ ସରକାରୀ ଅଧିକାରୀ/କର୍ମଚାରୀଙ୍କ ସହିତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପିଲାମାନେ ଏଠାରେ ନାମ ଲେଖାଇ ନାହାନ୍ତି ସେପର୍ଯ୍ୟନ୍ତ ସ୍ଥିତିରେ ସୁଧାର ଆସିବନାହିଁ । (ତଥ୍ୟ)

# ୧.୫୫ କୋଟି ଠକେଇ ; ୨ ଗିରଫ

**ଭୁବନେଶ୍ୱର,୨୩।୫(ସଂଚାର ବ୍ୟୁରୋ):** ଅନ୍‌ଲାଇନ ପୁଞ୍ଜିନିବେଶ ନାଁରେ କୋଟିପତି ବନାଇ ଦେବାର ଲୋଭ ଦେଖାଇ ଜନୈକ ବ୍ୟକ୍ତିଙ୍କଠାରୁ ୧ କୋଟି ୫୫ ଲକ୍ଷ ଟଙ୍କା ଠକି ନେଇଥିବା ୨ ସାଇବର ଠକଙ୍କୁ ଆଜି କ୍ରାଇମ୍ ବ୍ରାଞ୍ଚ୍ ପକ୍ଷରୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଏହି ଦୁଇ ଅଭିଯୁକ୍ତ ହେଲେ ତୟବ ଖାନ ଓ ଫିରୋଜ ଖାନ। ଉଭୟଙ୍କୁ ଭିଜିଲାନ୍ସ ଟିମ୍ ମଧ୍ୟପ୍ରଦେଶରୁ ଗିରଫ କରିଛି। ସୂଚନାନୁଯାୟୀ, ଗତ ଜାନୁୟାରୀ ୧ ତାରିଖରେ ଭୁବନେଶ୍ୱରରେ ରହୁଥିବା ଜଣେ ବ୍ୟକ୍ତି ସାଇବର ଥାନାରେ ରିପୋର୍ଟ କରିଥିଲେ। ଅନଲାଇନରେ ପୁଞ୍ଜିନିବେଶ କରି ସେ ଠକାମିର ଶିକାର ହୋଇଥିଲେ। ଅଭିଯୁକ୍ତମାନେ ପ୍ରଥମେ ତାଙ୍କୁ ଅଧିକ ଟଙ୍କା ଫେରସ୍ତ କରିବାର ଲୋଭ ଦେଖାଇ ପୁଞ୍ଜିନିବେଶ କରିବାକୁ ପ୍ରୋତ୍ସାହିତ କରିଥିଲେ। ଯାହା ଫଳରେ ଅଭିଯୋଗକାରୀ ଜଣକ ୧ କୋଟି ୫୦ ଲକ୍ଷ ୫୦ ହଜାର ଟଙ୍କା ସ୍ଥାନାନ୍ତର କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ କ୍ଷତି ହେବା ସତ୍ତ୍ୱେ ସାଇବର ଠକ ମାନଙ୍କ ପ୍ରରୋଚନାରେ ଅଧିକ ଟଙ୍କା ନିବେଶ କରିବାକୁ ଚାପ ପକାଉଥିଲେ। କିନ୍ତୁ ଟଙ୍କା ଉଠାଇବାକୁ ଚେଷ୍ଟା କରିବା ସମୟରେ ସେମାନେ ଅଧିକ ଟଙ୍କା ନିବେଶ କରିବାକୁ ଦାବି କରୁଥିଲେ। ଦିନ ପରେ ଦିନ ଗଡ଼ିବା ସତ୍ତ୍ୱେ ତାଙ୍କ ଆକାଉଣ୍ଟରୁ ଟଙ୍କା ଫେରି ନଥିଲା। ପରେ ସେ ଏହା ସାଇବର ଠକଙ୍କ କାମ ବୋଲି ଜାଣିପାରିଥିଲେ। ଏ ସଂକ୍ରାନ୍ତରେ ସେ ସାଇବର ଥାନାରେ ଅଭିଯୋଗ କରିବା ପରେ ଖୋଳତାଡ଼ ଆରମ୍ଭ ହୋଇଥିଲା। ଉଭୟ ଅଭିଯୁକ୍ତ ନିଜକୁ ଟ୍ରେଡ୍ ଆନାଲିଷ୍ଟର ପରିଚୟ ଦେଇ ଅଭିଯୋଗକାରୀଙ୍କଠାରୁ ୧ କୋଟି ୫୦ ଲକ୍ଷ ୫୦ ହଜାର ଟଙ୍କା ଠକି ନେଇଥିଲେ। ତଦନ୍ତକାରୀ ଟିମ ଅଭିଯୁକ୍ତଦ୍ୱୟଙ୍କଠାରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଆଧାର କାର୍ଡ, ପ୍ୟାନ୍ କାର୍ଡ ଆଦି ସମେତ ବିଭିନ୍ନ ଅପରାଧମୂଳକ ସାମଗ୍ରୀ ଜବତ କରିଛି। ଏହି ମାମଲାରେ ପୂର୍ବରୁ ଠକମାନଙ୍କର ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ମଧ୍ୟ ଫ୍ରିଜ୍ କରାଯାଇସାରିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ‘୭୫ ହଜାର କୋଟି ନିବେଶ ଲକ୍ଷ୍ୟ ରଖିଛି ରିଲାଏନ୍ସ’

**ନୂଆଦିଲ୍ଲୀ,୨୩।୫:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ କମ୍ପାନୀର ପୁଞ୍ଜିନିବେଶକୁ ୭୫ ହଜାର କୋଟି ଟଙ୍କାକୁ ବୃଦ୍ଧି କରିବାକୁ ରଖିଛନ୍ତି ଲକ୍ଷ୍ୟ। ବର୍ତ୍ତମାନ କମ୍ପାନୀର ଏହି ରାଜ୍ୟଗୁଡ଼ିକରେ ପ୍ରାୟ ୩୦ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ରହିଛି। ଅର୍ଥାତ୍, ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ, ରିଲାଏନ୍ସ ଏହି ରାଜ୍ୟଗୁଡ଼ିକରେ ପ୍ରାୟ ୪୫ ହଜାର କୋଟି ଟଙ୍କାର ନୂତନ ନିବେଶ କରିବାକୁ ଯାଉଛି। ଦିଲ୍ଲୀର ଭାରତ ମଣ୍ଡପମରେ ଆୟୋଜିତ 'ରାଇଜିଂ ନର୍ଥଇଷ୍ଟ ନିବେଶକ ସମ୍ମିଳନୀ'ରେ ମୁକେଶ ଅମ୍ବାନୀ ଏନେଇ ସୂଚନା ଦେଇଛନ୍ତି।



ଏହି ପ୍ରସ୍ତାବିତ ନିବେଶ ୨୫ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏଥି ସହିତ ମୁକେଶ ଅମ୍ବାନୀ ଉତ୍ତର ପୂର୍ବ ରାଜ୍ୟଗୁଡ଼ିକରେ ୩୫୦ଟି ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରିବା ନେଇ ପ୍ରତିବଦ୍ଧତା ଦୋହରାଇଛନ୍ତି। ଜିଓ ସମ୍ପର୍କରେ ସୂଚନା ଦେଇ ମୁକେଶ ଅମ୍ବାନୀ କହିଛନ୍ତି, ରିଲାଏନ୍ସ ଜିଓର ୫ଜି ନେଟୱାର୍କ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ପ୍ରାୟ ୯୦ ପ୍ରତିଶତ ଜନସଂଖ୍ୟା ପାଖରେ ପହଞ୍ଚିସାରିଛି। ୫୦ ଲକ୍ଷ ଲୋକ ଏବେ ଜିଓ ୫ଜି ନେଟୱାର୍କ ସହିତ ଯୋଡ଼ି ହୋଇଛନ୍ତି ଏବଂ ଏହି ବର୍ଷ ଏହି ସଂଖ୍ୟା ଦ୍ୱିଗୁଣିତ ହେବ। ରିଲାଏନ୍ସ ରିଟେଲ୍ ଚାଷୀଙ୍କ ଆୟ ବୃଦ୍ଧି କରିବା ପାଇଁ ସେମାନଙ୍କଠାରୁ ସିଧାସଳଖ କ୍ରୟକୁ ଉତ୍ସାହିତ କରିବ। ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା କରି ମୁକେଶ ଅମ୍ବାନୀ କହିଛନ୍ତି ଯେ, ଆପଣଙ୍କ ପ୍ରୟାସ ଯୋଗୁଁ ଉତ୍ତର-ପୂର୍ବାଞ୍ଚଳ ଭାରତର ବିକାଶ ମାନଚିତ୍ରରେ ଦୃଢ ଭାବରେ ଉଭା ହୋଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ରିଲାଏନ୍ସ ଫାଉଣ୍ଡେସନର କାର୍ଯ୍ୟ ଉପରେ ଆଲୋକପାତ କରି ସେ କହିଛନ୍ତି, ରିଲାଏନ୍ସ ଫାଉଣ୍ଡେସନ ମଣିପୁରରେ ୧୫୦ ଶଯ୍ୟା ବିଶିଷ୍ଟ ଏକ କର୍କଟ ହସ୍ପିଟାଲ ପ୍ରତିଷ୍ଠା କରିଛି। ଏହା ସହିତ ଫାଉଣ୍ଡେସନ ଜିନୋମିକ୍ ତଥ୍ୟ ବ୍ୟବହାର କରି ସ୍ତନ କର୍କଟ ଚିକିତ୍ସାକୁ ଆଗକୁ ବଢ଼ାଇବା ପାଇଁ ମିଜୋରାମ ବିଶ୍ୱବିଦ୍ୟାଳୟ ସହିତ ସହଯୋଗ କରୁଛି। ଫାଉଣ୍ଡେସନ ପକ୍ଷରୁ ଗୌହାଟୀରେ ଏକ ଅତ୍ୟାଧୁନିକ ମଲିକୁଲାର ଡାଇଗ୍ନୋଷ୍ଟିକ ଏବଂ ଗବେଷଣା ଲାବ ସ୍ଥାପନ କରାଯାଇଛି। ଏହା ଭାରତରେ ଅନ୍ୟତମ ସର୍ବବୃହତ ଜିନୋମ୍ ସିକ୍ୱେନସିଙ୍ଗ କ୍ଷମତା ହେବ। ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ, ରିଲାଏନ୍ସ ଫାଉଣ୍ଡେସନ ସମସ୍ତ ଆଠଟି ରାଜ୍ୟ ସହିତ ମିଶି ଅଲିମ୍ପିକ୍ ତାଲିମ କେନ୍ଦ୍ର ସ୍ଥାପନ କରିବ, ଯେଉଁଠାରୁ ବାହାରୁଥିବା ଯୁବପିଢ଼ି ଅଲିମ୍ପିକ୍ସରେ ପଦକ ବିଜେତା ହୋଇପାରିବେ।



## ଦୁର୍ବଳ ଟଙ୍କାକୁ ସଜାଡ଼ିବାକୁ ପ୍ରୟାସ

# ରେକର୍ଡ ବିଦେଶୀ ମୁଦ୍ରା ବିକିଲା ଆର୍‌ବିଆଇ

ମୁମ୍ବାଇ,୨୩।୫: ୨୦୨୪-୨୫ ଆର୍ଥିକବର୍ଷରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ୩୯୮.୭୧ ବିଲିୟନ ଡଲାର୍‌ର ବିଦେଶୀ ମୁଦ୍ରା ବିକ୍ରି କରିଛି । ଅସ୍ଥିର ବିଶ୍ୱ ଅର୍ଥନୈତିକ ମାହୋଲ ମଧ୍ୟରେ ଦୁର୍ବଳ ଟଙ୍କାକୁ ସଜାଡ଼ିବା ପାଇଁ ଆର୍‌ବିଆଇ ଏ ନିଷ୍ପତ୍ତି ନେଇଛି । ୨୦୨୩-୨୪ରେ ଆର୍‌ବିଆଇ ୧୫୩.୦୩ ବିଲିୟନ ଡଲାରର ବିଦେଶୀ ମୁଦ୍ରା ବିକ୍ରି କରିଥିଲା । ୨୦୨୨-୨୩ରେ ଏହା ୨୧୨.୫୭ ବିଲିୟନ ଡଲାର ଥିଲା । ଏହାସହିତ ଆର୍‌ବିଆଇ ମଧ୍ୟ ଗତବର୍ଷ ବଡ଼ ଆକାରରେ ବିଦେଶୀ ମୁଦ୍ରା କିଣିଛି । ବିଦେଶୀ ମୁଦ୍ରା ବିକ୍ରି କରିବାର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ଟଙ୍କାକୁ ସଜାଡ଼ିବା । ଗତ କିଛି ବର୍ଷ ଧରି ସ୍ଥିର ରହିବା ପରେ ୨୦୨୪-୨୫ ଦ୍ୱିତୀୟାର୍ଦ୍ଧରେ ଏହା ଦୁର୍ବଳ ହେବା ଆରମ୍ଭ କରିଛି।

# ଆଇଫୋନ ନିର୍ଦ୍ଦିଷ୍ଟ ମଡେଲରେ ମିଳୁଛି ପ୍ରାୟ ୨୦ ହଜାର ରିହାତି



ନୂଆଦିଲ୍ଲୀ, ୨୩।୫: ପ୍ରଥମ ଥର ପାଇଁ ଆଇଫୋନ ୧୬ ପ୍ରୋର ମୂଲ୍ୟ ହ୍ରାସ କରାଯାଇଛି। ଆପଲର ଏହି ଫ୍ଲାଗସିପ୍ ଆଇଫୋନକୁ ଲଞ୍ଚ ମୂଲ୍ୟ ଅପେକ୍ଷା ହଜାର ହଜାର ଟଙ୍କା ଶସ୍ତାରେ କିଣାଯାଇପାରିବ। ଏହାକୁ ଗତ ବର୍ଷ ସେପ୍ଟେମ୍ବରରେ ୧,୧୯,୯୦୦ ଟଙ୍କା ପ୍ରାରମ୍ଭିକ ମୂଲ୍ୟରେ ଲଞ୍ଚ କରାଯାଇଥିଲା। ମୂଲ୍ୟ ହ୍ରାସ ପରେ, ଆପଣ ଏହାକୁ ୯୦୦୦୦ ଟଙ୍କାରୁ କମ୍ ମୂଲ୍ୟରେ କିଣିପାରିବେ। ଆଇଫୋନ ୧୬ ପ୍ରୋ ଚାରୋଟି ଷ୍ଟୋରେଜ୍ ଭାରିଆଣ୍ଟରେ ଲଞ୍ଚ କରାଯାଇଛି - ୧୨୮ଜିବି, ୨୫୬ଜିବି, ୫୧୨ଜିବି, ଏବଂ ୧ଟିବି। ଏହି ଫୋନଟି ୧,୧୯,୯୦୦ ଟଙ୍କା ପ୍ରାରମ୍ଭିକ ମୂଲ୍ୟରେ ଲଞ୍ଚ କରାଯାଇଥିଲା। ଏହି ଦୁଇଟି ଇ-କମର୍ସ ପ୍ଲାଟଫର୍ମରେ, ଏହି ଫୋନଟି ୭୦୦୦ ଟଙ୍କା ମୂଲ୍ୟ ହ୍ରାସ ପରେ ୧୧୨୯୦୦ ଟଙ୍କାରେ ତାଲିକାଭୁକ୍ତ ହୋଇଛି। ଏହା ବ୍ୟତୀତ ଏହାର କ୍ରୟ ଉପରେ ୩୦୦୦ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ରିହାତି ଦିଆଯାଉଛି।

ଯଦି ଆପଣଙ୍କର ପୁରୁଣା ଫୋନ୍ ଅଛି, ତେବେ ଆପଣ ଏକ୍ସଚେଞ୍ଜ ଅଫରର ଲାଭ ଉଠାଇପାରିବେ। ଉଦାହରଣ ସ୍ୱରୂପ, ଯଦି ଆପଣ ଏକ ୫ ବର୍ଷ ପୁରୁଣା ଆଇଫୋନ ୧୧ ପ୍ରୋ ମ୍ୟାକ୍ସ ବଦଳାଇ ଦିଅନ୍ତି, ତେବେ ଆପଣ ଏହି ଆଇଫୋନ ୮୬୨୫୦ ଟଙ୍କାରେ ପାଇବେ। ଏହା ପରେ, ୩୦୦୦ ଟଙ୍କାର ଅତିରିକ୍ତ ରିହାତି ଉପଲବ୍ଧ ହେବ। ସମସ୍ତ ରିହାତି ନେବା ପରେ, ଆପଣ ଏହାକୁ ୮୩୨୫୦ ଟଙ୍କାରେ ପାଇପାରିବେ। ଏକ୍ସଚେଞ୍ଜ ଅଫରରେ ଆପଣଙ୍କୁ ମିଳୁଥିବା ରିହାତି ଆପଣଙ୍କ ପୁରୁଣା ଫୋନର ବ୍ରାଣ୍ଡ, ମଡେଲ ଏବଂ ଅବସ୍ଥା ଉପରେ ନିର୍ଭର କରିବ।

ଆଇଫୋନ ୧୬ ପ୍ରୋରେ ୬.୩ ଇଞ୍ଚର ସୁପର ରେଟିନା ଏକ୍ସଡିଆର ଡିସପ୍ଲେ ଅଛି। ଏହାର ପଛପଟେ ଏକ ଟ୍ରିପଲ୍ କ୍ୟାମେରା ସେଟଅପ୍ ଅଛି। ଫୋନରେ ଏକ ୪୮ଏମପି ମୁଖ୍ୟ ଏବଂ ୪୮ଏମପି ଦ୍ୱିତୀୟ କ୍ୟାମେରା ରହିବ। ଏହା ବ୍ୟତୀତ, ଆଉ ଏକ ୧୨ଏମପି କ୍ୟାମେରା ଦିଆଯାଇଛି। ଏଥିରେ ସେଲଫି ଏବଂ ଭିଡିଓ କଲିଂ ପାଇଁ ୧୨ଏମପି କ୍ୟାମେରା ମଧ୍ୟ ରହିବ। ଏଥିରେ ଆପଲ୍ ଇଣ୍ଟେଲିଜେନ୍ସ, ଡାଇନାମିକ୍ ଆଇଲ୍ୟାଣ୍ଡ ସମେତ ଅନେକ ଶକ୍ତିଶାଳୀ ବୈଶିଷ୍ଟ୍ୟ ପ୍ରଦାନ କରାଯାଇଛି।

# ଆପଲକୁ ଧମକ ଦେଲେ ଟ୍ରମ୍ପ

**ନୂଆଦିଲ୍ଲୀ, ୨୩।୫:** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଇଫୋନ୍ ନିର୍ମାତା ଆପଲକୁ ଏକ ବଡ଼ ଚେତାବନୀ ଦେଇ କହିଛନ୍ତି ଯେ ଯଦି ଆଇଫୋନ୍ ଅନ୍ୟ ଦେଶରେ ତିଆରି ହୁଏ ଏବଂ ଆମେରିକାରେ ବିକ୍ରି ହୁଏ, ତେବେ କମ୍ପାନୀକୁ ୨୫ ପ୍ରତିଶତ ଶୁଳ୍କ ଦେବାକୁ ପଡିବ। ଡୋନାଲ୍ଡ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରି କହିଛନ୍ତି ଯେ ସେ ଆପଲର ସିଇଓ ଟିମ୍ କୁକଙ୍କୁ କହିଛନ୍ତି ଯେ ଆମେରିକାରେ ବିକ୍ରି ହେଉଥିବା ଆଇଫୋନ୍ ଭାରତରେ କିମ୍ବା ଅନ୍ୟ କୌଣସି ଦେଶରେ ନୁହେଁ, ବରଂ ଏଠାରେ ହିଁ ନିର୍ମିତ ହେବ। ଡୋନାଲ୍ଡ ଟ୍ରମ୍ପ ପୋଷ୍ଟରେ ଲେଖିଛନ୍ତି ଯେ ମୁଁ ବହୁତ ପୂର୍ବରୁ ଟିମ୍ କୁକଙ୍କୁ କହିଥିଲି ଯେ ମୁଁ



ଆଶା କରୁଛି ଯେ ଆମେରିକାରେ ବିକ୍ରି ହେଉଥିବା ତାଙ୍କର ଆଇଫୋନ୍ ଭାରତ କିମ୍ବା ଅନ୍ୟ କୌଣସି ସ୍ଥାନରେ ନୁହେଁ, ବରଂ ଆମେରିକାରେ ହିଁ ନିର୍ମିତ ହେବ। ସେ ଆହୁରି କହିଛନ୍ତି ଯେ ଯଦି ଏହା ହେବ ନାହିଁ, ତେବେ ଆପଲକୁ ଆମେରିକାକୁ ଅତି କମରେ ୨୫ ପ୍ରତିଶତ ଶୁଳ୍କ ଦେବାକୁ ପଡିବ।

ଗତ ୫ ବର୍ଷ ମଧ୍ୟରେ, ଭାରତ ଆପଲର ଆଇଫୋନର ସବୁଠାରୁ ବଡ଼ ଉତ୍ପାଦନ କେନ୍ଦ୍ର ଭାବରେ ଉଭା ହୋଇଛି। ଦେଶରେ କମ୍ପାନୀର ଆସେମ୍ବଲି ଲାଇନଗୁଡ଼ିକ ଗତ ଆର୍ଥିକ ବର୍ଷରେ ୧୨ ମାସରେ ୨୨ ବିଲିୟନ ଡଲାର ମୂଲ୍ୟର ସ୍ମାର୍ଟଫୋନ୍ ଉତ୍ପାଦନ କରିଛି। ଆମେରିକାର ଏହି କମ୍ପାନୀ ଗତ ବର୍ଷ ତୁଳନାରେ ଭାରତରେ 60 ପ୍ରତିଶତ ଅଧିକ ଆଇଫୋନ୍ ଉତ୍ପାଦନ କରିଛି। ଗତ ମାସରେ, ରଏଟର୍ସ ରିପୋର୍ଟ କରିଥିଲା ଯେ ଚୀନ୍ ଉପରେ ଟ୍ରମ୍ପଙ୍କ ଶୁଳ୍କ ଯୋଗୁଁ ଆଇଫୋନ୍ ମୂଲ୍ୟ ବୃଦ୍ଧିର ଭୟ ମଧ୍ୟରେ ଆପଲ ଭାରତକୁ ଏକ ବିକଳ୍ପ ଉତ୍ପାଦନ କେନ୍ଦ୍ର ଭାବରେ ସ୍ଥାପନ କରୁଛି। ଗତ ସପ୍ତାହରେ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆପଲର ସିଇଓ ଟିମ୍ କୁକଙ୍କୁ ଭାରତରେ ଆଇଫୋନ୍ ଉତ୍ପାଦନ ନକରି ଆମେରିକାରେ ଉତ୍ପାଦନ ଉପରେ ଧ୍ୟାନ ଦେବାକୁ କହିଥିଲେ। ଶୁଳ୍କ ନୀତି ଯୋଗୁଁ ବିଶ୍ୱ ବଜାରକୁ ବିଚଳିତ କରିଥିବା ଟ୍ରମ୍ପ କତାରରେ କହିଥିଲେ ଯେ ସେ ଚାହାଁନ୍ତି ନାହିଁ ଯେ କୁକ୍ ଭାରତରେ ଉତ୍ପାଦନ କରନ୍ତୁ।

# ଭାରତକୁ ପୁଣି ଧୋକା ଦେଲା ବାଂଲାଦେଶ

**ନୂଆଦିଲ୍ଲୀ, ୨୩।୫:** ଭାରତ ଏବଂ ବାଂଲାଦେଶ ମଧ୍ୟରେ ବଢୁଛି ବିବାଦ। ଗତ ସପ୍ତାହରେ ବାଂଲାଦେଶରୁ ଆସୁଥିବା ୬,୬୦୦ କୋଟି ଟଙ୍କା ମୂଲ୍ୟର ସାମଗ୍ରୀକୁ ବ୍ୟାନ୍ କରିଥିଲା ଭାରତ। ଏହା ପୂର୍ବରୁ ଭାରତୀୟ ସୂତା, ଚାଉଳ ଏବଂ ଅନ୍ୟାନ୍ୟ ସାମଗ୍ରୀ ଆମଦାନୀ ବନ୍ଦ କରିଦେଇଥିଲା ବାଂଲାଦେଶ। ବାଂଲାଦେଶ ମଧ୍ୟ ଭାରତୀୟ କାର୍ଗୋ ଉପରେ ଟ୍ରାନଜିଟ୍ ଫି' ଲାଗୁ କରିଛି। ଏବେ ଭାରତକୁ ଦିଆଯାଇଥିବା ୧୮୦ କୋଟି ଟଙ୍କାର ଅର୍ଡରକୁ ବାତିଲ କରିଦେଇଛି ବାଂଲାଦେଶ ସରକାର। ଗାର୍ଡେନ୍ ରିଚ୍ ସିପ୍ ବିଲ୍ଡର୍ସ ଆଣ୍ଡ୍ ଇଞ୍ଜିନିୟର୍ସ ଲିମିଟେଡକୁ ଏହି ନିର୍ଦ୍ଦେଶ ଦେଇଛନ୍ତି ବାଂଲାଦେଶ ସରକାର।

କମ୍ପାନୀ କହିଛି ଯେ ବାଂଲାଦେଶ ସରକାର ଏକ ଆଧୁନିକ ସାମୁଦ୍ରିକ ଜାହାଜ ନିର୍ମାଣ ପାଇଁ ଅର୍ଡର ଦେଇଛି। କିନ୍ତୁ ଏବେ ଏହାକୁ ବାତିଲ କରିଦିଆଯାଇଛି। ଏହି ଡିଲ୍ ୨୧ ନିୟୁତ ଡଲାର ଅର୍ଥାତ୍ ପ୍ରାୟ ୧୮୦ କୋଟି ଟଙ୍କା ମୂଲ୍ୟର ଥିଲା। ବାଂଲାଦେଶ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ପ୍ରତିରକ୍ଷା ମହାନିର୍ଦ୍ଦେଶାଳୟ ଦ୍ୱାରା ଏହି ଅର୍ଡର ଦିଆଯାଇଥିଲା। ପ୍ରାୟ ୬୧ ମିଟର ଲମ୍ବା ଏବଂ ୧୫.୮ ମିଟର ପ୍ରସ୍ଥର ଏହି ଜାହାଜକୁ ୨୪ ମାସ ମଧ୍ୟରେ ନିର୍ମାଣ କରାଯିବାର ଥିଲା। ଡିଜାଇନ୍



ଅନୁସାରେ, ଏହି ଜାହାଜର ସର୍ବାଧିକ ଗତି ଅତି କମରେ ୧୩ ନଟ୍ ହେବା କଥା ଥିଲା। ଗତ ବର୍ଷ ଅଗଷ୍ଟରେ ଶେଖ୍ ହସିନା କ୍ଷମତାରୁ ଓହରିଯିବା ପରଠାରୁ

## ଚୀନ ଇସାରାରେ ୧୮୦ କୋଟି ଟଙ୍କାର ଅର୍ଡର କଲା ବାତିଲ

ଭାରତ ଏବଂ ବାଂଲାଦେଶ ମଧ୍ୟରେ ସମ୍ପର୍କ ସାମାନ୍ୟ ତିକ୍ତ ହୋଇଛି। ମହମ୍ମଦ ୟୁନୁସଙ୍କ ମଧ୍ୟବର୍ତ୍ତୀକାଳୀନ ସରକାର ମଧ୍ୟ ଚୀନ୍‌ର ନିକଟତର ହୋଇଛି। ଏହା ଚୀନ୍ ସହିତ ୨.୧ ବିଲିୟନ ଡଲାରର ନୂତନ ଚୁକ୍ତି ସ୍ୱାକ୍ଷରିତ କରିଛି।

କୋଲକାତାର ଗାର୍ଡେନ୍ ରିଚ୍ ସିପ୍ବିଲ୍ଡର୍ସ ବାଣିଜ୍ୟିକ ଏବଂ ନୌସେନା ଜାହାଜ ନିର୍ମାଣ ଏବଂ ମରାମତି କରେ। ଏହାର ମୁଖ୍ୟ ଗ୍ରାହକ ହେଉଛନ୍ତି ଭାରତୀୟ ନୌସେନା ଏବଂ ଭାରତୀୟ ତଟରକ୍ଷୀ ବାହିନୀ। ବୁଧବାର ଦିନ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ) ରେ କମ୍ପାନୀର ସେୟାର ୪.୪୩% ବୃଦ୍ଧି ପାଇ ୨,୫୦୦.୫ ଟଙ୍କାରେ ବନ୍ଦ ହୋଇଥିଲା। ଚଳିତ ବର୍ଷ କମ୍ପାନୀର ସେୟାର ଏପର୍ଯ୍ୟନ୍ତ ୫୪.୭% ଏବଂ ଗତ ୧୨ ମାସରେ ୧୦୯.୬% ବୃଦ୍ଧି ପାଇଛି। ୨୦୨୫ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକରେ, କମ୍ପାନୀର ନିଟ୍ ଲାଭ ଗତ ବର୍ଷ ତୁଳନାରେ ୧୧୮% ବୃଦ୍ଧି ପାଇଛି।

# ଲାଲ୍‌ଚାନ୍ଦ୍ ସିଡିଏ ଷ୍ଟୋର୍‌ରେ ପ୍ରଥମ ବାର୍ଷିକୀ ଅଫର୍

**ଭୁବନେଶ୍ୱର, ୨୩।୫:** ଲାଲ୍‌ଚାନ୍ଦ୍ ଜୁଏଲର୍ସ କଟକ ସିଡିଏ ଷ୍ଟୋର୍‌ର ପ୍ରଥମ ବାର୍ଷିକୀ ପାଳନ କରୁଥିବା ବେଳେ ଗ୍ରାହକଙ୍କ ପାଇଁ ଅଫର୍ ଘୋଷଣା କରିଛି ଯାହା ଚଳିତ ମାସ ୨୩ରୁ ଜୁନ୍ ୧ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ଏହି ଅବସରରେ ଗ୍ରାହକମାନେ ପ୍ରତ୍ୟେକ କିଣାକିଣି ଉପରେ ନିଶ୍ଚିତ ଉପହାର ପାଇପାରିବେ। ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡ଼ି ସୁନା ଅଳଙ୍କାର ଉପରେ ଗଢ଼ା ମଜୁରୀ ଗ୍ରାମ ପ୍ରତି ଫ୍ଲାଟ୍ ୯୯୯ ଟଙ୍କା ରହିଛି। ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୨୦%ର ରିହାତି। ରୁପା ଗହଣାର ଗଢ଼ା ମଜୁରୀରେ ଫ୍ଲାଟ୍ ୫୦% ରିହାତି ସହ ବ୍ରାଣ୍ଡେଡ୍ ରୁପା ସାମଗ୍ରୀ ଉପରେ ଫ୍ଲାଟ୍ ୧୫% ରିହାତି ରହିଛି। ଏହାସହ ୧.୫ ଲକ୍ଷ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର ବା ୧ ଲକ୍ଷ ଟଙ୍କାର ହୀରା ଅଳଙ୍କାର କିଣିଲେ ୧୦୦ ମି.ଗ୍ରା.ର ସ୍ୱର୍ଣ୍ଣ ମୁଦ୍ରା ମାଗଣାରେ ପ୍ରଦାନ କରାଯିବ। ପୁରୁଣା ଏଚ୍‌ୟୁଆଇଡ଼ି ସୁନା ବଦଳ କଲେ ଗ୍ରାହକ ୧୦୦% ସୁନା ମୂଲ୍ୟ ପାଇବେ ବୋଲି ଲାଲ୍‌ଚାନ୍ଦ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଲାଲ୍‌ଚାନ୍ଦ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସ କହିଛନ୍ତି ଯେ କେବଳ ଏକ ବ୍ରାଣ୍ଡର ପରିଚୟ ନୁହେଁ ବରଂ କଟକବାସୀ ଶ୍ରଦ୍ଧା ସହ ଆମକୁ ନିଜ ପରିବାର ସଦସ୍ୟ ଭାବରେ ଆପଣେଇ ନେଇଛନ୍ତି। ଏଣୁ କଟକ ଷ୍ଟୋର୍‌ର ପ୍ରଥମ ବାର୍ଷିକ ଉତ୍ସବ କେବଳ ଆମ ପାଇଁ ନୁହେଁ ବରଂ ଆମକୁ ସଫଳ କରିବା ଦିଗରେ ବିଶ୍ୱାସର ସହ ସହଯୋଗ କରିଥିବା ସମସ୍ତ ଗ୍ରାହକଙ୍କର। କୌନ୍ ବନେଗା ଲକ୍ଷପତିର ପରବର୍ତ୍ତୀ ଲକି ଡ୍ର' ଏପ୍ରିଲ, ମେ' ଓ ଜୁନ ମାସ ପାଇଁ ଜୁଲାଇ ମାସରେ ଅନୁଷ୍ଠିତ ହେବ ଯେଉଁଥିରେ ଏମ୍‌ଜି ୱିଣ୍ଡସର୍ କାର୍ ଜିତିବା ସୁଯୋଗ ରହିଛି।




# ‘ଏଲ୍‌ପିୟୁ’ର ଜୟ ଯବାନ ଶିକ୍ଷାବୃତ୍ତି

ଜଳନ୍ଧର, ୨୩।୫: ଅପରେସନ ସିନ୍ଦୂରର ବିଜୟକୁ ଦୃଷ୍ଟିରେ ରଖି ଲଭ୍‌ଲି ପ୍ରଫେସନାଲ୍ ୟୁନିଭର୍ସିଟି (ଏଲ୍‌ପିୟୁ) ପକ୍ଷରୁ ଜୟ ଜବାନ ଶିକ୍ଷାବୃତ୍ତି ଘୋଷଣା କରାଯାଇଛି। ଏଥିରେ ଅନ୍‌ଲାଇନ୍ ମାଧ୍ୟମରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଉଥିବା ଅଣ ସ୍ନାତକ ଓ ସ୍ନାତକ ପାଠ୍ୟକ୍ରମ ଉପରେ ସମସ୍ତ ସକ୍ରିୟ ପ୍ରତିରକ୍ଷା ଓ ପାରାମିଲିଟାରି କର୍ମଚାରୀମାନଙ୍କ ପାଇଁ ୧୦୦ ପ୍ରତିଶତ ଟ୍ୟୁସନ୍ ଫି' ଛାଡ଼ ସୁବିଧା ରହିଛି। ସ୍ଥଳ ସେନା, ନୌସେନା, ବାୟୁ ସେନା, ସିଆର୍‌ପିଏଫ୍, ଆଇଟିବିପି, ବିଏସ୍‌ଏଫ୍ ଓ ଏସ୍‌ଏସ୍‌ବି ଆଦିରେ କାର୍ଯ୍ୟ କରୁଥିବା ୨୨ ଲକ୍ଷ କର୍ମଚାରୀଙ୍କୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ ଏହି ଶିକ୍ଷାବୃତ୍ତି ଘୋଷଣା କରିଛି। ବିଶ୍ୱବିଦ୍ୟାଳୟର କୁଳାଧିପତି ଡ. ଅଶୋକ କୁମାର ମିତ୍ତଲ କହିଛନ୍ତି ଯେ ପ୍ରତିରକ୍ଷା କର୍ମଚାରୀମାନଙ୍କ ଲାଗି ଏହା ହେଉଛି ବିଶ୍ୱର ସର୍ବବୃହତ ଶିକ୍ଷାବୃତ୍ତି କାର୍ଯ୍ୟକ୍ରମ। ୨୦୨୫-୨୬ ଓ ୨୦୨୬-୨୭ ଶିକ୍ଷାବର୍ଷରେ ନାମ ଲେଖାଉଥିବା ପ୍ରତ୍ୟେକ ସକ୍ରିୟ ପ୍ରତିରକ୍ଷା ଓ ପାରାମିଲିଟାରି କର୍ମଚାରୀ ଏହି ଶିକ୍ଷାବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେବେ। ଆମ ବୀର ଯବାନମାନଙ୍କ ନିଃସ୍ୱାର୍ଥପର ସେବା ପ୍ରତି ଆମର ଏହା ହେଉଛି ଶ୍ରଦ୍ଧାଞ୍ଜଳି। ସେମାନେ ଦେଶର ସୁରକ୍ଷା କରୁଥିବା ବେଳେ ଜ୍ଞାନ ସହିତ ସେମାନଙ୍କୁ ସଶକ୍ତ କରିବା ଆମର ଦାୟିତ୍ୱ ବୋଲି ସେ କହିଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍‌ସେଲର୍ ଡ. ରଶ୍ମୀ ମିତ୍ତଲ ଓ କୁଳପତି ଡ. ଯଶପାଲ୍ ସିଂହ ସାନ୍ଧୁ ଉପସ୍ଥିତ ଥିଲେ।




# ଫିକି ଓଡ଼ିଶା ଶାଖାର ନୂଆ ସହ ଅଧ୍ୟକ୍ଷ



ଭୁବନେଶ୍ୱର, ୨୩।୫: ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆର ଗ୍ରିନ୍‌ଫିଲ୍ଡ ପ୍ରୋଜେକ୍ଟସ୍ ଓଡ଼ିଶା ଓ ଟେକ୍ନିକାଲ୍ ସପୋର୍ଟ ମୁଖ୍ୟ ଟି ଏସ୍ ସାନ୍‌ଭୋଗଙ୍କୁ ଫିକି ଓଡ଼ିଶା ରାଜ୍ୟ ପରିଷଦର ସହ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ତାଙ୍କ ପାଖରେ ଦୀର୍ଘ ଚାରି ଦଶନ୍ଧିରୁ ଅଧିକ ଅଭିଜ୍ଞତା ରହିଛି। ସେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍, ଏସାର୍ ଷ୍ଟିଲ୍, ଜେଏସ୍‌ପିଏଲ୍ ଓ କେଆଇଓସିଏଲ୍ ଭଳି ସଂସ୍ଥାରେ ମଧ୍ୟ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ସେ ଏଏମ୍‌ଏନ୍‌ଏସ୍‌ର କେନ୍ଦ୍ରାପଡ଼ା ସମନ୍ୱିତ କାରଖାନା ସ୍ଥାପନର ଦେଖାଶୁଣା କରୁଛନ୍ତି। ଏନ୍‌ଆଇଟି କର୍ଣ୍ଣାଟକର ବି ଟେକ୍ ଛାତ୍ର ଶ୍ରୀ ସାନ୍‌ଭୋଗଙ୍କ ଗ୍ରିନ୍‌ଫିଲ୍ଡ ଇସ୍ପାତ ପ୍ରକଳ୍ପ, ବେନିଫିକେସନ୍ ଓ ପେଲେଟାଇଜେସନ୍ କ୍ଷେତ୍ରରେ ଗଭୀର ଅଭିଜ୍ଞତା ରହିଛି।

## ଆଜିର ସୁନା ଦର



ଉଭୟ ୨୨ ଓ ୨୪ କ୍ୟାରେଟ୍ ବିଶିଷ୍ଟ ସୁନା ଦର ବଢ଼ିଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୭, ୫୩୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୪୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭, ୫୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯ ହଜାର ୪୦୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭, ୫୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯, ୪୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୭, ୬୮୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୫୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୫୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯, ୪୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭, ୫୩୦ ଓ ୮୯, ୪୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭାରତର ଅନେକ ସହରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ସ୍ଥିର ରହିଛି। ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୧୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୭୪ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



# ସଂଗୀତ ଦୁନିଆରୁ ଅନନ୍ୟାଙ୍କ ବିଦାୟ

ନିଜର ଅତିପ୍ରିୟ ସଂଗୀତ ଦୁନିଆରୁ ଏଣିକି ଦୂରେଇଯିବେ ବୋଲି କଣ୍ଠଶିଳ୍ପୀ ଓ ଗୀତିକାର ତଥା ଉଦ୍ୟୋଗପତି ଅନନ୍ୟା ବିର୍ଲା ଘୋଷଣା କରିଛନ୍ତି। ଏହା ପରିବର୍ତ୍ତେ ସେ ତାଙ୍କର ପୂରା ସମୟ ବ୍ୟବସାୟରେ ବିନିଯୋଗ କରିବେ ବୋଲି ନିଷ୍ପତ୍ତି ନେଇଥିବା କହିଛନ୍ତି। ସଂଗୀତ ଭଳି ତାଙ୍କର ପ୍ରିୟତମ ବୃତ୍ତିକୁ ସେ ଏପରି ଅଣଦେଖା କରି ବ୍ୟବସାୟକୁ ପ୍ରାଧାନ୍ୟ ଦେବାର ନିଷ୍ପତ୍ତି ତାଙ୍କ ପାଇଁ ଖୁବ୍ କଠିନ ଓ କଷ୍ଟଦାୟକ ବୋଲି ଏହି ୨୯ ବର୍ଷୀୟା ଶିଳ୍ପୀ ଜଣକ ତାଙ୍କ 'ଏକ୍ସ' (ପୂର୍ବରୁ ଟ୍ୱିଟର୍) ପୃଷ୍ଠାରେ ଅନୁଗାମୀମାନଙ୍କୁ ଜଣାଇଛନ୍ତି। ଅନନ୍ୟା ହେଉଛନ୍ତି ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଧକ୍ଷ କୁମାର ମଙ୍ଗଳମ୍ ବିର୍ଲାଙ୍କ ଜ୍ୟେଷ୍ଠ କନ୍ୟା। ସେ ୨୦୧୬ରେ ଏକ ଇଂରେଜୀ ଗୀତ ମାଧମରେ ତାଙ୍କର ସଂଗୀତ ଜୀବନ ଆରମ୍ଭ କରିଥିଲେ। ପୈତୃକ ବ୍ୟାବସାୟିକ ସଂସ୍ଥାନକୁ ଆଗେଇ ନେବା ତାଙ୍କର ପେସା ହୋଇଥିବା ବେଳେ ଗୀତ ଲେଖିବା ଓ ଗାଇବା ତାଙ୍କର ନିଶା ଥିଲା। ସେ ପ୍ରଥମ ଭାରତୀୟ କଣ୍ଠଶିଳ୍ପୀ ଭାବେ ଇଂରେଜୀ ଗୀତ ଗାଇ ପ୍ଲାଟିନମ୍ ଡିସ୍କ ହାସଲ କରିଥିଲେ। ସେ ନିଜସ୍ୱ ଉଦ୍ୟମରେ 'ସ୍ୱତନ୍ତ୍ର ମାଇକ୍ରୋଫିନ୍' ନାମକ ଏକ ପୁଞ୍ଜିଲଗାଣ ସଂସ୍ଥା ଓ 'ଇକାଇ ଆସାଇ' ନାମକ ଏକ ଡିଜାଇନ୍ ଫାର୍ମ ଆରମ୍ଭ କରିଛନ୍ତି। ଏଥି ସହିତ ଗତବର୍ଷ ତାଙ୍କୁ ଆଦିତ୍ୟ ବିର୍ଲା ଗ୍ରୁପ୍‌ର 'ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍' ନିର୍ଦ୍ଦେଶକ ମଣ୍ଡଳୀରେ ସାମିଲ କରାଯାଇଛି। ଏକା ସମୟରେ ବ୍ୟାବସାୟିକ ସଂସ୍ଥା ପରିଚାଳନା କରିବା ଓ ସଂଗୀତ ଦୁନିଆରେ ନିମଗ୍ନ ରହିବା ତାଙ୍କୁ ସୁହାଉନାହିଁ ବୋଲି ସେ ସ୍ୱୀକାର କରିଛନ୍ତି। ଏହି ଅବସରରେ ସେ ତାଙ୍କ ସଂଗୀତ ଦୁନିଆର ପ୍ରଶଂସକମାନଙ୍କୁ ଭାବପୂର୍ଣ୍ଣ ବିଦାୟ ଜଣାଇଛନ୍ତି। ଇଂରେଜୀ ସଂଗୀତ ପରିବେଷଣ ପାଇଁ ଦେଶରେ ଆହୁରି ଅନେକ ଯୋଗ୍ୟ କଣ୍ଠଶିଳ୍ପୀ ଅଛନ୍ତି ଏବଂ ସେମାନେ ପ୍ରଶଂସକ ମାନଙ୍କର ଆଶା ପୂରଣ କରିବେ ବୋଲି ସେ ଆଶା ରଖିଥିବା କଥା କହିଛନ୍ତି।



# ବଢୁଛି ପିଲାଙ୍କ ଫୋନ୍ ଅପବ୍ୟବହାର
# ନଜର ରଖିବ ଆପ୍



**ଆଜିର ଡିଜିଟାଲ ଯୁଗରେ ପିଲାମାନଙ୍କର ଅନ୍‌ଲାଇନ୍ ଦୁନିଆରେ ମଗ୍ନ ରହିବାର ଅଭ୍ୟାସ ବଢ଼ିବାରେ ଲାଗିଛି। ନିଜର ସନ୍ତାନସନ୍ତତି ଯେପରି ଡିଜିଟାଲ୍ ଉପଲବ୍‌ଧିର ଅପବ୍ୟବହାର ନ କରି ସୁରକ୍ଷିତ ତଥା ନିରାପଦ ରହିପାରିବେ, ତାହା ଅଭିଭାବକମାନଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଏଭଳି କିଛି ଆପ୍ ରହିଛି ଯଦ୍ୱାରା ପିଲାମାନଙ୍କ ଡିଜିଟାଲ ଉପକରଣ ବ୍ୟବହାରକୁ ନିରୀକ୍ଷଣ କରାଯିବା ସହ ତାହାର ସୁପରିଚାଳନା ଓ ନିୟନ୍ତ୍ରଣ କରାଯାଇପାରିବ। ଆଜି ସେଭଳି କିଛି ଆପ୍ ବାବଦରେ ଜାଣିବା...**

ସ୍କାଇବବଲ୍' ହେଉଛି ଏପରି ଏକ ଆପ୍ ଯାହା ପିଲାଙ୍କ ମୋବାଇଲ୍ ଫୋନ୍ ବ୍ୟବହାର ଉପରେ ନିଘା ରଖିବା ସହ ତାହାର ସୁପରିଚାଳନା ମଧ କରିପାରିବ। ଏହାଦ୍ୱାରା ଅଭିଭାବକମାନେ ନିଜ ଫୋନ୍ ମାଧମରେ ଗୋପନରେ ପିଲାଙ୍କର ଡିଜିଟାଲ୍ ବ୍ୟବହାରର ଗତିବିଧି ଲକ୍ଷ୍ୟ କରିପାରିବେ। ଏପରିକି କିଶୋରକିଶୋରୀମାନେ ସେମାନଙ୍କ ଫୋନ୍‌ରେ ଲେଖୁଥିବା ବାର୍ତ୍ତାକୁ ପଢ଼ିପାରିବା ସହ ସେମାନେ ପ୍ରତ୍ୟକ୍ଷରେ କାହା ସହ କଥା ହେଉଛନ୍ତି ତାହା ମଧ ଜାଣିହେବ। ଏଥି ସହିତ ପିଲାମାନେ ଖୋଲିଥିବା ବିଭିନ୍ନ ୱେବ୍‌ସାଇଟ୍‌ର ଇତିହାସ ମଧ ଜାଣିହେବ। ନିଜ ସନ୍ତାନର ଅବସ୍ଥିତିକୁ ଠଉରାଇବା ସହ ତାହାର ଫୋନ୍ ବ୍ୟବହାରକୁ ମଧ କାଟ୍‌ଛାଟ କରିହେବ ଏବଂ କୌଣସି ଆପ୍ କିମ୍ବା ୱେବସାଇଟ୍‌କୁ ନିଷିଦ୍ଧ କରାଯାଇପାରିବ।

'ଏମ୍‌ସ୍ପାଇ' ଆପ୍‌ରେ ଜଣେ ଅଭିଭାବକ ନିଜ ଫୋନ୍ ମାଧମରେ ନିଜ ପୁଅ ବା ଝିଅ ତା'ର ଫୋନ୍‌ରେ ପଠାଉଥିବା ବା ଲିଭେଇ ଦେଇଥିବା ବାର୍ତ୍ତାଗୁଡ଼ିକ ଜାଣିପାରିବେ। ଏଥି ସହିତ ଫେସ୍‌ବୁକ୍, ସ୍ନାପ୍‌ଚାଟ୍ କି ହ୍ୱାଟ୍‌ସଆପ୍ ପରି ସାମାଜିକ ଗଣମାଧମରେ ସନ୍ତାନର ଗତିବିଧିକୁ ମଧ ଲକ୍ଷ୍ୟ କରିହେବ। ଏହା ବାଦ୍ ଏହି ଆପ୍ ଦ୍ୱାରା କୌଣସି ୱେବ୍‌ସାଇଟ୍‌ର ନିର୍ଦ୍ଦିଷ୍ଟ ବିଭାଗ ବା ବିଷୟବସ୍ତୁକୁ ମଧ ନିଷିଦ୍ଧ କରାଯାଇପାରିବ। ସନ୍ତାନ ଫୋନ୍ ଧରି କୌଣସି ନିର୍ଦ୍ଦିଷ୍ଟ ଇଲାକାର ସୀମା ଡେଇଁଲେ ସତର୍କ ସୂଚନା ବି ମିଳିପାରିବ।

'ୟୁମୋବିକ୍ସ' ଆପ୍ ଦ୍ୱାରା ପିଲାଙ୍କ ଅଗୋଚରରେ ସେମାନଙ୍କ ଜିପିଏସ୍ ଟ୍ରାକିଂ କରିହେବ। ନିର୍ଦ୍ଦିଷ୍ଟ ସମୟ ଓ ନିର୍ଦ୍ଦିଷ୍ଟ ସ୍ଥାନରେ ଫୋନ୍ ବ୍ୟବହାରରେ କଟକଣା ଲଗାଯାଇପାରିବା ସହ ନିଜ ସନ୍ତାନର ଫୋନ୍‌ରୁ କୌଣସି ୱେବ୍‌ସାଇଟ୍ ବା ବିଷୟବସ୍ତୁକୁ ମଧ ନିଷିଦ୍ଧ କରାଯାଇପାରିବ। ସେହିପରି ପିଲାଙ୍କ ଅଜାଣତରେ ସେମାନଙ୍କର ସମସ୍ତ ବାର୍ତ୍ତାକୁ ମଧ ପଢ଼ିହେବ।

'ଆଇଜି' ହେଉଛି ଅନ୍ୟତମ ଆପ୍ ଯହିଁରେ ପିଲାମାନେ ପଠାଉଥିବା ଓ ପାଉଥିବା ବାର୍ତ୍ତାଗୁଡ଼ିକୁ ଗୋପନରେ ପଢ଼ିହେବ। ପିଲାମାନେ ଖୋଲିଥିବା ସବୁ ୱେବ୍‌ସାଇଟ୍‌ର ଇତିହାସ ମଧ ଜାଣିପାରି ସମୟୋଚିତ ଆକଟ କରିହେବ। ଏଥି ସହିତ ପିଲାଙ୍କ ପାଇଁ କୌଣସି ଅନ୍‌ଲାଇନ୍ ଖେଳ, ୱେବ୍‌ସାଇଟ୍ କି ବଷୟବସ୍ତୁକୁ ମଧ ନିଷିଦ୍ଧ କରିହେବ। ପିଲାଙ୍କ ତତ୍କାଳ ଅବସ୍ଥିତି ବାବଦରେ ଜାଣିପାରି ମନକୁ ଶାନ୍ତ କରାଯାଇପାରିବ।

'ବାର୍କ' ହେଉଛି ଅନ୍ୟତମ ନିରାପତ୍ତା ଆପ୍, ଯାହା ସାହାଯ୍ୟରେ ପିଲାଙ୍କର ଅନ୍‌ଲାଇନ୍ ଗତିବିଧି ଉପରେ ନଜର ରଖାଯାଇପାରିବା ସହ ନିୟନ୍ତ୍ରଣ ମଧ କରିହେବ। ଏଆଇ ଜ୍ଞାନକୌଶଳ ଉପଯୋଗରେ ଏହି ଆପ୍ ଦେଇପାରୁଥିବା ସତର୍କ ସୂଚନା ଆଧାରରେ ପିଲାମାନଙ୍କ ବାର୍ତ୍ତାରୁ ସେମାନଙ୍କର ଅବସାଦ, ଡ୍ରଗ୍ ବ୍ୟବହାର, ସାଇବର ଠକେଇର ଶିକାର ଓ ଅନ୍ୟାନ୍ୟ ସମ୍ଭାବ୍ୟ ଆଶଙ୍କା ବାବଦରେ ଜାଣିହେବ। ସେହିପରି ଏହା ଆଇମେସେଜ୍, ଏସ୍‌ଏମ୍‌ଏସ୍, ହ୍ୱାଟ୍‌ସଆପ୍ ଓ ଇନ୍‌ଷ୍ଟାଗ୍ରାମ୍ ପରି ଯୋଗାଯୋଗ ମାଧମକୁ ନିରୀକ୍ଷଣ କରି ପିଲାଙ୍କ ଭାବବିନିମୟର ସ୍ଥିତି ବିଷୟରେ ଅଭିଭାବକ ଅବଗତ ହୋଇପାରିବେ। ଅନ୍ୟ ଆପ୍ ପରି ଏଥିରେ ମଧ ନିର୍ଦ୍ଦିଷ୍ଟ ୱେବ୍‌ସାଇଟ୍ କି ବିଷୟବସ୍ତୁକୁ ନିଷେଧ କରାଯାଇପାରିବ।



# ଘାତକ ଡ୍ରୋନ୍ 'ନାଗାସ୍ତ୍ର-୧'

ଆଧୁନିକ ଯୁଦ୍ଧଶୈଳୀରେ ମାନବବିହୀନ ବିମାନ ବା ଡ୍ରୋନ୍‌ଗୁଡ଼ିକର ଭୂମିକା ଦିନକୁ ଦିନ ବଢ଼ି ଚାଲିଛି। ରୁଷିଆର ଲକ୍ଷ୍ୟସ୍ଥଳ ଉପରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣ ଏବଂ ୟେମେନ୍ ହାଉତି ଗୋଷ୍ଠୀର ସାମୁଦ୍ରିକ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣରୁ ଏହା ସୁସ୍ପଷ୍ଟ। ତେବେ ଏହାକୁ ଦୃଷ୍ଟିରେ ରଖି ଭାରତ ମଧ ତାହାର ସେନାବାହିନୀରେ ସାମିଲ କରିବା ପାଇଁ ଏକ ଅତ୍ୟାଧୁନିକ ଡ୍ରୋନ୍ ବିକଶିତ କରିଛି। 'ନାଗାସ୍ତ୍ର-୧' ନାମକ ଏହି ଘାତକ ଡ୍ରୋନ୍ ଶତ୍ରୁପକ୍ଷର ଏକ ନିର୍ଦ୍ଦିଷ୍ଟ ସ୍ଥଳକୁ ଲକ୍ଷ୍ୟଭେଦ କରିବାର କ୍ଷମତା ରଖିଛି। ଇକୋନୋମିକ୍ ଏକ୍ସପ୍ଲୋସିଭ୍‌ସ୍ ଲିମିଟେଡ୍(ଇଇଏଲ୍) ଦ୍ୱାରା ନିର୍ମିତ ଏହି ଡ୍ରୋନ୍, ଶତ୍ରୁପକ୍ଷ ଉପରେ ଆକ୍ରମଣ କରିବା ଆଗରୁ ମଧରାତ୍ରରେ ବି ଏକ ନିର୍ଦ୍ଦିଷ୍ଟ ଇଲାକାରେ ଉଡ଼ି ଲକ୍ଷ୍ୟସ୍ଥଳ ଠାବ କରିପାରିବ। ଜିପିଏସ୍ ଉପରେ ପର୍ଯ୍ୟବସିତ ଏକ ସକ୍ରିୟ ନିରୀକ୍ଷଣ ପ୍ରଣାଳୀକୁ ଭିତ୍ତି କରି ଏହି ୯ କେଜି ଓଜନର ଡ୍ରୋନ୍‌ଟି ଦୁଇ ମିଟର ବ୍ୟାସ ପରିମିତ ଲକ୍ଷ୍ୟସ୍ଥଳକୁ ନିର୍ଭୁଲ ଭାବରେ ଚିହ୍ନଟ କରିପାରିବ। ମାତ୍ର ୩୦ ମିନିଟ୍ ଭିତରେ ୩୦ କି.ମି. ଦୂରତା ପର୍ଯ୍ୟନ୍ତ ଅଞ୍ଚଳ ଉପରେ ନଜର ରଖିପାରୁଥିବା 'ନାଗାସ୍ତ୍ର-୧' ସାଙ୍ଗରେ ୧ କେ.ଜି. ଓଜନର ଯୁଦ୍ଧାସ୍ତ୍ର ବହନ କରିପାରିବ। ଏଥି ସହ ଦୂର ଲକ୍ଷ୍ୟସ୍ଥଳ ପାଇଁ ୨.୨ ଓଜନର ସାମଗ୍ରୀ ବହନ କରିପାରିବାର କ୍ଷମତା ରଖିଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା, ଏହା ପୁନଃବ୍ୟବହାରକ୍ଷମ। ଏହା ଶତ୍ରୁପକ୍ଷର କୌଣସି ଲକ୍ଷ୍ୟସ୍ଥଳ ଠାବ କରିବାରେ ବିଫଳ ହେଲେ ଏହା ମୂଳ ସ୍ଥାନକୁ ଫେରି ଆସି ଏକ ଆକାଶଛତା ମାଧମରେ ନିଜ ଭୂମିରେ ଅବତରଣ କରିପାରିବ।

# ସୁଜୁକିର ଦୁଇଟି ନୂଆ ଇନ୍‌ଭିକ୍ଟୋ

ନୂଆ ଫିଚର୍ ସହିତ ବଜାରରେ ପ୍ରବେଶ କରିଛି ମାରୁତି ସୁଜୁକିର ଏସୟୁଭି ଇନ୍‌ଭିକ୍ଟୋ। ମାରୁତି ଇନ୍‌ଭିକ୍ଟୋ ଜେଟା+ ଓ ମାରୁତି ଇନ୍‌ଭିକ୍ଟୋ ଆଲ୍‌ଫା+ ଆଦି ଦୁଇଟି ସଂସ୍କରଣରେ ଏହା ବଜାରରେ ଉପଲବ୍ଧ। ଭୁବନେଶ୍ୱରରେ ଏହାର ଏକ୍ସ ଶୋ'ରୁମ୍ ମୂଲ୍ୟ ଯଥାକ୍ରମେ ୨୫,୨୦,୨୧୪ ଟଙ୍କା ଓ ୨୮,୯୧,୨୧୪ ଟଙ୍କା ରହିଛି। ଏହା ମାଗ୍‌ନିଫିସେଣ୍ଟ ବ୍ଲାକ୍, ନେକ୍ସା ବ୍ଲୁ (ସେଲେଷ୍ଟିଆଲ୍), ଷ୍ଟେଲାର୍ ବ୍ରୋଞ୍ଜ୍, ମାଜେଷ୍ଟିକ୍ ସିଲ୍‌ଭର୍, ମିଷ୍ଟିକ୍ ହ୍ୱାଇଟ୍ ପରି ପାଞ୍ଚଟି ରଙ୍ଗରେ ଉପଲବ୍ଧ। ଇନ୍‌ଭିକ୍ଟୋର ଓଜନ ୨୩୦୦ କିଲୋଗ୍ରାମ୍ ରହିଥିବା ବେଳେ ୧୯୮୭ ସିସିର ପେଟ୍ରୋଲ୍ ଚାଳିତ ଇଞ୍ଜିନ୍ ରହିଛି। ଉଭୟ ସଂସ୍କରଣରେ ଇଭି ମୋଡ୍ ରହିଛି। ଏହାର ତେଲ ଟାଙ୍କି ଧାରଣ କ୍ଷମତା ୫୨ ଲିଟର। ଏଥିରେ ଫ୍ରଣ୍ଟ୍ ଓ ରିୟର୍ ଦୁଇଟି ଡିସ୍କ ବ୍ରେକ୍, ୭ରୁ ୮ଜଣ ବସିବା କ୍ଷମତା, ଆଗ ଓ ପଛ ରୋ'ରେ ପର୍ସନାଲ୍ ରିଡିଂ ଲାମ୍ପ୍, ସ୍ମାର୍ଟ ପ୍ଲେ ମ୍ୟାଗ୍‌ନମ୍ ୨୦.୩୨ ସେମିର ଟଚ୍ ସ୍କ୍ରିନ୍ ଡିସ୍‌ପ୍ଲେ, ୟୁଏସ୍‌ବି ଓ ବ୍ଲୁଟୁଥ୍ କନେକ୍ଟିଭିଟି, ସ୍ମାର୍ଟୱାଚ୍ ଭେଇକିଲ୍ ଲକ୍ ସିଷ୍ଟମ୍, ୬ଟି ଏୟାର୍‌ବ୍ୟାଗ୍, ଅଟୋ ହୋଲ୍ଡ ଇଲେକ୍ଟ୍ରୋନିକ୍ ପାର୍କିଂ ବ୍ରେକ୍, ସ୍ପିଡ୍ ୱାର୍ଣ୍ଣିଂ ବଜର୍, ଲାଇଭ୍ ଭେଇକିଲ୍ ଟ୍ରାକିଂ, ଷ୍ଟୋଲେନ୍ ଭେଇକିଲ୍ ଆଲର୍ଟ ଇତ୍ୟାଦି ରହିଛି। ଏହା ଚାଳକକୁ ଏକ ଆରାମଦାୟକ ଅନୁଭୂତି ଦେବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି।



# ଋଣ ପ୍ରକ୍ରିୟାକୁ ସୁଗମ କରୁଛି ଜନସମର୍ଥ ପୋର୍ଟାଲ୍

ଜନସାଧାରଣଙ୍କ ହିତରେ ଜାରି ହୋଇଥିବା ଅନେକ ଋଣ ସୁବିଧା ବିଷୟରେ ଆମେ ଶୁଣୁଛୁ। ମାତ୍ର ସେ ମଧ୍ୟରୁ କେଉଁଟି ଆମ ପାଇଁ ଉପଯୁକ୍ତ ଏବଂ ଆମେ କିପରି ଋଣ ପାଇଁ ଦରଖାସ୍ତ କରିବା ଓ ପାଇବା, ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ପ୍ରାୟ ମିଳେ ନାହିଁ। ଏହି ସୂଚନା ଓ ସହାୟତାର ଅଭାବ ହିଁ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ସବୁଠାରୁ ବଡ଼ ବାଧକ। ଏହାର ଉତ୍ତରରେ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ସହାୟତାରେ ଏବେ ଆସିଯାଇଛି- 'ଜନସମର୍ଥ ପୋର୍ଟାଲ'। ଡିଜିଟାଲ୍ ମାଧ୍ୟମରେ ସରକାରୀ ଯୋଜନାଭିତ୍ତିକ ଋଣକୁ ଜନସାଧାରଣ କିପରି ସରଳ ଓ ସହଜରେ ପାଇପାରିବେ, ସେହି ଉଦ୍ଦେଶ୍ୟରେ ଭାରତ ସରକାର ୨୦୨୨ ଜୁନ୍ ୬ ତାରିଖରେ ଏହି ପୋର୍ଟାଲ୍‌ର ଶୁଭାରମ୍ଭ କରିଛନ୍ତି।

### ଏହି ପୋର୍ଟାଲ୍ କ'ଣ କରେ ?



- ଏହା ଋଣ ଯୋଜନା ସହ ସଂପୃକ୍ତ ସମସ୍ତ ଅଂଶୀଦାରଙ୍କୁ ଅର୍ଥାତ୍ ଋଣ ଆବେଦନକାରୀ, ବିତ୍ତୀୟ ସଂସ୍ଥା, ସଂପୃକ୍ତ ସରକାରୀ ବିଭାଗ ଓ ତାହାର ନୋଡାଲ୍ ସଙ୍ଗଠନକୁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ମାଧମରେ ଗୋଟିଏ ପ୍ଲାଟ୍‌ଫର୍ମରେ ଏକାଠି କରେ।
- ଏହି ପୋର୍ଟାଲ୍‌ରେ ବର୍ତ୍ତମାନ ସୁଦ୍ଧା ୧୫ଟି ସରକାରୀ ଯୋଜନାଭିତ୍ତିକ ଋଣକୁ ସାମିଲ କରାଯାଇଛି। ଶିକ୍ଷା, କୃଷି, ବ୍ୟବସାୟ ତଥା ଜୀବିକା ଋଣ ଆଦି ଏଥିରେ ଅନ୍ତର୍ଭୁକ୍ତ।
- ପୋର୍ଟାଲ୍‌ଟିରେ ଋଣ ଯୋଜନାଗୁଡ଼ିକର ସମସ୍ତ ସୂଚନା ଉପଲବ୍ଧ।
- ଏହା ମାଧମରେ ଜଣେ ଆବେଦନକାରୀ ପ୍ରାୟ ସମସ୍ତ ଉପଯୋଗୀ ପରାମର୍ଶ ଗୋଟିଏ ସ୍ଥାନରେ ପାଇପାରିବେ।
- ଆବେଦନକାରୀ ଋଣ ପାଇଁ ଯୋଗ୍ୟ କି ନାହିଁ, ସବ୍‌ସିଡି ପାଇବା ପାଇଁ କେଉଁ ଯୋଗ୍ୟତା ଆବଶ୍ୟକ ଏବଂ ଆବେଦନକାରୀଙ୍କ ଆବଶ୍ୟକତା ଅନୁସାରେ କେଉଁ ଯୋଜନାଟି ତାଙ୍କ ପାଇଁ ଅଧିକ ଉପଯୋଗୀ, ଏ ସମସ୍ତ ସୂଚନା ପୋର୍ଟାଲ୍‌ରୁ ମିଳିଥାଏ।
- ଏହି ପୋର୍ଟାଲ୍‌ରେ ନିଜକୁ ପଞ୍ଜୀକୃତ କରିବା ପରେ, ବ୍ୟବହାରକାରୀ ପ୍ରତ୍ୟେକଟି ଋଣ ଯୋଜନା ସମ୍ପର୍କରେ ଅବଗତ ହେବା ସହିତ ଋଣ ପାଇଁ ଅନ୍‌ଲାଇନ୍ ଦରଖାସ୍ତ ମଧ କରିପାରିବେ।
- ପୋର୍ଟାଲ୍‌ରେ ଅନ୍‌ଲାଇନ୍ ଋଣ ମଞ୍ଜୁରୀ ତଥା ଦରଖାସ୍ତର ଅଗ୍ରଗତି ଜାଣିବାର ସୁବିଧା ମଧ ଅଛି।

### ପୋର୍ଟାଲ୍‌ରେ ପଞ୍ଜୀକରଣ କରିବେ କିପରି ?

ଏହି ପୋର୍ଟାଲ୍‌ରେ ପଞ୍ଜୀକରଣ କରିବା ଅତି ସହଜ। ଯେ କେହି ନିଜର ମୋବାଇଲ ନମ୍ବର, ଇମେଲ ଆଇଡି ଏବଂ ଓଟିପି ନମ୍ବର ତନଖି କରାଇ ପୋର୍ଟାଲରେ ନିଜକୁ ପଞ୍ଜୀକୃତ କରାଇପାରିବେ। ପୋର୍ଟାଲର ଇଣ୍ଟର୍‌ନେଟ୍ ଠିକଣା www.jansam-arth.in। ପୋର୍ଟାଲଟି ଏବେ ଯୁବବର୍ଗ, ଉଦ୍ୟୋଗୀ ତଥା ଚାଷୀମାନଙ୍କ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେଉଛି।

# ୧୫ ମିନିଟରେ କୃତ୍ରିମ ହୀରା !



ବୈଜ୍ଞାନିକମାନେ ଏକ ନୂତନ କୌଶଳ ବିକଶିତ କରିଛନ୍ତି, ଯାହା ଦ୍ୱାରା ମାତ୍ର ୧୫ ମିନିଟ୍‌ରେ ହୀରା ପ୍ରସ୍ତୁତି ସମ୍ଭବ ହୋଇପାରିଛି। ସେମାନେ ସାଧାରଣ ବାୟୁମଣ୍ଡଳୀୟ ଚାପରେ ଏବଂ କୌଣସି ରତ୍ନପଥରର ଉପଯୋଗ ବିନା ମଧ ବିଜ୍ଞାନାଗାରରେ କୃତ୍ରିମ ଉପାୟରେ ହୀରାଖଣ୍ଡ ବିକଶିତ କରିବାରେ ସଫଳ ହୋଇଛନ୍ତି। ସାଧାରଣତଃ ପ୍ରାକୃତିକ ହୀରାଖଣ୍ଡଗୁଡ଼ିକ ଭୂପୃଷ୍ଠର ଶହ ଶହ ମାଇଲ ତଳେ ଭୂଗର୍ଭରେ ତରଳ ଅବସ୍ଥାରେ ତାପ ଓ ଚାପର ବଶବର୍ତ୍ତୀ ହୋଇ ଉଜ୍ଜ୍ୱଳ ରୂପ ଧାରଣ କରିଥା'ନ୍ତି। ଏହି ପ୍ରକ୍ରିୟାରେ ଅନେକ ଗିଗାପାସ୍କାଲ ପରି ଚାପ ଓ ପ୍ରାୟ ୧,୫୦୦ ଡିଗ୍ରି ସେଲସିଅସ୍‌ରୁ ଅଧିକ ତାପମାତ୍ରା ପରି ପରିବେଶ ଆବଶ୍ୟକ ହୋଇଥାଏ। ଅବଶ୍ୟ ଆଜିକାଲି ପ୍ରାୟ ୯୯ ପ୍ରତିଶତ ହୀରା କୃତ୍ରିମ ଉପାୟରେ ପ୍ରସ୍ତୁତ କରାଯାଉଛି। ଏଥିରେ ଅତ୍ୟୁଚ୍ଚ ଚାପ ଓ ଅତ୍ୟୁଚ୍ଚ ତାପମାତ୍ରା ବା ଏଚ୍‌ପିଏଚ୍‌ଟି ନାମକ ଏକ ନୂତନ ପଦ୍ଧତିରେ ତରଳ ଧାତବ ଲୌହରେ ତରଳ ଅଙ୍ଗାରକକୁ ଢଳାଯାଇ ତାହାକୁ ଏକ କ୍ଷୁଦ୍ର ମଞ୍ଜି ବା ପ୍ରାରମ୍ଭିକ ହୀରାରେ ପରିଣତ କରାଯାଉଛି, ପରେ ତାହାକୁ ବିଜ୍ଞାନାଗାରରେ ବଡ଼ ଆକାର ଦିଆଯାଉଛି। ମାତ୍ର ଏହି ପ୍ରକ୍ରିୟା ପାଇଁ ଅତ୍ୟୁଚ୍ଚ ତାପମାତ୍ରା ଓ ବାହ୍ୟ ଚାପ ବଜାୟ ରଖିବା ଏକ କଷ୍ଟସାଧ ବ୍ୟାପାର। ଏଥି ସହିତ ଏଥିରେ ବ୍ୟବହୃତ ଉପାଦାନଗୁଡ଼ିକ ମଧ ହୀରାର ଆକାରକୁ ପ୍ରଭାବିତ କରିଥା'ନ୍ତି। ଏଚ୍‌ପିଏଚ୍‌ଟି ପଦ୍ଧତିରେ ମାତ୍ର ଗୋଟିଏ ଘନସେଣ୍ଟିମିଟର ପରିମିତ ଏକ ଛୋଟ ହୀରାଖଣ୍ଡ ପ୍ରସ୍ତୁତ କରିବା ପାଇଁ ସପ୍ତାହେ କି ଦୁଇ ସପ୍ତାହ ସମୟ ଲାଗିଥାଏ।

**ବର୍ତ୍ତମାନ ବିଶ୍ୱ ବଜାରରେ ଉପଲବ୍ଧ ହୀରାର ୧୭% ବିଜ୍ଞାନାଗାରରେ ପ୍ରସ୍ତୁତ। ୨୦୧୬ରେ କୃତ୍ରିମ ହୀରା ବଜାରର ଆକାର ୧ ବିଲିଅନ୍ ଡଲାର୍ ଥିବା ବେଳେ ୨୦୨୨ ବେଳକୁ ତାହା ୧୨ ବିଲିଅନ୍ ଡଲାର ଛୁଇଁଛି।**

ଅପରପକ୍ଷେ, କେମିକାଲ୍ ଭେପର୍ ଡିକମ୍ପୋଜିସନ୍ (ସିଭିଡି) ନାମକ ଅନ୍ୟତମ କୃତ୍ରିମ ପ୍ରକ୍ରିୟାରେ ଯଦିଓ ଉଚ୍ଚ ତାପମାତ୍ରା ଓ ଉଚ୍ଚ ଚାପ ପରି ଆବଶ୍ୟକତାକୁ ଦୂର କରାଯାଇପାରୁଛି, ତେବେ ହୀରା ପ୍ରସ୍ତୁତି ପାଇଁ ଏଥିରେ ଏକ କ୍ଷୁଦ୍ର ମଞ୍ଜି ହୀରାର ଆବଶ୍ୟକ ପଡ଼ିଥାଏ। ମାତ୍ର କୋରିଆର ବୈଜ୍ଞାନିକମାନଙ୍କ ଦ୍ୱାରା ବିକଶିତ ନୂତନ କୌଶଳରେ ଉଭୟ ଏଚ୍‌ପିଏଚ୍‌ଟି ଓ ସିଭିଡି ପରି ସଂଶ୍ଳେଷଣ ପ୍ରକ୍ରିୟାର ବିଭିନ୍ନ ପ୍ରତିବନ୍ଧକକୁ ଦୂର କରାଯିବା ସହ ମାତ୍ର ୧୫ ମିନିଟରେ କ୍ଷୁଦ୍ର ଆକାରର ହୀରାପଥର ମିଳିପାରୁଛି।



SANCHAR ସଂଚାର

ଶ୍ରମିକ ବଦଳରେ ମେସିନ୍ କରୁଛି କାର୍ଯ୍ୟ

# ଜିଆର୍‌ଏସ୍‌ଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ



ଜଗତସିଂହପୁର,୨୩।୫ (ସଂଚାର ବ୍ୟୁରୋ): ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ତୁଳଙ୍ଗ ପଞ୍ଚାୟତ ରେ ଦୁଇଟି ଜାଗାରେ ମହାତ୍ମାଗାନ୍ଧି ନିସ୍ଚିନ୍ତ କର୍ମନିଯୁକ୍ତି ଯୋଜନା (ମନରେଗା)ରେ କାମ ଚାଲୁଛି। ବିଭିନ୍ନ ପଞ୍ଚାୟତ ରେ ଏବେ ପୋଖୋରୀ ଖୋଳା ରାସ୍ତା ନିର୍ମାଣ କରାଯାଉଛି। ଭାରତ ସରକାର ଙ୍କ ଦ୍ୱାରା ପ୍ରଚଳିତ ଏହି ଯୋଜନାରେ ଗ୍ରାମ ଅଞ୍ଚଳ ର ଗରିବ ଶ୍ରେଣୀ ଭୁକ୍ତ ଶ୍ରମିକମାନଙ୍କୁ କରମନିଯୁକ୍ତି ଦେବାପାଇ ଏହିଯୋଜନା ପ୍ରଣୟନ କରାଯାଇଅଛି।କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ଏହି ଯୋଜନାରେ ଶ୍ରମିକ ମାନେ କାର୍ଯ୍ୟ କରୁନାହାନ୍ତି। ମେସିନ୍ ଲଗାଇ ସେହି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି ଅନୁସନ୍ଧାନରୁ ଜଣାପଡ଼ିଛି। ବର୍ତ୍ତମାନ ସେହି ଜାଗାରେ ବିନା ଅନୁମତିରେ ମେସିନ ସାହାଯ୍ୟରେ ଏକ ବିରାଟ ପୋଖରି ଖନନ କରାଯାଇଥିବା ଦେଖିବାକୁ ମିଳିଛି।ଉକ୍ତ ପଞ୍ଚାୟତ ର କିଛି ଦଳର ଛାମୁଆ କର୍ମୀ ମାନେ ମିଳିତ ହୋଇ ମେସିନ୍ ସାହାଯ୍ୟରେ ପୋଖରିଖନନ କରୁଛନ୍ତି।ମନରେଗା କାଯ୍ୟ ପାଇ ପ୍ରଥମେ ଜିଓ ଟ୍ୟାଗ କରାଯିବା କଥା ତାହା ମଧ୍ୟ କରାଯାଇ ନାହି କାର୍ଯ୍ୟ ସ୍ଥଳରେ ସୁଚନା ଫଳକ ମରାଯିବା ବାଧ୍ୟତା ସୁଳକ ଥିଲେ ମଧ୍ୟ ତାହା ଲଗାଯାଇ ନାହିଁ।ଉକ୍ତ କାର୍ଯ୍ୟ ପାଇ ବ୍ଲକ୍ ତରଫରୁ କେତେ ଅର୍ଥ ବେୟଅଟକଳ କରାଯାଇଛି ତାହାର ସୁଚନା ମଧ୍ୟ ନାହିଁ।ପଞ୍ଚାୟତ ର ଗ୍ରାମ୍ୟ ରୋଜଗାର୍ ସେବକ (ଜି.ଆର.ଏସ) ଉପସ୍ଥିତି ରେ ଶ୍ରମିକ ମାନେ କାର୍ଯ୍ୟ କରିବା କଥା ହେଲେ ଏଠି ତାହାର ବିପରୀତ ଦେଖିବାକୁ ମିଳୁଛି ଜି.ଆର.ଏସ ଙ୍କ ଅନୁପସ୍ଥିରେ କାମ କରୁଛି ମେସିନ ! ଏଠି ପ୍ରଶ୍ନ ଉଠେ ସରକାର ଙ୍କ ନିୟମ କୁ ମାଡି ମକଚି ନିଜ ଇଛା ରେ ପଞ୍ଚାୟତ ର କିଛି ମେସିନ ପୋଖରୀ ଖନନ କରୁଛନ୍ତି। ନରୁଆ ଗ୍ରାମର ଥିବା ବେଲ ଦଣ୍ଡା ପମ୍ପ ହାଉସ ପାଖ ଥିବା ଦଣ୍ଡା ଖୋଲି ପଡ଼ିଆ ପୋତିବା ସହିତ ସମ୍ପ୍ରସକ୍ଷନ ପୋଖରୀ କ୍ଲବ ଓ ପମ୍ପ ହାଉସ ସାମ୍ନା ପୋତି ପଚାଷ ହଜାର ଟଙ୍କାର କଂକ୍ରିଟ ରାସ୍ତାଟି ଅତିନିମ୍ନ ମାନର କାମ ହେଉଛି ! ବ୍ଲକ ପ୍ରଶାସନ ମୋଟା ଅଙ୍କର ପିସି ନେଇ ରାତାରାତି ଉକ୍ତ କାଯ୍ୟର ବିଲ ପାସ କରିଦେବ ବୋଲି ଗ୍ରାମର କିଛି ଯୁବକ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି।ପଞ୍ଚାୟତ ର ଜି. ଆର.ଏସ ଗୁପ୍ତରେ ପଞ୍ଚାୟତର କିଛି ଜବ କାର୍ଡ଼ ଧାରିଙ୍କ ଯବ୍ କାର୍ଡ଼ ମାଗି ପାଖରେ ରଖିଥିବା ବେଳେ ଆଗତୁରା ମୋଟା ଅଙ୍କର ପିସି ନେଇଁ ରାତାରାତି ମଷ୍ଟର ରୋଲ କରିବେ ବୋଲି ବିଶେଷ ସୁତ୍ରରୁ ଜଣା ପଡ଼ିଛି ଡବଲ ଇଞ୍ଜିନ ସରକାର ଙ୍କ ଏହା ଡବଲ୍ ନିୟମ ନୁଁହେତ।ଦେଖିବାକୁ ବାକିରହିଲା ଗଣମାଧ୍ୟମ ରେ ଖବର ପ୍ରସାରଣ ପରେ ବିଭାଗୀୟ ଅଧିକାରୀ ମାନେ କିପରି କାଯ୍ୟନୁଷ୍ଠାନ ହେଉଛନ୍ତି।

## ସାଗରପାଲିରେ ଖୋଲିଲା ମିଲେଟ ଶକ୍ତି ଟିଫିନ କେନ୍ଦ୍ର



ସୁନ୍ଦରଗଡ଼,୨୩।୫(ସଂଚାର ବ୍ୟୁରୋ): ଓଡ଼ିଶା ଶ୍ରୀ ଅନ୍ନ ଅଭିଯାନ ଓ ମିଶନ ଶକ୍ତିର ମିଳିତ ଆନୁକୂଲ୍ୟରେ ସାଗରିକା ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ସାଗରପାଲି ଗ୍ରାମରେ ଏକ ପୃଷ୍ଟିଶସ୍ୟ ଟିଫିନ କେନ୍ଦ୍ର ଆରମ୍ଭ କରାଯାଇଛି। ଟାଙ୍ଗରପାଲି ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସରୋଜିନୀ ମିଶ୍ର ଏହାକୁ ଉଦଘାଟନ କରିଥିବା ବେଳେ ସେବକର ଟାଙ୍ଗରପାଲି ବ୍ଲକ ସଂଯୋଜକ ଅମୀୟ ରଞ୍ଜନ ଲେଙ୍କା ସଭା ପରିଚାଳନା କରିଥିଲେ। ପ୍ରଥମେ ୱସନର ସୁପର୍ଣା ମ୍ୟାଡାମ ସାଗରପାଲିର ସମସ୍ତ ସଭ୍ୟା ମାନଙ୍କୁ ଟିଫିନ କେନ୍ଦ୍ରର ଲକ୍ଷ୍ୟ ଓ ଉଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମିଶନ ଶକ୍ତିର ବ୍ଲକ ସଂଯୋଜିକା ରୀନା ସଂଯୁକ୍ତା ଲାକ୍ରା ଟିଫିନ କେନ୍ଦ୍ରର ସମସ୍ତ ଆୟ ଓ ବ୍ୟୟର ହିସାବ ରଖିବା ସଙ୍ଗେ ସଙ୍ଗେ ମାଣ୍ଡିଆରୁ ପ୍ରସ୍ତୁତ ଭଲ ଟିଫିନ ତିଆରି କରିବେ। ଶେଷରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସରୋଜିନୀ ମିଶ୍ର ସାଗରପାଲି ଗ୍ରାମରେ ମାଣ୍ଡିଆରୁ ପ୍ରସ୍ତୁତ ଟିଫିନ ବିକ୍ରି କରିବା ସହିତ ପାଖ ବଜାରରେ ବିକ୍ରି କରି ଅଧିକ ଅର୍ଥ ଆୟ କରିପାରିବେ ବୋଲି ମତାମତ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧରେ ମିଶନ ଶକ୍ତିର ବିପିଏସିଏ ନିହାରିକା ପଟେଲ, ଏମ୍ ବିକେ, ସି ଆର ପି, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ମାନେ ଉପସ୍ତିତ ଥିଲେ।ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାଙ୍କ ଦ୍ୱାରା ମାଣ୍ଡିଆ ଓ ଅନ୍ୟାନ୍ୟ ପୃଷ୍ଟି ଶସ୍ୟରେ ପ୍ରସ୍ତୁତ ଆରିସା, ଠେଠେରି, କାଠି ନିମକୀ, କାକରା, ଲଡ୍ଡୁ, ବରା, ଆଳୁଚପ, ସିଙ୍ଗଡ଼ା, ସର୍ବତ, ମିକ୍ସଚର, ତିଖୁର, ଭଜିଆ, ସିଜିରୀ ପିଠା ଇତ୍ୟାଦି ତିଆରି କରି ବିକ୍ରି ଆରମ୍ଭ କରିଥିଲେ। ସେବକର ଟାଙ୍ଗରପାଲି ଅତିରିକ୍ତ ବ୍ଲକ ସଂଯୋଜକ ବର୍ଷା ସାହୁ, ଆକାଶ ଚୌଧୁରୀ, ସୁମନ୍ତ ଖମାରି ପ୍ରମୁଖ ପରିଚାଳନା କରିଥିଲେ।

## କମଳା ପ୍ରକାଶନୀ ପକ୍ଷରୁ ପଣା ବଣ୍ଟନ




ଫୁଲବାଣୀ,୨୩।୫(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ଅତି ପରିଚିତ ସୁସାହିତ୍ୟିକ, ଲେଖକ, ସଂଗଠକ କବି ଡଃ. ନୃସିଂହାନନ୍ଦ ମହାପାତ୍ରଙ୍କ ନିଜସ୍ୱ ପ୍ରକାଶିତ କମଳା ପ୍ରକାଶିନୀ ପକ୍ଷରୁ ଭୁସି, ଚିଆ ଓ ମିସିରି, ନବାତ ଉଖୁଡା ମିଶ୍ରିତ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ ଯୋଗ ଦେଇ ଶୁଭ ଉଦଘାଟନ କରିଥିଲେ ଓ ସଂମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବି ରବୀନ୍ଦ୍ର ନାଥ ମିଶ୍ର, ଅଶୋକ ବେହେରା, ବିଜୟ କୁମାର ପଟ୍ଟନାୟକ, ବିରଜା ନାହାକ, ରାଜୀବ ମିଶ୍ର, ନବ କିଶୋର ରଥ, ବରିଷ୍ଠ ସାମ୍ବାଦିକ ଡଃ ଅରୂପ କୁମାର ଜେନା, ସୁନୀଲ କୁମାର ପଟ୍ଟନାୟକ, ନାରାୟଣ ସାହୁ, ଆଦିତ୍ୟ ପ୍ରସାଦ ତ୍ରିପାଠୀ, ସରକାରୀ ଆଇଟି ଆଇ ଅଧ୍ୟକ୍ଷ ଇଁ. ପ୍ରକାଶ ରଞ୍ଜନ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କମଳା ପ୍ରକାଶନୀର ସଭାପତି ରାମ କୃଷ୍ଣ ବେହେରା, ଉପସଭାପତି ଦୁର୍ଯ୍ୟୋଧନ ପ୍ରଧାନ, ସମ୍ପାଦକ ମନୋଜ କୁମାର ଖାଡେଙ୍ଗା, କୋଷାଧକ୍ଷ ଜୟ ଲକ୍ଷ୍ମୀ ମହାପାତ୍ରଙ୍କ ସମେତ ରଞ୍ଜିତ ଗୌଡ଼ ଓ ଶଙ୍କର ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ। ଏହି ପଣା ବଣ୍ଟନ କାର୍ଯ୍ୟକ୍ରମ ଦିନ ୧୨ଟା ଠାରୁ ଆରମ୍ଭ ହୋଇ ରାତି ପର୍ଯ୍ୟନ୍ତ ଚଳିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

## ମୃତ୍ୟୁ ପୂର୍ବରୁ ଆଖି ଦାନ କଲେ ପାଣିରେ ବୁଡ଼ି ଗୁରୁତର ହୋଇଥିଲେ



ବାଲିଆପାଳ,୨୩।୫(ସଂଚାର ବ୍ୟୁରୋ): ମୃତ୍ୟୁ ପୂର୍ବରୁ ନିଜର ଦୁଇ ଆଖିକୁ ଦାନ କଲେ ଜଣେ ୬୫ ବର୍ଷୀୟ ବୃଦ୍ଧା ମହିଳା। ଦୁଇ ଦିନ ତଳେ ପାଣିରେ ବୁଡିଯାଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବୃଦ୍ଧା ମହିଳାଙ୍କ ଶେଷ ଇଚ୍ଛା ଅନୁଯାୟୀ ପରିବାରେ ଲୋକେ ଆଖି ଦାନ କରି ତାଙ୍କର ଶେଷ ଇଚ୍ଛା ପୂରଣ କରିବା ସହ ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇଛନ୍ତି। ସୂଚନା ମୁତାବକ ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତର ବଢ଼ାପାଳ ଗ୍ରାମର ବିଧବା ମହିଳା ଶାନ୍ତିଲତା ଜେନା (୬୫)। ରବିବାର ସୁବର୍ଣ୍ଣରେଖା ନଦୀକୁ ଗାଧେଇବାକୁ ଯାଇ ପାଣିରେ ବୁଡିଯାଇଥିଲେ। ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ। ତେବେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପରିବାର ଲୋକେ କଟକ ବଡ ମେଡିକାଲରେ ଭର୍ତି କରିଥିଲେ। ଆଜି ସକାଳେ ଚିକିସ୍ଥାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ତେବେ ମୃତ୍ୟୁ ପୂର୍ବରୁ ତାଙ୍କ ଶେଷ ଇଚ୍ଛା ଅନୁଯାୟୀ ପୁତ୍ର ଗଣେଶ ଜେନା ମା ର ଆଖି ଦୁଇଟିକୁ ଦାନ କରିଛନ୍ତି। ଆଜି ତାଙ୍କର ମରଶରୀରକୁ ପରିବାର ଲୋକଙ୍କ ଉପସ୍ଥିତିରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସଂପନ୍ନ କରାଯାଇଛି। ତେବେ ଶାନ୍ତି ଲତାଙ୍କ ଭଳି ଜଣେ ଗରିବ ମହିଳାଙ୍କ ଏହିଭଳି ଚିନ୍ତାଧାରା ପାଇଁ ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇଛନ୍ତି।

## ସଫଳତାର ପାହାଚ ଚଢୁଛି ବିଶ୍ୱଭାରତୀ ହାୟର ସେକେଣ୍ଡାରୀ ସ୍କୁଲ



ଯାଜପୁର ରୋଡ଼, ୨୩।୫(ସଂଚାର ବ୍ୟୁରୋ): ସାରା ଓଡିଶାରେ ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଯାଜପୁର ଜିଲ୍ଲାର ବ୍ୟାସନଗର ପୌରାଅଞ୍ଚଳ ସ୍ଥିତ ଷ୍ଟାଡିୟମ ରୋଡ଼ ଠାରେ ଥିବା ବିଶ୍ୱଭାରତୀ ହାୟର ସେକେଣ୍ଡାରୀ ସ୍କୁଲର ସମସ୍ତ ଛାତ୍ର, ଛାତ୍ରୀ ସତ ପ୍ରତିଶତ ରେଜଲ୍ଟ କରିଥିବା ନେଇ ସ୍କୁଲର ଚେୟାରମ୍ୟାନ ଦୀପକ କୁମାର ନାୟକ ସୂଚନା ଦେଇଛନ୍ତି। ଉନ୍ନତ ମାନର ତଥା ଆଧୁନିକ ଶୈଳୀରେ ଶିକ୍ଷାଦାନ ପାଇଁ ଚର୍ଚ୍ଚାରେ ଥିବା ଏହି ଏକାଡେମୀ ଧୀରେ ଧୀରେ ସଫଳତାର ପାହାଚ ଚଢିବାରେ ସକ୍ଷମ ହେଉଥିବା ଦେଖିବାକୁ ମିଳୁଛି। ଗୁଣାତ୍ମକ ଶିକ୍ଷା ଓ ଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଛାତ୍ର, ଛାତ୍ରୀ ମାନଙ୍କୁ ସେମାନଙ୍କର ମେଧା ବିକାଶ କରିବାରେ ସର୍ବୋତମ ସୁଯୋଗ କଲେଜ ପକ୍ଷରୁ ପ୍ରଦାନ କରାଯାଇଥିବା କଥା ଅଧ୍ୟକ୍ଷ୍ୟ କହିଛନ୍ତି। କୃତି ଛାତ୍ର, ଛାତ୍ରୀ ମାନଙ୍କୁ ବିଦ୍ୟାଳୟ ତରଫରୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ ପିଲାମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଚଳିତ ବର୍ଷ ମୋଟ ୬୬ ଜଣ ପିଲା ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫୩ ଜଣ ପ୍ରଥମ ଶ୍ରେଣୀ ରେ ଉର୍ତିନ୍ନ ହୋଇଥିବା ବେଳେ ୧୩ ଜଣ ଦ୍ୱତୀୟ ଶ୍ରେଣୀ ରେ ଉର୍ତିନ୍ନ ହୋଇଥିବା ଦେଖିବାକୁ ମିଳିଛି। ଛାତ୍ର, ଛାତ୍ରୀଙ୍କ ମଧ୍ୟରୁ ଗୋବିନ୍ଦ ମଣ୍ଡଳ ୫୩୭ ନମ୍ବର ରଖି ସ୍କୁଲର ଗୌରବ ଆଣିଥିବା ଅଧ୍ୟକ୍ଷ୍ୟ କହିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସ୍କୁଲର ସେକ୍ରେଟେରୀ ବିପିନକାନ୍ତ ବିଶ୍ୱାଳ, ସଭାପତି ସତ୍ୟାନନ୍ଦ ମହାପାତ୍ର, ଅଧ୍ୟକ୍ଷ୍ୟ ଜୟଶ୍ମିତା ଗିରି, ସାନ୍ଧ୍ୟରାଣୀ ଦାସ, ଆଲୋକ ମଲ୍ଲିକ, ତପସ୍ୱିନୀ ନାୟକ, ରାଜେନ୍ଦ୍ର ବୋଇତେଇଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିବାବକ ମାନେ ଉପସ୍ଥିତ ରହିଥିଲେ।

## ବ୍ଲକ ବିଜେପି ମଣ୍ଡଳସ୍ତରୀୟ ବୈଠକ

କଣାସ,୨୩।୫(ସଂଚାର ବ୍ୟୁରୋ): କଣାସ ବ୍ଲକ ଭାରତୀୟ ଜନତା ପାର୍ଟି ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ବିଜିପୁର ଠାରେ ମଣ୍ଡଳ ସଭାପତି ଅମିତ ପ୍ରସାଦ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷଯଠିତ ହୋଇଥିଲା। ପୁରୀ ଜିଲ୍ଲା ସଂପାଦକ ଅଭୟନାଥ ଜିଲ୍ଲା ମଣ୍ଟଳ ପ୍ରତିନିଧି ଖଗେଶ୍ୱର ପଲାଇ, ପୂର୍ବତନ ମଣ୍ଡଳ ସଭାପତି ତଥା କଣାସ ପଞ୍ଚାୟତ ସରପଞ୍ଚ ଭଗବାନ ସୁବୁଦ୍ଧି, କଣାସ ମଣ୍ଡଳର ପ୍ରତ୍ୟେକ ପଞ୍ଚାୟତର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜନସାଧାରଣ କିପରି ଭାରତୀୟ ଜନତା ପାର୍ଟିଦ୍ୱାରା ବିଶେଷଭାବେ ଉପକୃତ ହେବେ ସେ ସଂପର୍କରେ ଟିଖିନିଖି ଆଲୋଚନା ହେବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଗୁଡିକ ଲୋକମାନଙ୍କ ପାଖରେ ପହଁଚିପାରିବ ସେଥିପ୍ରତି ସମସ୍ତେ ଦୃଷ୍ଟିଦେବାକୁ ଆଲୋଚନା କରାଯାଇଥିଲା। ସମସ୍ତଙ୍କ ସହମତିରେ କଣାସ ମଣ୍ଡଳ ପଦାଧିକାରୀ ମନୋନିତ କରାଯାଇଥିଲା। ଅମୁଲ୍ୟ କୁମାର ଜେନା ଏବଂ ବିଶ୍ୱଭୂଷଣ ମଙ୍ଗରାଜସାଧାରଣ ସଂପାଦକ ଭାବେ ମନୋନିତ ହୋଇଥିଲେ। ରାଜକିଶୋର ସାମନ୍ତରାୟ, ଧବଳେଶ୍ୱର ନାୟକ, ରାଜେଶ ବିଶ୍ୱାଳ, ସୁଶିଲ କୁମାର ଜେନା, ବିଜୟ ପ୍ରଧାନ, ବସନ୍ତ କୁମାର ସ୍ୱାଇଁ ଉପସଭାପତିଭାବେ ମନୋନିତ ହୋଇଥିବାବେଳେ ବିଜୟ କୁମାର ଜେନା, ମଧୁସୁଧନ ଜେନା, ଲିଜା ଛୋଟରାୟ, ଝୁନାମଣି ସୁନ୍ଦରାୟ, ତ୍ରିନାଥ ସାହୁ, ସତ୍ୟପିର ବଳିୟାରସିଂହ ସଂପାଦକଭାବେ ମନୋନିତ ହୋଇଥିଲେ। ଯୁବମୋର୍ଚ୍ଚା ସଭାପତିଭାବେ ନିରଞ୍ଜନ ସାହୁ, କୃଷକ ମୋର୍ଚ୍ଚା ସଭାପତିଭାବେ ପବିତ୍ର ବରାଳ, ଓବିସି ମୋର୍ଚ୍ଚା ସଭାପତି ନାରାୟଣ ସାହୁ, ଏସସି ମୋର୍ଚ୍ଚା ସଭାପତି ଭାବେ ପ୍ରକାଶ ଭୋଇ ମନୋନିତ ହୋଇଥିଲେ। ଫଟୋ ଇ ମେଲରେ ପଠାଗଲା



ପୁଅର ଫେରିବା ବାଟକୁ ଅନେଇ ବସିଛି ପରିବାର

## ସରୋଜଙ୍କ ନିଖୋଜକୁ ପୂରିଲା ତିନି ମାସ



ବିଞ୍ଝାରପୁର,୨୩।୫(ସଂଚାର ବ୍ୟୁରୋ): ପରିବାର ମୁହଁ ରେ ଦାନା ମୁଠାଏ ଦେବା ସହିତ ବାପାଙ୍କ ମୁଣ୍ଡ ରୁ ଚିନ୍ତା ନିଜ ମୁଣ୍ଡକୁ ନେବା ପାଇଁ ଦାଦନ ଖଟିବାକୁ ଗୋଆ ଯାଇଥିଲା ବଢ଼ିଲା ପୁଅ।କିନ୍ତୁ ଏବେ ସେହି ପୁଅ ପରିବାର ପାଇଁ ଚିନ୍ତାର କାରଣ।କାରଣ ଗୋଆ ରୁ ଘରକୁ ଆସୁଥିବା ବେଳେ କୁଆଡେ଼ ନିଖୋଜ ହୋଇ ଯାଇଛି ପରିବାର ର ଏକମାତ୍ର ରୋଜଗାରିଆ ପୁଅ।ଆଉ ସେବେଠୁ ମିଳୁନି ବଢ଼ିଲା ପୁଅର ପତ୍ତା ଆଉ ପରିବାର ଲୋକଙ୍କ ଆଖିରୁ ସୁଖୁନି ଲୋତ୍ହ ର ଲୁହ। ଯାଜପୁର ଜିଲ୍ଲା ବିଂଝାରପୁର ଥାନା ଅନ୍ତର୍ଗତ ଧରମ ପୁର ଗ୍ରାମ ର ଶ୍ୟାମ ସୁନ୍ଦର ଓଝା ଙ୍କ ଏକ ମାତ୍ର ପୁଅ ସରୋଜ ଓଝା(୩୦) ବାମଦେବ ପୁର ଗ୍ରାମ ର ବିନୋଦ ବିହାରୀ ରଣା ଙ୍କ ସହିତ ଗୋଆ ଜୀବିକା ଅନ୍ୱେଷଣ ରେ ଯାଇଥିଲେ।କିନ୍ତୁ ସେଠି ସରୋଜ ଆଉ ବିନୋଦ ଙ୍କ ମଧ୍ୟ ରେ ତାଳମେଳ ଠିକ୍ ପାଇ ନ ଥିଲା। ଯେଉଁଥି ପାଇଁ ବାଧ୍ୟ ହୋଇ ଘରକୁ ଫେରି ଆସିବାକୁ ସ୍ଥିର କରିଥିଲେ ସରୋଜ। ଫେବୃଆରୀ ୧୧ ତାରିଖ ରେ ଘରକୁ ଆସୁଥିବା କହିଥିଲେ ମଧ୍ୟ ଆଉ ଫେରି ନାହାଁନ୍ତି। ଏ ନେଇ ବିଞ୍ଝାରପୁର ଥାନା ରେ ସରୋଜ ଙ୍କ ବାପା ଶ୍ୟାମ ସୁନ୍ଦର ଓଝା ଏକ ଲିଖିତ ଅଭିଯୋଗ କରିଥିଲେ।କିନ୍ତୁ ନିଖୋଜ ର ୩ ମାସ ପରେ ବି ମିଳୁନି ସରୋଜ ଙ୍କ ପତ୍ତା। ସମସ୍ତ ପ୍ରକାର ଚେଷ୍ଟା ପରେ ବି ବିଞ୍ଝାରପୁର ପୋଲିସ୍ ନିରାଶ ହୋଇ ବସିଛି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମ ର ବିନୋଦ ବିହାରୀ ରଣା ଏବଂ ଅନ୍ୟ ଜଣେଙ୍କୁ କିଛି ଦିନ ହେବ ଥାନା କୁ ଡକାଇ ବିଞ୍ଝାରପୁର ପୋଲିସ୍ ପଚରା ଉଚରା କରୁଥିବା ବେଳେ ତାଙ୍କ ଠାରୁ ସେଭଳି କୌଣସି ସନ୍ତୋଷ ଜନକ ଉତ୍ତର ମିଳି ନ ଥିବା ଜଣାପଡ଼ିଛି।ଅନ୍ୟ ପଟେ ପୁଅ କୁ ଫେରି ପାଇବା ଆଶାରେ ବାରମ୍ବାର ଥାନାକୁ ଗ୍ରାମବାସୀ ଙ୍କୁ ଧରି ଦୌଡୁ ଛନ୍ତି ସରୋଜ ଙ୍କ ପରିବାର ଲୋକେ। ପୁଅ ନିଖୋଜ ହେବା ପରଠୁଁ ପରିବାର ଲୋକଙ୍କ ଆଖିରେ ନିଦ ନାହିଁ କି ପେଟକୁ ଦାନା ଯାଉନି। ତେବେ ନିଖୋଜ ସରୋଜକୁ ପରିବାର ପାଖକୁ ଫେରାଇ ଆଣିବା ସହିତ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଦାବି କରିଛନ୍ତି ମାନବାଧିକାର କର୍ମୀ ବିଶ୍ୱନାଥ ପାତ୍ର। ଏ ନେଇ ବିଶ୍ୱନାଥ ଏବଂ ତାଙ୍କ ସହକର୍ମୀ ବିଞ୍ଝାରପୁର ଥାନାଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। କିନ୍ତୁ ପୋଲିସର ତଦନ୍ତ ରେ ସରୋଜ କେବେ ମିଳୁଛି ତାକୁ ସମସ୍ତଙ୍କ ଅପେକ୍ଷା। ତେବେ ଯଦି କେହି ସହୃଦୟ ବ୍ୟକ୍ତି ସରୋଜ ଙ୍କ ପତ୍ତା ପାଆନ୍ତି ତେବେ ୯୫୫୬୫୩୧୦୮ ନମ୍ବର୍ ରେ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି।

## ଜରୁରୀକାଳୀନ ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

● ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ




ବରଗଡ଼,୨୩।୫(ସଂଚାର ବ୍ୟୁରୋ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଆଗାମୀ ବର୍ଷା ଋତୁରେ ବନ୍ୟା, ବାତ୍ୟା ଭଳି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ସହ ଶୂନ୍ୟ ମୃତ୍ୟୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଛି ଓ ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବରଗଡ଼ ବିଧାୟକ ଶ୍ରୀ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପଦମପୁର ବିଧାୟିକା ବର୍ଷା ସିଂ ବରିହା, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ମାନିନୀ ଭୋଇ, ପୌରା ଧ୍ୟକ୍ଷା ଶ୍ରୀମତୀ କଳ୍ପନା ମାଝୀ, ପଦମପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୃଣାଲ ମୋତିରାମ ଚୌହାନ, ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହେନ୍ଦ୍ର ମହାପାତ୍ର, ଜିଲ୍ଲା ସ୍ତରୀୟ ଅଧିକାରୀ, ଅଗ୍ନିଶମ, ଓଡ୍ରାଫ, ଜଙ୍ଗଲ ଓ ପରିବେଶ ଭିଭାଗ ଅଧିକାରୀ, ସମସ୍ତ ବିଡ଼ିଓ, ତହସିଲଦାର ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ ଓ ବୈଠକରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବନ୍ୟା, ବାତ୍ୟା ର ମୁକାବିଲା ନିମନ୍ତେ ଆଗୁଆ ପଦକ୍ଷେପ ନେବା ସହ ଏହାର ସୁପରିଚାଳନା ନିମନ୍ତେ ବିଭାଗୀୟ ଅଧିକାରୀ ତଥା କ୍ଷେତ୍ର କର୍ମଚାରୀ ମାନେ ସଜାଗ ରହିବା, ଜିଲ୍ଲାର ବନ୍ୟା ପ୍ରବଣ ଅଞ୍ଚଳ ତଥା ତଳି ଅଞ୍ଚଳ ଗୁଡିକରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ରେ ଉଦ୍ଧାର ଓ ଥଇଥାନ କରିବା ନିମନ୍ତେ ଅସ୍ଥାୟୀ ଆଶ୍ରୟ ସ୍ଥଳୀ ଗୁଡିକ ଚିହ୍ନଟ କରି ପ୍ରସ୍ତୁତ ରଖିବା ଏବଂ ପାଣି ଜମିରହୁଥିବା ସ୍ଥାନ ଗୁଡିକୁ ଚିହ୍ନଟ କରି ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା, ବର୍ଷା ପୂର୍ବରୁ ସମସ୍ତ ନାଲା ଗୁଡିକୁ ସଫା କରିବା, ସୁବ୍ୟବସ୍ଥିତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସହ ନିୟମିତ ସମୟ ବ୍ୟବଧାନରେ ସମସ୍ତ ନଳକୂପ, ପାଇପ ଜଳ ଯୋଗାଣ, କୂପ ଇତ୍ୟାଦି କୁ ବିଶୁଦ୍ଧକରଣ କରିବା, ଜିଲ୍ଲାରେ ଥିବା ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଜିଲ୍ଲା ଓ ଉପଖଣ୍ଡ ଚିକିତ୍ସାଳୟ ଗୁଡିକରେ ଆବଶ୍ୟକ ପରିମାଣର ଔଷଧ, ହାଲୋଜେନ ବଟିକା, ବ୍ଲିଚିଂ ପାଉଡର ଇତ୍ୟାଦି ମହଜୁଦ କରି ରଖିବା ସହ ପରିମଳ ନିମନ୍ତେ ଆଗୁଆ ପଦକ୍ଷେପ ଗ୍ରହଣ କରିବା, ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ସାପ କାମୁଡା ଇଂଜେକସନ ଉପଲବ୍ଧ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## କଥା ରଖିଲେ ସରପଞ୍ଚ

● ଗ୍ରାମବାସୀଙ୍କ ପାଖରେ ପହଞ୍ଚାଇଲେ ଟ୍ୟାଙ୍କର




ସୁବର୍ଣ୍ଣପୁର,୨୩।୫ (ସଂଚାର ବ୍ୟୁରୋ): କଥା ଦେଇ କଥା ରଖିଲେ ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ। ପିଇବା ପାଣି ଟେଙ୍କର ଧାରି ପହଁଚିଲେ ଜଳକ୍ଲିଷ୍ଟ ଟାଙ୍ଗର ସାହି ପଥର ଟାଙ୍ଗର ବସ୍ତି ଓ ଗୌଡ଼କେଲା ଗାଁ ରେ। ସୂଚନା ଯୋଗ୍ୟ ଯେ ପିଇବା ପାଣି ସମସ୍ୟା ନେଇ ପଥର ଟାଙ୍ଗର ବାସୀ ଓ ଗୌଡ଼କେଲା ବାସୀ ଆଗରୁ ତାଙ୍କ ଜଳକ୍ଲିଷ୍ଟ ସମସ୍ୟା ନେଇ ପ୍ରସାଶନ କୁ ଜଣାଇଥିଲେ। ମାତ୍ର ଉଭୟ ଗ୍ରାମ ବାସୀ ଙ୍କ ପାଇପ ଜଳଯୋଗାଣ ଜରୁରୀ ଥିବା ଓ ବିଡ଼ିଓ ବୀରମହାରାଜପୁର ବ୍ଲକ ଙ୍କ ପରାମର୍ଶ କୁ ଦୃଷ୍ଟି ରଖି ଜଳକ୍ଲିଷ୍ଟ ଗୋଷ୍ଠୀ ତଥା ଗ୍ରାମବାସୀ ଙ୍କ ସହ ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ ଙ୍କ ଦ୍ୱିପାକ୍ଷିକ ଆଲୋଚନା ଓ ଆଲୋଚନା ମୁତାବକ ସ୍ଥାୟୀ ପାଇପ ଜଳଯୋଗକ୍ଷଣ ବ୍ୟବସ୍ଥା ହେବା ପର୍ଯ୍ୟନ୍ତ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଟେଙ୍କର ଯୋଗେ ପିଇବା ଜଳ ଯୋଗାଣ କରିବାକୁ ଦାବୀ ଓ ଆପତ୍ତି କରିଥିଲେ। ଗ୍ରାମବାସୀ ଙ୍କ ଦାବୀ ସମ୍ପର୍କିତ ବିଶେଷ ଆଲୋଚନା ଆସନ୍ତା କାଲି ୨୪ ତାରିଖ ସକାଳ ୯ ଟା ରେ ସରପଞ୍ଚ ଏକ ସ୍ୱତନ୍ତ୍ର ବୈଠକ ଡାକି ଥିବା ବେଳେ ଆଜି ସରପଞ୍ଚ ବୈଠକ ନିଷ୍ପତ୍ତି ଓ ପ୍ରତିଶ୍ରୁତି ଅନୁସାରେ ବିଧାୟକ ଇଂ ରଘୁନାଥ ଜଗଦଲା ଙ୍କ ବିଧାୟକ ଉନ୍ନୟନ ପାଣ୍ଠି ରୁ ପ୍ରାପ୍ତ ନୂତନ ଟେଙ୍କର ରେ ପିଇବା ପାଣି ନେଇ ପି ଇ ଓ ମିତାଞ୍ଜଳି ରଥ ଙ୍କ ସହ ପହଂଚି ଥିଲେକ୍ଷ ଗ୍ରାମବାସୀ ସରପଞ୍ଚ ପି ଇ ଓ ଓ ଅନ୍ୟ ପଞ୍ଚାୟତ ସରକାରୀ ଓ ବେସରକାରୀ ସଭ୍ୟ ଙ୍କୁ ସମ୍ବର୍ଦ୍ଧିତ କରି ଭବ୍ୟ ସ୍ୱାଗତ କରିଥିଲେ। ଯୋଗାଣ ସହାୟକ ଦେବେନ୍ଦ୍ର ପଣ୍ଡା, ମଧୁ ସୁଦନ ଚାନ୍ଦ, ୱାର୍ଡ ମେମ୍ବର ସୁଶାନ୍ତ ଜଗଦଳା, ମାରୁତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଅନ୍ୟମାନେ ସହଯୋଗ କରିଥିଲେ ।

● ଶ୍ରୀଅନ୍ନ ଯୋଜନାରେ ମାଣ୍ଡିଆ ଚାଷ

## ଲାଭବାନ ହେଉଛନ୍ତି ଚାଷୀ, ବଢୁଛି ଆଗ୍ରହ

ଭବାନୀପାଟଣା,୨୩।୫(ସଂଚାର ବ୍ୟୁରୋ): ପୂର୍ବ ବିଜେଡି ସରକାର ମାଣ୍ଡିଆ ଚାଷ କୁ ପ୍ରୋତ୍ସାହନ କରିବା ଉଦ୍ଦେଶ୍ୟରେ ମିଲେଟ ମିଶନ ଯୋଜନା ଆରମ୍ଭ କରିଥିଲେ। ରାଜ୍ୟ ସରକାର ପରିବର୍ତ୍ତନ ହେବାପରେ ମିଲେଟ ମିଶନ ନାଁ ପରିବର୍ତ୍ତନ ହୋଇ ଶ୍ରୀ ଅନ୍ନ ଅଭିଯାନ ଯୋଜନାରେ ରୂପାନ୍ତରିତ ହୋଇଛି।ଏହି ଯୋଜନା ରେ ରାଜ୍ୟର ପ୍ରତି ବ୍ଲକ ରେ ମାଣ୍ଡିଆ ଚାଷ କୁ ପ୍ରୋତ୍ସାହନ କରିବା ପାଇଁ ଚାଷି ଙ୍କୁ ମାଣ୍ଡିଆ ଚାଷ ର ଉପାଦେୟତା ଓ ମାଣ୍ଡିଆ ରେ ରହିଥିବା ଗୁଣବତ୍ତା ସମ୍ପର୍କରେ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ବ୍ଲକ କୃଷି ବିଭାଗ ଦ୍ୱାରା ଏହି ଯୋଜନା କୁ ବିଭିନ୍ନ ଏନଜିଓ ସଂସ୍ଥା କୁ ନିୟୋଜିତ କରାଯାଇଛି। କୋକସରା ବ୍ଲକ ରେ ଦ ହ୍ୟୁମାନ ଡେଭଲପମେଣ୍ଟ ସଂସ୍ଥା କୁ ମାଣ୍ଡିଆ ଚାଷ କରିବା ପାଇଁ ବ୍ଲକ ର ଚାଷି ଙ୍କୁ ସଚେତନ ଓ ଚାଷ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା, ବଜାର ବ୍ୟବସ୍ଥା ଦାଇତ୍ୱ ଦିଆଯାଇଛି। ଚଳିତ ୨୫/୨୬ ରବି ଋତୁ ମାଣ୍ଡିଆ ଚାଷ ପାଇଁ ବ୍ଲକ ର ବଡ଼ ପୋଢ଼ାଗୁଡା, ଗୋତମୁଣ୍ଡା, ମହିମା, କାଉଡୋଳା ଓ ଆମପାଣି ପଞ୍ଚାୟତ ରେ ୧୫ ହେକ୍ଟର ଚାଷ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ରହିଥିବା ବେଳେ ୫ ପଞ୍ଚାୟତ ର ୨୨ ଚାଷି ୮ ହେକ୍ଟର ଜମି ରେ ମାଣ୍ଡିଆ ଚାଷ କରିଥିବା ସଂସ୍ଥା ପକ୍ଷରୁ ଜଣାପଡ଼ିଛି। ଶୁକ୍ରବାର ଆମପାଣି ପଞ୍ଚାୟତ ଭାଲିଆଯୋର ଗ୍ରାମ ର ଚାଷି ବନସିଂ ଧଙ୍ଗଡ଼ା ମାଝୀ ଙ୍କ ମାଣ୍ଡିଆ ଚାଷଜମି ରେ ସଂସ୍ଥା ପକ୍ଷରୁ କ୍ରପ କଟିଂ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଂସ୍ଥା ର ବିପିସି ସୁରେନ୍ଦ୍ର ଜୁଏଡ଼, ସିଆରପି ଗୋକୁଳ ଧ. ମାଝୀ, ସୁଶିଲ ଭାଟି, ହେମାଙ୍ଗିନି ହଂସ, ସିଇଓ ଆଭାସ ରଞ୍ଜନ ପାଢଯୋଶୀ ସମେତ ଚାଷୀମାନେ ଉପସ୍ଥିତ ରହିଥିଲେ।

## ବେଧଡ଼କ ଚାଲିଛି ଚୋରା ମଦ ଚାଲାଣ,ସରକାରୀ ନିର୍ଦ୍ଦେଶକୁ ଫୁଁ'




ବାଲିଆପାଳ,୨୩।୫(ସଂଚାର ବ୍ୟୁରୋ): ବାଲିଆପାଳ ବସ୍ତା ମୁଖ୍ୟ ସଡକର ମାତ୍ର କିଛି ଦୂରତାରେ ସିମୁଳିଆ ଛକ ପୂର୍ତ୍ତ ବିଭାଗ ଭାସ୍ତା ପାର୍ଶ୍ୱରେ ଗଢିଉଠିଥିବା ବିଦେଶି ଠିପି ବନ୍ଦ ମଦ ଦୋକାନରୁ ଏବେ ଖୋଲମଖୋଲା ବୈଧଡକ ଭାବେ ଚୋରା ମଦ ଚାଲାଣ ହେଉଥିବା ଦେଖିବା ପାଇଁ ମିଳୁଛି। ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନକୁ ବେଧଡ଼କ ଭାବେ ଚୋରା ମଦ ଚାଲାଣ ହେଉଥିବା ବେଳେ ଅବକାରୀ ବିଭାଗ ଚେଇଁ ଶୋଇଛି। ଏହି ମଦ ଦୋକନଟି ସରକାରଙ୍କ ସବୁ ନୀତି ନିୟମକୁ ଖୋଲାଖୋଲି ଭାବେ ଉଲଙ୍ଘନ କରୁଥିବାର ସାଧାରଣରେ ଅଭିଯୋଗ ହୋଇଛି। ମଦ ଦୋକାନରେ ସ୍କୁଲ କଲେଜ ଛାତ୍ରଙ୍କୁ ଅବାଧରେ ମଦ ବିକ୍ରୟ କରାଯାଉଥିବାର ମଧ୍ୟ ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ଏଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସାଧାରଣରେ ଦାବି ହୋଇଛି ବାଲିଆପାଳ ବ୍ଲକ ମଧୁପୁରା ଗ୍ରାମପଞ୍ଚାୟତ ସୀମାନ୍ତରେ ଥିବା ବାଲିଆପାଳ ବସ୍ତା ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱର ଏହି ଠିପି ବନ୍ଦ ସରକାରୀ ବିଦେଶୀ ମଦ ଦୋକାନରେ ଦିନ ଦିପ୍ରହରରେ ମଦୁଆ ମାନେ ଖୋଲାଖୋଲି ଭାବେ ମଦପିଇ ରାସ୍ତା ରେ ବୋତଲଗଡ଼େଇ ଚାଲିଛନ୍ତି। ଏହି ମଦ ଦୋକାନ ସମସ୍ତ ସରକାରୀ ନୀତି ନିୟମକୁ ଉଲଙ୍ଘନ କରି ପୂର୍ତ୍ତ ବିଭାବ ରାସ୍ତା ପାର୍ଶ୍ୱରେ ଖୋଲାଯାଇଥିବା କାରଣରୁ ଦୈନନ୍ଦିନ ଏଠାରେ ଛୋଟବଡ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ହେବା ସହ ଏହି ଦୋକାନରେ ସରକାରୀ ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ ମୂଲ୍ୟ ଶୋଷଣ କରି ନିଆଯାଉଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଏହି ଦୋକାନ ସରକାରୀ ନିୟମର ବହୁ ପୂର୍ବରୁ ଖୋଲାଯାଇ ରାତ୍ରର ବିଳମ୍ବିତ ପ୍ରହରରେ ବନ୍ଦ କରାଯାଉଥିବାର ଅଭିଯୋଗ ହୋଇଛି।ଏହି ସ୍ଥାନର ଅଳ୍ପ ଦୂରରେ ମନ୍ଦିର ହସପିଟାଲ, ବିଦ୍ୟାଳୟ ରହିଥିବାରୁ ପ୍ରତିଦିନ ପୂଜାର୍ଚ୍ଚନା କରିବା ନିମନ୍ତେ ଯୁବତୀ, ମହିଳା ଓ ଶ୍ରଦ୍ଧାଳୁମାନେ ଆସିବା ସହ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯାଆନ୍ତି। ମାତ୍ର ରାସ୍ତା ପାର୍ଶ୍ୱରେ ମଦ୍ୟପଙ୍କ ଉତ୍ପାତ ଯୋଗୁଁ ଶ୍ରଦ୍ଧାଳୁ ଓ ଛାତ୍ରଛାତ୍ରୀମାନେ ଭୟଭୀତ ହୋଇପଡୁଥିବାର ଅଭିଯୋଗ ହୋଇଛି। ଏହି ମଦ ଦୋକାନରୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନକୁ ବାଇକଯୋଗେ ଅବାଧରେ ବିକ୍ରୟ ନିମନ୍ତେ ମଦ ପଠାଯାଉଥିବାର ଅଭିଯୋଗ ହୋଇଛି।